# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୦ (୧୬ ପୃଷ୍ଠା) Sambalpur, Friday, March 6 / 2020 ★★

୧୬ଶ ଭାଗ ୮୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ରିଲାକ୍ସ ମୁଡ୍‌ରେ ନେହା**
ବଲିଉଡ୍ ଗାୟିକା ନେହା କକ୍କର ଏକୁଟିଆ ଛୁଟି ମନାଇବାକୁ ଯାଇଛନ୍ତି। ଏହି ସମୟର କିଛି ଫଟୋ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି।

୧୧

୧୫

**ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ହାରିକା**
ଫିଡେ ମହିଳା ଚେସ୍ ଗ୍ରାଁ ପ୍ରିରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଦ୍ରୋଣାଭାଲି ହାରିକା ବିଶ୍ୱ ଚାମ୍ପିୟନ ଜୁ ଓ୍ୱେନ୍‌ଜୁନ୍‌ଙ୍କୁ ହରାଇ ଦେଇଛନ୍ତି।



# ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇବା ସରକାରଙ୍କ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

**କଟକ ଅଫିସ,୫।୩**

କଟକ ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବେ ଗଢ଼ିବା ପାଇଁ କାମ ଆରମ୍ଭ ହେଲା। ଓଡ଼ିଶା ବିକାଶର ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିହେଲା। ଏସ୍‌ସିବି ମେଡିକାଲ ସାଧାରଣ ଲୋକଙ୍କ ଆଶା ଓ ଭରସାର କେନ୍ଦ୍ର। ରାଜ୍ୟ ବାହାରୁ ବହୁ ଲୋକ ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି। ତେଣୁ ଏସ୍‌ସିବି ମେଡିକାଲ ଭିତ୍ତିଭୂମିର ବିକାଶ ବର୍ତ୍ତମାନ ଜରୁରୀ ହୋଇପଡ଼ିଛି। ଏସ୍‌ସିବିକୁ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବେ ଗଢ଼ି ତୋଳିବା ସହ ସାଧାରଣ ଲୋକଙ୍କୁ ଓଡ଼ିଶାରେ ହିଁ ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୁରୁବାର କଟକ ବାଲିଯାତ୍ରା ପଡ଼ିଆଠାରେ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟ ଏବଂ ୬ ଲେନ୍ ରିଂରୋଡ୍ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉପରୋକ୍ତ ବକ୍ତବ୍ୟ ରଖିଛନ୍ତି। ଏହି ଅବସରରେ ସେ ୩ହଜାର ଶଯ୍ୟା ବିଶିଷ୍ଟ ସୁପର୍ ସ୍ପେଶିଆଲିଟି ହସ୍ପିଟାଲ, ଡାକ୍ତର, ଶିକ୍ଷାର୍ଥୀ ଓ ରୋଗୀ ସମ୍ପର୍କୀୟଙ୍କ ରହିବା ବ୍ୟବସ୍ଥା, ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ ବ୍ୟବସ୍ଥାର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ରାଜ୍ୟରେ ବିଜେଡି ୨୦ ବର୍ଷ ହେବ ଶାସନ କ୍ଷମତାରେ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ଆଜି ଆମ ସରକାର ଲୋକଙ୍କ ସେବାରେ ୨୦ ବର୍ଷ ପୂର୍ଣ୍ଣ କରିଛି। ଏହି ସ୍ନେହ ଓ ଭଲପାଇବା ପାଇଁ ମୁଁ ଋଣୀ। ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ ଆମର ଲକ୍ଷ୍ୟ। ଏହି ମହାନ୍ ଲକ୍ଷ୍ୟକୁ ସଫଳ କରିବା ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ତାଙ୍କୁ ମନେ ପକାଇ କଟକ ସହ ତାଙ୍କ ସମ୍ପର୍କକୁ ମୁଖ୍ୟମନ୍ତ୍ରୀ ସ୍ମୃତିଚାରଣ କରିଥିଲେ। କଟକ ସହର ସହ ବିଜୁଙ୍କ ସମ୍ପର୍କ ଥିଲା ନିବିଡ଼। କଟକ ମାଟିରେ ସେ ବଡ଼ ହୋଇଥିଲେ। ବ୍ରିଟିଶ୍ ପୋଲିସ ବିରୋଧରେ ଲଢ଼େଇ କରିଥିଲେ। କଟକରୁ ପେଶାଓ୍ୱରକୁ ସାଇକେଲ୍‌ରେ ଯାଇଥିଲେ। କଟକ ସହ ଆମ ପରିବାରର ସମ୍ପର୍କ ସ୍ୱତନ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ନବକିଶୋର ଦାସ, ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, ସମୀର ରଞ୍ଜନ ଦାସ, ପଦ୍ମନାଭ ବେହେରା, ଟୁକୁନି ସାହୁ ପ୍ରମୁଖ ଯୋଗଦେଇ ୨୦ବର୍ଷର ଶାସନକାଳ ଭିତରେ ଓଡ଼ିଶାରେ ହୋଇଥିବା ପରିବର୍ତ୍ତନ ☞ପୃଷ୍ଠା-୪

**ଏସ୍‌ସିବି ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ**



କଟକ ବାଲିଯାତ୍ରା ପଡ଼ିଆରେ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଭିନ୍ନ ବିଭାଗର ମନ୍ତ୍ରୀ, ୫-ଟି ସଚିବ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

- ନିର୍ମାଣ ହେବ ୩ହଜାର ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍ପିଟାଲ
- ଡାକ୍ତର, ଶିକ୍ଷାର୍ଥୀ, ରୋଗୀ ସମ୍ପର୍କୀୟଙ୍କୁ ମିଳିବ ରହଣି ସୁବିଧା
- ବିଜୁ ଜୟନ୍ତୀରେ ପିତାଙ୍କୁ ମନେ ପକାଇଲେ ନବୀନ
- କହିଲେ, କଟକ ସହ ବିଜୁଙ୍କ ସମ୍ପର୍କ ଥିଲା ନିବିଡ଼

## ପ୍ରଣବ ପ୍ରକାଶ ଦାସ ବିଜେଡି ସାଙ୍ଗଠନିକ ସମ୍ପାଦକ



**ଭୁବନେଶ୍ୱର,୫।୩(ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାଶଙ୍କୁ ବିଜୁ ଜନତା ଦଳ (ବିଜେଡି)ର ସାଙ୍ଗଠନିକ ସମ୍ପାଦକ ଭାବେ ଗୁରୁବାର ନିଯୁକ୍ତି ଦିଆଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ମୁଖ୍ୟ କାର୍ଯ୍ୟାଳୟ ଠାରେ ଏହି ଘୋଷଣା କରିଛନ୍ତି। ପ୍ରଣବ ଯାଜପୁର ବିଧାନସଭାରୁ ଲଗାତର ୩ ଥର ବିଜୟୀ ହୋଇଛନ୍ତି। ୨୦୧୪ ଏବଂ ୨୦୧୯ରେ ସାଧାରଣ ନିର୍ବାଚନ, ବିଜେପୁର ଉପନିର୍ବାଚନ, ପାଟକୁରା ଉପ ନିର୍ବାଚନ ଆଦି କ୍ଷେତ୍ରରେ ସେ ନିଜର ସାଙ୍ଗଠନିକ ଦକ୍ଷତା ପ୍ରମାଣ କରିଛନ୍ତି। ବିଜେଡି ପଞ୍ଚମ ପାଳିରେ ତାଙ୍କୁ ମନ୍ତ୍ରୀ ପଦ ମିଳି ନ ଥିଲେ ମଧ ସେ ଦଳର ସମସ୍ତ ସାଙ୍ଗଠନିକ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସମ୍ପାଦନ କରି ଆସୁଛନ୍ତି। ପ୍ରଣବ ଦଳର ସମସ୍ତ ସଂଗଠନ ଦାୟିତ୍ୱରେ ରହିବେ। ନୂତନ ନିଯୁକ୍ତି ପାଇବା ପରେ ପ୍ରଣବ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛନ୍ତି। ବିଜେଡି ହେଉଛି ଏକ ସ୍ୱତଃ ପ୍ରବାହମାନ ଧାରା। ସବୁକିଛି ମୁଖ୍ୟମନ୍ତ୍ରୀ ପ୍ରସ୍ତୁତ କରିଛନ୍ତି। ତାଙ୍କ ନେତୃତ୍ୱରେ ସଂଗଠନ ମଜଭୁତ ହୋଇ ରହିଛି। ଦଳକୁ ଆହୁରି ମଜଭୁତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାମ କରିବେ ବୋଲି ସେ କହିଛନ୍ତି।

## ନାଳକୁ ଖସିଲା ଟ୍ରାକ୍ଟର, ୨ ମୃତ

ଅମରପାଲି, ୫।୩ (ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା କଦଳୀମୁଣ୍ଡା-ଜନକପୁର ରାସ୍ତାର ରେଙ୍ଗାଲି ନାଳରେ ଗୁରୁବାର ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଖସି ପଡିବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟ୍ରାକ୍ଟର ଡ୍ରାଇଭର ବଳରାମ ଖଡିଆ (୨୮) ଓ ହେଲପର ଲକ୍ଷ୍ମୀକାନ୍ତ ପ୍ରଧାନ (୩୧)। ବୀରମହାରାଜପୁର ଦମକଳ ବାହିନୀ ମୃତଦେହ ଉଦ୍ଧାର କରିଛି। ସକାଳେ ଏକ ନମ୍ବର ବିହୀନ ଟ୍ରାକ୍ଟର ବାଲି ଅନଲୋଡ କରି ଫେରୁଥିଲା। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ସେହି ସମୟରେ ହେଲପର ଲକ୍ଷ୍ମୀକାନ୍ତ ଟ୍ରାକ୍ଟର ଚଳାଉଥିଲେ। ଏହି ସମୟରେ ରେଙ୍ଗାଲି ନାଳରେ ଗାଡି ଭାରସାମ୍ୟ ହରାଇ ଖସି ପଡିଥିଲା। ଟ୍ରାକ୍ଟର ପାଣିରେ ପଡିଯିବା ଫଳରେ ଡ୍ରାଇଭର ଓ ହେଲପର ଏଥିରେ ☞ପୃଷ୍ଠା-୪

## ୨୦ ତାରିଖ ସକାଳ ୫ଟା ୩୦
## ଜାରି ହେଲା ପୁଣି ମୃତ୍ୟୁ ପରୱାନା



**ନୂଆଦିଲ୍ଲୀ,୫।୩**

ମୁକେଶ କୁମାର ସିଂ (୩୨), ପବନ ଗୁପ୍ତା (୨୫), ବିନୟ ଶର୍ମା (୨୬) ଓ ଅକ୍ଷୟ କୁମାର ସିଂ (୩୧)। ମାର୍ଚ୍ଚ ୨୦ ସକାଳ ୫ଟା ୩୦ ମିନିଟରେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଏହି ୪ ଦୋଷୀଙ୍କୁ ତିହାର ଜେଲ୍‌ରେ ଏକକାଳୀନ ଫାଶୀ ଖୁଣ୍ଟରେ ଝୁଲାଯିବ। ଆଇନର ଗଳାବାଟ ଦେଇ ଏମାନଙ୍କୁ ଖସାଇ ଦେବା ପାଇଁ ଓକିଲଙ୍କ ସମସ୍ତ ପ୍ରୟାସ ଶେଷ ହେବା ପରେ ଏହି ନିର୍ଘଣ୍ଟ ସ୍ଥିର କରିଛନ୍ତି ଦିଲ୍ଲୀସ୍ଥିତ ପଟିଆଲା ହାଉସକୋର୍ଟ। ଦୋଷୀଙ୍କ ପାଖରେ ଯାହା ଆଇନଗତ ବିକଳ୍ପ ଥିଲା ସବୁ ଶେଷ ହୋଇଯାଇଛି। ଏବେ କୌଣସି କୋର୍ଟରେ ଆଉ କୌଣସି ଆବେଦନ ବିଚାରାଧୀନ ନାହିଁ ବୋଲି ଦିଲ୍ଲୀ ସରକାର ଅଦାଲତଙ୍କୁ ଅବଗତ କରାଇବା ପରେ ସେମାନଙ୍କୁ ଫାଶୀ ଦେବା ଲାଗି ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣା ଗୁରୁବାର ଜାରି କରିଛନ୍ତି ଚୂଡ଼ାନ୍ତ ମୃତ୍ୟୁ ପରୱାନା।

୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଗଣବଳାତ୍କାର କରାଯାଇଥିଲା। ଏପରି କି ତାଙ୍କୁ ଅକଥନୀୟ ଶାରୀରିକ ନିର୍ଯାତନା ଦେବା ପରେ ରାସ୍ତାକୁ ଫିଙ୍ଗି ଦିଆଯାଇଥିଲା। ପୀଡ଼ିତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜୀବନ ସହ ସଂଗ୍ରାମ କରି ସେ ୧୫ ଦିନ ପରେ ଆଖି ବୁଜିଦେଇଥିଲେ। ଏହି ଅଭିଯୋଗରେ ଗିରଫ ହୋଇଥିଲେ ୬ ଜଣ। ବସ୍ ଡ୍ରାଇଭର ରାମ ସିଂ ତିହାର ଜେଲରେ ଆତ୍ମହତ୍ୟା କରିଥିବାବେଳେ ନାବାଳକ ଦୋଷୀ ସୁଧାର ଗୃହରେ ୩ ବର୍ଷ ରହିବା ପରେ ୨୦୧୫ରେ ମୁକୁଳିଥିଲେ। ଅନ୍ୟ ୪ ଦୋଷୀ ମୁକେଶ, ପବନ, ବିନୟ ଓ ଅକ୍ଷୟଙ୍କୁ ଫାଶୀ ଦେବା ପାଇଁ ତଳ କୋର୍ଟରୁ ସୁପ୍ରିମକୋର୍ଟ ଯାଏ ରାୟ ଦେଇଥିଲେ। ହେଲେ ଦୋଷୀଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡାଦେଶରେ ପରିବର୍ତ୍ତିତ କରିବା ଲାଗି ☞ପୃଷ୍ଠା-୪

**ଫାଶୀଖୁଣ୍ଟରେ ଝୁଲିବେ ନିର୍ଭୟା ଦୋଷୀ**

## ବିଜୁଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିଆରା ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୫।୩(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତୀ ଉପଲକ୍ଷେ ଟୁଇଟ୍ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଟୁଇଟ୍‌ରେ ବିଜୁଙ୍କ ଗୌରବମୟ ଇତିହାସ ଏବଂ ସାହସିକତା ସମ୍ପର୍କିତ ଏକ ପୃଷ୍ଠା ମଧ ମୋଦିଙ୍କ ଟୁଇଟର ଆକାଉଣ୍ଟରୁ ଛଡ଼ା ଯାଇଛି। ୧୯୪୫ ଅଗଷ୍ଟ ୨୯ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ଗୁଇନ୍ଦା ବ୍ୟୁରୋର ଏହି ଚିଠି ବୋଲି ଜଣାପଡ଼ିଛି।

ବିଜୁ ପଟ୍ଟନାୟକ ଥିଲେ ଜଣେ ଦୁଃସାହସିକ ପାଇଲଟ। ତେଣୁ ନିଜକୁ ବୈମାନିକ ଦକ୍ଷତାରେ ସ୍ୱାଧୀନତା ସଂଗ୍ରାମ ସମୟରେ ଯଥାସମ୍ଭବ ଯୋଗଦାନ କରିଥିଲେ। ଏହି ସମୟରେ ଗୁପ୍ତରେ ରହୁଥିବା ପ୍ରଖ୍ୟାତ ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କୁ ବିଜୁ ପଟ୍ଟନାୟକ ଦିଲ୍ଲୀରୁ କଲିକତାକୁ ନେଇଥିଲେ। ଏହି କାର୍ଯ୍ୟ ପାଇଁ ଇଂରେଜ ସରକାର ତାଙ୍କୁ ବିପଦ ବୋଲି ମନେ କରୁଥିଲେ। ସୁରକ୍ଷା ଦୃଷ୍ଟିରୁ ବିଜୁଙ୍କ ଉଡ଼ାଣକୁ ରୋକାଯାଇ ପାରେନା। ହେଲେ ବିଜୁଙ୍କୁ ଯଦି ଇଣ୍ଡିଆନ୍ ଏୟାରୱେଜ୍ ପୁନଃ ନିଯୁକ୍ତି କରା ନ ଯାଏ, ତେବେ ତାଙ୍କ ବିଚକ୍ଷଣତା ☞ପୃଷ୍ଠା-୪

**ଲୋହିଆଙ୍କୁ ଦିଲ୍ଲୀରୁ କଲିକତା ଉଡ଼ାଇ ନେଇଥିଲେ**



**ଆଜିର ସମ୍ପାଦକୀୟ**
### ପ୍ରୋତ୍ସାହନ ଲୋଡ଼ା





Vencobb FRESH CHICKEN
05.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 36 | 75 | 85 |
| CTC | 36 | 75 | 85 |
| DKL | 35 | 74 | 84 |
| BDK | 36 | 75 | 85 |
| BLS | 38 | 77 | 87 |
| ANG | 35 | 74 | 84 |
| BMP | 33 | 72 | 82 |

*Conditions Apply
Issued in the Interest of Consumers



**ଏର୍ଡୋଗାନଙ୍କ ମନ୍ତବ୍ୟଙ୍କୁ ନିନ୍ଦାକଲା ଭାରତ**

ଦିଲ୍ଲୀ ହିଂସାକୁ ନେଇ ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ ଦେଇଥିବା ମନ୍ତବ୍ୟ ସମ୍ପୂର୍ଣ୍ଣ ଭାବେ ଭୁଲ୍। ଜଣେ ରାଷ୍ଟ୍ରମୁଖ୍ୟଙ୍କଠାରୁ ଆମେ ଏପରି ମନ୍ତବ୍ୟ ଆଶା କରୁନାହୁଁ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି। ସିଏଏକୁ ନେଇ ଗତ ସପ୍ତାହରେ ଦିଲ୍ଲୀରେ ସାମ୍ପ୍ରଦାୟିକ ହିଂସା ଘଟିଥିଲା। ଏହାକୁ ଏର୍ଡୋଗାନ ମୁସଲମାନମାନଙ୍କ ବିରୋଧରେ ଗଣହତ୍ୟା ବୋଲି ଗତ ୨୭ରେ କହିଥିଲେ। ରବୀଶ କୁମାର ଏହାକୁ ନିନ୍ଦା କରିଛନ୍ତି।

# ଦେଶକୁ ଘାରିଛି କରୋନା ଚିନ୍ତା



ଆଗ୍ରାସ୍ଥିତ ତାଜମହଲରେ ପର୍ଯ୍ୟଟକଙ୍କୁ ଥର୍ମାଲ ସ୍କ୍ରିନିଂ ଡିଭାଇସ୍‌ରେ ଯାଞ୍ଚ କରାଯାଉଛି।




ଗୁଆହାଟୀ ବିମାନବନ୍ଦରରେ ଯାତ୍ରୀଙ୍କୁ ଯାଞ୍ଚ କରିବା ପାଇଁ ସୁରକ୍ଷାତ୍ମକ ଶୁଟ୍ ପିନ୍ଧିଛନ୍ତି ଚିକିତ୍ସକ ଦଳ।

## ଓଡ଼ିଶାରେ ହେଉ କରୋନା ପରୀକ୍ଷା କେନ୍ଦ୍ର : ବିଜେଡି

**ନୂଆଦିଲ୍ଲୀ,୫।୩**

ପାର୍ଲାମେଣ୍ଟରେ ଗୁରୁବାର କରୋନା ସମ୍ପର୍କିତ ଆଲୋଚନା ବେଳେ ଓଡ଼ିଶା ଓ ଦେଶର ଅନ୍ୟ ଭାଗରେ ତୁରନ୍ତ ପରୀକ୍ଷା କେନ୍ଦ୍ର ଖୋଲିବା ଲାଗି ବିଜେଡି ଏମ୍‌ପି ଦାବି କରିଥିଲେ। ଏଥିସହିତ ଭୁବନେଶ୍ୱର ବିମାନବନ୍ଦରରେ ଏକ ଯାଞ୍ଚ ଓ କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲିବା ପାଇଁ ଦାବି ହୋଇଛି। ଓଡ଼ିଶାରେ ୪ କରୋନା ସନ୍ଦିଗ୍ଧ ଚିହ୍ନଟ ହୋଇଛନ୍ତି ଓ ସେମାନଙ୍କ ନମୁନା ପରୀକ୍ଷା ପାଇଁ ପୁଣେ ପଠାଯାଇଥିବା ରାଜ୍ୟ ସଭାରେ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ। ରାଜ୍ୟରେ ପରୀକ୍ଷା କେନ୍ଦ୍ର ସ୍ଥାପନ ପାଇଁ ଓଡ଼ିଶା ସରକାର କେନ୍ଦ୍ରକୁ ଅନୁରୋଧ କରିଥିବା ସେ କହିଥିଲେ। ସେହିପରି ଲୋକ ସଭାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ଭୁବନେଶ୍ୱର ସମେତ ସମସ୍ତ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାଞ୍ଚ ଓ କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲାଯାଉ। କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇଦେବାକୁ ମଧ୍ୟ ସେ ଅନୁରୋଧ କରିଥିଲେ।

## ଘୁଞ୍ଚିଲା ଭାରତ-ଇୟୁ ସମିଟ୍

**ନୂଆଦିଲ୍ଲୀ,୫।୩(ପି.ଟି.)**

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚଳିତ ମାସରେ ହେବାକୁ ଥିବା ଭାରତ-ୟୁରୋପୀୟ ସଂଘ (ଇୟୁ) ସମିଟ୍‌କୁ ଘୁଞ୍ଚାଇ ଦିଆଯାଇଛି। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରସେଲ୍ସ ଗସ୍ତକୁ ବାତିଲ କରିଦିଆଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସଗୁଡ଼ିକ ଭାରତୀୟମାନଙ୍କୁ ସହାୟତା କରିବା ଦିଗରେ କାର୍ଯ୍ୟ କରୁଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି।

ଗୁରୁବାର ଗାଜିଆବାଦର ଜଣେ ବ୍ୟକ୍ତିଙ୍କ ଠାରେ କରୋନା ଭୂତାଣୁ ଥିବା ଚିହ୍ନଟ ହେବା ପରେ ଦେଶରେ କରୋନା ରୋଗୀ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ନିକଟରେ ଇରାନରୁ ଫେରିଥିବା ଜଣେ ବ୍ୟକ୍ତିଙ୍କୁ କରୋନା ସଂକ୍ରମଣ ହୋଇଥିବା ପରୀକ୍ଷାରୁ ଜଣାପଡିବା ପରେ ତାଙ୍କୁ ଆଇସୋଲେସନରେ ରଖାଯାଇ ଚିକିତ୍ସା କରାଯାଉଛି। ଜିଲା, ବ୍ଲକ ଓ ଗ୍ରାମାଞ୍ଚଳ ସ୍ତରରେ ରାପିଡ୍ ରେସ୍ପନ୍ସ ଟିମ୍ ଗଠନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟକୁ ପରାମର୍ଶ ଦିଆଯାଇଛି। ଚିହ୍ନଟ ହୋଇଥିବା ୩୦ ରୋଗୀଙ୍କ ମଧ୍ୟରୁ ୧୬ ଜଣ ଇଟାଲୀୟ ପର୍ଯ୍ୟଟକ।

କରୋନା ସଂକ୍ରମଣ ରୋକିବା ଲାଗି ଦିଲ୍ଲୀ ସରକାର ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ୩୧ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ଦିଲ୍ଲୀର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ, ଘରୋଇ ସ୍କୁଲ ସମେତ ମ୍ୟୁନିସିପାଲ କର୍ପୋରେଶନ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକୁ ବନ୍ଦ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିବା ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି।

**ସଂକ୍ରମଣ ଭୟ**

- ପ୍ରଧାନମନ୍ତ୍ରୀଙ୍କ ବ୍ରସେଲ୍ସ ଗସ୍ତ ବାତିଲ
- ଦିଲ୍ଲୀରେ ୩୧ ଯାଏ ସ୍କୁଲ ଛୁଟି
- ଦେଶରେ ୩୦ କରୋନା ରୋଗୀ



ଆଗ୍ରାସ୍ଥିତ ଏକ ସ୍କୁଲରେ ପରୀକ୍ଷା ଦେବାପାଇଁ ପିଲାମାନେ ମାସ୍କ ପିନ୍ଧି ଯାଉଛନ୍ତି।

## ମୁକାବିଲା ପାଇଁ ନିଆଯାଉଛି ପଦକ୍ଷେପ

**ପାର୍ଲାମେଣ୍ଟକୁ ଜଣାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ**



ଡ. ହର୍ଷବର୍ଦ୍ଧନ

**ନୂଆଦିଲ୍ଲୀ,୫।୩(ପି.ଟି.):** ଦେଶରେ କରୋନା ସଂକ୍ରମଣ ରୋକିବା ଲାଗି ସବୁ ପଦକ୍ଷେପ ନିଆଯାଉଛି। ଅଦ୍ୟାବଧି ୨୮,୫୨୯ ଜଣଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଗୁରୁବାର ପାର୍ଲାମେଣ୍ଟର ଉଭୟ ଗୃହରେ କହିଛନ୍ତି। ବୁଧବାର ସୁଦ୍ଧା ଦେଶରେ ୨୯ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଇରାନରେ ଥିବା ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ସେହିଦେଶର କର୍ତ୍ତୃପକ୍ଷଙ୍କ ସହ କଥାବର୍ତ୍ତା ଚାଲିଛି। କେରଳରେ ପ୍ରଥମେ ଚିହ୍ନଟ ହୋଇଥିବା ୩ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ନିକଟରେ ଇଟାଲୀରୁ ଫେରିଥିବା ଦିଲ୍ଲୀର ଜଣେ ବ୍ୟକ୍ତି, ଦୁବାଇରୁ ସିଙ୍ଗାପୁର ଦେଇ ଆସିଥିବା ତେଲଙ୍ଗାନାର ଅନ୍ୟ ଜଣକଠାରେ କରୋନା ପଜିଟିଭ୍ ଥିବା ଜଣାପଡିଥିଲା। ଆଗ୍ରାରେ ୬ ରୋଗୀ ଚିହ୍ନଟ ହୋଇଥିବାବେଳେ ରାଜସ୍ଥାନରେ ଇଟାଲୀୟ ପର୍ଯ୍ୟଟକ ଦମ୍ପତିଙ୍କଠାରେ କରୋନା ଭୂତାଣୁ ଥିବା ଜଣାପଡିଛି। ଏହାବ୍ୟତୀତ ଇଟାଲୀରୁ ଆସିଥିବା ୧୪ ପର୍ଯ୍ୟଟକ ଓ ସେମାନଙ୍କ ଭାରତୀୟ ଡ୍ରାଇଭରଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି।

କରୋନା ସଂକ୍ରମଣ ବଢୁଥିବାରୁ ସାନିଟାଇଜର, ମାସ୍କ ଆଦି କଳାବଜାର ହେବା ଆଶଙ୍କା ରହିଛି। ବଜାରରେ ସେଗୁଡ଼ିକ ଯେପରି ପର୍ଯ୍ୟାପ୍ତ ଉପଲବ୍ଧ ହେବ ସେ ଦିଗରେ ଦୃଷ୍ଟି ଦେବାକୁ ଲୋକ ସଭାରେ ବିରୋଧୀ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ସାନିଟାଇଜର ଓ ମାସ୍କ ଦାମ୍ ବଢ଼ିଥିବା କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଥିଲେ। ସେହିପରି କରୋନା ସମ୍ପର୍କିତ କୌଣସି ଗୁଜବକୁ ପ୍ରତିହତ କରିବା ଲାଗି ସେ ସରକାରଙ୍କୁ ଅନୁରୋଧ କରିଥିଲେ। ବିଏସ୍‌ପି ସଦସ୍ୟ ରିତେଶ ପାଣ୍ଡେ, ଡିଏମ୍‌କେ ଏମ୍‌ପି କାନିମୋଝି, ଟିଏମ୍‌ସିର ସୌଗତ ରାୟ କରୋନା ରୋକିବା ଲାଗି ସତର୍କତା ପଦକ୍ଷେପ ସମ୍ପର୍କରେ ପରାମର୍ଶ ଦେଇଥିଲେ।

## ଔଷଧର ଅଭାବ ନାହିଁ

**ଅହମଦାବାଦ,୫।୩(ପି.ଟି.):** ଦେଶରେ ତିନିମାସ ପର୍ଯ୍ୟନ୍ତ ଔଷଧ ଓ ଏଥିପାଇଁ ଆବଶ୍ୟକ କଞ୍ଚାମାଲ୍‌ର ଅଭାବ ନାହିଁ ବୋଲି ଗୁରୁବାର ସରକାରଙ୍କ ପକ୍ଷରୁ କୁହାଯାଇଛି। କରୋନା ସଂକ୍ରମଣ ପ୍ରସ୍ତୁତି ଉପରେ ଏକ ମନ୍ତ୍ରୀଗୋଷ୍ଠୀ ଦୈନନ୍ଦିନ ଅନୁଧ୍ୟାନ କରୁଛନ୍ତି। ଭାରତରେ ଏହି ରୋଗର କୌଣସି ପ୍ରଭାବ ଯେପରି ନ ପଡ଼େ ସେ ଦିଗରେ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ରାସାୟନିକ ଓ ସାର ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡ଼ା କହିଛନ୍ତି।

## ଆମେରିକାରେ ମୃତ୍ୟୁସଂଖ୍ୟା ୧୧

**ସିଟଲ,୫।୩**

ଆମେରିକାରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଲାଣି। କେବଳ ୱାଶିଂଟନରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସିଟଲ ଅଞ୍ଚଳର ଏକ ନର୍ସିଂ ହୋମ୍‌ରେ ପ୍ରଥମ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି। ଫେଡେରାଲ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବେ ବୋଲି ଘୋଷଣା କରିଛନ୍ତି। ସାନ୍ ଫ୍ରାନ୍ସିସ୍କୋରୁ ମେକ୍ସିକୋ ଯାଇଥିବା ଉକ୍ତ ବ୍ୟକ୍ତିଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। କରୋନା ଭୂତାଣୁକୁ ନେଇ କାଲିଫର୍ନିଆ ଗଭର୍ନର ଗାଭିନ ନ୍ୟୁସମ୍ ବୁଧବାର ରାଜ୍ୟସ୍ତରୀୟ ଜରୁରୀ ସ୍ଥିତି ଘୋଷଣା କରିଛନ୍ତି। ପୂର୍ବରୁ ୱାଶିଂଟନ ଓ ଫ୍ଲୋରିଡ଼ାରେ ଜରୁରୀ ସ୍ଥିତି ଜାରି ହୋଇଥିଲା।

## ମୁଦ୍ରା ବ୍ୟବହାର କମାଇଲା ଇରାନ

**ଦୁବାଇ,୫।୩**

ଇରାନରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବାରୁ ସେଠାରେ କାଗଜ ମୁଦ୍ରା ବ୍ୟବହାର ଯଥା ସମ୍ଭବ କମାଇବା ପାଇଁ ସରକାର ଦେଶବାସୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଇରାନରେ ବିଭିନ୍ନ ସ୍ଥାନକୁ ଲୋକଙ୍କ ଯାତାୟାତ ହ୍ରାସ ଲାଗି ବିଭିନ୍ନ ଚେକ୍ ପଏଣ୍ଟରେ କର୍ମଚାରୀ ମୁତୟନ ହେବେ। ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଇରାନରେ ସ୍କୁଲ ଓ ବିଶ୍ୱବିଦ୍ୟାଳୟକୁ ବନ୍ଦ ରଖାଯାଇଛି। ଇରାନରେ କରୋନା ରୋଗୀସଂଖ୍ୟା ୩୧୫୦ରେ ପହଞ୍ଚିଥିବାବେଳେ ୧୦୭ ଜଣଙ୍କ ମୃତ୍ୟୁ ହେଲାଣି। ସଂକ୍ରମଣ ରୋକିବା ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।



ହାଇଦ୍ରାବାଦର ଚାର୍‌ମିନାରରେ ମାସ୍କ ବଣ୍ଟନ କରୁଛନ୍ତି ସ୍ୱେଚ୍ଛାସେବୀ।

## ଚାଇନା ଜାହାଜକୁ ମିଳୁନି ଅନୁମତି

**ନୂଆଦିଲ୍ଲୀ,୫।୩(ପି.ଟି.)**

୧୬,୦୭୬ ଯାତ୍ରୀ ଓ କର୍ମଚାରୀଙ୍କୁ ନେଇ ଆସିଥିବା ଚାଇନାର କେତେକ ଜାହାଜ ତଥା ପୂର୍ବରୁ ଚାଇନା ଯାଇଥିବା ଜାହାଜଗୁଡ଼ିକୁ ଭାରତୀୟ ବନ୍ଦର ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇନାହିଁ। ତେବେ ଉକ୍ତ ଜାହାଜରେ ଥିବା ଯାତ୍ରୀ ଓ କର୍ମଚାରୀମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଉଥିବା ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗାଇଡଲାଇନ୍ସ ଅନୁଯାୟୀ ୪୫୨ ଜାହାଜକୁ ନିର୍ଦ୍ଦିଷ୍ଟ ଦୂରତାରେ ରଖାଯାଇଛି। ଉକ୍ତ ଜାହାଜରୁ ଅତି ସତର୍କତାର ସହ ମାଲ୍ ଖଲାସ କରାଯାଇଛି। ଜାହାଜ କର୍ମଚାରୀ ଓ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ସମେତ ଅନ୍ୟ ସତର୍କତା ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣେ ଅଧିକାରୀ କହିଛନ୍ତି।

## ଭାରତରେ ପ୍ରବେଶ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ପ୍ରମାଣପତ୍ର

**କେନ୍ଦ୍ର ଜାରିକଲା କଟକଣା**

**ନୂଆଦିଲ୍ଲୀ,୫।୩(ପି.ଟି.):** ଭାରତ ସରକାର ଭିଜା ଉପରେ ଅତିରିକ୍ତ କଟକଣା ଜାରି କରିଛନ୍ତି। କରୋନା ସଂକ୍ରମିତ ଇଟାଲୀ ଏବଂ ଦକ୍ଷିଣ କୋରିଆରୁ ଆସିଥିବା କିମ୍ବା ସେଠାକୁ ଯାଇଥିବା ବ୍ୟକ୍ତି ଭାରତରେ ପ୍ରବେଶ କରିବାକୁ ହେଲେ ସେମାନଙ୍କୁ କରୋନା ନେଗେଟିଭ୍ ପ୍ରମାଣପତ୍ର ଦେଖାଇବାକୁ ହେବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏହି ଘୋଷଣା କରାଯାଇଛି। ମାର୍ଚ୍ଚ ୧୦ ତାରିଖଠାରୁ କରୋନା ସଂକ୍ରମଣ ହ୍ରାସ ପାଇବା ପର୍ଯ୍ୟନ୍ତ ଏହି କଟକଣା ସାମୟିକ ଭାବେ ଲାଗୁ ହେବ। ସରକାର ଦୁଇଦିନ ପୂର୍ବରୁ ଇଟାଲୀ, ଇରାନ ଓ ଦକ୍ଷିଣ କୋରିଆ ଏବଂ ଜାପାନ ନାଗରିକଙ୍କ ପାଇଁ ସମସ୍ତ ନିୟମିତ ଓ ଇ-ଭିଜାକୁ ସ୍ଥଗିତ ରଖିଥିଲେ। ଗତମାସଠାରୁ ଚାଇନା ନାଗରିକଙ୍କ କ୍ଷେତ୍ରରେ ଏହି କଟକଣା ଲାଗୁ ହୋଇଥିଲା।




## ଦୁବାଇରେ ଭାରତୀୟ ଛାତ୍ରୀଙ୍କୁ କରୋନା

**ଦୁବାଇ,୫।୩(ପି.ଟି.)**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ କରୋନା ରୋଗୀସଂଖ୍ୟା ୨୮କୁ ବୃଦ୍ଧି ପାଇଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ଭାରତୀୟ ଛାତ୍ରୀ ରହିଛନ୍ତି। ଦୁବାଇର ଭାରତୀୟ ସ୍କୁଲରେ ପଢୁଥିବା ୧୬ ବର୍ଷୀୟା ଛାତ୍ରୀ କରୋନା ସଂକ୍ରମିତ ବୋଲି ସେଠାର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସ୍ପଷ୍ଟ କରିଛନ୍ତି। ବିଦେଶ ଯାଇଥିବା ତାଙ୍କ ବାପାଙ୍କ ଠାରୁ ଛାତ୍ରୀ ଜଣକୁ ଏହି ଭୂତାଣୁ ସଂକ୍ରମିତ ହୋଇଥିବା ରିପୋର୍ଟରେ କୁହାଯାଇଛି। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ଦୁବାଇରେ ଥିବା ଉକ୍ତ ଭାରତୀୟ ସ୍କୁଲ୍‌କୁ ବନ୍ଦ କରିଦିଆଯାଇଛି।

## ୭ କଂଗ୍ରେସ ଏମ୍‌ପି ସସ୍‌ପେଣ୍ଡ

**ବିଲ୍ ଚିରି ବାଚସ୍ପତିଙ୍କ ଚେୟାରକୁ ଫିଙ୍ଗିଲେ**

**ବଜେଟ ଅଧିବେଶନରେ ଗୃହକୁ ଆସିବା ମନା**

**ନୂଆଦିଲ୍ଲୀ,୫।୩:** ଲୋକ ସଭାରେ ବିଶୃଙ୍ଖଳା ଓ ଦୁର୍ବ୍ୟବହାର ଯୋଗୁ କଂଗ୍ରେସର ୭ ଏମ୍‌ପିଙ୍କୁ ଗୁରୁବାର ଗୃହରୁ ସସ୍‌ପେଣ୍ଡ କରାଯାଇଛି। ଏନେଇ ପ୍ରସ୍ତାବ ପାସ୍ କରାଯିବା ସହ ବଜେଟ ଅଧିବେଶନର ବାକିଥିବା କାର୍ଯ୍ୟଦିବସରୁ ସେମାନଙ୍କୁ ବାଦ୍‌ଦିଆଯାଇଛି। ବାଚସ୍ପତିଙ୍କ ଟେବୁଲରୁ କାଗଜପତ୍ର ଭିଡ଼ିଆଣି ଚିରିଦେବା, ଗୃହର ନୀତିନିୟମ ଉଲ୍ଲଂଘନ କରି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଯୋଗୁ ସେମାନଙ୍କ ବିରୋଧରେ ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଅପରାହ୍ନ ୩ଟାରେ ଲୋକ ସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଗୃହରେ ଅଧ୍ୟକ୍ଷତା କରୁଥିବା ମୀନାକ୍ଷୀ ଲେଖି କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ, ଟି.ଏନ୍. ପ୍ରଥପନ, ଡିନ୍ କୁରିଆକୋସେ, ମନିକା ଟାଗୋର, ରାଜ୍‌ମୋହନ ଉନ୍ନିଥାନ, ବେନି ବେହାନାନ୍ ଓ ଗୁର୍‌ଜିତ୍ ସିଂ ଆଉଜ୍‌ଲାଙ୍କ ନାଁ ଡାକି ସେମାନଙ୍କୁ ଗୃହରୁ ଗୋଟିଏ ଦିନ ଲାଗି ସସ୍‌ପେଣ୍ଡ କରାଗଲା ବୋଲି କହିଥିଲେ। ଏହା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଏହି ସଦସ୍ୟଙ୍କୁ ବଜେଟ ଅଧିବେଶନର ବାକିଥିବା ଦିବସଗୁଡ଼ିକରୁ ବାଦ୍‌ଦେବା ଲାଗି ଗୃହରେ ପ୍ରସ୍ତାବ ଆଣିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ସତ୍ତ୍ୱେ ବାଚନିକ ଭୋଟରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ପରେ ଲେଖି ଏହି ୭ ସଦସ୍ୟଙ୍କୁ ତୁରନ୍ତ ଚାଲିଯିବାକୁ ନିର୍ଦ୍ଦେଶ ଦେବା ସହ ଗୃହକୁ ଦିନକ ଲାଗି ମୁଲତବୀ ଘୋଷଣା କରିଥିଲେ।

ଏଭଳି ପଦକ୍ଷେପକୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ଏକଛତ୍ରବାଦୀ ନିଷ୍ପତ୍ତି ବିରୋଧୀ ଦଳର ସ୍ୱରକୁ ଚପାଇପାରିବ ନାହିଁ ବୋଲି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ପ୍ରକାଶ କରିଛନ୍ତି। ଦିଲ୍ଲୀ ହିଂସାକାଣ୍ଡ ନେଇ ବିସ୍ତୃତ ଆଲୋଚନା ଗୃହରେ କରାଯିବାର ଆବଶ୍ୟକତା ଥିବା ବେଳେ ସରକାର ଏହାକୁ ଏଡ଼ାଇଯିବା ଅନୁଚିତ। କଂଗ୍ରେସ ଏମ୍‌ପିମାନେ ଏହି ଦାବି କରିଆସୁଛନ୍ତି। ସେମାନଙ୍କ ବିରୋଧରେ ଗ୍ରହଣ କରାଯାଇଥିବା କଡ଼ା ନିଷ୍ପତ୍ତି ବାଚସ୍ପତିଙ୍କର ନୁହେଁ ବରଂ ସରକାରଙ୍କ ପ୍ରତିଶୋଧମୂଳକ ମନୋବୃତ୍ତିର ନିଦର୍ଶନ ବୋଲି ସେ କହିଛନ୍ତି। କଂଗ୍ରେସ ଏମ୍‌ପିଙ୍କୁ ଗୃହରୁ ନିଲମ୍ବନ କରାଯିବା ନିଷ୍ପତ୍ତି କେତେ ଯୁକ୍ତିଯୁକ୍ତ ତାହା ଲୋକମାନେ ନେବେ।

## ଇତିହାସର ଆଇନାରେ

**ମାର୍ଚ୍ଚ ୬ର ପ୍ରମୁଖ ଘଟଣା**

### ଜାହାଜ ବୁଡ଼ି ୧୯୦ ମୃତ

୧୯୮୭ ମାର୍ଚ୍ଚ ୬ରେ ବ୍ରିଟେନର ଏକ ଜାହାଜ ବୁଡ଼ିଯିବାରୁ ସେଥିରେ ଥିବା ପ୍ରାୟ ୧୯୦ ଯାତ୍ରୀ ପ୍ରାଣ ହରାଇଥିଲେ। ଜିବ୍ରୁଜ୍‌ର ବେଲ୍‌ଜିଆନ ବନ୍ଦରରୁ ରାତିରେ ଏହି ଜାହାଜ ଯିବାର କିଛି ସମୟ ମଧ୍ୟରେ ବୁଡ଼ିଯାଇଥିଲା। ଜାହାଜ କ୍ୟାପ୍‌ଟେନର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ହୋଇଥିଲା।

### ଆତ୍ମଘାତୀ ବିସ୍ଫୋରଣ

୨୦୦୮ ମାର୍ଚ୍ଚ ୬ରେ ଇରାକର ବାଗ୍‌ଦାଦ ସହରରେ ଆତ୍ମଘାତୀ ବିସ୍ଫୋରଣ ହେବା ଫଳରେ ପ୍ରାୟ ୭୦ ଜଣଙ୍କ ପ୍ରାଣହାନି ଘଟିଥିଲା। ୧୨୫ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ। ଜେରୁଜେଲମ୍‌ରେ ସେହିଦିନ ଜଣେ ବନ୍ଧୁକଧାରୀ ୮ ଜଣ ଛାତ୍ରଙ୍କୁ ଗୁଳିକରି ହତ୍ୟା କରିଥିଲେ।

## ତାହିର ହୁସେନ ଗିରଫ

**ଅଙ୍କିତ ଶର୍ମା ହତ୍ୟା ମାମଲା**

**ଦିଲ୍ଲୀ ଦଙ୍ଗା ମୃତ୍ୟୁସଂଖ୍ୟା ୫୩**



**ନୂଆଦିଲ୍ଲୀ,୫।୩:** ଦିଲ୍ଲୀ ଦଙ୍ଗା ବେଳେ ଗୋଇନ୍ଦା ବ୍ୟୁରୋ (ଆଇବି) କର୍ମଚାରୀ ଅଙ୍କିତ ଶର୍ମାଙ୍କୁ ହତ୍ୟା କରିବା ଅଭିଯୋଗରେ ଗୁରୁବାର ଗିରଫ ହୋଇଛନ୍ତି ତାହିର ହୁସେନ। ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରୁ ନିଲମ୍ବିତ କାଉନ୍‌ସିଲର ତାହିର ଆତ୍ମସମର୍ପଣ ପାଇଁ ଦିଲ୍ଲୀର ଏକ କୋର୍ଟରେ ପିଟିଶନ ଦାଏର କରି ଅଗ୍ରିମ ଜାମିନ ପାଇଁ ଆବେଦନ କରିଥିଲେ। କରକରଡୁମାସ୍ଥିତ ରାଉଜ୍ ଆଭିନ୍ୟୁ କୋର୍ଟରେ ତାଙ୍କ ପିଟିଶନ ଖାରଜ ହେବାର କିଛି ସମୟ ପୂର୍ବରୁ ବାଟରେ ତାଙ୍କୁ ଗିରଫ କରାଯାଇଛି।

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଗତ ସପ୍ତାହରେ ଉତ୍ତର-ପୂର୍ବ ଦିଲ୍ଲୀରେ ହିଂସା ଘଟି ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଇଥିଲା। ଦଙ୍ଗା ବେଳେ ନିଖୋଜ ହୋଇଯାଇଥିବା ଆଇବି କର୍ମଚାରୀ ଅଙ୍କିତ ଶର୍ମାଙ୍କ ଚାନ୍ଦବାଗ ବାସଭବନ ନିକଟସ୍ଥ ଏକ ଡ୍ରେନ୍‌ରୁ ତାଙ୍କ ମୃତଦେହ ମିଳିଥିଲା। ଏଥିରେ ତାହିରଙ୍କ ହାତ ଥିବା ୨୬ ବର୍ଷୀୟ ଅଙ୍କିତଙ୍କ ପରିବାର ଲୋକେ ଏଫ୍‌ଆଇଆର୍ ଦେଇଥିଲେ। ସେବେଠୁ ଫେରାର ଥିବା ତାହିର ଗୁରୁବାର କୋର୍ଟରେ ହାଜର ହୋଇ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। କୋର୍ଟକୁ ଯିବାବେଳେ ଗଣମାଧ୍ୟମକୁ ତାହିର କହିଥିଲେ, ମୋର ଆଲ୍ଲା ଜାଣିଛନ୍ତି ମୁଁ ନିର୍ଦ୍ଦୋଷ ବୋଲି। ତେବେ ସେ କୋର୍ଟକୁ ଯାଉଥିବାବେଳେ ପୋଲିସ ଏସ୍‌ଆଇଟି ବାଟରେ ତାଙ୍କୁ ଗିରଫ କରିଥିଲା। ପ୍ରକାଶ ଯେ, ତାହିରଙ୍କ ବିରୋଧରେ ପୋଲିସ ୪ଟି ମାମଲା ରୁଜୁ କରି ତାଙ୍କ ଘରେ ତନାଘନା ଚଳାଇଥିଲା। ସେଠାରୁ ଦଙ୍ଗାରେ ବ୍ୟବହୃତ ମାରଣାସ୍ତ୍ର ଓ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଥିଲା। ଅନ୍ୟପକ୍ଷରେ ଦିଲ୍ଲୀ ଦଙ୍ଗାରେ ମୃତକଙ୍କ ସଂଖ୍ୟା ଗୁରୁବାର ୫୩ରେ ପହଞ୍ଚିଛି। ଜିଟିବି ହସ୍ପିଟାଲରେ ୪୪, ଆର୍‌ଏମ୍‌ଏଲ୍ ହସ୍ପିଟାଲରେ ୫, ଏଲ୍‌ଏଲ୍‌ଜେପି ହସ୍ପିଟାଲରେ ୩ ଏବଂ ଜଗ୍ ପ୍ରବେଶ ଚନ୍ଦ୍ର ହସ୍ପିଟାଲରେ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଏସ୍‌ସିବିରେ କରୋନା ଭୂତାଣୁ ପରୀକ୍ଷା ସୁବିଧା କରିବାକୁ ଦାବି

**ଭୁବନେଶ୍ୱର,୫।୩(ବ୍ୟୁରୋ):** ରାଜ୍ୟରେ ସମ୍ଭାବ୍ୟ କରୋନା ଭୂତାଣୁ ସଂକ୍ରମଣ ପ୍ରତିରୋଧ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଓ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଉଥିବାବେଳେ ଏବେ ସନ୍ଦିଗ୍ଧ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କରୋନା ଭୂତାଣୁ ପରୀକ୍ଷା ପାଇଁ ରାଜ୍ୟରେ କୌଣସି ସୁବିଧା ନ ଥିବାବେଳେ ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସିଠାରେ ଏଭଳି ସୁବିଧା ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ମିଳିଛି । ପୂର୍ବରୁ ରକ୍ତ ପରୀକ୍ଷା କରିବା ପାଇଁ ପୁଣେସ୍ଥିତ ଜାତୀୟ ଭାଇରୋଲୋଜି ପ୍ରତିଷ୍ଠାନକୁ ପଠାଯାଉଥିଲା । ଅନ୍ୟପକ୍ଷରେ ଆଗାମୀ ଦିନରେ ସନ୍ଦିଗ୍ଧ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ସମ୍ଭାବନା ରହିଥିବାରୁ ରକ୍ତ ନମୁନା ପରୀକ୍ଷା ପାଇଁ ଭିଡ଼ ବଢ଼ିପାରେ । ଏହି ସମସ୍ୟା ଏଡ଼ାଇବା ପାଇଁ ଆଜି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷ ବର୍ଦ୍ଧନଙ୍କୁ ଏକ ଚିଠି ଲେଖି ଏସ୍‌ସିବି ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍‌ଠାରେ କରୋନା ଭୂତାଣୁ ପରୀକ୍ଷଣ ପାଇଁ ଆବଶ୍ୟକ ଟେଷ୍ଟିଂ ଲ୍ୟାବ୍ ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିଛନ୍ତି। ଫଳରେ ଆଗାମୀ ଦିନରେ କରୋନା ସଂକ୍ରମଣ ମୁକାବିଲା ଦିଗରେ ଏହା ସହାୟକ ହୋଇପାରିବ ।

### ବିଜେଡି ସଂସଦୀୟ କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ

**ଭୁବନେଶ୍ୱର,୫।୩(ବ୍ୟୁରୋ):** ନୂଆଦିଲ୍ଲୀସ୍ଥିତ ପାର୍ଲାମେଣ୍ଟ ପରିସରରେ ବିଜୁ ଜନତା ଦଳର ସଂସଦୀୟ କାର୍ଯ୍ୟାଳୟ ମଧ୍ୟରେ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ଦିଲ୍ଲୀରେ ଉପସ୍ଥିତ ଥିବା ସମସ୍ତ ବିଜେଡି ଏମ୍‌ପି, ପାର୍ଲାମେଣ୍ଟର କେତେକ କର୍ମକର୍ତ୍ତା ଏବଂ ଅନ୍ୟ ଦଳର ଏମ୍‌ପିମାନେ ବିଜୁ ବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳୀୟ ଏମ୍‌ପି ପିନାକୀ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ସସ୍ମିତ ପାତ୍ର, ମହେଶ ସାହୁ, ଭର୍ତ୍ତୃହରି ମହତାବ, ଅନୁଭବ ମହାନ୍ତି ଏବଂ ଭାଜପା ଏମ୍‌ପି ସଂଗୀତା ସିଂଦେଓ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା।




# ନିରାପଦରେ ପହଞ୍ଚିଲେ ୯୭୫ ତୀର୍ଥଯାତ୍ରୀ

ବ୍ରହ୍ମପୁର ଅଫିସ,୫।୩

ଓଡ଼ିଶାର ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରା ସୁଯୋଗ ନିମିତ୍ତ ୨୦୧୬ରୁ ଶୁଭାରମ୍ଭ ହୋଇଥିବା ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ୧୪ତମ ପର୍ଯ୍ୟାୟ ଶେଷ ହୋଇଛି ଫେବୃୟାରୀ ୨୮ ତାରିଖରେ। ବ୍ରହ୍ମପୁର ଷ୍ଟେଶନ୍‌ରୁ ରାମେଶ୍ୱର, ମଦୁରାଇ ଓ ତିରୁପତି ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ନେଇ ଯାଇଥିବା ସ୍ୱତନ୍ତ୍ର ଟ୍ରେନ୍ ଗୁରୁବାର ଫେରିଛି। ଦକ୍ଷିଣ ଓଡ଼ିଶାର ୮ ଜିଲାର ୯୭୬ ବରିଷ୍ଠ ନାଗରିକଙ୍କୁ ନେଇ ତୀର୍ଥଯାତ୍ରାରେ ବାହାରିଥିବା ଏହି ଟ୍ରେନ ମଧ୍ୟାହ୍ନରେ ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିଥିଲା। କିନ୍ତୁ ଜଣେ ଯାତ୍ରୀ ନିଖୋଜ ଥିବାରୁ ୯୭୫ ଜଣ ଯାତ୍ରୀଙ୍କୁ ନେଇ ଫେରିଥିବା ଜଣାପଡ଼ିଛି।

ସେଠାରେ ଜିଲା ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ପୂର୍ବତନ ଜିଲା ପର୍ଯ୍ୟଟନ ଅଧିକାରୀ ସନାତନ ନାୟକ, ପାଇକାରୀ ଭଣ୍ଡାର ସଭାପତି ସୁଧୀର ରାଉତ ଓ ପର୍ଯ୍ୟଟନ ବିଭାଗ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ବ୍ରହ୍ମପୁର ଷ୍ଟେଶନରେ ଓହ୍ଲାଇବା ପରେ ଦକ୍ଷିଣ ଓଡ଼ିଶାର ୮ ଜିଲାରୁ ଆସିଥିବା ସମସ୍ତ ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ବସ୍ ବ୍ୟବସ୍ଥା କରାଯାଇଥିଲା।

### ଜଣେ ନିଖୋଜ


ବରିଷ୍ଠ ନାଗରିକମାନେ ବ୍ରହ୍ମପୁର ଷ୍ଟେଶନରୁ ଗନ୍ତବ୍ୟସ୍ଥଳକୁ ଫେରୁଛନ୍ତି।

ସୂଚନାଯୋଗ୍ୟ, ଫେବୃୟାରୀ ୨୮ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ୧୪ତମ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବ୍ରହ୍ମପୁର ରେଳଷ୍ଟେଶନରୁ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ୮ ଜିଲାର ୯୭୬ ବରିଷ୍ଠ ନାଗରିକଙ୍କ ସମେତ ୩୦ ପ୍ରଶାସନିକ ଅଧିକାରୀ ତିରୁପତି, ମଦୁରାଇ ଓ ରାମେଶ୍ୱର ଅଭିମୁଖେ ଯାଇଥିଲେ। ସେଥିମଧ୍ୟରେ କୋରାପୁଟ ୧୧୩, ନବରଙ୍ଗପୁର ୮୩, ମାଲକାନଗିରି ୫୩, କନ୍ଧମାଳ ୫୩, ବୌଦ୍ଧ ୩୦, ରାୟଗଡ଼ା ୯୭, ଗଜପତି ୫୯, ବ୍ରହ୍ମପୁର ମହାନଗର ସମେତ ଗଞ୍ଜାମରୁ ୪୮୮ଜଣ ତୀର୍ଥଯାତ୍ରୀ ରହିଥିଲେ।

# ଘରୋଇ ଯାତ୍ରୀବାହୀ ବସ୍‌କୁ ୬,୭୨,୪୪୫ ଟଙ୍କା ଜରିମାନା

ବୌଦ୍ଧ,୫।୩(ସ୍ୱ.ପ୍ର.)

ସାରା ରାଜ୍ୟରେ ଗାଡ଼ି ଯାଞ୍ଚ ଓ ଜରିମାନାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ୬ଲକ୍ଷ ୭୨ହଜାର ୪୪୫ ଟଙ୍କାର ଜରିମାନା କରାଯାଇଛି।

ଗତ ୩ ତାରିଖରେ ବୌଦ୍ଧ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସହର ଠାରୁ ୧୦ କିମି ଦୂର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଲାଣ୍ଡିବନ୍ଧଠାରେ ଗାଡି ମୋଟରର କାଗଜପତ୍ର ଯାଞ୍ଚ କରାଯାଉଥିଲା। ଏହି ସମୟରେ ଭୁବନେଶ୍ୱରରୁ ସକାଳୁ ପ୍ରତିଦିନ ବୌଦ୍ଧକୁ ଆସୁଥିବା ଯାତ୍ରୀବାହୀ ବସ୍ ମିନାର (ନଂ.ଓଡି୦୨ଏକେ/୬୧୯୯)କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବସ୍‌ର ରୋଡ୍ ପରମିଟ, ଫିଟ୍‌ନେସ, ଟ୍ୟାକ୍ସ, ଇନସ୍ୟୁରାନ୍ସ କାଗଜପତ୍ର ଠିକ୍ ନ ଥିବା ଜଣାପଡିଥିଲା। ଗାଡ଼ିଟି ୫ଟି ନିୟମ ଉଲ୍ଲଘଂନ କରିଥିବାରୁ ପରିବହନ ଅଧିକାରୀମାନେ ୬ଲକ୍ଷ ୭୨ହଜାର ୪୪୫ ଟଙ୍କାର ଫାଇନ କାଟିଥିଲେ। ଏତେ ଟଙ୍କାର ଫାଇନ ଓଡ଼ିଶାରେ ସର୍ବାଧିକ ବୋଲି ଜଣାପଡିଛି। ଉକ୍ତ ଘରୋଇ ବସ୍‌କୁ ଫାଇନ ସହ ଜବତ କରାଯାଇଛି। ବସ୍ ମାଲିକ ଭୁବନେଶ୍ୱରର ବୋଲି ବୌଦ୍ଧ ଆଞ୍ଚଳିକ ପରିବହନ ଅଧିକାରୀ ଅମରେଶ କୁମାର ପାତ୍ର ସୂଚନା ଦେଇଛନ୍ତି। ଯାଞ୍ଚ ସମୟରେ ଟ୍ରାଫିକ ଇନ୍ସପେକ୍ଟର ସୁଧୀର କୁମାର ଖାଲ୍‌କେ, ଅତିରିକ୍ତ ପରିବହନ ଅଧିକାରୀ ଫାଲକୁ ମୁର୍ମୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।


ଜବତ ବସ୍ ଓ କଟାଯାଇଥିବା ଚାଲାଣ।

## ୨ନାବାଳକଙ୍କ ଗାଡ଼ି ଚାଳନା, ୬୦ ହଜାର ଟଙ୍କା ଜରିମାନା

ସମ୍ବଲପୁର,୫।୩(ବ୍ୟୁରୋ)

ସମ୍ବଲପୁର ଜିଲାରେ ଗାଡି ଯାଞ୍ଚ କଡ଼ାକଡି ଭାବେ କରାଯାଉଛି। ଗୁରୁବାର ଅଇଁଠାପାଲି ଥାନା ସିଟିସ୍କୁଲ ଛକ ନିକଟରେ ପୋଲିସର ଗାଡ଼ି ଯାଞ୍ଚ ବେଳେ ୨ ନାବାଳକ ଧରାପଡିଥିଲେ। ପୋଲିସ ଉଭୟ ନାବାଳକଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଛି। ନାବାଳକ ହୋଇ ଗାଡି ଚାଳନା ଅଭିଯୋଗରେ ୨୫ ହଜାର ଟଙ୍କା ଫାଇନ କରାଯାଇଥିବା ବେଳେ ବିନା ଲାଇସେନ୍ସ ପାଇଁ ୫ ହଜାର ଟଙ୍କା ଲେଖାଏଁ ଉଭୟଙ୍କଠାରୁ ମୋଟ ୬୦ ହଜାର ଟଙ୍କା ଚାଲାଣ କଟାଯାଇଛି। ନାବାଳକଦ୍ୱୟ କ୍ଷେତରାଜପୁର ଥାନା ଅଞ୍ଚଳର ବୋଲି ଜଣାପଡିଛି। ଅନ୍ୟପକ୍ଷେ ନିଶାଦ୍ରବ୍ୟ ସେବନ କରି ଗାଡି ଚଲାଇଉଥିବା ଅଭିଯୋଗରେ ପୋଲିସ ୩ ଜଣଙ୍କ ଗିରଫ କରିଛି। ଗୁରୁବାର ସହରର ଚାଆଁରପୁର ଛକ, ଜେଲଛକରେ ପୋଲିସ ପକ୍ଷରୁ ଗାଡି ଯାଞ୍ଚ କରାଯାଉଥିଲା।

### ଲୁହାପଥର ବୋଝେଇ ଗାଡ଼ି ଜବତ, ୨ ଗିରଫ

**ବିଶୋଇ,୫।୩(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବିଶୋଇ ଅଞ୍ଚଳରେ ଦୀର୍ଘଦିନ ହେବ ବେଆଇନ ଲୁହାପଥର ଚାଲାଣ ହୋଇ ଆସୁଛି। ଗୁରୁବାର ସ୍ଥାନୀୟ ବନ ବିଭାଗ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚାଲାଣରେ ବ୍ୟବହୃତ ଏକ ଟ୍ରାକ୍ଟର ଓ ହାଇୱାକୁ ଜବତ କରିଛି। ଗିରଫ ୨ ଅଭିଯୁକ୍ତ ଝାଡ଼ଖଣ୍ଡର ସଢେଇକଳା ଖରସୁଆଁ ଜିଲାସ୍ଥିତ ଆଦିତ୍ୟପୁରର ଆଶୁତୋଷ ସିଂ ଓ ରଣବିଜୟ ସିଂ। ଅଭିଯୁକ୍ତ ଦ୍ୱୟ ବିଶୋଇ ଫରେଷ୍ଟ ରେଞ୍ଜ ଅଧୀନ ଦ୍ୱାରଶୁଣି ଓ ହାତୀଛାଡ଼ ଗ୍ରାମ ନିକଟସ୍ଥ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ ନଂ.୪ରୁ ଏକ ଟ୍ରାକ୍ଟର ଓ ହାଇୱାରେ ବେଆଇନ ଲୁହାପଥର ଲୋଡିଂ କରୁଥିଲେ।






**କିଛି ତଥ୍ୟ**
୨୦୧୯ରେ ଭାରତରେ ୫,୯୮୬ ଅଲ୍‌ଟ୍ରା ହାଇନେଟ୍‌ଓ୍ୱର୍ଥ ଇଣ୍ଡିଭିଜୁଆଲ ବା ଅତିଧନୀ ବ୍ୟକ୍ତି ବସବାସ କରୁଛନ୍ତି। ଆଗାମୀ ୫ ବର୍ଷରେ ଏଥିରେ ୭୩% ବୃଦ୍ଧି ଘଟିବା ନେଇ ଆକଳନ କରାଯାଇଛି।
– ନାଇଟ ଫ୍ରାଙ୍କସ ଓ୍ୱେଲ୍‌ଥ ରିପୋର୍ଟ–୨୦୨୦

**ଆଜିର ମନ୍ତବ୍ୟ**
ଆଇନ ପ୍ରବର୍ତ୍ତନରେ ପୋଲିସ ଫେଲ ହେଲେ ଗଣତନ୍ତ୍ର ବିଫଳ ହୋଇଯାଏ।
– ଅଜିତ ଡୋଭାଲ, ଜାତୀୟ ସୁରକ୍ଷା ପରାମର୍ଶଦାତା




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:..................................
ଜନ୍ମ ତାରିଖ: ...............................



ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




କଟକ ବାଲିଯାତ୍ରା ପଡ଼ିଆରେ ଗୁରୁବାର ଅନୁଷ୍ଠିତ ସମାବେଶରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

## ପ୍ରଥମ ପୃଷ୍ଠାରୁ...

### ବିଶ୍ୱସ୍ତରୀୟ ଚିକିତ୍ସା...

ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ, ପାନୀୟ ଜଳ, ସହରାଞ୍ଚଳ ବିକାଶ ସହ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଅନେକ ଜନକଲ୍ୟାଣକାରୀ ଯୋଜନା ଆଜି ସଫଳ ହୋଇଛି। ଏହାର ଲାଭ ସାଢେ ୪କୋଟି ଓଡ଼ିଶାବାସୀ ପାଉଛନ୍ତି ବୋଲି ମନ୍ତ୍ରୀମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ୫–ଟି ସଚିବ ଭି.କେ. ପାଣ୍ଡିଆନ, ଆରଡିସି ଅନିଲ ସାମଲ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ବହୁ ଏମ୍‌ପି, ବିଧାୟକ ଏବଂ ବିଭିନ୍ନ ନିଗମର ଅଧ୍ୟକ୍ଷ ଉପସ୍ଥିତ ଥିଲେ। କୁନା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମନ୍ତ୍ରୀ ନବକିଶୋର ଦାସ ସ୍ୱାଗତ ଭାଷଣ ଓ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ୨୦ ତାରିଖ...

ସେମାନଙ୍କ ଓକିଲମାନେ ଯଥାସମ୍ଭବ ଉଦ୍ୟମ ଜାରି ରଖିଥିଲେ। ରାଜକ୍ଷମା ପାଇଁ ମଧ୍ୟ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରିଥିଲେ ଜଣ ଜଣ କରି ସମସ୍ତଙ୍କ ମର୍ସି ପିଟିଶନ। ପବନଙ୍କ ପିଟିଶନ ଥିଲା ମୃତ୍ୟୁରୁ ବର୍ତ୍ତିଯିବା ପାଇଁ ଶେଷ ଆବେଦନ, ଯାହାକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ଖାରଜ କରିଦେଇଥିଲେ। ଏହା ପୂର୍ବରୁ ଜାନୁୟାରୀ ୨୨, ଫେବୃୟାରୀ ୧ ଓ ମାର୍ଚ୍ଚ ୩ ଏହିପରି ଭାବେ ତିନିଥର ଜାରି ହୋଇଥିଲା ଡେଥ୍ ଓ୍ୱାରେଣ୍ଟ। ଆଇନଗତ ବିକଳ୍ପ ବାକି ଥିବା ଦର୍ଶାଇ ଦୋଷୀମାନେ ଥର ଥର କରି ଫାଶୀ ରୋକିବାକୁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ମଧ୍ୟ ସେମାନଙ୍କ କଥା ଶୁଣି କହିଥିଲେ, ଯାହା ବାଟ ବାକି ଅଛି ଆପଣାଇ ନିଅ। ପରେ କିନ୍ତୁ ଆଉ କିଛି ବାହାନା ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଦେଇଥିଲେ। ପବନଙ୍କ ରାଜକ୍ଷମା ଆବେଦନ ବୁଧବାର ଖାରଜ ହୋଇଯିବା ପରେ ଦିଲ୍ଲୀ ସରକାର ତତ୍ପରତା ଦେଖାଇ କୋର୍ଟକୁ ଗଲେ। ସବୁ ବିକଳ୍ପ ଶେଷ ହୋଇଯାଇଛି। ତେଣୁ ସେମାନଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ଡେଥ୍ ଓ୍ୱାରେଣ୍ଟ ଜାରି କରାଯାଉ ବୋଲି ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏଥର ସେମାନଙ୍କ ଓକିଲ ମଧ୍ୟ ଅଦାଲତରେ ହାତ ଟେକି ଦେଇଥିଲେ। ତେଣୁ ଡେଥ୍ ଓ୍ୱାରେଣ୍ଟ ପାଇଁ ଆଉ କିଛି ପ୍ରତିବନ୍ଧକ ନ ଥିଲା। ଶେଷରେ ବିଚାରପତି ଧର୍ମେନ୍ଦ୍ର ରାଣା ମାର୍ଚ୍ଚ ୨୦ ତାରିଖ ସକାଳ ୫ଟା ୩୦ ମିନିଟରେ ଫାଶୀ ପାଇଁ ଇସ୍ୟୁ କରିଛନ୍ତି ସମ୍ଭବତଃ ଶେଷ ଓ୍ୱାରେଣ୍ଟ।

ଟୁଇଟ୍ ଟିକୁ ମଧ୍ୟ ରିଟୁଇଟ୍ କରିଛନ୍ତି। ସେହିପରି ନିଜ ପିତାଙ୍କ ଜନ୍ମ ଦିବସରେ ମୁଖ୍ୟମନ୍ତ୍ରୀ ମଧ୍ୟ ଟୁଇଟ୍ କରି ବିଜୁବାବୁଙ୍କ ସ୍ମୃତି ଚାରଣ କରିଛନ୍ତି। ବିଜୁବାବୁଙ୍କ ଜନ୍ମଦିନ ଅବସରରେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମର ଫଟୋ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଆକାଉଣ୍ଟରୁ ଅପଲୋଡ୍ କରାଯାଇଛି।

### ନାଳକୁ ଖସିଲା...

ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ପ୍ରାୟ ୨ଘଣ୍ଟା ବିଳମ୍ବରେ ଦମକଳ ଘଟଣାସ୍ଥଳକୁ ଆସି ଉଭୟଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲା । ମୃତଦେହକୁ ବୀରମହାରାଜପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ସୁବଳୟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏନେଇ ମୃତ ଲକ୍ଷ୍ମୀକାନ୍ତଙ୍କ ଶାଳକଙ୍କ ଅଭିଯୋଗ ଆଧାରରେ ସୁବଳୟା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୦) ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଦୀପ ପଧାନ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଡ୍ରାଇଭର ବଳରାମଙ୍କ ଘର ବରଗଡ ଅଞ୍ଚଳର ହୋଇଥିବା ବେଳେ ସେ ନିଜ ଶ୍ୱଶୁର ଘର ଚାରମାଳ ଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମରେ ରହୁଥିଲେ। ଅନ୍ୟ ମୃତକ ଲକ୍ଷ୍ମୀକାନ୍ତଙ୍କ ଘର ଖଣ୍ଡହତା ପଞ୍ଚାୟତର ବଡକିରାସିରା ଗ୍ରାମରେ ।

### ବିଜୁଙ୍କୁ ପ୍ରଧାନମନ୍ତ୍ରୀଙ୍କ...

ପାଇଁ ଟାଟା ନିଯୁକ୍ତି ଦେଇପାରେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ବିଜୁଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏପରି ଶ୍ରଦ୍ଧାଞ୍ଜଳି ସାମାଜିକ ଗଣମାଧ୍ୟମରେ ବହୁଳଭାବେ ଆଦର କରାଯାଇଛି। ଏହାକୁ ହଜାର ହଜାର ସଂଖ୍ୟାରେ ଲାଇକ୍, ଶେୟାର ଏବଂ ରି–ଟୁଇଟ୍ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି



ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

# ମନ୍ତ୍ରୀଙ୍କ ଭାଷଣରେ ଚିହିଁକି ଉଠିଲା ଭାଜପା

ଭୁବନେଶ୍ୱର,୫।୩(ବ୍ୟୁରୋ)

ସରକାରୀ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମ୍ବିଧାନ ବିରୋଧୀ ମନ୍ତବ୍ୟ ରଖିଥିବା ଭାଜପା ଅଭିଯୋଗ କରିବା ସହିତ କଡା ପ୍ରତିକ୍ରିୟା ପ୍ରକାଶ କରିଛି। ସୂଚନାଯୋଗ୍ୟ ଯେ, ବାଲିଯାତ୍ରା ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ କରିବା ପାଇଁ ପ୍ରସ୍ତାବିତ ପ୍ରକଳ୍ପର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩ଜଣ ମନ୍ତ୍ରୀ କହିବାକୁ ସୁଯୋଗ ପାଇଥିଲେ। ଏହି ଅବସରରେ କହିବାକୁ ସୁଯୋଗ ପାଇଥିବା ମନ୍ତ୍ରୀ ସ୍ୱାଇଁ ଭାଜପା ବୋଲି ଉଚ୍ଚାରଣ କରିନାହାନ୍ତି ସତ ହେଲେ ମନଇଚ୍ଛା ସମାଲୋଚନା କରି ଭାଜପାର ନିଦ ହଜାଇ ଦେଇଛନ୍ତି। ଧର୍ମ ନାଁରେ ଭାଜପା ଦେଶ ବିଭାଜିତ କରିବାକୁ ଚାହୁଁଥିବା କହିଛନ୍ତି। ଏହାସହ ଦଳ ଝାଡଖଣ୍ଡ, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ଉଚିତ ଜବାବ ପାଇଥିବା ସ୍ୱାଇଁ କହିବା ପରେ ଭାଜପା ଚିହିଁକି ଉଠିଛି।ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପଷ୍ଟୀକରଣ ରଖନ୍ତୁ। କଟକଠାରେ ଆୟୋଜିତ କାର୍ଯ୍ୟକ୍ରମ ଦଳୀୟ ନା ସରକାରୀ ଥିଲା ତାହା ସ୍ପଷ୍ଟ କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭାଜପା ସାମ୍ପ୍ରଦାୟିକ ମନୋଭାବ ସୃଷ୍ଟି କରୁଥିବା ଏବଂ ମହାରାଷ୍ଟ୍ର ରାଜ୍ୟପାଳଙ୍କୁ ସମାଲୋଚନା କରିବା ଜଣେ ମନ୍ତ୍ରୀଙ୍କ ପକ୍ଷେ ଶୋଭନୀୟ ନୁହେଁ। ଏକ ରାଜନୈତିକ ମଞ୍ଚରୁ ସମ୍ବିଧାନ ବିରୋଧୀ ମନ୍ତବ୍ୟ ଦେବା ଅତ୍ୟନ୍ତ ନିନ୍ଦନୀୟ। ଦଳ ତରଫରୁ ଏଭଳି ମନ୍ତବ୍ୟକୁ ନିନ୍ଦା କରାଯାଉଛି। ନିଜର ବିଫଳତାକୁ ଲୁଚାଇବାକୁ ଯାଇ ଏକ ସରକାରୀ ମଞ୍ଚରେ ମନ୍ତ୍ରୀ ରାଜନୈତିକ ବିବାଦ ତିଆରି କରିବା କେତେ ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି। କିଛିଦିନ ତଳେ ଟ୍ରେଡ୍ ୟୁନିୟନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହି ଆନ୍ଦୋଳନରେ ବିଜେଡି ସାମିଲ ହେବ ବୋଲି ସମ୍ପୃକ୍ତ ମନ୍ତ୍ରୀ କହିବା ପରେ ବିଭିନ୍ନ ଚର୍ଚ୍ଚା ଚାଲିଥିଲା। ଏନେଇ ଦଳ ପରବର୍ତ୍ତୀ ସମୟରେ ହଟହଟାର ଶିକାର ହୋଇଥିଲା। ରାଜନୀତିରେ ବାଦବିବାଦର ସ୍ଥାନ ଅଛି, ହେଲେ କେଉଁଠି କୁହାଯିବ ତାହା ଜଣେ ରାଜନୈତିକ ବ୍ୟକ୍ତି ଜାଣିବା ଉଚିତ। ସରକାରୀ କାର୍ଯ୍ୟକ୍ରମରେ ମଞ୍ଚରେ ଭାଜପାକୁ ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲେ ଦଳ ପକ୍ଷରୁ ତାହାର ଉତ୍ତର ଦିଆଯାଇଥାନ୍ତା। ମାତ୍ର ମଞ୍ଚ ଉପରୁ ଏଭଳି ବୟାନବାଜି ନିନ୍ଦନୀୟ ବୋଲି ଗୋଲକ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ରାହୁଯୁକ୍ତ ଚନ୍ଦ୍ରଜନିତ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହି ନ ପାରେ। ଦ୍ୱିଜା ନକ୍ଷତ୍ର ସକାଶେ ଅର୍ଥ ଲାଭ, ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ଉପକୃତ ହେବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ଶନି ଓ ରବିଙ୍କ ପାରସ୍ପରିକ ଶତ୍ରୁତାଜନିତ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା ସହ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ**
ସପ୍ତମସ୍ଥ କେତୁଯୁକ୍ତ ବୃହସ୍ପତି ହେତୁ ଯାତ୍ରାରେ ଲକ୍ଷ୍ୟ ହାସଲ କରିବା କଷ୍ଟକର ହୋଇପାରେ। ନିଜର ଇଚ୍ଛା ଅନୁଯାୟୀ କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ସମସ୍ୟା ଆସିପାରେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ**
ଦ୍ୱାଦଶସ୍ଥ ଗ୍ରହଜନିତ ଆଜି ଆର୍ଥିକ ସ୍ଥିତି ବହୁତ ଭଲ ରହିବ କିନ୍ତୁ ଦୂରଯାତ୍ରା ସହ ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ବନ୍ଧୁ ଜରିଆରେ ଆକସ୍ମିକ ଭାବରେ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହୋଇପାରନ୍ତି।

**ସିଂହ**
ରବି ଓ ଚନ୍ଦ୍ର ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ସମସ୍ୟା ଆସିଲେ ମଧ୍ୟ ଆପଣ ଉପସ୍ଥିତ ବୁଦ୍ଧିପ୍ରୟୋଗ କରି କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। ଅପରାହ୍ନରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ଅବଶ୍ୟ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଅଧିକାଂଶ ସମୟ ବିତିବ ।

**କନ୍ୟା**
ଆଜି ଆପଣଙ୍କ କାମ ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ବୁଝାମଣା ଠିକ୍ ନ ରହିବା କାରଣରୁ କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡିପାରେ।

**ତୁଳା**
ନିଜର ସମସ୍ୟା ବିଷୟରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଦେଖାଦେଇପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା**
ଅଷ୍ଟମାଧିପତି ଚତୁର୍ଥସ୍ଥ ହେତୁ ପରିବାରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କଳା, ସାହିତ୍ୟ,ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ସାହିତ୍ୟ ସ୍ଥଗିତକାର୍ଯ୍ୟ ଆରମ୍ଭ କରିବା ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**ଧନୁ**
କର୍ମାଧିପ ବୁଧ ସ୍ୱରାଶିରୁ ଷଷ୍ଠସ୍ଥ ଯୋଗୁ ଆଜିର କର୍ମକ୍ଷେତ୍ରରେ ଆଲୋଚନା ଅମୀମାଂସୀତ ରହିପାରେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଶତ୍ରୁତା କାରଣରୁ ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**
ମଙ୍ଗଳଗ୍ରହ ନିଜରାଶି ମେଷରୁ ଅଷ୍ଟମରେ ଥିବାରୁ ଆଜି ସାଧାରଣ କଥାକୁ କେନ୍ଦ୍ର କରି କଳହର ସମ୍ମୁଖୀନ ହୋଇପାରନ୍ତି। ଅତ୍ୟାବଶ୍ୟକ ଜିନିଷଗୁଡିକୁ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ**
ରାଶିରେ ବୁଧ ଓ ଧନସ୍ଥାନରେ ଶୁକ୍ରଥିବାରୁ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାଖ ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କିନ୍ତୁ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି ।

**ମୀନ**
ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ । ଗତକାଲିଠାରୁ ନିଜର ଲୋକ ମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାପର ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିବେ। ପାଖପଡୋଶୀଙ୍କ ସହାୟତାରେ ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ।

ଆଜି ଫାଲ୍‌ଗୁନ ଶୁକ୍ଳପକ୍ଷର ସର୍ବସମ୍ମତ ପାପନାଶିନୀ ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର, ମାର୍ଚ୍ଚ ୬ ତାରିଖ, ରାଶିନକ୍ଷତ୍ର–ଦିବା ଘ୧୧।୦୪ମି. ଗତେ, ପୁଷ୍ୟା/କର୍କଟ, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଏକାଦଶୀ ଉପବାସ, ଦିବା ଘ.୭।୪୦ମି. ମଧ୍ୟେ ଘ.୮।୨୬ମି. ଗତେ, ଘ.୧୦।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୩୪ମି. ଗତେ ଘ.୯।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୩୦ମି. ଗତେ ଘ.୧୧।୫୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

Hyundai Elantra, Volkswagen Vento, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498



**SALE**

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/-ରେ ମିଳୁଛି। 9937065503, 8249005131, 9337061817. D-68500

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

ଭୁବନେଶ୍ୱର **Tamando**ରେ **30'**ରାସ୍ତା ଥାଇ/ **C.V Raman NH**କୁ ଲାଗି ପ୍ଲଟ୍ କିଣନ୍ତୁ। **9348767829.** D-68499

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଣୀରେ gharabari boundary Patta plot-499/-, 7077730754. D-69103

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

Ready resale 2BHK-45lakhs, Nandan Vihar, Patia and 3BHK-65 lakhs flats, Damana, 7008346486. D-69238

3BHK flat in Nirmal Plaza, Forest Park, Bhubaneswar for immediate sale. Contact: 9437062777. D-17029

**3152Sqft. store + 700sqft. common area (252sqft. staircase+ 448sqft. ground floor) available for rent @ Handidhua, Talcher. Contact/ WhatsApp- Ashutosh: 9538721212.** D-17012

**2BHK earthquake proof quality flats in Avantika Apartment near Gokul residency on GGP Pandara road touching Puri Highway for sale. Contact- 9437396718, 8763935874 during office hours immediately.** D-68072



2BHK flat with parking at Lingipur rent family. Contact: 7894381416. D-59945

**Four storied bulding on 6500sqft. Godown/ Shops, Ground Floor, Suitable for Bank/ Hospital/Collage/ Others at Hi-Tech Chhak Sunderpada, 9437926044.** D-16922



Experience full body massage by home service available, 7377196618, 9090535504. D-16990

Ayurvedic refreshment massage therapy refresh mind and body. Appointment: 7894855541. D-69301

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment-9668374480. D-69235

Ayurvedic full body massage ladies/gents smart experts therapist:- 8480939300. D-68795

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

Ayurvedic full body massage ladies and gents. Contact- 9861064981. D-68794

Newly open full body massage by ladies, gents therapist. 8018656899 D-60878

Monalisa Massage Club: All types body massage with hiprofile smart lady rooms service available- 9708545108. D-17005

**LOST**

I Jayanta Kumar, R/o- Danipali, Dist- Sambalpur have lost my original Sale Deed No. 776/2005, ROR No.685. If found kindly contact- 9337235197. D-17033


**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



କ୍ରିଷ୍ଣା (ଗୁଡୁ)
ଗ୍ରାମ: ଭିଲିଗ୍ରାମ, ନିମାପଡ଼ା, ପୁରୀ
ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଭବିଷ୍ୟତ ଚଲାପଥ କୁସୁମିତ ହେଉ ଏବଂ ଠାକୁର ତୋତେ ସୁସ୍ଥ, ନୀରୋଗ ରଖନ୍ତୁ। ଭଲ ମଣିଷଟିଏ ହୋଇ ସୁଖ୍ୟାତି ଅର୍ଜନ କର।
–:ଶୁଭେଚ୍ଛା ସହ:–
ମାଆ– ବିଜୟଲକ୍ଷ୍ମୀ, ବାପା– ଶରତ, ବଡ଼ବୋଉ–ବିଳାସ, ବଡ଼ବାପା– ଚରଣ, ବନ୍ଧୁ ଓ ପରିବାରବର୍ଗ
ଧ–୧୭୦୩୫


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I Parmila Das Spouse of two Biswanath Das resident of Lokanath road, Hatishal, Puri have changed my name from Parmila Das to Pramila Das as per affidavit signed by Magistrate on 02 March 2020. D-69015

By Virtue of an affidavit sworn before Executive Magistrate, Barbil, Dist. Keonjhar I Sushila Kumari Somani, W/o. Navin Somani, At- Barbil, Near-Utkal, PO/PS- Barbil, Dist- Keonjhar declared that: In my SBI life policy my name is written as Mrs. Sushila Kumari Somani, In all my School Certificates my name is recorded as Sushila Kumari, In my Aadhaar Card, Pan Card and Bank Pass Book my name is written as Baby Somani and in my Voter Id card my name is written as Bebi Somani. That "Mrs Sushila Kumari Somani" "Sushila Kumari" "Baby Somani" and "Bebi Somani" are the names of one and same woman who is the deponent. I swear this affidavit to produce before the concerned authority of SBI life Insurance company Ltd. D-17036

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## ସଂକ୍ଷେପରେ

### ଦୁର୍ଘଟଣାରୁ ବର୍ତ୍ତିଲା ଏଲ୍‌ଟିଟି ଏକ୍ସପ୍ରେସ୍
ରେଳ ଧାରଣାରେ ଫାଟ



**ଢେଙ୍କାନାଳ ଅଫିସ, ୫ା୩:** ଭାଗ୍ୟ ସହାୟ ହେଲା । ରେଳଧାରଣାରେ ସୃଷ୍ଟି ହୋଇଥିବା ଫାଟକୁ କୌଣସି ମତେ ଅତିକ୍ରମ କରିଗଲା ଲୋକମାନ୍ୟ ତିଳକ (ଏଲ୍‌ଟିଟି) ସୁପରଫାଷ୍ଟ ଏକ୍ସପ୍ରେସ୍ । ଫାଟ ଅତିକ୍ରମ କରିବା ସମୟରେ ଟ୍ରେନ୍ ଦୋହଲିଥିଲେ ମଧ୍ୟ କାହାରି କ୍ଷତି ହୋଇନାହିଁ । ଢେଙ୍କାନାଳ ଜିଲା ମହାଦିଆ ପାସେଞ୍ଜର ହଲ୍‌ଟ ନିକଟରେ ଗୁରୁବାର ସକାଳେ ଘଟିଥିବା ଏହି ଘଟଣା ଆଲୋଚନାର ବିଷୟ ହୋଇଛି । ଓଡ଼ାପଡା ବ୍ଲକ ସଦାଶିବପୁର-ହିନ୍ଦୋଳ ରୋଡ୍ ମଧ୍ୟରେ ରହିଛି ମହାଦିଆ ପାସେଞ୍ଜର ହଲ୍‌ଟ । ଏହାର ଅନତି ଦୂରରେ ରେଳ ଧାରଣା ଦୁଇଖଣ୍ଡ ହୋଇଯାଇଯାଇଥିଲା । ତେବେ କୌଣସିମତେ ସକାଳ ୬ଟାରେ ବମ୍ବେ-ଭୁବନେଶ୍ୱର ଲୋକମାନ୍ୟ ତିଳକ ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରାକ୍ ଅତିକ୍ରମ କରିଯାଇଥିଲା । ଉପସ୍ଥିତ କେତେଜଣ ଏ ନେଇ ରେଲଓ୍ୱେ ଫାଟକ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସୂଚନା ଦେବାପରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଯୁଦ୍ଧକାଳୀନ ଭିତ୍ତିରେ ଟ୍ରାକ୍ ମରାମତି କରିଥିଲେ ।

# 'ଗଣତନ୍ତ୍ରରେ ସାଧାରଣ ଲୋକ ହିଁ ମାଲିକ'

## ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ମାର୍ଚ୍ଚ ୫କୁ ପଞ୍ଚାୟତିରାଜ, ଲୋକସେବା ଦିବସ ଭାବେ ପାଳନ କରାଯିବ
- ସବୁ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବାକୁ ହିତାଧିକାରୀଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ
- ଆରମ୍ଭ ହେଲା ପକ୍କାଘର ଯୋଗ୍ୟତା କାର୍ଡ କାର୍ଯ୍ୟକ୍ରମ
- ୪ ବର୍ଷରେ ୨୦ ଲକ୍ଷ ଲୋକଙ୍କୁ ପକ୍କାଘର ଯୋଗାଇବା ଲକ୍ଷ୍ୟ

**ଭୁବନେଶ୍ୱର,୫ା୩(ବ୍ୟୁରୋ)**

ଗଣତନ୍ତ୍ରରେ ଲୋକ ହିଁ ଶ୍ରେଷ୍ଠ । ସାଧାରଣ ଲୋକ ହିଁ ମାଲିକ । ବିଜୁବାବୁ ସବୁବେଳେ ସାଧାରଣ ଲୋକଙ୍କ ହକ୍‌କୁ ଅଗ୍ରାଧିକାର ଦେଉଥିଲେ । ଏହାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଭାବେ ପାଳନ କରିବେ । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଗୁରୁବାର ଲୋକସେବା ଭବନ କନ୍‌ଭେନଶନ ହଲଠାରେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ବିଜୁ ବାବୁଙ୍କର ସ୍ୱପ୍ନ ଥିଲା 'ମୁଁ ଚାହେଁ ଯେ ମୋ ରାଜ୍ୟର ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ନାଗରିକର ମୁଣ୍ଡ ଉପରେ ଖଣ୍ଡେ ଭଲ ଛାତ ଥାଉ' । ଅର୍ଥାତ୍ ସମସ୍ତଙ୍କ ପାଇଁ ପକ୍କାଘର ହେଉ । ଖୁସିର କଥା ଏ ଦିଗରେ ଆମେ ଅନେକ ବାଟ ଆସିପାରିଛୁ । ଏ ପର୍ଯ୍ୟନ୍ତ ୨୫ ଲକ୍ଷ ଲୋକଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି । ଆସନ୍ତା ୪ ବର୍ଷ ମଧ୍ୟରେ ଆଉ ୨୦ ଲକ୍ଷ ଲୋକଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ୨୦ ଲକ୍ଷ ପକ୍କାଘର ପାଇଁ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରି ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୋ ସରକାର କଥା ନୁହେଁ, କାମରେ ବିଶ୍ୱାସ କରେ । ପକ୍କାଘର ଯୋଗ୍ୟତା କାର୍ଡ ପାଇଁ ଶୁଭେଚ୍ଛା ଜଣାଇବା ସହ ଠିକ୍ ସମୟରେ ଘର ତିଆରି କରି ଓଡ଼ିଶାର ସବୁ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବା ଦିଗରେ ସରକାରଙ୍କ ଉଦ୍ୟମକୁ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ଅନୁରୋଧ କରିଛନ୍ତି ।



ଲୋକ ସେବା ଭବନସ୍ଥିତ କନ୍‌ଭେନଶନ ହଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳର ଯୋଗ୍ୟ ବିବେଚିତ ୨୦ ଲକ୍ଷ ପରିବାରକୁ 'ପକ୍କାଘର ଯୋଗ୍ୟତା କାର୍ଡ' ଅଧିକାର ପତ୍ର ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ଅବସରରେ ୯ ଜଣ ହିତାଧିକାରୀଙ୍କୁ ପକ୍କାଘର 'ଯୋଗ୍ୟତା କାର୍ଡ ଅଧିକାର' ପତ୍ର ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ସରକାରଙ୍କ ବିଭିନ୍ନ ବିଭାଗ ମାଧ୍ୟମରେ ସମନ୍ୱୟ ରକ୍ଷା କରି ଉତ୍ତମ ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

୫-ଟି ପ୍ରୟାସ ଅନ୍ତର୍ଗତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଅନ୍‌ଲାଇନ କେସ ରେକର୍ଡ ପରିଚାଳନା ଏବଂ ଆମ ଘର ମୋବାଇଲ ଆପ୍‌ର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ କରିଥିଲେ । ଏହି ଅନ୍‌ଲାଇନ କେସ୍ ରେକର୍ଡ ପରିଚାଳନା ମାଧ୍ୟମରେ ହିତାଧିକାରୀମାନେ ବ୍ୟକ୍ତିଗତଭାବେ ଗ୍ରାମୀଣ ବାସଗୃହ ଯୋଗାଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇ ପାରିବେ । ପୁନଶ୍ଚ ଆମ ଘର ମୋବାଇଲ ଆପ୍ ମାଧ୍ୟମରେ ଗୃହ ନିର୍ମାଣ ନିମନ୍ତେ ଥିବା ବିଭିନ୍ନ କିସ୍ତିଗୁଡ଼ିକର ପ୍ରକ୍ରିୟା ଏବଂ ଫଟୋ ଅପଲୋଡ୍ କରାଯାଇ ପାରିବ ।

ଏହି ଅବସରରେ ଗ୍ରାମୀଣ ବାସଗୃହ ଯୋଜନାରେ ରାଜ୍ୟରେ ଉପକୃତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କ ୨୧ଟି ସଫଳ କାହାଣୀକୁ ନେଇ ସଙ୍କଳନ ହୋଇଥିବା 'କଫି ଟେବୁଲ ବୁକ'କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି । ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାର ୪ଟି ବିଭାଗ ଯଥା ସ୍କୁଲ ଓ ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ଅଧୀନରେ ଥିବା ସରକାରୀ, ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ ଓ ରକ୍ଷଣା ବେକ୍ଷଣ କାର୍ଯ୍ୟ ଏଣିକି ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଦ୍ୱାରା କରାଯିବ । ଏଥିପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ସହ ପଞ୍ଚାୟତିରାଜ ବିଭାଗ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ପଞ୍ଚାୟତିରାଜ ବିଭାଗ ସଚିବ ଦେଓ ରଞ୍ଜନ କୁମାର ସିଂ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ମଣ୍ଡଳ ସଦସ୍ୟ, ଏମପି, ବିଧାୟକ, ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଆଜି କ'ଣ କେଉଁଠି

**ବୌଦ୍ଧ**
- ସୁଦସାହି ଭଗବତ କମିଟି ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ, ଭଗବତ ମନ୍ଦିର ପ୍ରାଙ୍ଗଣ, ସକାଳ ୬ଟା ।
- ବୌଦ୍ଧ ବୁରକଟା ଗ୍ରାମରେ ୨୪ ପ୍ରହର ନାମଯଜ୍ଞ, ବୁରକଟା, ସକାଳ ୬ଟା ।

**ଦେବଗଡ଼**
- ୨୪ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଉପଲକ୍ଷେ କଳସଯାତ୍ରା, ସଭଗୋଲି ମଣ୍ଡପ, ପୂର୍ବାହ୍ନ ୯ଟା ।
- ବ୍ଲକସ୍ତରୀୟ ଏମ୍‌ଆଇଏସ୍ ଟ୍ରେନିଂ, ଟାଉନ ହାଇସ୍କୁଲ, ଦେବଗଡ଼, ପୂର୍ବାହ୍ନ ୧୦ଟା ।

**ନୂଆପଡା**
- ଜିଲାସ୍ତରୀୟ ନିଯୁକ୍ତି ମେଳା, ରାଜାଏଟି ହାଇସ୍କୁଲ ଖଡିଆଳ, ପୂର୍ବାହ୍ନ ୧୦ା୩୦ ।

**ସମ୍ବଲପୁର**
- ବାବା ବୈଦ୍ୟନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ବରେଇପାଲି ଜେଏମଜେ ରୋଡ ନିକଟ, ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ଆଶା ଓ ଗ୍ରାମ୍ୟ କଲ୍ୟାଣ ସମିତି ସମ୍ମିଳନୀ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା ।
- ରାମକଥା ଜ୍ଞାନଯଜ୍ଞ, ପର୍ଶୁରାମ ଭବନ, ସନ୍ଧ୍ୟା ୬ଟା ।
- ପାର୍ସଲ ହବ୍ କୋଠାର ଶୁଭାରମ୍ଭ, ମୁଖ୍ୟ ଡାକଘର ପରିସର, ସନ୍ଧ୍ୟା ୬ଟା ।
- ଶ୍ରୀରାମ କଥା କାର୍ଯ୍ୟକ୍ରମ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ୬ଟା ।

# ପୁରୀରେ ବିଦେଶୀଙ୍କ ଉପରେ କଡ଼ା ନଜର

## ଚିନ୍ତା ବଢ଼ାଇଲା କରୋନା

**ପୁରୀ ଅଫିସ, ୫ା୩**

କାୟା ମେଲାଉଛି କରୋନା । ଓଡ଼ିଶାରେ କରୋନା ସନ୍ଦିଗ୍ଧଙ୍କ ସଂଖ୍ୟା ବଢୁଥିବାରୁ ରାଜ୍ୟ ସରକାର ଚିନ୍ତାରେ । ଓଡ଼ିଶାରେ ଯଦିଓ କୌଣସି କରୋନା ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି କିନ୍ତୁ ସମ୍ଭାବନା ଅଧିକ ରହିଛି । ଅନ୍ୟପକ୍ଷରେ କରୋନା ଭାଇରସ୍ ବ୍ୟାପିବା ସମ୍ଭାବନା ଥିବା ସହର ମଧ୍ୟରେ ପୁରୀ ଅନ୍ୟତମ । ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଆସୁଥିବାରୁ ଜିଲା ପ୍ରଶାସନ ଏ ଦିଗରେ ଅଧିକ ସତର୍କ ହୋଇଛି । ବିଶେଷକରି ବିଦେଶୀ ପର୍ଯ୍ୟଟକଙ୍କ ଉପରେ କଡ଼ା ନଜର ରଖାଯିବା ସହ ସଚେତନତା ଉପରେ ଗୁରୁତ୍ୱ ଦେଇଛି । ଗୁରୁବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଆଡ୍‌ଭାଇଜରିଂ କମିଟି ବୈଠକ ବସି ବିଭିନ୍ନ କାର୍ଯ୍ୟପନ୍ଥାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ।

କରୋନାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ନିର୍ଦ୍ଦେଶନାମା ଆସୁଛି ତାହାକୁ କଡ଼ାକଡ଼ି କରାଯିବ । ବର୍ତ୍ତମାନ ସମୟରେ ନାନା ପ୍ରକାର ଗୁଜବ ବି ଶୁଣିବାକୁ ମିଳୁଛି । ତେଣୁ ଏହାକୁ ବିଶ୍ୱାସ ନ କରି ସତର୍କତା ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର । ସେହିପରି କୌଣସି ସ୍ଥାନରେ ସମାଗମ ହେବା, ହାତ ମିଳାଇବା ପାଇଁ ମଧ୍ୟ ପ୍ରଶାସନ ବାରଣ କରିଛି । ତେବେ ବିଦେଶୀ ପର୍ଯ୍ୟଟକଙ୍କ ଉପରେ କଡ଼ା ନଜର ରଖାଯାଇଛି । କେଉଁ ଦେଶରୁ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି ଏବଂ ତାଙ୍କ ସମ୍ପର୍କିତ ସମସ୍ତ ବିବରଣୀ ତୁରନ୍ତ ପୋଲିସ ନିକଟରେ ପହଞ୍ଚାଯିବାର ବ୍ୟବସ୍ଥା କରାଯାଇଛି । କୌଣସି ପର୍ଯ୍ୟଟକଙ୍କଠାରେ ଯଦି କରୋନା ଭାଇରସ୍‌ର ଲକ୍ଷଣ ଦେଖିବାକୁ ମିଳେ ତେବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ପୋଲିସକୁ ଜଣାଇବା ଲାଗି ସମସ୍ତ ହୋଟେଲକୁ ଆଡ୍‌ଭାଇଜରି ଜାରି କରାଯାଇଛି । ପୂର୍ବରୁ ବିଦେଶୀ ନାଗରିକଙ୍କ ସମ୍ପର୍କରେ ତଥ୍ୟ ରହୁଥିଲା । କିନ୍ତୁ ପୋଲିସ ପାଖରେ ଯେପରି ସଙ୍ଗେ ସଙ୍ଗେ ସୂଚନା ପହଞ୍ଚିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି ।



ବୈଠକରେ ଜିଲାପାଳ ବଲୱନ୍ତ ସିଂ ଏବଂ ଅନ୍ୟ ଅଧିକାରୀ ।

### ପୁରୀରେ ଅଛନ୍ତି ୨୨ ବିଦେଶୀ ନାଗରିକ

ବର୍ତ୍ତମାନ ପୁରୀରେ ୨୨ଜଣ ବିଦେଶୀ ନାଗରିକ ଅଛନ୍ତି । ସେମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯାଇଛି । ଆର୍‌ଆର୍‌ଟି ସେମାନଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି । କିନ୍ତୁ କାହା ପାଖରେ ସେମିତି କୌଣସି କରୋନା ଭାଇରସ୍‌ର ଲକ୍ଷଣ ନ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ରାଜ୍ୟବ୍ୟାପୀ ବିଜୁ ଜୟନ୍ତୀ ପାଳିତ

## ବିଜେଡି ମୁଖ୍ୟାଳୟ, ବିଧାନସଭା ପରିସର କାର୍ଯ୍ୟକ୍ରମରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫ା୩(ବ୍ୟୁରୋ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଗୁରୁବାର ରାଜ୍ୟବ୍ୟାପୀ ପାଳନ କରାଯାଇଛି । ବିଜେଡି ପକ୍ଷରୁ ଦଳୀୟ ନେତା ଓ କର୍ମକର୍ତ୍ତାମାନେ ନିର୍ବାଚନମଣ୍ଡଳୀସ୍ତରରେ ବିଜୁ ଜୟନ୍ତୀ ପାଳନ କରିଛନ୍ତି । ଆସନ୍ତା ୨୦ ତାରିଖ ଯାଏ ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳ ପକ୍ଷରୁ କଟକ ଓ ଭୁବନେଶ୍ୱରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଗୁରୁବାର ସକାଳେ ବିଜୁ ଜନତା ଦଳ ମୁଖ୍ୟ କାର୍ଯ୍ୟାଳୟରେ ବିଜୁ ବାବୁଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତା ସାମିଲ୍ ଥିଲେ । ଏହି ଅବସରରେ ସେଠାରେ ଆୟୋଜିତ ରକ୍ତଦାନ ଶିବିର 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀ ବିଧାନସଭା ପରିସରରେ ଆୟୋଜିକ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ମନ୍ତ୍ରୀ ଓ ବିଜେଡି ନେତାମାନେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବିଧାନସଭା ସଚିବ ଦାଶରଥୀ ଶତପଥୀ , ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ବାରିକ, ଉତ୍କଳ ସମ୍ମିଳନୀ କାର୍ଯ୍ୟକର୍ତ୍ତା ପ୍ରମୁଖ ବିଜୁ ବାବୁଙ୍କୁ ନିଜର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ବିଜୁ ପଟ୍ଟନାୟକଙ୍କ ସ୍ମୃତିରେ ଏକ ସଂଗୀତ ପରିବେଷଣ କରିଥିଲେ । ସ୍କୁଲ ଓ ଗଣଶିକ୍ଷା ବିଭାଗ ସ୍ତରରେ ଆୟୋଜିତ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ପରେ ମୁଖ୍ୟମନ୍ତ୍ରୀ କଟକ ବାଲିଯାତ୍ରା ପଡ଼ିଆରେ ବିଜେଡି ପକ୍ଷରୁ ଆୟୋଜିତ ଏକ ବିଶାଳ ସମାବେଶରେ ଯୋଗ ଦେଇଥିଲେ ।



## ଜିଲା ଟିଠ
### ଗଞ୍ଜାମ

## ବିଳମ୍ବ ବ୍ୟୟ ବୃଦ୍ଧି

ଅବିଭକ୍ତ ଗଞ୍ଜାମ (ଗଜପତି ସହ) ଜିଲାର ପ୍ରାୟ ୭୦% ଜନସାଧାରଣ କେବଳ କୃଷି କାର୍ଯ୍ୟ ଉପରେ ନିର୍ଭର କରନ୍ତି । ତେବେ ଚାଷ ପାଇଁ ସେଚ ବ୍ୟବସ୍ଥାର ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ସେମାନେ ଚିନ୍ତାରେ ଅଛନ୍ତି । ଜଳସେଚନର ଉନ୍ନତୀକରଣ ପାଇଁ ସରକାର ନୂଆ ପ୍ରକଳ୍ପ ନିର୍ମାଣ ନିମନ୍ତେ ପଦକ୍ଷେପ ନେଇଛନ୍ତି । ହେଲେ ଧାର୍ଯ୍ୟ ସମୟରେ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବ୍ୟୟ ଅଟକଳ ବଢ଼ି ଚାଲିଛି । ସୂଚନାଯୋଗ୍ୟ, ଦୁଇ ଜିଲାର ଚାଷୀଙ୍କ ସମୂହ ସ୍ୱାର୍ଥ ପାଇଁ ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ପର୍ବତରୁ ନିର୍ଗତ ଝରଣାକୁ ଅଟକାଇ ଆଦିବାସୀ ଅଧ୍ୟୁଷିତ ଛେଲିଗଡ଼ ନିକଟରେ ଛେଲିଗଡ଼ ଜଳବିଦ୍ୟୁତ ମଧ୍ୟମ ସେଚ ଯୋଜନା ଲାଗି ୧୯୮୦ ଦଶକର ଦ୍ୱିତୀୟ ଭାଗରେ ପ୍ରସ୍ତାବ ରଖାଗଲା ଓ ସର୍ଭେ କାର୍ଯ୍ୟ ଆରମ୍ଭ ହେଲା । ତେବେ ଆଦିବାସୀମାନଙ୍କ ବିସ୍ଥାପନ ସମସ୍ୟା ସୃଷ୍ଟି ହେଲା । ବିଭିନ୍ନ ସଂଗଠନର ଆନ୍ଦୋଳନ ଯୋଗୁ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ଦେଖା ଦେଇଥିଲା । ମୂଳ ବ୍ୟୟ ଅଟକଳ ମାତ୍ର ୨୫ରୁ ୩୦ କୋଟି ଟଙ୍କା ହୋଇଥିଲା । ୨୦୦୫ ବେଳକୁ ଏହା ୯୭ କୋଟିକୁ ବୃଦ୍ଧି ପାଇଲା । ବର୍ତ୍ତମାନ ଏହା ୭୦୬ କୋଟିରେ ପହଞ୍ଚିଲାଣି । ଛେଲିଗଡ଼ ପ୍ରକଳ୍ପ ସମ୍ପର୍କିତ ଚତୁର୍ଥ ବିସ୍ଥାପିତଙ୍କ ଥଇଥାନ ଓ ଉପାନ୍ତ ଅଞ୍ଚଳ ଉନ୍ନୟନ ପରାମର୍ଶଦାତା କମିଟି ବୈଠକର ବିବରଣୀରୁ ଏହି ତଥ୍ୟ ପ୍ରକାଶ ପାଇଛି । ଏବେ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି ଓ କେବେ ସରିବ ତାହା ମଧ୍ୟ ଅନିଶ୍ଚିତ ହୋଇଯାଇଛି । ଛେଲିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଗଜପତି ଜିଲାର ମୋହନା ଓ ଆର.ଉଦୟଗିରି ଏବଂ ଗଞ୍ଜାମ ଜିଲାର ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ୩,୬୦୦ ହେକ୍ଟର ଜମିକୁ ସେଚ ବ୍ୟବସ୍ଥା ହେବ । ଏଥିସହ ଦୈନିକ ୩୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇପାରିବ । ସେହିପରି ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକର ଆଦିବାସୀ ଅଞ୍ଚଳ କଙ୍କିଆ ଓ ଟାମଣା ନିକଟ ଘଟକେଶ୍ୱର ମଧ୍ୟମ ଜଳସେଚନ ଯୋଜନା ପାଇଁ ୧୯୮୭ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ । କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଅନୁମତି ମିଳିବାରେ ବିଳମ୍ବ ଏବଂ ବିସ୍ଥାପିତ ହେବାକୁ ଥିବା ଆଦିବାସୀଙ୍କ ବିରୋଧ ଯୋଗୁ ସମସ୍ୟା ଦେଖାଦେଇଥିଲା । ସମାଧାନ ପାଇଁ ପଦକ୍ଷେପ ନିଆଯିବାରୁ ୨୦୧୬ରେ ପୁଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟଥର ଶୁଭ ଦେଇଥିଲେ । ବହୁ ବିଳମ୍ବରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ହେଲେ ମୂଳ ବ୍ୟୟ ଅଟକଳ ମାତ୍ର ୧୦ କୋଟି ଟଙ୍କାରୁ ଏବେ ୧୧୯ କୋଟିକୁ ବୃଦ୍ଧି ପାଇଛି । ଯୋଜନା ସମ୍ପୂର୍ଣ୍ଣ ହେଲେ କୁକୁଡ଼ାଖଣ୍ଡି ଓ ରଙ୍ଗେଇଲୁଣ୍ଡା ବ୍ଲକରେ ୫ ଶହ ହେକ୍ଟର ଜମି ଜଳସେଚିତ ହେବ ଏବଂ ବ୍ରହ୍ମପୁର ସହରର ୭୫ ହଜାର ଲୋକଙ୍କୁ ପିଇବା ପାଣି ଯୋଗାଣ ହୋଇପାରିବାର ନକ୍ସା ପ୍ରସ୍ତୁତ ହୋଇଛି । ତେବେ ବିଳମ୍ବ ଯୋଗୁ ବ୍ୟୟ ଅଟକଳ ବହୁ ପରିମାଣ ବୃଦ୍ଧି ପାଇଛି । ଯଦି ଏହି ଦୁଇ ପ୍ରକଳ୍ପ କାମ ଆହୁରି ବିଳମ୍ବ ହୁଏ ତେବେ ଖର୍ଚ୍ଚ ବଢ଼ିବ ବୋଲି ଆଶଙ୍କା କରାଯାଉଛି ।

– ନରସିଂହ ସାହୁ

# ୨ ରୋଗୀ ପାଇଲେ ନୂଆ ଜୀବନ

## ଏସ୍‌ସିବି ମେଡିକାଲରେ ଦ୍ୱିତୀୟ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ

### ୭ ଘଣ୍ଟାର ପରିଶ୍ରମ ସଫଳ ହେଲା

**କଟକ ଅଫିସ,୫ା୩**

ବିଶ୍ୱ ଚିକିତ୍ସା କ୍ଷେତ୍ରରେ ଆଉ ଏକ ସଫଳତା ନିଜ ନାଁରେ ଯୋଡିଛି ଏସ୍‌ସିବି ମେଡିକାଲ । ଜଣେ ମୃତ ମହିଳାଙ୍କ ଶରୀରରୁ କିଡ୍‌ନୀ ବାହାର କରି ଅନ୍ୟ ୨ ଜଣଙ୍କ ଶରୀରରେ ପ୍ରତିରୋପଣ କରିବାରେ ଗୁରୁବାର ସଫଳ ହୋଇଛି ଏସ୍‌ସିବି ମେଡିକାଲ । ଡାକ୍ତରୀ ଭାଷାରେ ଏହାକୁ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ବୋଲି କୁହାଯାଏ । ବୁଧବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ରାଜଲକ୍ଷ୍ମୀ ଦାସ(୪୬) ଦୁର୍ଘଟଣାରେ ଗୁରୁତର ହେବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ଡାକ୍ତରମାନେ ତାଙ୍କୁ ମସ୍ତିଷ୍କ ମୃତ(ବ୍ରେନ୍ ଡେଡ୍) ଘୋଷଣା କରିଥିଲେ । ଗତ ଦିନର ଦୁଇଟି ଅଙ୍ଗଦାନ ଘଟଣାରେ ପ୍ରଭାବିତ ହୋଇ ରାଜଲକ୍ଷ୍ମୀଙ୍କ ପରିବାରବର୍ଗ ମଧ୍ୟ ତାଙ୍କର କିଡ୍‌ନୀ ଦାନ ପାଇଁ ସମ୍ମତି ପ୍ରକାଶ କରିଥିଲେ । ପରେ ଉକ୍ତ ଘରୋଇ ହସ୍ପିଟାଲ ପକ୍ଷରୁ ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ୍‌ର ନେଫ୍ରୋଲୋଜି (କିଡ୍‌ନୀରୋଗ) ବିଭାଗର ମୁଖ୍ୟ ତଥା ସାଟୋର ନୋଡାଲ୍ ଅଧିକାରୀ ପ୍ରଫେସର ଡା. ଚିତ୍ତରଞ୍ଜନ କରଙ୍କୁ ଯୋଗାଯୋଗ କରାଯାଇଥିଲା । ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଦତ୍ତେଶ୍ୱର ହୋତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଗୁରୁବାର ଭୋର୍‌ରେ ଉକ୍ତ ଘରୋଇ ହସ୍ପିଟାଲରେ ପହଞ୍ଚିଥିଲା । ରାଜଲକ୍ଷ୍ମୀଙ୍କ ଶରୀରରୁ ଦୁଇଟି କିଡ୍‌ନୀ ବାହାର କରିବା ପାଇଁ ସକାଳ ସାଢେ ୬ଟାରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଅସ୍ତ୍ରୋପଚାର କରାଯାଇଥିଲା । ସେଠାରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ରାଜଲକ୍ଷ୍ମୀଙ୍କ ଦୁଇଟି କିଡ୍‌ନୀକୁ କଟକ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା । ଏହା ପୂର୍ବରୁ ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । କିଡ୍‌ନୀ ଗ୍ରହଣ କରିବାକୁ ଥିବା ଦୁଇଜଣ ରୋଗୀ କାମାକ୍ଷାନଗରର ରତ୍ନାକର ମହାନ୍ତି(୫୭) ଏବଂ ମୟୂରଭଞ୍ଜର ରୀତାରାଣୀ ମହନ୍ତ(୪୬)ଙ୍କୁ ଅପରେଶନ ଥିଏଟରକୁ ନିଆଯାଇଥିଲା । ଦୁଇଟି କିଡ୍‌ନୀ ପ୍ରତିରୋପଣ ପାଇଁ ୧୧ଜଣ ଡାକ୍ତରଙ୍କୁ ନେଇ ଦୁଇଟି ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଥିଲା । ନେଫ୍ରୋଲୋଜି ବିଭାଗର ମୁଖ୍ୟ ଡା. କର ଗୋଟିଏ ଦଳର ନେତୃତ୍ୱ ଓ ଡା. ହୋତା ଅନ୍ୟ ଦଳର ନେତୃତ୍ୱ ନେଇଥିଲେ । ସକାଳ ସାଢେ ୯ଟାରେ ପ୍ରତିରୋପଣ ପାଇଁ ଅସ୍ତ୍ରୋପଚାର ଆରମ୍ଭ ହୋଇ ଅପରାହ୍ନ ୧ଟା ୨୦ମିନିଟ୍‌ରେ ଶେଷ ହୋଇଥିଲା ।

### ଅଙ୍ଗଦାନ ପାଇଁ ଆଗ୍ରହ ଦେଖାଇଲେ ଗ୍ରହଣକାରୀଙ୍କ ପରିବାରବର୍ଗ:

ରତ୍ନାକର ଏବଂ ରୀତାରାଣୀ ଦୁଇବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ । ବଞ୍ଚିବା ପାଇଁ ସାହାରା ଥିଲା ଡାଏଲିସିସ୍ । ସପ୍ତାହକୁ ଦୁଇଦିନ ଡାଏଲିସିସ୍ ହେଉଥିଲା । ତଥାପି ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁ ନ ଥିଲା । ଉଭୟଙ୍କ ପରିବାର ଲୋକେ ଏଥିରେ ଚିନ୍ତିତ ହୋଇ ଦିନ କାଟୁଥିଲେ । ଏଭଳି ଏକ ସମୟରେ ସେମାନଙ୍କୁ ନୂଆ ଜୀବନ ଦେଇଛନ୍ତି ରାଜଲକ୍ଷ୍ମୀ । ପ୍ରତିରୋପଣ ଅସ୍ତ୍ରୋପଚାର ସଫଳ ହେବା ନେଇ ଡାକ୍ତରମାନେ ଘୋଷଣା କରିବା ପରେ ନିଜ ଖୁସିକୁ ଉଭୟ ପରିବାରର ସଦସ୍ୟମାନେ ରୋକିପାରି ନ ଥିଲେ । ଲୁହଭିଜା ଆଖିରେ ରାଜଲକ୍ଷ୍ମୀଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଆତ୍ମାର ସଦ୍‌ଗତି କାମନା କରିଥିଲେ । ରାଜଲକ୍ଷ୍ମୀ ଓ ତାଙ୍କ ପରିବାର ସଦସ୍ୟଙ୍କ ନିଷ୍ପତ୍ତି ଯୋଗୁ ରତ୍ନାକର ଓ ରୀତାରାଣୀଙ୍କ ପୁନର୍ଜନ୍ମ ହୋଇଛି । ଭବିଷ୍ୟତରେ ଯଦି ଆମ ସହ କୌଣସି ପ୍ରକାର ଅଘଟଣ ଘଟେ, ତେବେ ଆମେ ମଧ୍ୟ ଅଙ୍ଗଦାନ କରିବୁ ବୋଲି ରତ୍ନାକର ଏବଂ ରୀତାରାଣୀଙ୍କ ପରିବାର ଲୋକେ କହିଛନ୍ତି ।

### ପ୍ରଥମେ ପ୍ରିୟଙ୍କା, ପରେ ସୁଚିତ୍ରା ଓ ଏବେ ରାଜଲକ୍ଷ୍ମୀ:

ଓଡ଼ିଶାରେ ପ୍ରଥମ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ ଗତ ଫେବୃୟାରୀ ୪ ତାରିଖରେ ହୋଇଥିଲା । ଦାତା ଥିଲେ ଗଞ୍ଜାମ ଜିଲା ଦିଗପହଣ୍ଡିର ପ୍ରିୟଙ୍କାରାଣୀ ପାତ୍ର । ତାଙ୍କର ଦୁଇଟି କିଡ୍‌ନୀ ଦୁଇ ଜଣଙ୍କୁ ନୂଆ ଜୀବନ ଦେଇଥିଲା । ସେହିଭଳି ଗତ ୨୬ତାରିଖରେ ଭୁବନେଶ୍ୱରର ସୁଚିତ୍ରା ଦାସଙ୍କୁ ଡାକ୍ତର ବ୍ରେନ୍‌ଡେଡ୍ ଘୋଷଣା କରିବା ପରେ ତାଙ୍କର କିଡ୍‌ନୀକୁ ଅନ୍ୟ ଦୁଇଜଣଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା । ଗୁରୁବାର ରାଜଲକ୍ଷ୍ମୀଙ୍କ ଦୁଇଟି କିଡ୍‌ନୀକୁ ମଧ୍ୟ ୨ ଜଣଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି ।

ପ୍ରତ୍ୟେକ ଧର୍ମ ମନୁଷ୍ୟ ଜାତିକୁ ସାହାଯ୍ୟ କରିଛି। ପ୍ରତ୍ୟେକ ଧର୍ମ ମଧ୍ୟ କେତେକ ସଂଖ୍ୟକ ଆତ୍ମାକୁ ଉଦ୍ଧାର କରିଛନ୍ତି। କିନ୍ତୁ କୌଣସି ଧର୍ମ ଏ ପର୍ଯ୍ୟନ୍ତ ମନୁଷ୍ୟ ଜାତିକୁ ସାମଗ୍ରିକ ଭାବେ ଆଧ୍ୟାତ୍ମିକ ଭାବାପନ୍ନ କରି ପାରିନାହାନ୍ତି। ସେଥିପାଇଁ ପରମ୍ପରା ବା ପ୍ରଥାର ଆବଶ୍ୟକତା ନାହିଁ। ଆଧ୍ୟାତ୍ମିକ-ବିବର୍ତ୍ତନ ପାଇଁ ଏକ ନିରନ୍ତର ଓ ସର୍ବବ୍ୟାପୀ ପ୍ରୟାସର ଆବଶ୍ୟକତା ରହିଛି। - ଶ୍ରୀଅରବିନ୍ଦ

# ପ୍ରୋତ୍ସାହନ ଲୋଡ଼ା

ଅର୍ଥନୀତି ଉପରେ କରୋନା ଭୂତାଣୁର ପ୍ରଭାବକୁ ରୋକିବା ପାଇଁ ଜରୁରିକାଳୀନ ପଦକ୍ଷେପ ସ୍ୱରୂପ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ (ୟୁଏସ୍ ଫେଡେରାଲ ରିଜର୍ଭ) ମଙ୍ଗଳବାର ସୁଧହାର ୫୦ ବେସିସ୍ ପଏଣ୍ଟ ହ୍ରାସ କରିଛି। ମାର୍ଚ୍ଚ ୧୭-୧୮ ତାରିଖରେ ଫେଡେରାଲ ବ୍ୟାଙ୍କର ପଲିସି ବୈଠକ ବସିବାକୁ ଥିବାବେଳେ ସେ ପର୍ଯ୍ୟନ୍ତ ଅପେକ୍ଷା ନ କରି ତା' ପୂର୍ବରୁ ଏ ନିଷ୍ପତ୍ତି ଘୋଷଣା କରିବା ସାରା ବିଶ୍ୱରେ ମହାମାରୀର କୁପ୍ରଭାବର ଭୟାବହତା ଦୃଷ୍ଟିରୁ ଏହା କେତେ ଜରୁରୀ ବୋଲି ସେମାନେ ଅନୁଭବ କରୁଛନ୍ତି ତାହା ସୂଚାଉଛି। ଗତ ୧୧ ବର୍ଷ ଭିତରେ ପ୍ରଥମ ଥର ପାଇଁ ଫେଡେରାଲ ବ୍ୟାଙ୍କ ୫୦ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିଛି। ଜି୭ ଦେଶଗୁଡ଼ିକର କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ନିମ୍ନଗତିକୁ ରୋକିବା ଏବଂ ଦୃଢ଼ ଓ ଧାରଣୀୟ ଅଭିବୃଦ୍ଧି ହାସଲ କରିବା ପାଇଁ ସମସ୍ତ ପ୍ରକାର ପଲିସି ଅସ୍ତ୍ର ବ୍ୟବହାର କରିବାକୁ ଘୋଷଣା କରିବା ପରେ ପରେ ଆମେରିକା ଫେଡେରାଲ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଛି। ଅଷ୍ଟ୍ରେଲିଆ ଓ ମାଲେସିଆର କେନ୍ଦ୍ରୀୟ ବ୍ୟାଙ୍କ ଅନୁରୂପ ଭାବେ ସୁଧହାର ହ୍ରାସ କରିଥିବା ବେଳେ ବ୍ୟାଙ୍କ ଅଫ୍ ଜାପାନ ବିତ୍ତ ବଜାରଗୁଡ଼ିକରେ ସ୍ଥିରତା ଆଣିବା ପାଇଁ ନଗଦ ଅର୍ଥ ଯୋଗାଣ ଲାଗି ପଦକ୍ଷେପ ନେଇଛି।

ଏହା ପୂର୍ବରୁ ଅର୍ଥନୈତିକ ସହଯୋଗ ଓ ବିକାଶ ସଂଗଠନ (ଓଇସିଡି) ଚେତାବନୀ ଦେଇଥିଲା ଯେ କରୋନା ଭୂତାଣୁର ବିଶ୍ୱବ୍ୟାପୀ ଅର୍ଥନୀତି ଉପରେ କୁପ୍ରଭାବ ପଡ଼ିବ। ଓଇସିଡି ବିଶ୍ୱ ଜିଡିପିରେ ଅଭିବୃଦ୍ଧି ୨.୯ ପ୍ରତିଶତ ରହିବ ବୋଲି ପୂର୍ବରୁ ପୂର୍ବାନୁମାନ କରିଥିବା ବେଳେ ଏବେ ତାହା ୧.୫ ପ୍ରତିଶତକୁ ଅର୍ଥାତ୍ ପ୍ରାୟ ଅଧାକୁ ଖସିଯିବ ବୋଲି ପୂର୍ବାନୁମାନ କରିଛି। ପ୍ରାୟ ଏକ ଦଶନ୍ଧି ତଳୁ ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥାରୁ ବିଶ୍ୱ ଏ ଯାବତ୍ ମୁକୁଳିବାକୁ ସଂଘର୍ଷ କରୁଥିବା ବେଳେ ବର୍ତ୍ତମାନ ଆଉ ଏକ ଗୁରୁତର ସଂକଟ ଦେଖାଦେଇଛି ବୋଲି ଏହା ଭବିଷ୍ୟବାଣୀ କରିଛି। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମଧ୍ୟ ଆକଳନ କରିଛି ଯେ, ବିଶ୍ୱ ଅର୍ଥନୀତି ଉପରେ ଉକ୍ତ ସଂକ୍ରାମକ ରୋଗର ଉଲ୍ଲେଖନୀୟ ପ୍ରଭାବ ରହିବ। ସାରା ବିଶ୍ୱରେ ଭୂତାଣୁ ସଂକ୍ରମିତ ହେବାକୁ ଲାଗିଥିବାରୁ ୨୦୨୦ରେ ଏହା ବିଶ୍ୱ ଅଭିବୃଦ୍ଧିକୁ ଗୁରୁତର ଭାବେ ପ୍ରଭାବିତ କରିବାର ସମ୍ଭାବନା ଦେଖାଦେଇଛି। ସାରା ବିଶ୍ୱରେ ଆର୍ଥିକ ବଜାରଗୁଡ଼ିକରେ ଏହା ଭୀଷଣ

## ଆଜିର ଅର୍ଥନୀତି

ଅବନତି ଘଟାଇବ, ଯାହା ୨୦ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ ବୋଲି ଅର୍ଥ ବିଶ୍ଳେଷକମାନେ ପୂର୍ବାନୁମାନ କରିଛନ୍ତି। ଗତ ଜାନୁୟାରୀ ମାସରେ ଆରମ୍ଭ ହୋଇଥିବା ଏହି ସଂକ୍ରାମକ ରୋଗରେ ଏପର୍ଯ୍ୟନ୍ତ ପ୍ରାୟ ୮୫,୦୦୦ ଲୋକ ସଂକ୍ରମିତ ହୋଇସାରିଲେଣି। ଭାରତରେ ଏପର୍ଯ୍ୟନ୍ତ ପ୍ରାୟ ୩୦ ଜଣ ଏ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଶତାଧିକ ସନ୍ଦେହ ବଳୟରେ ଅଛନ୍ତି।

ସାରା ବିଶ୍ୱରେ ଷ୍ଟକ୍ ମାର୍କେଟଗୁଡ଼ିକ ପ୍ରାୟ ୧୦ ପ୍ରତିଶତରୁ ଅଧିକ ତଳକୁ ଖସିଥିବା ବେଳେ ୨୦୧୮ରେ ବିଶ୍ୱ ଆର୍ଥିକ ସଂକଟ ଦେଖାଦେବା ପରଠାରୁ ଗତ ସପ୍ତାହଟି ଥିଲା ସବୁଠୁ ଖରାପ ସମୟ। ଷ୍ଟକ୍ ମାର୍କେଟ ଭୁଶୁଡ଼ିପଡ଼ିବା ଯୋଗୁ କେବଳ ଫେବୃୟାରୀ ଶେଷ ସପ୍ତାହରେ ଭାରତରେ ନିବେଶକମାନେ ପ୍ରାୟ ୧୧.୫ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବୁଧବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୂଚନା ଦେଇଛି ଯେ, କରୋନା ଭୂତାଣୁ ଜନିତ ପ୍ରଭାବକୁ ମୁକାବିଲା କରିବା ପାଇଁ ଏହା ପ୍ରସ୍ତୁତ ହେଉଛି। ଏହା ପରିସ୍ଥିତିକୁ ଆକଳନ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ଅଛି ବୋଲି ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ଆର୍‌ବିଆଇ ଆମେରିକା କେନ୍ଦ୍ରୀୟ ବ୍ୟାଙ୍କର ପଦାଙ୍କ ଅନୁସରଣ କରି ସୁଧହାର କମାଇବାକୁ ଘୋଷଣା କରିପାରେ। ଏଥିପାଇଁ ବ୍ୟାଙ୍କ ଆସନ୍ତା ଏପ୍ରିଲରେ ହେବାକୁ ଥିବା ଆର୍ଥିକ ସମୀକ୍ଷା ବୈଠକ ପର୍ଯ୍ୟନ୍ତ ଅପେକ୍ଷା ନ କରି ତତ୍କାଳ ଏ ବାବଦରେ ଘୋଷଣା କରିବା ଆବଶ୍ୟକ। ବର୍ତ୍ତମାନ ଆମ ଦେଶର ଅର୍ଥନୀତି ଏକ ଅସ୍ୱାଭାବିକ ସଂକଟ ଦେଇ ଗତି କରୁଛି, ତେଣୁ ୨୫ ବେସିସ୍ ପଏଣ୍ଟ ହ୍ରାସ ଯଥେଷ୍ଟ ନ ହୋଇପାରେ। ଆମେ ଆଶା କରୁଛୁ ଆମେରିକା ଫେଡେରାଲ ବ୍ୟାଙ୍କ ପରି ଏହା ରେପୋ ରେଟ୍‌ରେ ୫୦ ବେସିସ୍ ପଏଣ୍ଟ ହ୍ରାସ କରିବ। ଆର୍‌ବିଆଇ ଦ୍ୱିତୀୟ ପର୍ଯ୍ୟାୟ ଦୀର୍ଘ ମିଆଦୀ ରେପୋ ଅପରେଶନ (ଏଲ୍‌ଟିଆର୍‌ଓ) ମାଧ୍ୟମରେ ଆର୍ଥିକ ବ୍ୟବସ୍ଥା ଭିତରେ ନଗଦ ପୁଞ୍ଜି ଅନୁପ୍ରବେଶ କରାଇବା ଆବଶ୍ୟକ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ବର୍ତ୍ତମାନର ସୁଧହାର ତୁଳନାରେ ଯଥେଷ୍ଟ କମ୍ ୫.୧୫ ରେପୋ ହାରରେ ଆର୍‌ବିଆଇରୁ ଅର୍ଥ ପାଇପାରିବେ। ତା' ଫଳରେ ସେମାନେ ଏହି ଶସ୍ତା ସୁଧହାରରେ ପାଇଥିବା ଅର୍ଥକୁ ଖାଉଟିମାନଙ୍କୁ ଶସ୍ତା ଋଣ ଆକାରରେ ଦେଇ ବଜାର ଚାହିଦା ବଢ଼ାଇବାରେ ସାହାଯ୍ୟ କରିପାରିବେ। ନିରାପଦ ଆଭିମୁଖ୍ୟ ପୋଷଣ କରୁଥିବା ନିବେଶକମାନେ ତାଙ୍କ ଅର୍ଥକୁ ଏକ ନିରାପଦ ଠିକଣାରେ ରଖିବାକୁ ଚାହିଁବାର ସମ୍ଭାବନା ରହିଛି। ଏ ପରିପ୍ରେକ୍ଷୀରେ ଶିଳ୍ପ ଓ ଖାଉଟିମାନଙ୍କର ସ୍ୱାର୍ଥରକ୍ଷା ଲାଗି ସରକାର କିଛି ପଲିସିଗତ ପଦକ୍ଷେପ ନେବା ଦରକାର। ଏବେ ଅର୍ଥନୀତିକୁ ପ୍ରୋତ୍ସାହନ ଦେଇ ଆଗକୁ ନେବାର ଆବଶ୍ୟକତା ଅଛି। ଋଣ ନେଇଥିବା କମ୍ପାନୀଗୁଡ଼ିକୁ ସେମାନଙ୍କ ଦରକାର ମୁତାବକ ଅଧିକ ଋଣ ଦେବା ଲାଗି ସରକାର ବ୍ୟାଙ୍କଗୁଡ଼ିକୁ କହିପାରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ମାର୍ଚ୍ଚ ୧୯୯୫

- ଭାରତରୁ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଲାଗି ୩ ବିଲିୟନ ଡଲାର ଅର୍ଥ ଆବଶ୍ୟକ ବୋଲି ଶ୍ରମ ମାନ କମିଶନ୍‌ର ଅଧ୍ୟକ୍ଷ ସୁବ୍ରମଣ୍ୟମ୍ ସ୍ୱାମୀ କହିଛନ୍ତି।
- ହିନ୍ଦୀ ଚଳଚ୍ଚିତ୍ରର ବିଶିଷ୍ଟ ହାସ୍ୟ ଅଭିନେତା ଦଲାଲ ଆପାଙ୍କ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | 9 | | 1 | B | | | 2 | 5 | | C | | A |
| B | 6 | | | C | | | 8 | | | | | | | |
| | | | | | | A | 4 | 2 | | 9 | 6 | 8 | | |
| | | | 3 | | | | | | | | 4 | 5 | | |
| | 1 | | | 8 | A | | D | | | | | 4 | | |
| | | 0 | 1 | | E | | | D | | 8 | | | | |
| D | | | | 9 | 6 | C | A | 8 | 5 | | 3 | | | |
| | | | 7 | 4 | 2 | | | | | | | 0 | | |
| 3 | | | | | | 2 | | B | 9 | | D | | E | |
| | B | | | | 3 | | 5 | 7 | 4 | | 2 | | | 9 |
| | | 2 | | | | | | | | 7 | | | | C |
| 4 | | | | 1 | | 0 | | C | | | E | | | 3 |
| 9 | | A | | D | | | | 3 | C | | | 6 | | |
| | 7 | E | B | | 9 | 1 | 2 | | | | 8 | | | 0 |
| | | | | 6 | | | E | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 3 | 4 | 6 | 7 | 2 | 1 | E | A | 0 | B | 5 | 9 | C | D |
| 5 | C | 0 | E | 3 | 4 | 8 | 7 | 9 | 6 | 2 | D | A | B | 1 |
| 7 | D | 6 | B | 1 | A | 2 | 4 | 0 | C | 9 | E | 3 | 8 | 5 |
| 9 | 2 | 1 | 5 | C | 8 | B | 3 | D | 7 | A | 4 | 0 | 6 | E |
| B | E | A | 0 | 9 | D | 5 | 6 | C | 1 | 8 | 3 | 2 | 7 | 4 |
| D | 9 | 2 | 3 | 4 | 7 | A | B | 1 | 5 | C | 8 | E | 0 | 6 |
| 6 | 7 | C | 2 | A | 5 | 9 | 0 | E | D | 3 | 1 | 8 | 4 | B |
| A | 8 | E | 9 | 6 | 0 | C | D | 5 | 2 | 4 | B | 1 | 3 | 7 |
| 3 | 0 | 5 | 1 | B | C | 6 | 8 | 4 | 9 | E | 7 | D | 2 | A |
| 4 | 1 | B | 8 | D | E | 7 | 2 | 3 | A | 0 | 6 | C | 5 | 9 |
| 2 | 4 | D | A | 0 | 3 | E | 5 | B | 8 | 7 | 9 | 6 | 1 | C |
| E | 5 | 8 | 4 | 2 | 1 | D | C | 7 | 3 | 6 | A | B | 9 | 0 |
| 0 | A | 9 | C | 8 | B | 4 | 1 | 6 | E | 5 | 2 | 7 | D | 3 |
| C | 6 | 7 | D | 5 | 9 | 3 | A | 8 | B | 1 | 0 | 4 | E | 2 |
| 1 | B | 3 | 7 | E | 6 | 0 | 9 | 2 | 4 | D | C | 5 | A | 8 |

ଗତକାଲିର ଉତ୍ତର



# ଓଡ଼ିଶାରେ ଶୈକ୍ଷିକ ଅସଙ୍ଗତି

ଡ. ସୁବାସ ଚନ୍ଦ୍ର ପାତ୍ର

ଓଡ଼ିଶାରେ ଶିକ୍ଷା ଓ ଶିକ୍ଷକ ବିପରୀତ ଦିଗକୁ ଗତି କଲା ଭଳି ଜଣାପଡ଼ନ୍ତି। ବ୍ୟବସ୍ଥା ପ୍ରଣୟନକର୍ତ୍ତା ଓ ରୂପାୟନକାରୀ ମଧ୍ୟରେ ସଂଯୋଗର ଅଭାବ ଓ ବିଶ୍ୱାସହୀନତା ଯୋଗୁ ବ୍ୟବସ୍ଥାକର୍ତ୍ତାମାନେ ଯେଉଁ ସ୍ୱପ୍ନ ଦେଖାନ୍ତି ବାସ୍ତବ କ୍ଷେତ୍ରରେ ତାହା ରୂପାୟିତ ହୋଇପାରେ ନାହିଁ। ତା' ଛଡ଼ା ଓଡ଼ିଶାରେ ଶିକ୍ଷାବିତ୍, ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ରଙ୍କର ଶିକ୍ଷାନୀତି ପ୍ରଣୟନରେ କିଛି ଭୂମିକା ନ ଥିବାରୁ ବ୍ୟବସ୍ଥା ସଜାଡ଼ିବାକୁ ବିଭାଗୀୟ ମୁଣ୍ଡିଆଳମାନଙ୍କୁ ଛାଡ଼ି ସ୍ୱତଃପ୍ରବୃତ୍ତ ଭାବେ ଅନ୍ୟ କେହି ଆଗେଇ ଆସନ୍ତି ନାହିଁ, ଯେଉଁଥିପାଇଁ ବିଭିନ୍ନ ଅବ୍ୟବସ୍ଥା ବର୍ଷ ବର୍ଷ ଚାଲେ। ତାହା ଠିକ୍ କି ଭୁଲ୍ କେହି ପାଟି ଫିଟାନ୍ତି ନାହିଁ। ଏ ପ୍ରକାର ଏକ ସାମୂହିକ ଉଦାସୀନତା ଓଡ଼ିଶାର ଶିକ୍ଷାବ୍ୟବସ୍ଥାକୁ ପଙ୍ଗୁ କରି ଦେଇଛି। ତିନୋଟି କ୍ଷେତ୍ରକୁ ଉଦାହରଣ ହିସାବରେ ନିଆଯାଇପାରେ।

ଆମେ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦୁହାଇ ଦେଉଥିଲା ବେଳେ ଶିକ୍ଷାନୀତି ଓ ଶୈକ୍ଷିକ ସଂରଚନା ବିଷୟରେ କେନ୍ଦ୍ର ସରକାରଙ୍କୁ ଅନୁସରଣ କରୁନାହୁଁ। ନବେ ଦଶକ ପରଠୁ କେନ୍ଦ୍ର ସରକାର ଶିକ୍ଷାବିଭାଗର ନାମ ପରିବର୍ତ୍ତନ କରି ମାନବ ସମ୍ବଳ ବିଭାଗ କଲେ କିନ୍ତୁ ପ୍ରଥମରୁ ଏହି ବିଭାଗ ନିମ୍ନ ପ୍ରାଥମିକଠୁ ଉଚ୍ଚତର କାରିଗରି ଶିକ୍ଷା (ଆଇଆଇଟି ଓ ଆଇଆଇଏମ୍ ଭଳି ସଂଭ୍ରାନ୍ତ ଅନୁଷ୍ଠାନ) ପର୍ଯ୍ୟନ୍ତ ଶିକ୍ଷା ପରିଚାଳନା ଦାୟିତ୍ୱ ବହନ କରୁଥିଲା ବେଳେ ଏଠି ସେହି କାର୍ଯ୍ୟଟି ୩ଟି ବିଭାଗ ମଧ୍ୟରେ ବଣ୍ଟା ହୋଇଛି। ସବୁଠୁ କୌତୂହଳର କଥା ଆଜିର ବିଜ୍ଞାନ ଓ କାରିଗରି ଯୁଗରେ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ ଭଳି 'ବିଶେଷ କ୍ଷେତ୍ରୀୟ ଶିକ୍ଷା' ଶିଳ୍ପ ବିଭାଗର ଲାଞ୍ଜ ହୋଇ ରହିଛି। ଶିଳ୍ପ ବିଭାଗ ଶିକ୍ଷା ବିଭାଗ ନୁହେଁ। ଏହା ଶିଳ୍ପ, କଳକାରଖାନା ପ୍ରତିଷ୍ଠା, ଧୂଳି ଧୂଆଁର ସମସ୍ୟା ବୁଝିବା ପରେ ଅବଶିଷ୍ଟ ସମୟରେ କ'ଣ କାରିଗରି ଶିକ୍ଷା କଥା ବୁଝିବ? ସ୍କୁଲ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ଓ କାରିଗରି ଶିକ୍ଷା ଓଡ଼ିଶାରେ ୩ଟି ଦ୍ୱୀପ ହୋଇ ରହୁଥିବାରୁ କାହାରି ସହିତ କାହାରି ସଂଯୋଗ ନାହିଁ। ଫଳରେ ପାଠ୍ୟକ୍ରମର ପୁନରାବୃତ୍ତି ହୁଏ। ୩ ବିଭାଗରେ ଉପଲବ୍ଧ ମାନବସମ୍ବଳର ସୁବିନିଯୋଗ ହୋଇପାରେ ନାହିଁ। କେନ୍ଦ୍ର ସରକାର ଭଳି ଗୋଟିଏ ବିଭାଗ ନିୟନ୍ତ୍ରଣ କରୁ ନ ଥିବାରୁ ପଢ଼ା ଯାଉଥିବା ବିଷୟଗୁଡ଼ିକ ଆନ୍ତଃବିଷୟକ ହୋଇପାରେ ନାହିଁ। ଉଦାହରଣ ସ୍ୱରୂପ ମ୍ୟାନେଜମେଣ୍ଟ କୋର୍ସ, କମ୍ପ୍ୟୁଟର ବିଜ୍ଞାନ, ସୂଚନା ପ୍ରଯୁକ୍ତି ବିଜ୍ଞାନ ପାଠ୍ୟକ୍ରମ ଉଚ୍ଚଶିକ୍ଷା ବିଭାଗ ମଧ୍ୟ ପରିଚାଳନା କରୁଥିବାରୁ ଗୋଟିଏ ବିଭାଗ ନ ହେଲା ନାହିଁ ଆପାତତଃ ତିନୋଟି ବିଭାଗର ଜଣେ କେନ୍ଦ୍ରୀୟ ସଞ୍ଚାଳକ ଥିଲେ ସେ ସବୁର ସମନ୍ୱୟ କରିପାରନ୍ତେ। ଠିକ୍ ସେହିପରି ଗଣଶିକ୍ଷା ଓ ଉଚ୍ଚଶିକ୍ଷା ମଧ୍ୟରେ ସମନ୍ୱୟ ରହିପାରନ୍ତା। ତେଣୁ କାରିଗରି ଶିକ୍ଷାକୁ ଶିଳ୍ପ ବିଭାଗରୁ ବାହାର କରି ଏକ ସ୍ୱତନ୍ତ୍ର ବିଭାଗ କରାଯାଉ ଏବଂ ମୁଖ୍ୟ ସଚିବ ବା ଉନ୍ନୟନ କମିଶନ ସ୍ତରରେ ୩ଟି ବିଭାଗର ଜଣେ ଯୋଗସୂତ୍ରକାରୀ ଅଧିକାରୀ ରୁହନ୍ତୁ, ଯିଏ ଏ ତିନୋଟି ଶିକ୍ଷାକ୍ଷେତ୍ରର ସମନ୍ୱୟ ଦାୟିତ୍ୱରେ ରହିବେ।

ବିଭାଗ ଅଲଗା ହେଲେ କେମିତି ଚିତ୍ର ବଦଳେ, ବିଚିତ୍ର ସ୍ଥିତି ଦେଖାଯାଏ ତାହାର ଉଦାହରଣ ହେଲା ଆଦର୍ଶ ବିଦ୍ୟାଳୟ ଓ ମଡେଲ ଡିଗ୍ରୀ କଲେଜର ସ୍ଥିତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଆଦର୍ଶ ବିଦ୍ୟାଳୟର ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ପରିଚୟ ସୃଷ୍ଟିକାରୀ କୋଠା ଏବଂ କ୍ୟାଡରଭୁକ୍ତ ଶିକ୍ଷକ ଥିଲାବେଳେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମଡେଲ ଡିଗ୍ରୀ କଲେଜ କେଉଁ ଦୃଷ୍ଟିରୁ 'ମଡେଲ' ବୁଝି ହୁଏନାହିଁ। କ'ଣ ପାଇଁ ସେ ଅନୁଷ୍ଠାନଗୁଡ଼ିକ ଆଦର୍ଶ କୁହାଯିବ ତା'ର ଉତ୍ତର ଉଚ୍ଚଶିକ୍ଷା ବିଭାଗ ନିକଟରେ ନାହିଁ। ନା ତା'ର ଅଛି ଢାଞ୍ଚାଗତ ସ୍ୱାତନ୍ତ୍ର୍ୟ ଯେଉଁଠି କିଛି ଆଦର୍ଶ ଶିକ୍ଷା ପ୍ରଦାନ କରାଯିବ ନା ସେଥିପାଇଁ ଅଛି ଚିହ୍ନିତ କ୍ୟାଡରଯୁକ୍ତ ଅଧ୍ୟାପକ। ବିଭିନ୍ନ କଲେଜରୁ କାର୍ଯ୍ୟରତ ଅଧ୍ୟାପକମାନଙ୍କୁ ସାଉଁଟି ତହିଁରେ ବିଞ୍ଚି ଦିଆଯାଇଛି। ପରିଣାମ ସ୍ୱରୂପ ଶିକ୍ଷକ ମରୁଡ଼ି ଯୋଗୁ ପୂର୍ବ କଲେଜଗୁଡ଼ିକ ଯାହା ଯେମିତି ଚାଲୁଥିଲେ ବି ୮ଟି ମଡେଲ କଲେଜକୁ ଶିକ୍ଷକ ବାଣ୍ଟିଦେଲା ପରେ ସେ ଅନୁଷ୍ଠାନଗୁଡ଼ିକର ଶିକ୍ଷାଦାନ କ୍ଷେତ୍ର ଆହୁରି ଦୁର୍ବଳ ହୋଇଯାଇଛି। ତେଣୁ ଗଣଶିକ୍ଷା ବିଭାଗକୁ ଅନୁକରଣ କରି ମଡେଲ ଡିଗ୍ରୀ କଲେଜଗୁଡ଼ିକ ପ୍ରକୃତରେ 'ମଡେଲ' ହିସାବରେ ଗଢ଼ାଯାଉ ଏବଂ ସେଥିପାଇଁ ନିର୍ଦ୍ଦିଷ୍ଟ କ୍ୟାଡରର ଅଧ୍ୟାପକ ଚୟନ କରାଯାଉ, ଯେଉଁମାନେ ସେହି ଅନୁଷ୍ଠାନଗୁଡ଼ିକ ମଧ୍ୟରେ ବଦଳି ହେବେ ଏବଂ 'ମଡେଲ' ଶବ୍ଦର ଯଥାର୍ଥତା ପାଇଁ ସେମାନେ ଯେତେ ଉଚ୍ଚମାନର ହେବେ ସେତେ ଭଲ।

ତିନୋଟି ବିଭାଗ ମଧ୍ୟରେ ସମନ୍ୱୟ ପାଇଁ କୌଣସି କେନ୍ଦ୍ରୀୟ ନୋଡାଲ ଅଧିକାରୀ ନ ଥିବାରୁ ପୁସ୍ତକ ପ୍ରଣୟନ ଓ ପାଠ୍ୟକ୍ରମ ଖସଡ଼ା କ୍ଷେତ୍ରରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ତାହାର ସବୁଠୁ ଜ୍ୱଳନ୍ତ ଉଦାହରଣ 'କମ୍ୟୁନିକେଟିଭ ଇଂଲିଶ'କୁ ନେଇ ୩ଟି ସ୍ତରରେ ପୁସ୍ତକ ପ୍ରଚଳନ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ, ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମହାବିଦ୍ୟାଳୟ ଓ ଶିଳ୍ପବିଭାଗ ଦ୍ୱାରା ପରିଚାଳିତ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜରେ ଏହି ପାଠ୍ୟକ୍ରମ ରହିଛି। ଏଥିପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ଉଚ୍ଚମାନର ପୁସ୍ତକ ଉପଲବ୍ଧ ଏବଂ ପାଠ୍ୟକ୍ରମ ମଧ୍ୟ ନିର୍ଦ୍ଧାରିତ। ଅଳ୍ପ ବହୁତେ ସେ ପ୍ରକାର ପାଠ ମଧ୍ୟ ଯୁକ୍ତ ଦୁଇ ସ୍ତରରେ ପ୍ରଚଳିତ। ଯଦି ତିନୋଟି ବିଭାଗ ମଧ୍ୟରେ ସମନ୍ୱୟ ଥାନ୍ତା ଗୋଟିଏ ବା ଦୁଇଟି ଖଣ୍ଡରେ ସେ ପୁସ୍ତକ ପ୍ରଣୟନ କରାଯାନ୍ତା। ତାହା ଯୁକ୍ତ ୨ କଲେଜ, ଉଚ୍ଚଶିକ୍ଷା ଅଧୀନ ଡିଗ୍ରୀ କଲେଜ ବା ଇଞ୍ଜିନିୟରିଂ କଲେଜଗୁଡ଼ିକରେ ପଢ଼ାଯାଇପାରନ୍ତା। ଅବା ମୂଳରୁ ପ୍ରଣୟନ ନ କରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଭଳି ଭାରତର ପ୍ରମୁଖ ଉଚ୍ଚଶିକ୍ଷାନୁଷ୍ଠାନ ତରଫରୁ ପ୍ରକାଶିତ ପୁସ୍ତକକୁ ମଧ୍ୟ ଚୟନ କରାଯାଇପାରନ୍ତା। କିନ୍ତୁ ତା' ହେଉ ନ ଥିବାରୁ ଏଠି ଖାଲି ପୁନରାବୃତ୍ତି। ଯୁକ୍ତ ଦୁଇ ସ୍ତରରେ ସେମିତି କିଛି ପାଠ ଯୁକ୍ତ ୩ରେ ପଢ଼ାଯାଉଛି ଏବଂ ଯାହା ବି ପଢ଼ାଯାଉଛି ତାହା ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁଯାୟୀ ହେଉନାହିଁ। କୌତୂହଳର କଥା ଶିକ୍ଷାବିତ୍, ପାଠ୍ୟପୁସ୍ତକ ବିଶାରଦ, ଇଂଲିଶ ଶିକ୍ଷକମାନଙ୍କୁ ଅବାନ୍ତର ଏବଂ ଅପମାନିତ କରି ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଏହିପ୍ରକାର ଏକ ପୁସ୍ତକ ପ୍ରକାଶ କରିଛନ୍ତି ଯାହାକୁ ସମ୍ପାଦନା କରିଛନ୍ତି ସେହି ବିଭାଗର ଜଣେ କାର୍ଯ୍ୟରତ ପ୍ରଶାସକ, ଜଣେ ପରିଷଦ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ଆଉ ଜଣେ ବାହାର ବ୍ୟକ୍ତି। ପ୍ରଶାସକ ଓ ବିଜ୍ଞାନ ଶିକ୍ଷକମାନେ ଯଦି ଇଂଲିଶ ପାଠ୍ୟପୁସ୍ତକ ରଚନା କରିବେ, ତା'ହେଲେ ପାଠ୍ୟପୁସ୍ତକ ବିଶାରଦମାନେ ରହିବେ କାହିଁକି? ଯାହା ଲେଖାଯାଇଛି ତାହା ଜାତୀୟ ତଥା ଅନ୍ତର୍ଜାତୀୟ ପାଠ୍ୟକ୍ରମକୁ ଅନୁସରଣ ନ କରି ମନଇଚ୍ଛା ଲେଖାଯାଇଛି। ଯଦି ସମ୍ପୃକ୍ତ ବ୍ୟକ୍ତିମାନେ କମ୍ୟୁନିକେଟିଭ ଇଂଲିଶରେ ପାରଦର୍ଶୀ ସେମାନେ ସରକାରୀ ଅର୍ଥରେ ପାଠ୍ୟପୁସ୍ତକ ସମ୍ପାଦନା ନ କରି ନିଜେ ଲେଖି ଘରୋଇ ପ୍ରକାଶକ ଦ୍ୱାରା ପ୍ରକାଶିତ କରି ନିଜର ତଥା ରାଜ୍ୟର ଗୌରବ ବଢ଼ାନ୍ତୁ।

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ, ବାଲେଶ୍ୱର,
ମୋ:୯୪୩୭୩୭୬୨୧୯



# ବିବାହ ବାହନ ବିଭ୍ରାଟ

ଡ. କୁଳାଙ୍ଗାର

ବାଇଧର ବେଳେ ପଖାଳ ଖାଇ ଏଡଡି ମାରିଲା ବେଳକୁ ମୋବାଇଲି ଫୋନ୍‌ଟା କେଁ କେଁ ହୋଇ ବାଜି ଉଠିଲା। ସିଏ ହ୍ୟାଲୋ କରୁ କରୁ ସେପଟୁ ଘଡଘଡିଆ ସ୍ୱରରେ କିଏ ଗୋଟେ ପଚାରିଲା- ତମେ ଥାକୁଲୁର ବାପା କହୁଛ?

ବାଇଧର କହିଲା- ହଁ, ଥାକୁଲୁ ମୋ ପୁଅ। କ'ଣ ହେଲା କି? ତମେ କିଏ?

ସେପଟୁ ଶୁଭିଲା- ଆମେ ପୋଲିସ୍। ମାମଲା ସିରିୟସ୍। ତମେ ଯଥାଶୀଘ୍ର ଗଛପଡା ଛକରେ ପହଞ୍ଚ।

ପୋଲିସ୍‌ର କଥାଶୁଣି ବାଇଧରର ମନକୁ ପାପ ଛୁଇଁଲା। ସିଏ ମନେମନେ ଭାବିଲା- ଆଜିକାଲିକା ପିଲା। ଏଗୁଡାକ ତ ଧରା ନ ପଡିଲା ଯାଏଁ ଭଦ୍ରପିଲା, ତା' ପରେ ମଦୁଆ! ପୁଅଟା ମୋର କିଛି ଗୋଟେ ଅପରାଧ କରି ପକାଇନି ତ? ନ ହେଲେ ଦୁର୍ଘଟଣା ହୋଇନି ତ! ଏମିତି ଭାବୁଭାବୁ ବାଇଧର ଛକ ଉପରେ ପହଞ୍ଚିଗଲା।

କାହିଁକି ମୁଁ ବାହା ହେଉଥିଲିରେ... ବୋଲି କହି ରାସ୍ତା ମଝିରେ ମୁଣ୍ଡରେ ହାତ ବାଡେଇ ବାଇଧର ବିବଧ କାନ୍ଦଣା ସ୍ୱରରେ ବାହୁନି ଉଠନ୍ତେ ଆଖ ପାଖରେ ଥିବା ଦେଖଣାହାରୀଏ ମାଗଣାରେ ରିୟଲଟି ଶୋ ଦେଖିବା ପାଇଁ ସେ ସ୍ଥାନକୁ ମାଡି ଆସିଲେ।

ବାଇଧରର ସରଳରେଖା ସମ ଚେହେରା ସାମ୍ନାକୁ ବୃତ୍ତାକାର ଭାବରେ ପେଟଟି ବାହାରି ରହିଛି। ଦାନ୍ତମାନେ ବହୁଦିନ କାର୍ଯ୍ୟରତ ରହି ବିରକ୍ତି ସହିତ କାମ ପଡିଲେ ଅସହଯୋଗ ଆନ୍ଦୋଳନ କରି ହଲହଲ ହେଉଛନ୍ତି। ଚୁଟିମାନଙ୍କ ମଧ୍ୟରୁ କେତେ ଆଇନ ଅମାନ୍ୟ ଆନ୍ଦୋଳନ କରି ତା' ମୁଣ୍ଡକୁ ଛାଡି ସାରିଛନ୍ତି, ବଳକା ଯେତକ ଦୟା ପରବଶ ହୋଇ ଅଛନ୍ତି ନିଜର ଅସନ୍ତୋଷକୁ ଦର୍ଶାଇବାକୁ ଯାଇ ନିଜର ରଙ୍ଗ ବଦଳେଇ ଦେଇଛନ୍ତି। ଅର୍ଥାତ୍ ଯେ କେହି ତାକୁ ଦେଖିଲେ ଏକମତ ହେବ କି ବାଇଧର ବାହା ହେବାର ବହୁବର୍ଷ ହେଲାଣି। ତା' ବାପା ସମେତ ତାକୁ ବାହା କରାଇବା ପାଇଁ ସାଥିରେ ଯାଇଥିବା ବାପାଙ୍କ ସମେତ ବରଯାତ୍ରୀ, ବ୍ରାହ୍ମଣ, ବାରିକ ଓ ବାଜାବାଲା ଆରପୁରକୁ ଚାଲିଗଲେଣି। ତଥାପି ଏତେ ବର୍ଷ ପରେ ନିଜର ବାହା ହେବାର ନିଷ୍ପତ୍ତିକୁ ଦୋଷ ଦେବାଟା କିଛି ବୁଝା ପଡିଲାନି।

ତା' କାନ୍ଦଣାର ଆକର୍ଷଣ ଶକ୍ତି ଦେଖି ପୋଲିସ୍ ତାଜୁବ୍। ସହଜେ ତ ଆଜିକାଲି ପୋଲିସ୍‌କୁ ଶନିଦଶା ପଡିଛି। ଆଗରୁ ଥାନାକୁ ଗଲେ ଲୋକଙ୍କୁ ଡର ମାଡୁଥିଲା। ଏବେ ଲୋକେ ଥାନାକୁ ଗଲେ ପୋଲିସ୍‌କୁ ଡରମାଡୁଛି। ଯଦି ଉପର ମହଲକୁ ଫୋନ୍ କରି ଲୋକଟି ଜଣେଇଦେଲା କି ଆଜ୍ଞା ଅମୁକ ଥାନାକୁ ଯାଇଥିଲି, ସମୁକ ଥାନାବାବୁ ମୋତେ ଅପରାଧୀ ପରି ବ୍ୟବହାର କଲେ ତେବେ କିଏ କହିପାରିବ ନିଜ ହାଜତରେ ନିଜକୁ ଢୁକିବାକୁ ପଡିପାରେ।

ତେବେ ବାଇଧର ଅବଶ୍ୟ ଥାନାକୁ ଯାଇ ନ ଥିଲା। ତା' କାନ୍ଦଣାଜନିତ ଘଟଣାଟି ରାସ୍ତା ଉପରେ ଘଟିଛି। ତେବେ ଏ ଘଟଣାଟି ସହିତ ବାହାଘରର ସମ୍ପର୍କ ଆସିଲା କେଉଁଠୁ?

ପୋଲିସ୍ ସେଇକଥା ପଚାରନ୍ତେ ବାଇଧର କହିଲା- ସମ୍ପର୍କ ଅଛି ନା। ଏଇ ଯେଉଁ ବାଇକ୍ ଖଣ୍ଡିକ ଧରି ପୁତ୍ରମଣି ମୋର ଆସିଛି ସେଇଟା ପରା ମୋତେ ଯୌତୁକରେ ମିଳିଥିବା ବାଇକ୍। କେତେ ଆଉ କେତେ ପ୍ରସ୍ତାବ ଆସିଥିଲା। ହେଲେ ଏଇ ବାଇକ୍‌ଟା ଯୌତୁକ ମିଳିଲା ବୋଲି ମୁଁ ଲୋଭରେ ସେଇଠି ବାହା ହୋଇ ପଡିଲି। ଆଉ ଆଜି ତା'ର ଫଳ ଭୋଗିଲି।

ପୋଲିସ୍ କହିଲା- ଭଲ କଥା କହୁଛୁ! ହଇରେ ଏକରେ ତ ଯୌତୁକ ଦେବାନେବା ବେଆଇନ। ତା' ପରେ ଯୋଉ ଗାଡି ଖଣ୍ଡିକ ରଖିଛୁ, ତା'ର ଖଣ୍ଡେ ହେଲେ କାଗଜ ନାହିଁ। ସେଥିରେ ପୁଣି ବାହାହେବା ନିଷ୍ପତ୍ତିକୁ ନିନ୍ଦୁଛୁ?

ବାଇଧର କହିଲା- ଆଜ୍ଞା ନିନ୍ଦିବିନି? ଏ ଗାଡିର ଦାମ୍ ଆଜ୍ଞା ସେତେବେଳେ ଥିଲା ମୋଟ ଅଠର ହଜାର ସାତଶହ ବାଇଶ ଟଙ୍କା। ଆଉ କାଗଜପତ୍ର ନାହିଁ ବୋଲି ଆପଣ ଜରିମାନା କରିଛନ୍ତି ବାସ୍ତରି ହଜାର ଛ' ଶହ ପନ୍ଦର ଟଙ୍କା। ଆଜ୍ଞା, ସେତିକି ଟଙ୍କାକୁ ବ୍ୟାଙ୍କରେ ରଖିଥିଲେ ବି ଆଜି ଏତିକି ଟଙ୍କା ହୋଇ ନ ଥାନ୍ତା। କାଗଜ କଥା ପଚାରୁଛନ୍ତି। ଯା ସାଥିର ଲୋକେ ଆଜ୍ଞା ଇହଧାମରେ ନାହାନ୍ତି, ଆଉ କାଗଜ କୁଆଡୁ ଆସିବ?

ପୋଲିସ୍ କହିଲା- ତା'ହେଲେ ଏ ଗାଡିଟାକୁ କବାଡିଆକୁ ଦେଇଦେବା କଥା।

ସିଏ କହିଲା- ସେ ଚେଷ୍ଟା କରି ମୁଁ ବିଫଳ ହୋଇଛି ଆଜ୍ଞା। ମୋ ଘରଣୀ ଏ ଗାଡିଟାକୁ ଆଣିଥିଲା ବୋଲି, ମୋଠୁ ବେଶି ଗାଡିଟାକୁ ଭଲପାଏ। ତେଣୁ ମୋ କଥା ଶୁଣି କହିଲା; ତା' ହେଲେ ମୋତେ ବି ଦେଇଦେଉନ!

ବାଇଧର ପୁଣି କହିଲା- ବାହା ହେଲି ବୋଲି ସିନା ଏ ପୁତ୍ରମଣି ଜନ୍ମ ହେଲା। ବିନା ଲାଇସେନ୍ସରେ ଗାଡି ଚଳେଇ ଧରା ପଡିଲା!

ତାଆର ବିତଣ୍ଡା ଯୁକ୍ତି ଶୁଣି ସମବେତ ଲୋକମାନେ ଧୀରେ ଧୀରେ ନିଜ ପଥରେ ଚାଲିବା ଆରମ୍ଭ କଲେ। ଏବେ ବଡ ପୋଲିସ୍ ବାବୁ ତାକୁ ରାସ୍ତା କଡକୁ ଡାକିନେଇ କାନରେ କହିଲା- ପୁଅକୁ କହ ଗାଡିଟାକୁ ନ ଚଢି ଗଡେଇ ଗଡେଇ ଘରକୁ ନେଇଯିବ। ଆଉ ହଁ ସ୍ତ୍ରୀକୁ ଯେମିତି ଘରେ ରଖିଚୁ, ସାଥିରେ ଆଣିଥିବା ଗାଡିଟାକୁ ସେମିତି କେବଳ ଘରେ ରଖିବୁ। ଭୁଲ୍‌ରେ ବି ରାସ୍ତାକୁ ବାହାର କରିବୁନି।

ଏହା ଦେଖି ବଡପୋଲିସ୍ ବାବୁଙ୍କ ଅଧୀନ କନଷ୍ଟେବଳ ପ୍ରଶ୍ନିଳ ଦୃଷ୍ଟିରେ ଚାହାନ୍ତେ ସିଏ ବୁଝେଇଲେ; ୟେ ଯେଉଁ ରେଟ୍‌ରେ ଯୁକ୍ତି କରୁଛି, କିଛି ସମୟ ପରେ କହିଥାଆନ୍ତା- ଏ ଦେଶ ବ୍ରିଟିଶ୍ ଅଧୀନ ହେଲା କାହିଁକିରେ... ଯଦି ହେଲା ପୁଣି ସ୍ୱାଧୀନ ହେଲା କାହିଁକିରେ...?

କନଷ୍ଟେବଳ ପଚାରିଲା- ସେ କଥା ସିଏ କାହିଁକି ପଚାରିଥାଆନ୍ତା ସାହେବ୍?

ପୋଲିସ୍ ସାହେବ୍ କହିଲେ- ଆରେ ବୋକା, ବିବାହରୁ ଯେମିତି ପୁତ୍ରର ଜନ୍ମ, ଏଥିରୁ ସେମିତି ଆମର ଜନ୍ମ!

ମାର୍ଫତ୍- ଗାନ୍ଧୀ ପଣ୍ଡା, କଳାଘର-
ଲେମ୍ଭୋ, ଅଲରା , ନରସିଂହପୁର,
କଟକ, ମୋ- ୯୩୩୮୫୮୧୩୦୯,
dr.kulangar@gmail.com

## ଏଇ ଭାରତରେ

କାଶ୍ମୀରର ମୁସଲମାନ ଝିଅ ଇଫରା ଓ ହରିୟାଣାର ହିନ୍ଦୁ ମହିଳା ଗୀତା ପରସ୍ପର ପରିବାରର ସଦସ୍ୟଙ୍କୁ କିଡ୍‌ନୀ ଦାନ କରି ସାମ୍ପ୍ରଦାୟିକ ସଦ୍‌ଭାବନାର ବାର୍ତ୍ତା ଦେଇଛନ୍ତି। ପୁଲ୍‌ୱାମା ନିବାସୀ ଜୁବେଦା ବାନୋଙ୍କ ଭଳି ହରିୟାଣା ପଞ୍ଚକୁଲାର ଯମୁନାନଗରରେ ବାସ କରୁଥିବା ଅଜୟ ମଧ୍ୟ କିଡ୍‌ନୀ ରୋଗରେ ପୀଡିତ ଥିଲେ । ଉଭୟଙ୍କର ଦୁଇଟିଯାକ କିଡ୍‌ନୀ ବି ନଷ୍ଟ ହୋଇଯାଇଥିଲା। ସେମାନେ ପଞ୍ଚକୁଲାର ଅଲ୍‌କେମିଷ୍ଟ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ବଞ୍ଚିବାର ଆଶା ବି କ୍ଷୀଣ ହୋଇ ଆସୁଥିଲା। ଯମୁନାନଗର ନିବାସୀ ୩୩ ବର୍ଷୀୟ ଅଜୟଙ୍କୁ ତାଙ୍କ ସ୍ତ୍ରୀ ଗୀତା କିଡ୍‌ନୀ ଦେବା ଲାଗି ଚାହିଁଥିଲେ ମଧ୍ୟ ବ୍ଲଡ୍ ଗ୍ରୁପ ଭିନ୍ନ ହେବାରୁ ତାହା ସମ୍ଭବ ହୋଇ ନ ଥିଲା । ଜୁବେଦାଙ୍କ ଜୀବନ ବଞ୍ଚାଇବା ଲାଗି ତାଙ୍କ ସ୍ୱାମୀ କିଡ୍‌ନୀ ଦେବାକୁ ଚାହିଁ ଥିଲେ କିନ୍ତୁ ତାହା ଫିଟ୍ ହୋଇ ନ ଥିଲା। ଏହାପରେ ଜୁବେଦାଙ୍କ ଝିଅ ଇଫରା କିଡ୍‌ନୀ ଦେବା ଲାଗି ପ୍ରସ୍ତୁତ ହୋଇଥିଲେ ମଧ୍ୟ ବ୍ଲଡ୍‌ଗ୍ରୁପ୍ ତାଙ୍କ ମା'ଙ୍କ ସହ ମିଶି ନ ଥିଲା। ଅନ୍ୟ ପକ୍ଷରେ କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ଜୁବେଦାଙ୍କୁ ମାନବ ଅଙ୍ଗ ପ୍ରତିରୋପଣ ନିୟମ ଅନୁଯାୟୀ ସବୁ ଔପଚାରିକତା ବହୁ କଷ୍ଟରେ ପୂରଣ କରିଥିଲେ । ପରେ ଗୀତାଙ୍କ କିଡ୍‌ନୀ ଜୁବେଦା ଓ ଇଫରାଙ୍କ କିଡନୀ ଅଜୟଙ୍କ ସହ ମେଳ ଖାଉଥିବା ଜଣାପଡିଥିଲା । ଏହାପରେ ସେହି ହସ୍ପିଟାଲରେ ଗୀତାଙ୍କ କିଡ୍‌ନୀ ଜୁବେଦା ଓ ଇଫରାଙ୍କ କିଡ୍‌ନୀ ଅଜୟଙ୍କଠାରେ ପ୍ରତିରୋପଣ କରାଯାଇଛି ବୋଲି କହନ୍ତି ହସ୍ପିଟାଲର ସର୍ଜନ ନୀରଜ ଗୋୟଲ। ସାମ୍ପ୍ରତିକ ସମୟରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଝଗଡା ଲାଗୁଥିବାବେଳେ ଇଫରା ଓ ଗୀତାଙ୍କ କିଡ୍‌ନୀ ଦାନ କିଛି ଶିକ୍ଷା ଗ୍ରହଣ କରିବାକୁ ବାଟ ଦେଖାଇଛି।

## ଚିରନ୍ତନୀ

ମୋଚନ କର ବିରହ-ଶାପ
ବନ୍ଧନ ହେ ବନ୍ଧନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
ଶୀତଳ ନିଶା ବିରହ ଖେଦ
ପାରଇ ନାହିଁ ସହି ତ
ବିକଳି ତାର ଦୟିନି ଶୁଣ
ନିଖିଳ ଜନ ଦୟିତ!

(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସୂଚନା ଦେଉ ନ ଥିବା ଅଧିକାରୀଙ୍କୁ ବିଦା କରାଯାଉ

ମହାଶୟ,

ସରକାର ପ୍ରତ୍ୟେକ ବିଭାଗର କାର୍ଯ୍ୟକ୍ରମଗୁଡିକର ଠିକ୍ ସ୍ଥିତି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ୨୦୦୫ ମସିହାରୁ ପ୍ରଣୟନ କରିଛନ୍ତି ସୂଚନା ଅଧିକାର ଆଇନ। ଏହା ବଳରେ ସରକାରୀ କାର୍ଯ୍ୟାଳୟଗୁଡିକରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ସୂଚନା ମିଳିବାର ନିୟମ ରହିଥିଲେ ହେଁ ତାହା ଯଥାସମୟରେ ଉପଲବ୍ଧ ହୋଇପାରୁ ନାହିଁ। ଏହି କ୍ରମରେ ୨୦୧୯ ଅକ୍ଟୋବର ୧୬ ଦିନ ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ରାମପୁର ଗ୍ରାମର ଜନୈକ ସାମାଜିକ କର୍ମୀ ନିର୍ଦ୍ଧାରିତ ଫର୍ମରେ ୨୦୧୩ରୁ ୨୦୧୯ ମଧ୍ୟରେ ତାଙ୍କ ତାଳଜଙ୍ଗ ଗ୍ରାମପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ଇନ୍ଦିରା ଆବାସ, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇବା ନିମିତ୍ତ ରେଜିଷ୍ଟର୍ଡ ଡାକ ଯୋଗେ ବ୍ଲକ୍‌ର ଜନସୂଚନା ଅଧିକାରୀଙ୍କ ନିକଟକୁ ଏକ ଚିଠି ପଠାଇଥିଲେ। ୩ ମାସରୁ ଅଧିକ ସମୟ ବିତିଯାଇଥିଲେ ବି ସେ କୌଣସି ତଥ୍ୟ ନ ପାଇବାରୁ ବାଧହୋଇ ପୁଣି ଉପରିସ୍ଥ ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟକୁ ୧୧।୧୨।୨୦୧୯ରେ ଏକ ଚିଠି ପଠାଇଥିଲେ। ତଥାପି ଏଯାଏ କୌଣସି ତଥ୍ୟ ତାଙ୍କର ହସ୍ତଗତ ହୋଇପାରିନାହିଁ। ତେଣୁ ଯେଉଁ ଅଧିକାରୀଙ୍କ ଅବହେଳା ପାଇଁ ସାଧାରଣ ଲୋକେ ଉପଯୁକ୍ତ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ବାରମ୍ବାର ଅବହେଳା କଲେ ଚାକିରିରୁ ବହିଷ୍କାର କରାଯାଉ।

ସୁଶାନ୍ତ କୁମାର ଖଟୁଆ, ସାମାଜିକ କର୍ମୀ, ଜେନାପୁର, ଯାଜପୁର

### ବିବାହ ସ୍ମୃତି ପାଇଁ ଲଗାନ୍ତୁ ଗଛ

ବିବାହ ହେଉଛି ନୂଆ ଜୀବନ ସୃଷ୍ଟିକାରୀ ସାମାଜିକ ବ୍ୟବସ୍ଥାଟିଏ। ତେବେ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ଓ ପର୍ଯ୍ୟାବରଣର ସଙ୍କଟଜନକ ଅବସ୍ଥା ଦୃଷ୍ଟିରୁ ପରିବେଶର ସୁରକ୍ଷା ପାଇଁ ସମସ୍ତେ ଚିନ୍ତା କରିବା ଉଚିତ। ଏହି ପରିପ୍ରେକ୍ଷୀରେ ଝିଅ-ପୁଅମାନେ ବିବାହ ସ୍ମୃତି ପାଇଁ ବାହାଘର ଦିନ କିଛି ଗଛ ଲଗାନ୍ତୁ। ଏହାଦ୍ୱାରା ସାରା ବିଶ୍ୱ ଉପକୃତ ହେବ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବିକାଶ ଯୋଜନା ଫେଲ୍ ମାରୁଛି କାହିଁକି

ରାଜ୍ୟ ସରକାର ବିଭିନ୍ନ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରି ପ୍ରଶଂସା ସାଉଁଟୁଥିବା ବେଳେ କେତେକ ଯୋଜନା ଫେଲ୍ ମାରୁଛି କାହିଁକି? ବମିଖାଲ ପୋଲ ହେଉ କିମ୍ବା ଏୟାର ପୋର୍ଟ ଛାତ ଅର୍ଦ୍ଧନିର୍ମିତ ଅବସ୍ଥାରେ ଖସିପଡି ଜନସାଧାରଣଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଛି। ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳରେ ଯେତେସବୁ ସରକାରୀ ନିର୍ମାଣ କାର୍ଯ୍ୟ ହେଉଛି ସେଥିରେ ପି.ସି. କାରବାର ଯୋଗୁ କାର୍ଯ୍ୟ ନିମ୍ନମାନର ହେବା ସହିତ ସରକାରଙ୍କର ଯୋଜନା କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠୁଛି। ନାଁକୁ ମାତ୍ର ତଦନ୍ତ ହେଉଛି, କିଛିଦିନ ଗଡିଗଲା ପରେ ଲୋକେ ଭୁଲିଯାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫ଟି ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

ବରଗଡ଼ ଅଫିସ, ୫।୩: ବରଗଡ଼ ଜିଲା ପାଇକମାଳ ବ୍ଲକ୍ ଅନ୍ତର୍ଗତ କାଂସଡ଼ା ଗ୍ରାମରେ ଗୁରୁବାର ପାଣିରେ ବୁଡ଼ି ଜଣେ ଶିଶୁକନ୍ୟାର ମୃତ୍ୟୁ ହୋଇଛି। ମୃତ ଶିଶୁକନ୍ୟା ହେଲେ ଏହି ଗ୍ରାମର ମୟ ନାୟକଙ୍କ ଝିଅ ସଞ୍ଜୁବତୀ (୧୩)। ସେ ନିକଟସ୍ଥ ଏକ ଜଳାଶୟକୁ ଯାଇଥିବାବେଳେ ସେଠାରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଖବରପାଇ ଭିଏଲ୍‌ଡବ୍ଲ୍ୟୁ ସାନନ୍ଦ ମେହେର ମୃତକଙ୍କ ଘରକୁ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ମୃତ ଶିଶୁକନ୍ୟାଙ୍କ ବାପା ମଧ୍ୟ ଗତ କିଛି ମାସ ତଳେ ହାଇଦ୍ରାବାଦ ଦାଦନ ଖଟିବାକୁ ଯାଇଥିବା ପରିବାର ଲୋକେ କହିଛନ୍ତି। ଶିଶୁକନ୍ୟାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଫିକା ପଡ଼ିବ ରଙ୍ଗର ପର୍ବ

ରଙ୍ଗର ପର୍ବ ହୋଲିକୁ ଆଉ ମାତ୍ର ୫ଦିନ ରହିଲା । ଏଥର ଅଧିକାଂଶଙ୍କ ମନରେ ହୋଲି ଉତ୍ସାହ ନାହିଁ । ଅନ୍ୟବର୍ଷ ତୁଳନାରେ ଏଥର ହୋଲି ବଜାର ମଧ୍ୟ ମାନ୍ଦା ପଡ଼ିଛି। କରୋନା ଭାଇରସ ଭୟ ହୋଲିର ଉତ୍ସାହ, ଉଦ୍ଦୀପନାକୁ ଫିକା କରି ଦେଇଛି । ଏ ନେଇ ଏକ ମତାମତ ଭିତ୍ତିକ ଉପସ୍ଥାପନା ।



ବରଗଡ଼ ଏସ୍‌ପି ଅଫିସ ଛକରେ ଥିବା ହୋଲି ବଜାର ।

## ସବୁଠି କରୋନା ଭୟ



ମୁଁ ଆଗରୁ ପ୍ରତିବର୍ଷ ହୋଲି ଖେଳି ଆସୁଥିଲି । ହେଲେ ଏଥର ଖେଳିବି ନାହିଁ। କାରଣ ହୋଲି ଖେଳ ଦ୍ୱାରା କରୋନା ଭାଇରସ ସଂକ୍ରମଣ ହୋଇପାରେ ବୋଲି କୁହାଯାଉଛି। ଫଳରେ ଏଥର ରଙ୍ଗ ନ ଆଣିବା ପାଇଁ ବାପାଙ୍କୁ କହିଛି ।–**ଶୌର୍ଯ୍ୟ ସଙ୍କେତ ସାହୁ**



କରୋନା ଭାଇରସକୁ ନେଇ ଏବେ ସବୁଠି ଆତଙ୍କ ଖେଳିଯାଇଛି । ଫଳରେ ମୁଁ ବାହାରୁ ଆସିଥିବା ରଙ୍ଗ ଖେଳିବି ନାହିଁ । ଘରେ ପ୍ରସ୍ତୁତ ରଙ୍ଗକୁ ନେଇ ହୋଲି ଖେଳିବି। କେମିକାଲ ନୁହେଁ, ଅର୍ଗାନିକ ରଙ୍ଗକୁ ବ୍ୟବହାର କରିବି ବୋଲି ଭାବିଛି।–**ପ୍ରୀତି ସାହୁ**



କେମିକାଲ ରଙ୍ଗକୁ ନେଇ ହୋଲି ଖେଳିବା ଠିକ୍ ନୁହେଁ । କାରଣ ତାହା ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ସେହିପରି ବର୍ତ୍ତମାନ କରୋନା ଭାଇରସ୍ ଭୟ ରହିଛି । ଫଳରେ ମୁ ଏଥର ହଳଦୀକୁ ନେଇ ଖେଳିବି ବୋଲି ଚିନ୍ତା କରିଛି।–**ରୀମା ସାହୁ**



କରୋନା ଭାଇରସ୍ ଯୋଗୁ ଏଥର ହୋଲିର ମଜା ନାହିଁ । ପୁଣି ପରୀକ୍ଷା ଅଛି । ଫଳରେ ହୋଲି ପ୍ରତି ସେତେ ଉତ୍ସାହ ନାହିଁ । ପରିବାର ଲୋକଙ୍କ ସହିତ ସେମିତି ଟିକେ ରଙ୍ଗ, ଫଗୁ ବୋଲି ହୋଲି ପାଳିବି ବୋଲି ଭାବିଛି।
–**ଗୌରୀ ହାତୀ**



ପ୍ରାୟ ପ୍ରତିବର୍ଷ ହୋଲି ବଜାର ଖୋଲୁଛୁ । ଏଥର ସେତେ ବେପାର ହେବ ବୋଲି ଭାବୁନାହୁଁ । ପାଗ ବି ଠିକ୍ ରହୁନି ଏବଂ ଆଉ ଛାତ୍ରୀଛାତ୍ରଙ୍କ ପରୀକ୍ଷା ମଧ୍ୟ ରହିଛି । ସେହିପରି କରୋନା ଭାଇରସକୁ ନେଇ ରହିଥିବା ଭୟ ମଧ୍ୟ ହୋଲି ବଜାରକୁ କିଛିମାତ୍ରାରେ ପ୍ରଭାବିତ କରିପାରେ।–**ଗିରିଶ ବେହେରା**

**(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)**

# ଲୋକ ସଭା ଉପବାଚସ୍ପତି ପଦ ବିଜେଡିକୁ ମିଳିବା ନେଇ ଚର୍ଚ୍ଚା

**ଭୁବନେଶ୍ୱର,୫।୩(ବ୍ୟୁରୋ)**

ପାର୍ଲାମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବଜେଟ ଅଧିବେଶନ ଜାରି ରହିଛି। ଓମ୍ ବିର୍ଲା ବାଚସ୍ପତି ଭାବେ ନିଜ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ସହାୟତା କରିବା ପାଇଁ ଉଦ୍ଦିଷ୍ଟ ଉପବାଚସ୍ପତି ପଦ ଖାଲିପଡ଼ିଛି। କିଛିମାସର ବ୍ୟବଧାନ ପରେ ଏହି ପଦବୀ ପୂରଣ ନେଇ କେନ୍ଦ୍ର ସରକାର ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ତେଣୁ ଓଡ଼ିଶାରୁ ୧୨ ଆସନ ସହ ପ୍ରତିନିଧିତ୍ୱ କରୁଥିବା ବିଜେଡିକୁ ଭାଜପା ଏହି ପଦ ଛାଡ଼ିପାରେ ବୋଲି କୁହାଯାଉଛି।

ସାଧାରଣ ନିର୍ବାଚନ ସରିବା ପରେ ମହାରାଷ୍ଟ୍ରର ଶିବସେନା ଲୋକ ସଭା ବାଚସ୍ପତି ପଦ ପାଇଁ ଦୃଢ଼ ଦାବିଦାର ଥିଲା। ହେଲେ ଗତବର୍ଷ ହୋଇଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନୂଆ ସମୀକରଣ ଆଣିଛି। ଦୀର୍ଘଦିନର ସହଯୋଗୀ ଶିବସେନା ଭାଜପାଠୁ ଅଲଗା ହୋଇଛି। ଅପରପକ୍ଷରେ ବିଜେଡି ବିଭିନ୍ନ ଜାତୀୟ ପ୍ରସଙ୍ଗରେ ଭାଜପାକୁ ପାର୍ଲାମେଣ୍ଟରେ ସମର୍ଥନ ଦେଇଆସିଛି। ତେଣୁ ବିଜେଡି ଏହି ପଦକୁ ହାତେଇବାର ଯଥେଷ୍ଟ ସମ୍ଭାବନା ଥିବା କୁହାଯାଉଛି। କଟକରୁ ପ୍ରତିନିଧିତ୍ୱ କରୁଥିବା ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ନାଁକୁ ନେଇ ମଧ ଚର୍ଚ୍ଚା ହେଉଛି। ଦଳର ସବୁଠୁ ସଂସଦୀୟ ଅଭିଜ୍ଞତା ଥିବା ସଦସ୍ୟ ହୋଇଥିବାରୁ ଭର୍ତ୍ତୃହରିଙ୍କୁ ଉପବାଚସ୍ପତି କରାଯିବା ନେଇ ଆଲୋଚନା ହେଉଛି। ବର୍ତ୍ତମାନ ବାଚସ୍ପତି ବିର୍ଲାଙ୍କ ସମେତ ଭର୍ତ୍ତୃହରି, ଏନ୍.କେ ପ୍ରେମଚନ୍ଦ୍ରନ୍, ରମା ଦେବୀ, କିରିଟ୍ ପି ସୋଲାଙ୍କୀ, ରାଜେନ୍ଦ୍ର ଆଗ୍ରୱାଲ, କୋଡିକୁନ୍ନିଲ ସୁରେଶ, ଏ.ରାଜା, ପିଭି ମିଧୁନ ରେଡ୍ଡୀ, କାକୋଲି ଘୋଷ ଦସ୍ତିଦାର ଏବଂ ମୀନାକ୍ଷୀ ଲେଖି ଲୋକ ସଭା ପରିଚାଳନା ପ୍ୟାନେଲର ସଦସ୍ୟ ରହିଛନ୍ତି।

# ଲୁଗା ବ୍ୟବସାୟୀଙ୍କ ଘରୁ ଚୋରି

**ବରପାଲି, ୫।୩ (ଡି.ଏନ.ଏ)**

ବରପାଲି ଥାନା ଅନ୍ତର୍ଗତ ବନ୍ଧପାଲି ଛକ ରାସ୍ତାର ମାଉସୀ ମାଁ ମନ୍ଦିର ନିକଟରେ ଥିବା ଜଣେ ଲୁଗା ବ୍ୟବସାୟୀଙ୍କ ଘରୁ ବୁଧବାର ବିଳମ୍ବିତ ରାତ୍ରିରେ ଏକ ବଡ ଧରଣର ଚୋରି ହୋଇଛି । ଚୋରମାନେ ବ୍ୟବସାୟୀ ଗଜପତି ମେହେରଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ପ୍ରାୟ ଲକ୍ଷାଧିକ ଟଙ୍କାର ୬୦ ଖଣ୍ଡ ହାତବୁଣା ଶାଢ଼ୀ ଓ ୩୦ ହଜାର ନଗଦ ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ବରପାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଡଗ୍ ସ୍କ୍ୱାଡ ଓ ସାଇଣ୍ଟିଫିକ୍ ଦଳ ସହାୟତାରେ ଗୁରୁବାର ସକାଳେ ଘଟଣାସ୍ଥଳରେ ଛାନଭିନ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଚୋରି ସାମଗ୍ରୀ ଓ ଚୋରମାନଙ୍କ ସମ୍ପର୍କରେ କିଛି ସୁରାକ ମିଳିପାରି ନାହିଁ । ଏ ନେଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ରୋଜାଲିନ ପଟେଲ କହିଛନ୍ତି ।

# ଅଭିଯୁକ୍ତଙ୍କୁ ୧୫ ବର୍ଷ କାରାଦଣ୍ଡାଦେଶ

## ବଳାତ୍କାର ସହ ନାବାଳିକାଙ୍କୁ ଗର୍ଭବତୀ କରିବା ମାମଲା

**ଅନୁଗୋଳ ଅଫିସ, ୫।୩:** ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ସହ ଗର୍ଭବତୀ କରିବା ମାମଲାର ବିଚାର କରି ଅନୁଗୋଳ ସ୍ପେଶାଲ ପୋକ୍ସୋ ଜଜ୍ ପ୍ରଭାକର ଗଣ୍ଡିଆ ଗୁରୁବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୫ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୋଟ୍ ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜଜ୍ ଏହି ରାୟ ଶୁଣାଇଥିବା ସୂଚନା ମିଳିଛି।

ମାମଲାରୁ ପ୍ରକାଶ ଯେ, ନାବାଳିକାଙ୍କୁ ୧୪ ବର୍ଷ ହୋଇଥିବା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ୧୭ ବର୍ଷୀୟ ଅଭିଯୁକ୍ତ ଜଣକ ତାଙ୍କୁ ମାରଣାସ୍ତ୍ର ଦେଖାଇ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ ନ କହିବାକୁ ଧମକ ଦେଇ ଦୀର୍ଘ ଦିନ ଧରି ତାଙ୍କୁ ବଳାତ୍କାର କରିଆସୁଥିଲେ। ତେବେ ନାବାଳିକା ଜଣଙ୍କ ଗର୍ଭବତୀ ହେବା ପରେ ୨୦୧୬ ଫେବୃୟାରୀ ୨ରେ ଘଟଣା ପଦାକୁ ଆସିଥିଲା। ନାବାଳିକା ସମସ୍ତ କଥା ପରିବାର ଲୋକଙ୍କ ଆଗରେ କହିଥିଲେ। ହେଲେ ଅଭିଯୁକ୍ତଙ୍କ ବାପା ଏହାର ଆପୋଷ ସମାଧାନ ପାଇଁ ୩ ଦିନ ସମୟ ନେଇଥିଲେ। କିନ୍ତୁ ସେ ସମାଧାନ ନ କରିବାରୁ ନାବାଳିକାଙ୍କ ମା' ୨୦୧୬ ଫେବୃୟାରୀ ୫ରେ ହଣ୍ଡପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨୦୧୬ ମେ ୧୮ରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପ୍ରଥମେ ସିସିଆଇ କୋର୍ଟରେ ମାମଲାର ବିଚାର ହୋଇଥିଲା। ଅଭିଯୁକ୍ତ ଜଣଙ୍କ ସାବାଳକ ହେବା ପରେ ମାମଲା ଅନୁଗୋଳ କୋର୍ଟକୁ ବିଚାର ପାଇଁ ଆସିଥିଲା। ଉପରୋକ୍ତ ରାୟ ସହ ଜେଲରେ ଦୋଷୀ ଯୁବକଙ୍କ ପାଠପଢ଼ା, କାଉନସେଲିଂ, ସ୍କିଲ ଡେଭଲପମେଣ୍ଟ ଓ ଆଚାର ବ୍ୟବହାର କିପରି ରହୁଛି ସେ ନେଇ ରିପୋର୍ଟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ସରୋଜ ପଟ୍ଟନାୟକ ପରିଚାଳନା କରୁଥିଲେ।

### ୩ ବର୍ଷୀୟ ପୁଅର ଡାକ ଶୁଣିଲେନି ଅଭିଯୁକ୍ତ ବାପା

ବଳାତ୍କାର ଯୋଗୁ ଗର୍ଭବତୀ ହୋଇଥିବା ସମ୍ପୃକ୍ତା ନାବାଳିକା ପରେ ଏକ ଶିଶୁ ସନ୍ତାନ ଜନ୍ମ ଦେଇଥିଲେ। ଏବେ ତାଙ୍କ ପୁଅକୁ ୩ ବର୍ଷ ହେଲାଣି। ଗୁରୁବାର ରାୟ ପ୍ରକାଶ ବେଳେ ଶିଶୁପୁତ୍ରଟି ମା'ଙ୍କ ସହ କୋର୍ଟକୁ ଆସିଥିଲେ। ପୋଲିସ ଦୋଷୀ ଯୁବକଙ୍କୁ ଜେଲ୍‌କୁ ନେଇ ଯାଉଥିବା ବେଳେ ଶିଶୁପୁତ୍ରଟି ପଛରେ ବାପା ବାପା ଡାକିକିଛି ବାଟ ଯାଇଥିଲେ। ଏପରି ବିରଳ ଦୃଶ୍ୟ ଅନେକଙ୍କ ଆଖିରେ ଅଶ୍ରୁ ଭରି ଦେଇଥିଲେ ବି ଦୋଷୀ ପିତାଙ୍କ ମନ ଆଦୌ ବିଚଳିତ ହୋଇ ନ ଥିଲା କି ତାଙ୍କ ପିତୃତ୍ୱ କାଣିଚାଏ ବି ଜାଗ୍ରତ ହୋଇ ନ ଥିଲା। ପିଲାଟିକୁ ଆଡ଼ ଆଖିରେ ସେ ନ ଚାହିଁ ପୋଲିସ ସହ ଚାଲିଯିବା କୋର୍ଟ ପରସରରେ ଚର୍ଚ୍ଚାର ବିଷୟ ହୋଇଥିଲା।

# ଘାରିଲା କରୋନା ଭୟ, ବଢ଼ିଲା ମାସ୍କ ଡିମାଣ୍ଡ

- ଦୋକାନରୁ ଦୋକାନ ବୁଲି ନିରାଶ ହେଉଛନ୍ତି ଲୋକେ
- କଳାବଜାରୀ ନୁହେଁ, ଅର୍ଡର ଅନୁଯାୟୀ ଆସୁନି ମାଲ୍: ବ୍ୟବସାୟୀ



**ଭୁବନେଶ୍ୱର, ୫।୩(ବ୍ୟୁରୋ)**

ଚାଇନାରୁ ଏବେ ସାରା ବିଶ୍ୱକୁ ବ୍ୟାପିଚାଲିଥିବା ମାରାତ୍ମକ କରୋନାକୁ ନେଇ ଏବେ ଭାଳେଣି ପଡିଛି। ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଓଡ଼ିଶାରେ ମଧ ଏକାଧିକ ସନ୍ଦିଗ୍ଧ ରହିଛନ୍ତି। ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିବା ରାଜ୍ୟ ସରକାର ଏବେ ଆହୁରି ତତ୍ପରତା ପ୍ରକାଶ କରିଛି। ରାଜ୍ୟ ସରକାର ଓ ବିଭିନ୍ନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯିବା ପରେ ଲୋକଙ୍କ ମନରେ ଭୟ ବଢ଼ିଯାଇଛି। ଗାଁଠୁ ସହର ଆତଙ୍କ, ଆଶଙ୍କା ଭିତରେ ଘାରି ହେଉଛନ୍ତି ଲୋକେ। ବିଶେଷକରି ସରକାରଙ୍କ ସତର୍କତା ଓ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମାକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି ଲୋକେ। ଫଳରେ ମାସ୍କ, ସାନିଟାଇଜର ଆଦିର ଡିମାଣ୍ଡ ବଢ଼ିଛି। ଏପରିସ୍ଥିତିରେ ଔଷଧ ଦୋକାନରେ ଏସବୁ ସାମଗ୍ରୀ ପାଇଁ ଭିଡ଼ ଆରମ୍ଭ ହୋଇଥିଲେ ମଧ ଆବଶ୍ୟକ ପରିମାଣରେ ମହଜୁଦ ନ ଥିବାରୁ ଲୋକେ ନିରାଶ ହେଉଛନ୍ତି। ବିଶେଷକରି ମାସ୍କ ପାଇଁ ଦୋକାନରୁ ଦୋକାନ ବୁଲୁଥିଲେ ମଧ ମାସ୍କ ମିଳୁ ନ ଥିବା ଜଣାପଡିଛି। ଯେଉଁ ଦୋକାନରେ ଅଳ୍ପକିଛି ମହଜୁଦ ରହିଛି ତାହାକୁ ଅଧିକ ଦାମ୍‌ରେ ବିକ୍ରି କରାଯାଉଥିବା ମଧ ଅଭିଯୋଗ ହେଉଛି। ସେହିଭଳି ଆଗୁଆ ସାନିଟାଇଜର କିଣି ଘରେ ମହଜୁଦ ରଖିବାକୁ ମଧ ଲୋକେ ଲାଗିପଡ଼ିଛନ୍ତି। ଫଳରେ ଏହାର ବିକ୍ରି ବଢ଼ିଯାଇଥିବା ଔଷଧ ଦୋକାନୀମାନେ କହିଛନ୍ତି।

ଏ ନେଇ ବାପୁଜୀନଗରସ୍ଥିତ ରବୀନ୍ଦ୍ର ମେଡିସିନ ଷ୍ଟୋର କର୍ତ୍ତୃପକ୍ଷ କହିଛନ୍ତି, ଦୋକାନରେ ମାସ୍କ ଯାହାଥିଲା ସବୁ ବିକ୍ରି ହୋଇସାରିଛି। ଅର୍ଡର ଦିଆଯାଇଥିଲେ ମଧ ମାସ୍କ ଆସିବାରେ ବିଳମ୍ବ ହେବ ବୋଲି ଡିଲର ଜଣାଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ସେବା ଓ ଆଶୀର୍ବାଦ ମେଡିକାଲ ଷ୍ଟୋର୍‌ର ମିଥୁନ ଓ ସଞ୍ଜୟ କହିଛନ୍ତି, ହଠାତ୍ ଲୋକଙ୍କ ଡିମାଣ୍ଡ ବଢ଼ିବାରୁ ମାସ୍କ ଅଭାବ ଦେଖାଦେଇଛି। ଅଧିକ ମାସ୍କ ରଖି ନ ଥିବାରୁ ଲୋକେ ଫେରୁଛନ୍ତି। ମାସ୍କ ଅର୍ଡର କରିବାରୁ ଡିଲର ଦର ବଢ଼ିଥିବା କହୁଛନ୍ତି। ଯେଉଁମାନେ ଅଧିକ ଦାମ୍ ଦେଇ କିଣୁଛନ୍ତି, ସେମାନେ ତ ଗ୍ରାହକଙ୍କଠାରୁ ଅଧିକ ଦର ହିଁ ନେବେ। ସେହିପରି ବମିଖାଲ କେନାଲ ରୋଡ୍‌ରେ ଥିବା ଆପୋଲୋ ଫାର୍ମସୀ କର୍ତ୍ତୃପକ୍ଷ କହିଛନ୍ତି, ମାଷ୍ଟର କ୍ୟାଣ୍ଟିନ୍‌ରେ ଥିବା ଡିପୋରୁ ନିୟମିତ ଭାବେ ମାସ୍କ ଆସେ ଓ ବିକ୍ରି ହୁଏ। ହେଲେ ଡିପୋରେ ମାସ୍କ ଷ୍ଟକ୍ ନାହିଁ।

### ଯାଞ୍ଚ ପାଇଁ ବିମାନବନ୍ଦରରେ ସ୍ୱତନ୍ତ୍ର କ୍ୟାମ୍ପ

କରୋନା ସଂକ୍ରମଣ ରୋକିବାକୁ ଭୁବନେଶ୍ୱର ବିମାନ ବନ୍ଦରରେ 'ମେଡିକାଲ ସ୍କ୍ରିନିଂ ସେଣ୍ଟର' ଖୋଲାଯାଇଛି। ଏହି ସ୍ୱତନ୍ତ୍ର କ୍ୟାମ୍ପରେ ବିଶେଷଜ୍ଞଙ୍କ ସହ ଡାକ୍ତରୀ ଟିମ୍ ସଜାଗ ରହିଛନ୍ତି। ସେମାନେ ବିଦେଶରୁ ଆସୁଥିବା ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଟିକିନିଖି ଯାଞ୍ଚ କରୁଛନ୍ତି। ପ୍ରଥମେ ଦିଲ୍ଲୀରେ ଓ ପରେ ଭୁବନେଶ୍ୱରରେ ଯାତ୍ରୀମାନେ ଦ୍ୱିତୀୟ ଯାଞ୍ଚର ସମ୍ମୁଖୀନ ହେଉଛନ୍ତି। ପୂରା ଯାଞ୍ଚ ପ୍ରକ୍ରିୟା କ୍ୟାପିଟାଲ ହସ୍ପିଟାଲ ଦ୍ୱାରା ପରିଚାଳିତ ହେଉଛି। ଏନେଇ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ କହିଛନ୍ତି, ବିଦେଶରୁ ସପ୍ତାହକୁ ୪ ବିମାନ ରାତିରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ଯାତ୍ରୀଙ୍କ ଡାକ୍ତରୀ ପରୀକ୍ଷା କରାଯାଉଛି। ଏବେ ଏୟାର ଇଣ୍ଡିଆର ଦୁଇଟି ବିମାନ ନୂଆଦିଲ୍ଲୀରୁ ଆସୁଥିବାରୁ ଦିନରେ ଆସୁଥିବା ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଅନ୍ୟାନ୍ୟ ଯାଞ୍ଚ ଆରମ୍ଭ ହୋଇଛି।

# ଷୋଳ ପ୍ରହର ନାମଯଜ୍ଞ ସମ୍ପନ୍ନ

**ବିଜେପୁର, ୫।୩ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ଜମିଦାର ପଡାରେ ଚାଲିଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଗୁରୁବାର ସମ୍ପନ୍ନ ହୋଇଛି । ଏହି ଅବସରରେ ମଙ୍ଗଳବାର ଅପରାହ୍ନରେ ଦାମୋଦରକଟାରୁ ଭବ୍ୟ କଳସ ଶୋଭାଯାତ୍ରା ହୋଇଥିଲା। ପରେ ଅଧିବାସ ସହ ରୀତିନୀତି ଅନୁଯାୟୀ ଅଖଣ୍ଡ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଉଦଯାପନୀ ସମାରୋହରେ ପଡା ଓ ବାଞ୍ଜିଡୁଙ୍ଗୁରିର ବାଦୀ ରଙ୍ଗୀନ ସଂକୀର୍ତ୍ତନ ଦଳ ନାମ ଜପ କରିଥିଲେ । ସନ୍ଧ୍ୟାରେ ବାଦପାଲି ଓ ସମଲାଇପଦରର ଉଦଣ୍ଡ ସଂକୀର୍ତ୍ତନ ନଗର ପରିକ୍ରମା କରିଥିଲେ । ପାର୍ବତୀ ପାତ୍ର ଓ ଜଗନ୍ନାଥ ପାତ୍ର ଯଜ୍ଞର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସୁରେନ୍ଦ୍ର ମହାପାତ୍ର, ରଞ୍ଜନ ମହାପାତ୍ର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ସଭାପତି ପ୍ରେମାନନ୍ଦ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀ ନାରାୟଣ ଷଡଙ୍ଗୀ, ଜନାର୍ଦ୍ଦନ ପାତ୍ର, ଶୁକଦେବ ବାଗ, ଭାଗବତ ପଧାନଙ୍କ ସମେତ ପଡାବାସୀ ସହଯୋଗ କରିଥିଲେ ।

**E-Auction Notice**
**Sale of Salvage**

E-Auction will be held for sale of damaged material metallic & non-metallic scrap belonging to M/s JINDAL STAINLESS LTD. Kalinga Nagar Industrial Complex, Duburi, Dist.: Jajpur - 755026, Orissa, India on **"AS IS WHERE IS BASIS"** condition on **17/03/2020**

For accessing the details of e-auction, details of material, location for inspection, terms and conditions etc., visit **www.mjunction.in** or contact

Mjunction Mr. Kiranjit Chakraborty on telephone 8584008243

Or, M/s Jindal Stainless Ltd. Duburi-755026, Orissa Mr. Manoj Jati on telephone No. 9777450740

Or, M/s Bhatawadekar Insurance Surveyors & Loss Assessors Pvt. Ltd. Vakola, Santacruz (East), Mumbai - 400055. Phone: 022-2667 4425/26

# ଗାଁଗଡ଼ାରେ ବଁଚିଛେ ଖେଜାବୁଜାର କୁଟନି ପସରା

**ବିଜେପୁର, ୫।୩ (ଡି.ଏନ୍.ଏ.)**

ସମିଆର ଛାଁଚେ ପଡି ସମାଜର ଚାଲିଚଲନ୍ ରିତି ରିକମା ବଦଲିଗଲାନ। ଯେନ୍‌ଥିର ଲାଗି ଚଲିତ ସମିଆରେ ସବୁକିଛି ଡିଜିଟାଲ ହେଇ ବସଲାନ। ହେଲେ ଦିନ୍‌ଥିଲା ମୁନୁଷର କାମକବାର, ମନତନ୍ ଅଲଗ୍ ଥିଲା। ଇ ଆଧୁନିକ ଯୁଗେ ଲୋକ୍ ବିନା ପଏସାପତରରେ ହାଟ୍ କରି ଯାଉଛନ୍। ଡିଜିଟାଲ ପେମେଣ୍ଟ କରୁଛନ୍। ଏନ୍‌ତା କି ଲୋକ୍ ଗୁଟେ ଜାଗାରେ କେନ୍‌ଥେଇ ସବୁ ଜିନିଷ ପାଇପାରବେ ସେଟାକେ ଦେଖୁଛନ୍। ସେନ୍‌ତା ଆଘକାଲେ ଗାଁଗଁଲିରେ ଖେଜାବୁଜା କୁଟନି ପସରାମାନ ଗୁଟେ ଡିଜିଟାଲ ବେବସ୍ତା ଲେଖେଁ ଲୁକ୍‌କୁ ସୁବିଧା ଯୁଗଉଥିଲା। ଅଏଜ୍ ବି ଅନେକ ଗାଁଗଁଡ଼ାଥି ଖେଜାବୁଜା କୁଟନି ପସରା ଦେଖିବାକେ ମିଳୁଛେ। ଛୋଟମୋଟ ଦୁକାନୀକେ ଗାଁଗଁଲିଥି କୁଟନି କୁହାଯାଏସି। ଇଠାନେ କୁଟନି ଆଲୁ, ସାରୁ, ପଲଘଁଟା, ଶୁଖୁଆନୁ ମୂଳ କିରି ଭାଂଗ, ବିଡ଼ି ହରେକ୍ ରକମର ପସରା ମେଲେଇଥିସି। ଇନେ ପଏସା କଉଡନୁ ଖେଜାବୁଜା ବଦଲାବାର କାରବାରଟା ଜହଁ ହେସି। ଖେଜାବୁଜା ବଏଲେ ଲୋକ ନିଜର କମାଲା ଧାନଚାଉଳ, ମୁଗବିରି ହି ବଦଲା ନିଜର ମନଚାହି ଜିନିଷ୍ କୁଟନି ଠାନୁ ଘିନ୍‌ବାରଟାକେ ବୁଝାସି। କିଏ ଗିନା ତାସ୍‌ଗିଁଥି ଆର କିଏ ଭୁଗଲି ଟୁପଲିଥି ଧାନଚାଉଳ ଧରି କୁଟନି ପସରାକେ ଆଏସନ। ଗରାଖ ଆନିଥିବାର୍ ଜିନିଷକେ ଉଜନ କରି କୁଟନି ବଜାରର ଦରଦାମ୍ ହିସାବେ ଗରାଖର ମନ ଚାହି ଜିନିଷପତର ତଉଲି କରି ଦେସି। ସମିଆକେ ସମିଆ ଲୁକ୍‌କଁର ଖେଜାବୁଜା ସାମାନ ବଦଲାବାରଟା ବି ବଦିଲସି। ଚାର, ମହୁଲ, ଟୋଲ ସମିଆକେ ଗରାଖ ସିଧାସଲଖ ଇଟାକେ କୁଟନିକେ ଦେଇ ନିଜର ମନଚାହି ଜିନିଷ ଆନିଥିସି। ଖେଜାବୁଜାନୁ ପାଇଥିବାର ଧାନଚାଉଳ, ଚାରମହୁଲକେ ଠୁଲେଇ କୁଟନି ସାହୁକାର ଠାନେ ନପେଇ ଦେସି। ଇ ରିକ୍‌ମାକେ ଦେଖିଲେ ଇତିହାସ ଯୁଗର୍ କଥା ସୋରପଡସି। ସେ ସମିଆରେ ଲୁକକର ହାତେପନ୍‌ତେ ପଏସାକଉଡ ନାଇଁଥାଇ। ଯେନ୍‌ଥିର୍ ଲାଗି ଲୋକ ନିଜର ଜିନିଷ ଦେଇ ଆଉ ଗୁଟେ ଜିନିଷ ଘିନୁଥିଲେ। ଠିକ୍ ସେନ୍‌ତା ଇ ଆଧୁନିକ୍ ଯୁଗେ ବି ସିଧାସଲଖ ପଏସା ପତରର ଦେନଲେନଟା କମି ବସଲାନ। ସବୁ ଡିଜିଟାଲ ଲେନ୍‌ଦେନ ହେଇ ବସଲାନ। ଏନ୍‌ତା କି ଲୋକ ଘରେ ବସି ନିଜର ମନଚାହି ଜିନିଷ ମଗାବାର୍ ତରିକା ମୂଳ ହେଲାନ। ଭେଁଡିଆ ଚାଷୀ ସୁଶାନ୍ତ ପୁଟେଲକୁ ପଚରାଲାରୁ ଗାଁଗଁଲିଥି ଖେଜାବୁଜା ବଦଲା କାମ ଚାଲିଛେ। କାଁକରି ବଏଲେ ଚାଷୀର ହାତେପନ୍‌ତେ ସବୁବେଲେ ପଏସା ନାଇଁଥାଏ। କମାଲା ଧାନ, ମୁଗ, ବିରି, ଚାର, ମହୁଲ, ଟୋଲକେ ଛୋଟ ଚାଷୀ ଭାଇ ଗାଁର କୁଟନି ପସରାଥି ଖେଜାବୁଜା ଦେଇ ତୁନଶାଖି, ମିକ୍‌ଚର, ବିସକୁଟ ଘିନୁଛନ୍। ସେନ୍‌ତା କୁଟନି ପସରାବାଲି ହେମକାନ୍ତି ତନସନାକୁଁ ପଚରାଲାରୁ ମହରଗର ଦୁନିଆଁଥି ଦିନୁ ଦିନକେ ଦରଦାମ ବଢୁଛେ। ହେ କଁଟେ ଆର୍ ଆଘୋର ମିତାର୍ ଲାଭ୍ ନାଇଁ ମିଲ୍‌ବାର। ବାପଅଜା ଅମଲର ବୁର୍‌ତିକେ ବଁଚେଇ ରଖିବାର ସାର୍ ହେଇଛେ ବଲି ସେ କହିଥିଲେ।



ଝନେ କୁଟନି ଖେଜାବୁଜାର୍ ପସ୍‌ରା ମେଲେଇ ବସିଛନ୍।

**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
(AN AUTONOMOUS INSTITUTION OF DEPARTMENT OF ATOMIC ENERGY, GOVT. OF INDIA)
Po-Bhimpur-Padanpur, Via-Jatni, Dist-Khurda-752050,
Phone- 0674-2494013, Fax-0674-2494004, web:- http://www.niser.ac.in

**Notice for Admission to Ph.D. Programme – 2020 (Summer Session)**

**Advt.No:NISER/ACAD/Ph.D/2020-21(1)**

Applications are invited from Indian citizens for admission to Ph.D Program scheduled to commence from **28th July, 2020 (Tuesday)** in the following schools of basic sciences at NISER Bhubaneswar:

1. **School of Biological Sciences (SBS)**
2. **School of Chemical Sciences (SCS)**
3. **School of Computer Sciences (SCPS)**
4. **School of Earth & Planetary Sciences (SEPS)**
5. **School of Humanities and Social Sciences (SHSS)**
6. **School of Mathematical Sciences (SMS)**
7. **School of Physical Sciences (SPS)**

No application/entrance fee is charged to the student. To and Fro single 2nd sleeper class railway fare will be provided to candidates called for the test/interview.

**Important dates:**
**Online application will be activated on : 01.03.2020 (Sunday)**
**Last date for filling up online application : 31.03.2020 (Tuesday)**

Kindly refer to our website **http://www.niser.ac.in** for details regarding eligibility criteria, application procedure and selection procedure.

**Sd/- Faculty-In-Charge (Academic Affairs)**

**ପୂର୍ବ ତଟ ରେଳପଥ**
**ଲିଖିତ ପରୀକ୍ଷା ନିମନ୍ତେ ଅଧିସୂଚନା**
**ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ପ୍ରକଳ୍ପରେ ଜମି ହରାଇଥିବା ବ୍ୟକ୍ତିଙ୍କୁ ନିଯୁକ୍ତି**

ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କୁ ଅଧିସୂଚିତ କରାଯାଉଅଛି କି, ନିମ୍ନବର୍ଣ୍ଣିତ ସମ୍ପୂର୍ଣ୍ଣ ବିବରଣୀ ଅନୁଯାୟୀ ତା.13.03.2020 ରିଖକୁ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ କରାଯାଇଛି :

| ସ୍ଥାନ | ତାରିଖ | ସମୟ |
|---|---|---|
| ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ସା-ଦେବାଇପଲି, ମାଝିପଲି ଛକ, ସମ୍ବଲପୁର-768200 | ତା.13.03.2020 ରିଖ (ଶୁକ୍ରବାର) | ଲିଖିତ ପରୀକ୍ଷା ଅପରାହ୍ନ 3.30 ଘଟିକାଠାରୁ ଅପରାହ୍ନ 5.00 ପର୍ଯ୍ୟନ୍ତ; ପ୍ରାର୍ଥୀମାନଙ୍କ ପାଇଁ ରିପୋର୍ଟିଙ୍ଗ୍ ସମୟ ଅପରାହ୍ନ 2.30 |

ଯୋଗ୍ୟ ପ୍ରାର୍ଥୀମାନେ ଲିଖିତ ପରୀକ୍ଷା ନିମନ୍ତେ ତା.09.03.2020 ରିଖ ସୁଦ୍ଧା କିମ୍ବା ତା'ପରେ ରେଲୱେ ରିକ୍ରୁଟମେଣ୍ଟ ସେଲ୍, ଭୁବନେଶ୍ୱର ୱେବ୍‌ସାଇଟ୍ rrcbbs.org.in ରେ ଉପଲବ୍ଧ ଲିଙ୍କ୍‌ରୁ ସେମାନଙ୍କ ପ୍ରବେଶ ପତ୍ର (Admit Card) ଡାଉନ୍‌ଲୋଡ୍ କରିପାରିବେ । ଯଦି କୌଣସି ପ୍ରାର୍ଥୀ ୱେବ୍‌ସାଇଟ୍‌ରୁ ପ୍ରବେଶ ପତ୍ର ଡାଉନ୍‌ଲୋଡ୍ କରିବାକୁ ସକ୍ଷମ ନହୁଅନ୍ତି, ତେବେ ସେ ତା.12.03.2020 ରିଖ ଦିନ ନିଜର ପରିଚୟ ପତ୍ର ଦେଖାଇ ତାହାକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିପାରିବେ ।

PR-764/K/19-20 — ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ/ସମ୍ବଲପୁର

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/2019-20 ତା.27.02.2020ରିଖ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.48-eT-SDENE-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନରେ ତିନି ବର୍ଷ ସମୟାବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (P.Way)/ ସଇଁତଳା, ସିନିୟର ସେକ୍ସନ ଇଂଜିନିୟର (P.Way)/ ବଲାଙ୍ଗୀର ଏବଂ ସିନିୟର ସେକ୍ସନ ଇଂଜିନିୟର (ୱାର୍କ୍ସ)/ବଲାଙ୍ଗୀର ପ୍ରତ୍ୟେକ ନିମନ୍ତେ ତିନି ଗୋଟି ଗାଡ଼ି (TATA-407 କିମ୍ବା ଅନୁରୂପ ମଡେଲ ଭଳି ମିନି ଟ୍ରାକ୍) ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 52,44,780.65, EMD (ଟଙ୍କାରେ) : 1,04,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 36 (ଛତିଶି)ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.38-eT-DENC-SBP-19
**କାର୍ଯ୍ୟର ନାମ:** 03(ତିନି) ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଚୁକ୍ତି ଭିତ୍ତିରେ ଗୋଟିଏ ନନ୍-ଏସି ଗାଡ଼ି (ସ୍କୋର୍ପିଓ/ଟାଟା ସୁମୋ/ ବୋଲେରୋ କିମ୍ବା ଅନୁରୂପ ମଡେଲ) ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 9,42,752.84, EMD (ଟଙ୍କାରେ): 18,900/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 2,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 36 (ଛତିଶି)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.23.03.2020ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

PR-756/K/19-20 — ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/2019-20 ତା.27.02.2020ରିଖ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.39-eT-DENW-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ଠିକାଦାରଙ୍କ ସେଲ୍ଫ ପ୍ରୋପେଲଡ଼ (Self Propelled)ରେଲ-ସହ-ରୋଡ୍ ମୋବାଇଲ୍ FBW ପ୍ଲାଣ୍ଟଗୁଡ଼ିକର ବ୍ୟବହାର ଦ୍ୱାରା ଫ୍ଲାସ ବଟ ୱେଲ୍ଡିଙ୍ଗ୍ ନିମନ୍ତେ ଇଣ୍ଡିଆନ୍ ରେଳବାଇ ମାନୁଆଲ ଅନୁଯାୟୀ ୱେଲ୍ଡେଡ୍ ଜଏଣ୍ଟଗୁଡ଼ିକର USFD ପରୀକ୍ଷଣ ସହିତ 60 କି.ଗ୍ରା./52 କି.ଗ୍ରା. ରେଲ୍‌ଗୁଡ଼ିକର ଫ୍ଲାସ ବଟ ୱେଲ୍ଡିଙ୍ଗ୍ (FBW) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2,88,13,547.85, EMD (ଟଙ୍କାରେ): 2,94,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.40-eT-DENW-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ଟିଟିଲାଗଡ଼-କେସିଙ୍ଗା ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି.215/2-3 ସ୍ଥିତ ଜଗୁଆଳି ଥିବା ଲେଭେଲ କ୍ରସିଙ୍ଗ୍ ନଂ.RV-172 ଠାରେ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 7,40,39,348.54, EMD (ଟଙ୍କାରେ): 5,20,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.41-eT-DENW-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଲାଖୋଲି-ଟିଟିଲାଗଡ଼ ସେକ୍ସନରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକ ଠାରେ 48.49 TKm ନିମନ୍ତେ ଥ୍ରୁ ବାଲାଷ୍ଟ ନବୀକରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2,01,93,105.41, EMD (ଟଙ୍କାରେ): 2,51,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.46-eT-SDENE-SBP-19
**କାର୍ଯ୍ୟର ନାମ:** ତିନି ବର୍ଷ ସମୟାବଧି ନିମନ୍ତେ ବିଭିନ୍ନ ସ୍ଥାନଗୁଡ଼ିକ ଠାରୁ ସମ୍ବଲପୁର ମଣ୍ଡଳ ପର୍ଯ୍ୟନ୍ତ ତଥା ବିପରୀତ ଦିଗରେ ବିଭିନ୍ନ ଟ୍ରାକ୍ ମେସିନ୍ ସମ୍ପର୍କିତ ସାମଗ୍ରୀ/ ଉପକରଣଗୁଡ଼ିକର ପରିବହନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 46,07,090.97, EMD (ଟଙ୍କାରେ): 92,200/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 3,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶି)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.23.03.2020ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

PR-755/K/19-20 — ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୬ ମାର୍ଚ୍ଚ, ୨୦୨୦



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
-ଫ୍ରାଙ୍କ୍ଲିନ୍



## ସଂକ୍ଷେପରେ

### ବଲାଙ୍ଗୀରରେ ଦୁଇଜଣିଆ ଲକ୍ଷ୍ୟ ସାର୍ଟିଫିକେଶନ୍ ଟିମ୍

**ବଲାଙ୍ଗୀର ଅଫିସ, ୫।୩:** ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଦୁଇଜଣିଆ ଲକ୍ଷ୍ୟ ସାର୍ଟିଫିକେଶନ୍ ଟିମ୍‌ର ସଦସ୍ୟ ପହଞ୍ଚି ଆବଶ୍ୟକ ତଦାରଖ ଆରମ୍ଭ କରିଛନ୍ତି । କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଏହି ଲକ୍ଷ୍ୟ ସାର୍ଟିଫିକେଶନ୍‌ରେ ଏହି ଦୁଇ ସଦସ୍ୟ ଚିକିତ୍ସାଳୟର ବାହ୍ୟ ତଦାରଖ କରିବା କାର୍ଯ୍ୟକ୍ରମ ରହିଛି । ଏହା ସହିତ ଲେବର ରୁମ୍‌ର ଗୁଣାତ୍ମକ ମାନ ନିରୀକ୍ଷଣ କାର୍ଯ୍ୟକ୍ରମ କରିବା ମଧ୍ୟ ନିର୍ଦ୍ଧାରିତ ହୋଇଛି। ଏହି ଟିମ୍‌ରେ ବିଶାଖାପାଟଣାରୁ ଡା ଏମ୍ ରୂପଲଥା ଓ ଦିଲ୍ଲୀ ମର୍ଫସ ହେଲ୍‌ଥ କେୟାର ପ୍ରାଇଭେଟ୍ ଲିମିଟେଡର ଡା ପୁନାଲ ରାଜପୁତ ବଲାଙ୍ଗୀର ଆସି ପହଞ୍ଚିଛନ୍ତି । ଏହି ଦୁଇ ସଦସ୍ୟ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ପହଞ୍ଚିବା ସମୟରେ ଡିନ୍ ପ୍ରଫେସର ଡା ଲଳିତ କୁମାର ମେହେର, ସୁପରିଣ୍ଟେଣ୍ଡେଣ୍ଟ ଡା ମହେନ୍ଦ୍ର କୁମାର ନାୟକ, ସିଡିଏମ୍‌ଓ ଡା ଇତମ କୁମାର ସାହୁ, ପ୍ରଫେସର ଡା ସସ୍ମିତା ସ୍ୱାଇଁ, ହସ୍ପିଟାଲ ମ୍ୟାନେଜର ସୁଦୀପ ଦତ୍ତ, ଡା ପ୍ରତ୍ୟୁଷ ପଟ୍ଟନାୟକ ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଲେବର ରୁମ୍‌କୁ ଯାଇ ତଦାରଖ କରିଥିଲେ। ଏହି ଟିମ୍ ଶୁକ୍ରବାର ମଧ୍ୟ ବଲାଙ୍ଗୀର ହସ୍ପିଟାଲରେ ତଦାରଖ ଜାରି ରଖିବେ ବୋଲି ଜଣାପଡିଛି ।

### ତଣ୍ଟିକାଟି ଯୁବକଙ୍କୁ ହତ୍ୟା ଉଦ୍ୟମ

ଦେବଗଡ, ୫।୩(ଡି.ଏନ.ଏ.)
ଦେବଗଡ ଥାନା ଅଧୀନ ଦୁଧିଆନାଳୀ ସାପ୍ତାହିକ ବଜାରରେ ଗୁରୁବାର ସ୍ୱଷ୍ଟ ଦିବାଲୋକରେ ଏକ କ୍ଷୁର ସାହାଯ୍ୟରେ ଜଣେ ଯୁବକଙ୍କ ତଣ୍ଟିକାଟି ହତ୍ୟା ଉଦ୍ୟମ ହୋଇଛି। ଅଭିଯୋଗ ଅଧାରରେ ଦେବଗଡ ଥାନା ପୋଲିସ ଏକ ମାମଲା ରଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଖବର ମୁତାବକ ପୂର୍ବାହ୍ନ ପ୍ରାୟ ୧୧ଟାରେ ଦୁଧିଆନାଳୀ ଗ୍ରାମ ସାପ୍ତାହିକ ବଜାର ଚାଲୁଥିବା ସମୟରେ ସଉଦା ପାଇଁ ଏକ ବାଇକରେ ଆସିଥିଲେ ଉକ୍ତ ଗ୍ରାମର ଟୁଲୁ ସାହୁ (୨୨)। ଏହି ସମୟରେ କୌଣସି କାରଣକୁ ନେଇ ସେଠାରେ ଅପେକ୍ଷା ଥିବା ଖଳିନାଳୀ ଗ୍ରାମର ରାଜେଶ ବସନ୍ତରା ଏକ କ୍ଷୁରରେ ଟୁଲୁଙ୍କର ତଣ୍ଟକୁ କାଟି ଦେଇଥିଲେ। ଟୁଲୁଙ୍କର ଗଭୀର କ୍ଷତ ହେବାସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଟୁଲୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# କୃତ୍ରିମ ଗୋଡ଼ରେ ଚାଲିଲେ ପାୟଲ

**ବଲାଙ୍ଗୀର ଅଫିସ, ୫।୩**

୨୦୧୫ ମସିହାରେ ଛତିଶଗଡର ରାୟପୁରଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁଇ ଗୋଡ ଓ ହାତ ହରାଇଥିବା ପାୟଲ ନାଗ(୧୩)ଙ୍କ କୃତ୍ରିମ ଗୋଡ ଖଞ୍ଜା ଯାଇଛି । ଏବେ ପାୟଲ ତାଙ୍କ କୃତ୍ରିମ ଗୋଡରେ ଚାଲି ପାରୁଛନ୍ତି । ତିନିଦିନ ପୂର୍ବରୁ ଭୁବନେଶ୍ୱରସ୍ଥିତ ଆଡଭାନ୍ସ ରିହାବ୍ଲିଟେସନ୍ ସେଣ୍ଟରଠାରେ ପାୟଲଙ୍କ କୃତ୍ରିମ ଗୋଡ ଖଞ୍ଜାଯାଇଥିଲା । ଗୁରୁବାର ନିଜ ଗାଁ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଯମୁନାବାହାଲରେ ପହଞ୍ଚିବା ପରେ କୃତ୍ରିମ ଗୋଡରେ ପାୟଲଙ୍କ ଚାଲିବା ଅଭ୍ୟାସ ଦେଖି ଗାଁ ଲୋକେ ଖୁସି ଜାହିର କରିଥିଲେ ।

୨୦୧୫ ମସିହାରେ ପାୟଲଙ୍କ ପିତା ବିଜୟ ନାଗ ରାୟପୁର ଦାଦନ ଖଟିବାକୁ ଯାଇଥିଲେ । ତାଙ୍କ ସହ ସ୍ତ୍ରୀ ଓ ଝିଅ ପାୟଲ ମଧ୍ୟ ସେଠାକୁ ଯାଇଥିଲେ। ଏକ ନିର୍ମାଣାଧିନ ସୁଉଚ୍ଚ କୋଠାରେ ବିଜୟ କାମ କରୁଥିବାବେଳେ ପାୟଲ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲରେ ତା ଙ୍କର ଦୁଇ ଗୋଡ ଓ ଦୁଇ ହାତ କାଟି ଦିଆଯାଇଥିଲା । ସେହିଦିନରୁ ସେ ବିକଳାଙ୍ଗ ହୋଇଯାଇଥିଲେ । ବଲାଙ୍ଗୀର ପହଞ୍ଚିବା ପରେ ଗଣମାଧ୍ୟମରେ ଏନେଇ ଖବର ପରିବେଷଣ ପରେ ଓଲଟପୁର ନିରତାର ସେଣ୍ଟରରେ ପାୟଲଙ୍କ କୃତ୍ରିମ ଗୋଡ ଖଞ୍ଜା ଯାଇଥିଲା । ମାତ୍ର କିଛି ମାସ ପୂର୍ବରୁ ଉକ୍ତ କୃତ୍ରିମ ଗୋଡଟି ଅକାମୀ ହୋଇଯାଇଥିଲା । ଫଳରେ ପାୟଲ ପୁଣି ଅକାମୀ ହୋଇଯାଇଥିଲେ । ଏହି ଖବର ପାଇବା ପରେ ଗତ ଫେବୃୟାରୀ ୨୨ ତାରିଖରେ ଜିଲାପାଳ ଅରିନ୍ଦମ ଡାକୁଆ ହଠାତ୍ ପାୟଲଙ୍କ ଘରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟବସ୍ଥା ଓ ଅସୁବିଧା ବୁଝିଥିଲେ । କୃତ୍ରିମ ଗୋଡ ନଥିବାରୁ ସେ ଚାଲିପାରୁ ନ ଥିବା ଜାଣି ନୂଆ ଲଗାଇବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ଏହାପରେ ପାୟଲ ଓ ତାଙ୍କ ପିତାମାତାଙ୍କୁ ବଲାଙ୍ଗୀର ଆସିବାକୁ କହି ସେମାନଙ୍କୁ ଭୁବନେଶ୍ୱର ଆଡଭାନ୍ସ ରିହାବ୍ଲିଟେସନ୍ ସେଣ୍ଟରକୁ ଯିବା ବ୍ୟବସ୍ଥା କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଜିଲା କାର୍ଯ୍ୟକ୍ରମ ପରିଚାଳକ, ଡିସିପିୟୁ ସାମାଜିକ କର୍ମୀ ଅରୁଣ ଖୁଆସଙ୍କ ପ୍ରତିନିଧିତ୍ୱରେ ଭୁବନେଶ୍ୱର ଆଡ୍‌ଭାନ୍ସ ରିହାବିଲିଟେସନ୍ ସେଣ୍ଟରକୁ ପାୟଲ ଓ ତାଙ୍କ ପିତାମାତାଙ୍କୁ ନେଇ ଯାଇଥିଲେ । ସେଠାରେ ପରାମର୍ଶଦାତା ଡା. ପମ୍ପା ଦେ ପାୟଲଙ୍କ ପରୀକ୍ଷା ନିରୀକ୍ଷା କରିଥିଲେ । ଗତ ୨ ତାରିଖ ଦିନ ପାୟଲଙ୍କ କୃତ୍ରିମ ଗୋଡ ଖଞ୍ଜାଯାଇଥିଲା। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ବଲାଙ୍ଗୀରରୁ ପାୟଲଙ୍କୁ ଭୁବନେଶ୍ୱର ପଠାଯାଇଥିଲା । ପାୟଲ ଆଜି ଗାଁରେ ପହଞ୍ଚିବା ପରେ ଦରଦୀ ଜିଲାପାଳ ଡାକୁଆଙ୍କୁ କୃତଜ୍ଞତା ଜଣାଇଛନ୍ତି । ଯେଉଁ ସରକାରୀ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ପାୟଲଙ୍କୁ ସରକାର ବିଭିନ୍ନ ଯୋଜନାରେ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେଇଛନ୍ତି । ପାୟଲଙ୍କ କୃତ୍ରିମ ହାତ ଲଗାଇବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି ଓ ଆସନ୍ତା ୧୩ରୁ ୧୬ ତାରିଖ ମଧ୍ୟରେ ତାଙ୍କୁ ଭୁବନେଶ୍ୱର ନିଆଯିବ ବୋଲି ଜଣାପଡିଛି । ସରକାର କୃତ୍ରିମ ହାତ ପାଇଁ ଅର୍ଥ ମଞ୍ଜୁର କରିଥିବା ଜଣାପଡିଛି ।



କୃତ୍ରିମ ଗୋଡ ଖଞ୍ଜାଯିବା ପରେ ଯମୁନାବହାଲ ଗାଁରେ ପହଞ୍ଚିବା ଅବସରରେ ପାୟଲ ।

- ବିଦ୍ୟୁତ୍ ଆଘାତରେ ଦୁଇ ଗୋଡ, ହାତ ହରାଇଥିଲେ
- ଯମୁନାବାହଲରେ ପହଞ୍ଚିବା ପରେ ଖେଳିଗଲା ଖୁସିର ଲହରି
- ଜିଲାପାଳଙ୍କୁ ଜଣାଇଲେ କୃତଜ୍ଞତା
- କୃତ୍ରିମ ହାତ ପାଇଁ ସରକାରୀ ଅର୍ଥ ମଞ୍ଜୁର

# ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

**ପାଇକମାଲ, ୫।୩ (ଡି.ଏନ.ଏ)**

## ଧାନ ବିକି ନ ପାରି ରାଜରାସ୍ତାରେ ଚାଷୀ

ବରଗଡ଼ ଜିଲା ପାଇକମାଳ ବ୍ଲକ ଅଞ୍ଚଳରେ ଟୋକନ ଅଭାବରୁ ଧାନ ବିକ୍ରି ହୋଇପାରୁନାହିଁ। ଏ ନେଇ ବିଭିନ୍ନ ସ୍ତରରେ ଆଲୋଚନା ହୋଇଥିଲେ ମଧ୍ୟ କିଛି ସମାଧାନର ବାଟ ବାହାରିପାରିନାହିଁ। ଫଳରେ ବରଗଡ ଜିଲା ପାଇକମାଳ ବ୍ଲକ ବରତୁଣ୍ଡାଠାରେ ଆଞ୍ଚଳିକ କୃଷକ ମହାସଂଘ ନେତୃତ୍ୱରେ ଚାଷୀମାନେ ପାଇକମାଳ-ନୂଆପଡା ରାସ୍ତାକୁ ଗୁରୁବାର ସକାଳ ୭ଟାରୁ ଅବରୋଧ କରିଥିଲେ । ରାଜେନ୍ଦ୍ର ପ୍ରଧାନ, ହରିହର ସାହୁ, ବିଶ୍ୱନାଥ ବାଗ, ସଂକୀର୍ତ୍ତନ ଭଇଁସା, ପ୍ରଦୀପ ପଟ୍ଟନାୟକ, ଗଣେଷ ସାହୁ, ରାମଜୀ ସାହୁ, ରୁକ୍ମଣ ଧରୁଆ, ବନମାଳୀ ବିନାଟ ପ୍ରମୁଖ ଗିରୀଶ ଡନସନାଙ୍କ ଅଧକ୍ଷତାରେ ଚାଷୀମାନେ ରାସ୍ତାରୋକରେ ସାମିଲ ବରତୁଣ୍ଡା ବଜାର ପରିସରରେ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ୭ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ଦରୱାନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଚାଷୀମାନେ ୬ଘଣ୍ଟା ପରେ ରାସ୍ତା ଅବରୋଧରୁ ହଟିଥିଲେ। ବରଗଡ ଏସପି ଦାୟିତ୍ୱରେ ଥିବା ବଲାଙ୍ଗିର ଏସ୍‌ପି ସନ୍ଦୀପ ମାଡକେର, ବରଗଡ ଅତିରିକ୍ତ ଏସପି ଅମରେନ୍ଦ୍ର ରଣା, ପଦ୍ମପୁର ଏସଡିପିଓ ପ୍ରଦୀପ କୁମାର ସାହୁ, ପାଇକମାଳ ତହସିଲଦାର ମନୋଜ କୁମାର ମେହେର, ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ରଣା, ଥାନାଧିକାରୀ ବିଶ୍ୱଜିତ ମନବୋଧ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ।



ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଘ ଝଟକିଲା ବିଜୁଳି ମାଇଲା**
**ଦାଣ୍ଡଧୂଳି ନେଲା ଉଡ଼େଇ**
**ଏଇବାଟେ ଗଲୁ କଥା ନ କହିଲୁ**
**ସଙ୍ଗେ ସଙ୍ଗେ ଗଲି ଗୋଡ଼େଇ ।**

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷା କରି ବସେ, ସେତେବେଳେ ତାକୁ ସହ୍ୟ କରିବା ଯେ କେତେ କଷ୍ଟକର ହୋଇଯାଏ, ତାହା କେବଳ ଅନୁଭବୀ ହିଁ ଜାଣିଥାଏ । ଏପରିସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନ ଭରା କ୍ଷୋଭ ଜାତହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଣିଷ ବୁଲିଲେ ମରେ**
**ବାଉଁଶ ଫୁଲିଲେ ମରେ ।**

ମଣିଷ ବୁଲି ବୁଲି ପିତୁଆ ହୋଇଯାଏ। ଫଳସ୍ୱରୂପ ବେମାରିଆ ହୋଇଯାଏ। ବାଉଁଶ ଫୁଲିଲେ ପାକଳ ହୁଏ, କଟାଯାଏ । ତା' ଦେହରେ ଫୁଲ ହେଲେ ଆଉ ବଢ଼େ ନାହିଁ, ମରିଯାଏ। ଉପଯୁକ୍ତ ଯତ୍ନ ନ କଲେ କ୍ଷତିର ସମ୍ଭାବନା ଦେଖାଦେଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ବୁଢ଼ା ମା'ବାପ୍ ଉପରେ ଦିବ୍ୟାଙ୍ଗ ପୁଅର ବୋଝ୍

**ଲାଠୋର, ୫।୩ (ଡି.ଏନ୍.ଏ.)**

ବଲାଙ୍ଗିର ଜିଲା ତୁରେକେଲା ବ୍ଲକ ଅଧୀନ ଲର୍କି ଗାଁର ଲୋଚନ ନାଗ। ସେ ଝନେ ଗରିବ୍ ଲୋକ୍। ଦୁଖ୍‌ସୁଖ କରି କୁଟୁମ୍ ପୁଷୁଛନ୍। ବଛ୍‌ରେ ତଲେ ବରଷାରେ ତାକର ଘରଟା ଭାଂଗି ଯାଇଛେ। ଆବାସ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପରଶାସନକେ ଗୁହାରି କରି ନିରାଶ ହେଇଛନ୍। ଇଆଡ଼େ ତାହାକୁ ମାନସିକ ରୋଗ୍‌ରେ ପୀଡ଼ିତ ଭେଁଡ଼ା ପୁଓର ଚିକିଛା ଚିନ୍‌ତା ଖାଇଯାଉଛେ। ଏନ୍‌ତାଥି ସେ ସରକାରୀ ସାହାଯ୍ ଲାଗି ପରଶାସନକେ ନିବେଦନ କରିଛନ୍। ସୂଚନା ଅନ୍‌ସାରେ ଲର୍କି ଗାଁର ଲୋଚନ ନାଗକଁର ପରିବାର କହେଲେ ମାଏକିନା ସେବତୀ ଆର ଗୁଟେବଲି ଦିବ୍ୟାଙ୍ଗ ପୁଓ ବୁଣାକାରକୁଁ ନେଇ ତାକର ସଁସାର। ଜମିବାଡ଼ି ଟିକେ ଆର ପୁରନାକାଲିଆ ମାଏଟ୍ ଘରଟେ ରହିଛେ। ହେଲେ ବଏସ୍ ଅଧିକା ହେବାର ଲାଗି ଲୋଚନ ଚାଷବାସ କରି ନାଇଁପାରବାର। ଜମିକେ ଭଗାଲି ଦେଇଛନ୍। ସେଥିରୁ ୪ ମାସର ଖାଏବାରଟା ବାହାରୁଛେ। ଇଆଡ଼େ ଗଲା ବଛର ବରଷାରେ ତାକର ଘରଟା ଭାଂଗି ଯାଇଛେ। ଏନ୍‌ତାଥି ଲୋଚନ କଣ୍ଟାବାଞ୍ଜି ତହସିଲଦାରକୁଁ ଘର ଭଂଗା ସାହାଯ୍ ଲାଗି ଗୁହାରି କରିଥିଲେ। ତହସିଲ ତରଫୁ ସାହାଯ୍ ହିସାବେ ତାହାକୁ ପଲିଥିନ ଖଁଡ଼େ ମିଲିଛେ। ଏହେଦେ ୩ ପରାନୀ କୁଟୁମ ସେ ପଲିଥିନ ତଲେ ମୁଡ଼ ଗୁଁଜିଛନ୍। ଲୋଚନ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ଜିଲାପାଳକଁର ଜନଶୁନାନି ଶିବିରରେ ନିବେଦନ କରି ନିରାଶ ହେଇଥିବାର କହିଛନ୍। ସରକାରୀ ସାହାଯ୍ କହେଲେ ପୁଓ ବୁଣାକାରକୁଁ ଦିବ୍ୟାଙ୍ଗ ଭତା ଆର ଅନ୍ତ୍ୟୋଦୟ୍ ଯୋଜନାରେ ମାସିକ ୩୫ କେ.ଜି. ଚାଉଲ ମିଲୁଛେ। ସେନ୍‌ତା ଲୋଚନ ଆର ତାକର ମାଏକିନା ସେବତୀ ବି ଭତା ପାଉଛନ୍। ସରକାରୀ ସାହାଯ୍ ଯାହା ମିଲୁଛେ ସେଟା ପେଟ୍‌କେ ଅଁଟୁଛେ। ହେଲେ ପୁଓ ଜନ୍‌ମୁ ଦିବ୍ୟାଙ୍ଗ ହେଇଥିଲାବେଲେ ବଛର କେତେଟା ତଲେ ସେ ମାନସିକ ରୋଗ୍‌ର ଶିକାର ହେଇଛନ୍। ପୁଓର ଏନ୍‌ତା ଅବସ୍‌ତା ଦେଖି ବୁରୁଧ୍ ମା'ବାପ୍ ଯାହା ପାରଲେ ଚିକିଛା କରାଲେ। ଭଲ ନାଇଁ ହେଲାରୁ ଶେଷେ ଧାରଉଧାର କରି ରାଞ୍ଚି ନେଇ ଚିକିଛା କରାଲେ। ଏହେଦେ ବୁଣାକାର ରାଞ୍ଚି ଡାକ୍‌ତର ଲେଖିଥିବାର ଉଷୋ ଫଁଦିନ ଖାଉଛନ୍। ହେଲେ ଫଁମାସ ପୁଓର ଲାଗି ହଜାରେ ଟଁକାର ଉଷୋକସା ଘନ୍‌ଲାବେଲେ ମୋତେ ଭିଡ଼ ପଡ଼ିଯାଉଛେ ବଲି ଲୋଚନ କହିଛନ୍। ଏହେଦେ ବୁଣାକାରକୁଁ ୩୬ ବଛର ବଏସ୍ ହେଇଥିଲାବେଲେ ବୁରୁଧ୍ ମା'ବାପ୍ ତାକର ଭବିଷତ୍ ଚିନ୍‌ତାରେ ଫଁଦିନ ଆଏଁଖିଥୁ ଲହ ଗଡ଼ଉଛନ୍। ଏନ୍‌ତାଥି ଉପେ ଶୃଇନ ବୁରୁଧ୍ ଦମ୍ପତି ଗଣମାଧମ ଜରିଆରେ ପୁଓକେ ଚିକିଛା ସାହାଯ୍ ଆର ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଜିଲା ପରଶାସନକେ ନିବେଦନ କରିଛନ୍।


**ବାରିପଦା ପୌର ପରିଷଦ**
ବାରିପଦା, ମୟୂରଭଞ୍ଜ-୭୫୭୦୦୧
Tel: 06792-252703,
Website: www.baripadamunicipality.in,
e-mail: baripadam.hud@nic.in

ପତ୍ର ସଂଖ୍ୟା: 2514/ Tax **ବିଜ୍ଞାପନ** ତା. 03.03.2020 ରିଖ

**No.C-545:-** ଏତଦ୍ୱାରା ବାରିପଦା ପୌରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବାରିପଦା ପୌର ପରିଷଦର ନିଷ୍ପତ୍ତିକ୍ରମେ କଚେରି ମାର୍କେଟ ନିକଟରେ କାର୍ଯ୍ୟାଳୟ ତରଫରୁ ନୂତନ ଭାବେ ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ଦୋକାନଘରଗୁଡ଼ିକର ଆବଣ୍ଟନ ପ୍ରକ୍ରିୟା ସକାଶେ ଆବେଦନ ଫର୍ମ ବିକ୍ରୟ କରାଯିବ। ସେଥିପାଇଁ ଆବେଦନ ଫର୍ମ ଦୋକାନଘର ନିମନ୍ତେ ଧାର୍ଯ୍ୟ ହୋଇଥିବା ଟ.୧,୦୦୦.୦୦ (ଅଣଫେରସ୍ତ)ରେ ସର୍ତ୍ତାବଳୀ ସହିତ ଆସନ୍ତା ତା.୦୬।୦୩।୨୦୨୦ରିଖ ଠାରୁ ତା.୨୧।୦୩।୨୦୨୦ରିଖ ଦିବା ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ (କେବଳ କାର୍ଯ୍ୟାଳୟ ଦିବସମାନଙ୍କରେ) ବିକ୍ରୟ କରାଯିବ ଏବଂ ଉପରୋକ୍ତ ସମୟସୀମା ମଧ୍ୟରେ ନିୟମାବଳୀରେ ଉଲ୍ଲେଖଥିବା ସମସ୍ତ ସର୍ତ୍ତ ଅନୁଯାୟୀ ଫର୍ମ ଦାଖଲ କରିବେ।

ଏହି ବିଜ୍ଞାପନ ବାରିପଦା ମ୍ୟୁନିସିପାଲିଟି ୱେବସାଇଟ୍- **Website www.baripadamunicipality.in** ରେ ଉପଲବ୍ଧ ରହିଛି।

ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆବେଦନକାରୀଙ୍କଠାରୁ ଫର୍ମ ଗ୍ରହଣ କରାଯିବ ନାହିଁ।

**କାର୍ଯ୍ୟନିର୍ବାହୀ ଅଧିକାରୀ, ବାରିପଦା ପୌର ପରିଷଦ**
OIPR-13078/11/0023/1920

**OFFICE OF THE MEDICAL OFFICER I/C, CHC LOISINGHA Dist:- BALANGIR**
No 44 Date: 05/03/2020
**CORRIGENDUM** No. 787-E

In pursuance to the Tender Call Notice published vide this office Advt. No. 34 Dt. 14.02.2020 for engagement of vehicles on monthly hiring basis for official use of Block Programme Management Unit, O/o of the Medical Officer I/c CHC Loisingha, Balangir. The tender date is hereby extend up to 18.03.2020 till 5 PM. The interested bidder submit their document by registered post/ speed post/ courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the office of the undersigned. The undersigned reserves the reject to cancel any or all tender without assigning any reason thereof.

**Sd/- Medical Officer I/c,CHC Loisingha, Balangir**
OIPR-10146/11/0002/1920

**ODISHA STATE BEVERAGES CORPORATION LIMITED**
(A GOVERNMENT OF ODISHA UNDERTAKING)
BHUBANESWAR-751023 (ODISHA)
CIN: U51228OR2000SGC006372
Tel: 0674-2303972(O)
Email:- osbcltd@gmail.com

**ADVERTISEMENT FOR ENGAGEMENT OF ONE SENIOR PROGRAMMER CONSULTANT FOR OSBC LTD.**
CAD-1069

Applications are invited from candidates for engagement of a Full Time Senior Programmer Consultant for OSBC Ltd. on monthly consolidated fee basis for a period of one year.

Interested candidates may visit the official website of OSBC Ltd. i.e. https://osbc.co.in for further details.

Last date of receipt of the resume/ application is 30.03.2020.

Sd/- General Manager (Admn.)
OIPR- 36003/11/0007/1920

**CLASSIFIED DISPLAY**
**MORE SPACE • SAME PRICE**

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ASTROLOGY

**INDUS TOWER LTD**
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

**BUSINESS**
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ଗୁରୁ ସାହି ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

FINANCE

**ଦୟାକରି ଧ୍ୟାନ ଦିଅନ୍ତୁ**
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

**ସରସ ଫାଇନାନ୍ସ**
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କେଟିଂ, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ଋଣ ଧମାକା**
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

**COLOR DISPLAY CLASSIFIED**

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ମାନେଶ୍ୱର ବ୍ଲକରେ ପଞ୍ଚାୟତିରାଜ ଦିବସ

**ଧମା,୫।୩ (ଡି.ଏନ.ଏ):** ମାନେଶ୍ୱର ବ୍ଲକ ପ୍ରାଙ୍ଗଣରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ବିଡିଓ ଚିନ୍ମୟୀ କହଁରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିଥି ଭାବେ ରେଙ୍ଗାଲି ବିଧାୟକ ନାଉରି ନାୟକ, ଡିଆର୍‌ଡିଏ ଚେୟାରମ୍ୟାନ ରାଧେଶ୍ୟାମ ବାରିକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ମାନେଶ୍ୱର ବ୍ଲକ ବିଜେଡି ସଭାପତି ଗୋପିରଞ୍ଜନ ବେହେରା ଯୋଗଦେଇ ପଞ୍ଚାୟତି ରାଜ ଦିବସ ପାଳନର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଧମା, ବଡେମୁରା ଓ ବରଗାଁର ୧୦ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ସଭାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିଜୁ ପଟ୍ଟନାୟକ ଅମର ରହେ ଧ୍ୱନିରେ କମ୍ପିଲା ରେମେଡ୍ ଛକ







ସମ୍ବଲପୁର ରେମେଡ ଛକସ୍ଥିତ ପ୍ରତିମୂର୍ତ୍ତିରେ ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରୁଛନ୍ତି (ବାମ)। ସମ୍ବଲପୁର ରେମେଡ ଛକ ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜୟଗାନ କରାଯାଉଛି (ମଝି)। ସମ୍ବଲପୁର ନାରୀ ଜାଗରଣ କେନ୍ଦ୍ରଠାରେ ଆୟୋଜିତ ଜୟନ୍ତୀ ସଭାରେ ମଞ୍ଚାସୀନ କର୍ମକର୍ତ୍ତା, ଅତିଥି ଓ ବକ୍ତା ।

**ସମ୍ବଲପୁର, ୫।୩ (ବ୍ୟୁରୋ)**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ତିଥିରେ ସମ୍ବଲପୁର ସହରରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୯ଟାରେ ନେତା ଓ କର୍ମୀମାନେ ରେମେଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଜୁ ପଟ୍ଟନାୟକ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପରେ ସହରର ବିଭିନ୍ନ ଅଞ୍ଚଳରେ ଥିବା ବରପୁତ୍ର ନୃସିଂହଗୁରୁ, ସୈରେନ୍ଦ୍ରୀ ନାୟକ, ଜମ୍ବୁବତୀ ଦେବୀ, ଭାଗିରଥି ପଟ୍ଟନାୟକ, ଜନାର୍ଦ୍ଦନ ପୂଜାରୀ, ମହାତ୍ମା ଗାନ୍ଧୀ, ବୀରସୁରେନ୍ଦ୍ର ସାଏ, ପର୍ଶୁରାମ ମିଶ୍ର, ଡ. ଅବଦୁଲ ଜେ କଲାମ, ଗୋପବନ୍ଧୁ ଦାଶ, ଡା. ବିଆର ଆମ୍ବେଦକର, ସ୍ୱଭାବ କବି ଗଙ୍ଗାଧର ମେହେର, ବୀର ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏପରି କି ଦୁର୍ଗାପାଲିସ୍ଥିତ ଦୟାମଣୀ ଜରାଶ୍ରମ ଓ ଧନକଉଡା ବାଳାଶ୍ରମ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପୂର୍ବତନ ସାଂସଦ ପ୍ରମିଳା ବହିଦାର, ପୂର୍ବତନ ଏସଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ରାଜ୍ୟ ପରିଷଦ ସଭ୍ୟ ଆନନ୍ଦ ଜେନା, ଗୋକୁଳ ମେହେର, ହୀରାଲାଲ ବେହେରା, ଅଶୋକ ସେନାପତି, ପୂର୍ବତନ ଜିଲା ସଭାପତି ପ୍ରମୋଦ ରଥ, ରାଜକିଶୋର ଦାସ, ଆର୍ତ୍ତତ୍ରାଣ ମିଶ୍ର, ପ୍ରଫୁଲ୍ଲ କୁମାର ଦାଶ, ହେଡମ୍ବ ଚନ୍ଦ୍ର ଦାନୀ, ତପନ ଗୁରୁ, ଲକ୍ଷ୍ମୀ ପ୍ରଧାନ, ଦେବାଶିଷ ନନ୍ଦ, ବସନ୍ତ ମିଶ୍ର, ସୁରେନ୍ଦ୍ର ବିଶ୍ୱାଳ, ରେଣୁବାଳା ମରେଇ, ଉଷା ପ୍ରଧାନ, ସରୋଜ ସାହୁ, ପ୍ରଶାନ୍ତ ଥାପା, ସୁରଜ ବିଶ୍ୱାଳ, ମାୟାଧର ଜେନା, ଦୁଲାଲ ରାୟ, ସତ୍ୟେନ୍ଦ୍ର ଦାଶ, ମମତା ପଣ୍ଡା, ସୌରି ପାଣିଗ୍ରାହୀ, ସୈରେନ୍ଦ୍ରୀ ନାୟକ, କବିତା ପୁରୋହିତଙ୍କ ସମେତ ଶତାଧିକ ଯୁବ ଓ ଛାତ୍ର, ବିଜେଡି କର୍ମୀ ସାମିଲ ଥିଲେ । ସନ୍ଧ୍ୟାରେ ହୀରାକୁଦ କଲୋନୀ ନାରୀ ଜାଗରଣ କେନ୍ଦ୍ରଠାରେ ଜୟନ୍ତୀ ସଭା ହୋଇଥିଲା। ଶିକ୍ଷାବିତ ଡ. କାମଦେବ ସାହୁ, ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ଶ୍ରୀବନ୍ତ ଦାଶ, ହେମନ୍ତ କୁମାର ମହାପାତ୍ର ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ରାଜନୈତିକ ଓ ସାମାଜିକ ଜୀବନ ଉପରେ ଆଲୋକପାତ କରିଥିଲେ ।

## ଲୋକ ଉତ୍ସବ: ଲୋକଗୀତରେ ଦୁଲୁକିଲା ଅଞ୍ଚଳ

**ସମ୍ବଲପୁର,୫।୩ (ବ୍ୟୁରୋ)**





ହରିୟାଣା କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ସମ୍ବଲପୁର ହରିୟାଣା ନାଗରିକ ସଂଘ ପକ୍ଷରୁ ହୋଲି ଉତ୍ସବ- ୨୦୨୦ ଗୁରୁବାର ରାତିରେ କ୍ଷେତରାଜପୁର ଦୁର୍ଗା ମଙ୍ଗଳମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ହରିୟାଣାର ପାରମ୍ପରିକ ଲୋକଗୀତ ଏବଂ ବାଦ୍ୟରେ ଅଞ୍ଚଳ ଦୁଲୁକି ଉଠିଥିଲା । ଦୀପା ଚୌଧୁରୀ, ନିରଜ ଭାଟି, ମୌସମ ଚୌଧୁରୀ, ପୂଜା ଶର୍ମା, ଯଶବୀର ଭାଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରବାସୀ ହରିୟାଣା ଜନସାଧାରଣ ଯୋଗଦେଇ ସାଂସ୍କୃତିକକୁ ଉପଭୋଗ କରିଥିଲେ। ଉତ୍ସବ ମାଧ୍ୟମରେ ଯୁବପିଢ଼ୀ ହରିୟାଣାର ପରମ୍ପରା ବିଷୟରେ ଜ୍ଞାନ ଆହରଣ କରିପାରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଥିଲା। ସଂଘ ଅଧ୍ୟକ୍ଷ ଦ୍ୱାରିକା ପ୍ରସାଦ ଅଗ୍ରୱାଲ, ଜୟକିଶନ ଅଗ୍ରୱାଲ, ଉପସଭାପତି ଗିରିଧର ଅଗ୍ରୱାଲ, ସମ୍ପାଦକ ରାଜେନ୍ଦ୍ର ଜିନ୍ଦଲ, କୋଷାଧ୍ୟକ୍ଷ ସୁନୀଲ ମିତ୍ତଲ, ଯୁଗ୍ମ ସମ୍ପାଦକ ରାଜେଶ ବେରିୱାଲଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା ।

## ପଞ୍ଚଶାସନୀ ଭବନର ଭୂମିପୂଜା ଉତ୍ସବ

**ସମ୍ବଲପୁର,୫।୩ (ବ୍ୟୁରୋ)**

ପଞ୍ଚଶାସନୀ ବ୍ରାହ୍ମଣ ସମାଜ ପକ୍ଷରୁ ଗୁରୁବାର ଚାରଭାଟିଛକ ନିକଟରେ ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଳପୁରୋହିତ ତଥା କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ କୁମାର ବେହେରା, ପଣ୍ଡିତ ରବିନାରାୟଣ ନାଥ ପଞ୍ଚଶାସନୀ ଭବନର ଭୂମିପୂଜା କାର୍ଯ୍ୟକରିଥିଲେ । ଦିଲୀପ କୁମାର ତ୍ରିପାଠୀ କର୍ତ୍ତା କାର୍ଯ୍ୟ ସମ୍ପାଦନା କରିଥିଲେ ।ଉପଦେଷ୍ଟା ଶିବପ୍ରସାଦ ତ୍ରିପାଠୀ, ଶ୍ୟାମସୁନ୍ଦର ଧର, ବିନୋଦ ବିହାରୀ ନାଥ, ଅଚ୍ୟୁତାନନ୍ଦ ନାଥ, ସାଧାରଣ ସମ୍ପାଦକ ବଦ୍ରିନାରାୟଣ ନାଥଶର୍ମାଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ପଞ୍ଚଶାସନୀ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗଦେଇଥିଲେ।

## ମା' ଶିଶୁର ପ୍ରଥମ ଗୁରୁ

**ନାକଟିଦେଉଳ, ୫।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଜଗନ୍ନାଥପ୍ରସାଦସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବୁଧବାର ଶିଶୁ ବାଟିକାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଭିଭାବିକା ମାମୀ ବେହେରା ଅତିଥି ଭାବେ ଯୋଗଦେଇ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ଶିଶୁର ଶାରୀରିକ, ମାନସିକ ଓ ଆହାର ସମ୍ପର୍କରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟା କଲ୍ୟାଣୀ ବେହେରା ଶିଶୁଙ୍କ ପ୍ରଥମ ଗୁରୁ ମା' ବୋଲି କହିବା ସହିତ ମା' ଶିଶୁଙ୍କୁ ଯେପରି ଶିକ୍ଷା ଦେଇଥାଏ ଶିଶୁଟି ସେହିପରି ବଢିଥାଏ ବୋଲି କହିଥିଲେ। ଶିଶୁ ଭାଇ ଅଂଶୁମାନ ପ୍ରଧାନ ସଂଗୀତ ଗାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ହରେକୃଷ୍ଣ ମେହେର ଶିଶୁର ଶାରୀରିକ ଏବଂ ଆହାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିଶୁ ବାଟିକା ଆଚାର୍ଯ୍ୟା ମନସ୍ୱିନୀ ସାହୁ, ଶିଶୁବାଟିକା ପ୍ରମୁଖ ବିଜୟ କୁମାର ବେହେରା ବିଭିନ୍ନ ଉପଦେଶ ଜ୍ଞାପନ କରିଥିଲେ। ଆଚାର୍ଯ୍ୟ ସୁବାସ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ମମତା ଦେହୁରୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବିଜୁ ଜୟନ୍ତୀରେ ଯୋଗଦେଲେ ଥାନା ଅଧିକାରିଣୀ

**ସମ୍ବଲପୁର,୫।୩ (ବ୍ୟୁରୋ)**





ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ବିଜେଡି ପକ୍ଷରୁ ଅନୁଷ୍ଠିତ ବିଜୁବାବୁ ଜୟନ୍ତୀ ସମାରୋହରେ ଉପସ୍ଥିତ ଥାନା ଅଧିକାରିଣୀ।

ସମ୍ବଲପୁର ଜିଲା ଧମାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଗୁରୁବାର ମାମେଶ୍ୱର ବ୍ଲକ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧମା ଥାନା ଅଧିକାରିଣୀ ରାଜେଶ୍ୱରୀ ଭୋଇ ଯୋଗଦେବାକୁ ନେଇ ବିରୋଧୀ ସମାଲୋଚନା କରିଛନ୍ତି।

ବୈଠକରେ ବ୍ଲକ ବିଜେଡି ସଭାପତି ଗୋପିରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ । ଏଥିରେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବୈଠକରେ ଧମା ଥାନା ଅଧିକାରିଣୀ ଭୋଇ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରୁଥିବା ବେଳେ ଥାନା ଅଧିକାରିଣୀ ବେଶ କିଛି ସମୟ ବସିରହିଥିଲେ। ପରେ ଫଟୋ ଉତ୍ତୋଳନ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଅନ୍ୟପକ୍ଷେ ଥାନା ଅଧିକାରିଣୀଙ୍କ ବୈଠକରେ ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ପରେ ଥାନା ଅଧିକାରିଣୀ ସେଠାରୁ ଉଠି ଚାଲିଆସିଥିଲେ। ଏହି ସମ୍ପର୍କରେ ଥାନା ଅଧିକାରିଣୀ ଭୋଇଙ୍କୁ ପଚାରିବାରୁ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ନିମନ୍ତ୍ରିତ କରାଯାଇଥିଲା। ଏ ନେଇ କାର୍ଯ୍ୟକ୍ରମରେ ପହଞ୍ଚି ଥିଲି। ହେଲେ କିଛି ସମୟ ପରେ ସେଠାରୁ ଚାଲି ଆସିଥିବା ସେ କହିଥିଲେ। ଅନ୍ୟପକ୍ଷେ ବିଜୁବାବୁଙ୍କ ଜୟନ୍ତୀ ବୈଠକର ଧମା ଥାନା ଅଧିକାରୀଙ୍କ ଯୋଗଦେବା ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

### ବିରୋଧୀଙ୍କ ସମାଲୋଚନା

ଅନ୍ୟପକ୍ଷେ ଜଣେ ସରକାରୀ କର୍ମଚାରୀ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ନେଇ ପ୍ରମୁଖ ରାଜନୀତି ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ଥାନା ଅଧିକାରିଣୀ ବିଜେଡିରେ ଯୋଗଦାନ କରିବାର ଅଛି ତେବେ ଚାକିରିରୁ ଅବସର ନେଇ ଯୋଗଦାନ କରନ୍ତୁ । ଜଣେ ସରକାରୀ ଅଧିକାରୀ ସମସ୍ତ ରାଜନୈତିକ ଦଳ ପାଇଁ ସମାନ ବ୍ୟବହାର ଓ କାର୍ଯ୍ୟ କରିବା ଉଚିତ। ହେଲେ ଥାନା ଅଧିକାରିଣୀଙ୍କ ଦଳୀୟ ପ୍ରୀତି ବୈଠକରେ ଯୋଗ ଦେବା ଘଟଣା ଏଥିରୁ ସ୍ପଷ୍ଟ ଜଣାପଡୁଥିବା ଆଲୋଚନା ହେଉଛି। ବୈଠକରେ ସମିତି ସଭ୍ୟ ରିଙ୍କୁ ସେଠ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋବର୍ଦ୍ଧନ ପଣ୍ଡା, ଗୋବିନ୍ଦ ପଟ୍ଟନାୟକ, ଚିତ୍ତରଞ୍ଜନ ପାଣିଗ୍ରାହୀ, ବୀଣାପାଣି ବେହେରା, ସୁଧୀର ପ୍ରଧାନ, ଭିକି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କୁ ଆଦର୍ଶ ଓ ଜୀବନୀ ଉପରେ ସ୍ମୃତି ଉଚ୍ଚାରଣ କରିଥିଲେ।

## ନାକଟିଦେଉଳରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ

**ନାକଟିଦେଉଳ,୫।୩ (ଡି.ଏନ.ଏ.)**





ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ତଥା ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ରବୀନ୍ଦ୍ର କୁମାର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳୀ ଦେହୁରୀ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ସିଡ଼ିପିଓ କ୍ଷୀରାବ୍ଧି ପାଣ୍ଡିଆ, ସହାୟକ ଯନ୍ତ୍ରୀ ମୁକ୍ତିକାନ୍ତ ନାଏକ, ବଳମ ସମିତି ସଭ୍ୟ ନେତ୍ରାନନ୍ଦ ରାଉଳ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ତ୍ୟାଗପୂତ ଜୀବନୀ, ନୀତି, ଆଦର୍ଶ ଉପରେ ଆଲୋକପାତ କରିଥିଲେ। ରାଜ୍ୟର ବିକାଶ ଦିଗରେ ତାଙ୍କର ଅବଦାନ ସବୁଦିନେ ମନେରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏପରି କି ପଞ୍ଚାୟତିରାଜ ବ୍ୟବସ୍ଥାରେ ରହିଯାଇଥିବା ତାଙ୍କ ଅଧୁରା ସ୍ୱପ୍ନକୁ ମିଳିମିଶି କାର୍ଯ୍ୟ କରି ସାକାର କରିବା ତାଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଶ୍ୟାମ କୁମାର ହରିଜନ, ଗ୍ରାମୀଣ ଆବାସ ଯୋଜନା ବ୍ଲକ ସଂଯୋଜକ ସମରେନ୍ଦ୍ର ମାଝି ପ୍ରମୁଖ ଯୋଗଦେଇ ନିଜ ବିଭାଗର କାର୍ଯ୍ୟଧାରା ଏବଂ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଓ ଜନସାଧାରଣ ଯୋଗଦେଇଥିଲେ। ସମରେନ୍ଦ୍ର ମାଝି ଧନ୍ୟବାଦ ଜ୍ଞାପନ କରିଥିଲେ।

## କରୋନା ମୁକାବିଲା ପାଇଁ ପ୍ରସ୍ତୁତି

**ସମ୍ବଲପୁର,୫।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଡାକ୍ତରଖାନା ପରିସରରେ ଜିଲା ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଶୁଭମ ସକସେନା ଏଥିରେ ଅଧ୍ୟକ୍ଷତାରେ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ସଦର ଡାକ୍ତରଖାନାରେ କଣ ପଦକ୍ଷେପ ନିଆଯାଇଛି, ଚିକିତ୍ସା ପାଇଁ କଣ ସବୁ ବ୍ୟବସ୍ଥା ରହିଛି ସେ ନେଇ ଜିଲାପାଳ ପଚାରି ବୁଝିଥିଲେ । ରାଜ୍ୟରେ ସନ୍ଦିଗ୍ଧ ସଂଖ୍ୟା ବୃଦ୍ଧି ପାଉଛି । ତେଣୁ ଆମକୁ ସତର୍କ ରହିବାକୁ ପଡିବ ବୋଲି ସେ କହିଥିଲେ। ସିଡିଏମଓ ଶଶୀଭୂଷଣ ପଟେଲଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲା ସଦର ଡାକ୍ତରଖାନାରେ ଏକ ଆଇସୁଲେସନ କୋଠରୀ ସ୍ୱତନ୍ତ୍ର ଭାବେ ରଖାଯାଇଥିବା ସିଡିଏମଓ ପଟେଲ କହିଛନ୍ତି ।

## ଉଦୀୟମାନ ମାତୃକ୍ଷେତ୍ରରେ ରାଜ୍ୟସ୍ତରୀୟ ହୋଲି ଶିବିର

**ସମ୍ବଲପୁର,୫।୩ (ବ୍ୟୁରୋ)**





ସମ୍ବଲପୁର ମାତୃନିବାସରେ କର୍ମକର୍ତ୍ତାମାନେ ହୋଲି ଶିବିର ବିଷୟରେ ସୂଚନା ଦେଉଛନ୍ତି ।

ସମ୍ବଲପୁର ଦେଦରନୂଆଁପାଲିସ୍ଥିତ ଉଦୀୟମାନ ମାତୃକ୍ଷେତ୍ରରେ ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ହୋଲି ଶିବିର ଓ କର୍ମଶାଳା ହେବ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧ ହଜାର ପ୍ରତିନିଧି ଯୋଗ ଦେବେ । ଗୁରୁବାର ମାତୃ ନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମାତୃକ୍ଷେତ୍ରର ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବକ୍ତା ଯୋଗଦେବେ। ଏହି ଉପଲକ୍ଷେ ଏକ ସ୍ମରଣିକା ଉନ୍ମୋଚିତ ହେବ । ପୂର୍ଣ୍ଣାଙ୍ଗ ଯୋଗ, ଆଧ୍ୟାତ୍ମିକତା, ପୂର୍ଣ୍ଣାଙ୍ଗ ଶିକ୍ଷା ବିଷୟ ଉପରେ ଆଲୋଚନା, ଗୋଷ୍ଠୀଗତ ଆଲୋଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ଖବରଦାତା ସମ୍ମିଳନୀରେ ମାତୃକ୍ଷେତ୍ର ଆବାସିକ ଶିକ୍ଷାକେନ୍ଦ୍ରର ପରିଚାଳନା କମିଟି ସଭାପତି ମନୋରଞ୍ଜନ ପଟ୍ଟନାୟକ, ଦ୍ରଷ୍ଟି ଗଣମାଧ୍ୟମ ସଂଯୋଜକ ବୀରେନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ ।

## ଫଟୋରେ ଖବର









ଗୁରୁବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ପଞ୍ଚାୟତିରାଜ ଦିବସ ସଭାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନପ୍ରତିନିଧିମାନେ (ବାମ)। ସମ୍ବଲପୁର ଭୀମଭୋଇନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ (ମଝି)। ସମ୍ବଲପୁର ଭୀମଭୋଇନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

**ସଂକ୍ଷେପରେ**

## ପଞ୍ଚଶାସନୀ ଭବନର ଭୂମିପୂଜା ଉତ୍ସବ

ସମ୍ବଲପୁର,୫।୩ (ବ୍ୟୁରୋ): ପଞ୍ଚଶାସନୀ ବ୍ରାହ୍ମଣ ସମାଜ ପକ୍ଷରୁ ଗୁରୁବାର ଚାରଭାଟିଛକ ନିକଟରେ ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଳପୁରୋହିତ ତଥା କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ କୁମାର ବେହେରା, ପଣ୍ଡିତ ରବିନାରାୟଣ ନାଥ ପଞ୍ଚଶାସନୀ ଭବନର ଭୂମିପୂଜା କାର୍ଯ୍ୟକରିଥିଲେ । ଦିଲୀପ କୁମାର ତ୍ରିପାଠୀ କର୍ତ୍ତା କାର୍ଯ୍ୟ ସମ୍ପାଦନା କରିଥିଲେ।ଉପଦେଷ୍ଟା ଶିବପ୍ରସାଦ ତ୍ରିପାଠୀ, ଶ୍ୟାମସୁନ୍ଦର ଧର, ବିନୋଦ ବିହାରୀ ନାଥ, ଅଚ୍ୟୁତାନନ୍ଦ ନାଥ, ସାଧାରଣ ସମ୍ପାଦକ ବଦ୍ରିନାରାୟଣ ନାଥଶର୍ମାଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ପଞ୍ଚଶାସନୀ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗଦେଇଥିଲେ।

# ମହିଳା ସଶକ୍ତ ହେଲେ ସମାଜ ବିକାଶିତ ହେବ


ସମ୍ବଲପୁର ଜିଲା ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ।

**ସମ୍ବଲପୁର,୫।୩(ବ୍ୟୁରୋ)**

**ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ**

ସମ୍ବଲପୁର ଜିଲା ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ଶୁଭମ ସକସେନା ଯୋଗଦେଇ କହିଥିଲେ ଯେ, ଗ୍ରାମାଞ୍ଚଳରେ ଜୀବନ ଜୀବିକାର ସମସ୍ତ ମୌଳିକ ସେବା ପହଞ୍ଚାଇବା ପାଇଁ ସରକାରଙ୍କ ଅନେକ ଯୋଜନା ରହିଛି । ଏଥିପାଇଁ ଅଧିକାରୀ ଓ କର୍ମଚାରୀଙ୍କମାନେ ଦାୟିତ୍ୱ ସହ କାମ କରିବାକୁ ପଡିବ। ଆବାସ ଯୋଜନା ସହ ଭର୍ମି କମ୍ପୋଷ୍ଟ, ନ୍ୟୁଟ୍ରି ଗାର୍ଡେନ, ଡଗ୍‌ୱେଲ କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି ମହିଳାଙ୍କୁ ସାମିଲ କରାଯାଉଛି । ମହିଳାମାନେ ଯେତେ ଅଧିକ କାମ ହାତକୁ ନେବେ ସମାଜ ସେତିକି ସଶକ୍ତ ଓ ବିକଶିତ ହେବ ବୋଲି ସେ କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରି କହିଥିଲେ ଯେ, ଚଳିତ ବର୍ଷ ଜିଲାରେ ୨୫ ହଜାର ଭର୍ମି କମ୍ପୋଷ୍ଟ ପିଟ୍, ୧୦ ହଜାର କୂଅ, ଗାଇ ,ଛେଳି, ଘୁଷୁରୀ ପାଇଁ ମୋଟ ୧୦ ହଜାର ଗୁହାଳ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ୫ ଶହ ଏକର ଜମିରେ ସିସାଲ ଏବଂ ଲେମନ୍ ଗ୍ରାସ୍‌ର ସମନ୍ୱିତ ଚାଷ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ସିଡିଏମ୍‌ଓ ଡାକ୍ତର ଶଶୀଭୂଷଣ ପଟେଲ, ସିଡିଭିଓ ଡାକ୍ତର ସରୋଜକାନ୍ତ କାନୁନଗୋ, ଧନକଉଡ଼ା ବ୍ଲକ ଉପାଧକ୍ଷା ସୁଷମା ସାହୁ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ସରସ୍ୱତୀ ମିର୍ଦ୍ଧା, କୃଷି ଉପନିର୍ଦ୍ଦେଶକ ସନ୍ତୋଷ ରାୟ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମହାପାତ୍ର, ଓରମାସ ସହକାରୀ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା, ଓଡ଼ିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ପରିଚାଳିକା ଡ. ପୁଷ୍ପଶ୍ରୀ ନାୟକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଗୋପୀନ୍ଦ୍ର ଭୋଇ,ଆର୍ଥିକ ଅନ୍ତର୍ଭୁକ୍ତ ଉପଦେଷ୍ଟା ମନୋରଞ୍ଜନ ମିଶ୍ର, ଧନକଉଡ଼ା ବିଡିଓ ବସନ୍ତ କୁମାର ହାତୀଙ୍କ ଧନ୍ୟବାଦ ଅର୍ପଣ କରିଥିଲେ। ଡିଆରଡିଏ ଏପିଡ଼ି (ଲାଇଭ୍‌ଲିହୁଡ୍) ବିକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଏମୟୁ ଭୂଗୋଳ ବିଭାଗରେ ଜାତୀୟ କର୍ମଶାଳା

**ସମ୍ବଲପୁର,୫।୩(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ) ଭୂଗୋଳ ବିଭାଗ ପକ୍ଷରୁ ଜାତୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କୁଳପତି ଡ. ଅତନୁ କୁମାର ପତିଙ୍କ ଅଧକ୍ଷତାରେ କର୍ମଶାଳା ହୋଇଥିଲା । ଉପକୁଳ ସଚିବ ଡ. ଉମାଚରଣ ପତି ସ୍ୱାଗତ ଭାଷଣ, ବିଭାଗୀୟ ପ୍ରଫେସର ଡ. ନମିଣ ପଟ୍ଟନାୟକ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସେହିପରି ବିଭାଗୀୟ ମୁଖ୍ୟ ପ୍ରଫେସର ଶିବବ୍ରତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ଯୋଗଦେଇ ବର୍ତ୍ତମାନ ଯୁଗରେ କର୍ମଶାଳାର ଆଭିମୁଖ୍ୟ ବିଷୟରେ କହିଥିଲେ। ପ୍ରଫେସର ପି.କେ ଦାଶ, ଖଲିକୋଟ ବିଶ୍ୱବିଦ୍ୟାଳୟ ପ୍ରଫେସର ମନୋରଞ୍ଜନ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଫେସର ଅରବିନ୍ଦ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଡ. ରବିନାରାୟଣ ବେହେରା, ଡ. ସୁଜିତ ଜାଲି, ଡ. ରଶ୍ମି, ଡ. ଗ୍ରେସ ବାହାଲିନ ମୁଣ୍ଡ, ଗୁରୁଚରଣ ସାହୁ, ସୁପ୍ରିତି ବେହେରା, ବିଜୟନ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗ ପ୍ରଫେସର ପ୍ରିତିରେଖା ଦାସପଟ୍ଟନାୟକ ଯୋଗଦେଇ ପ୍ରାକୃତିକ ସମ୍ପଦର ସଂରକ୍ଷଣରେ ସାଟେଲାଇଟ୍ ଟେକ୍ନୋଲୋଜିର ବ୍ୟବହାର ଉପରେ ଆଲୋଚନା କରିଥିଲେ । ଜିଏମ୍‌ୟୁ କୁଳସଚିବ ଗିରିଶ ଚନ୍ଦ୍ର ସିଂ ସୂଚନା ପ୍ରଦାନ କରିଥିଲେ।



ଗୁରୁବାର ସମ୍ବଲପୁର ଜିଏମୟୁ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଜାତୀୟ କର୍ମଶାଳରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

## ୨ଦିନ ବିତିଲା, ନିଖୋଜ ନାବାଳିକାଙ୍କ ପତ୍ତା ମିଳୁନି

**ସମ୍ବଲପୁର,୫।୩(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳର ଜଣେ ୧୫ବର୍ଷିୟା ନାବାଳିକା ନିଖୋଜ ହୋଇଯାଇଛନ୍ତି । ଏ ନେଇ ପରିବାର ବର୍ଗ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଝିଅଟି ବୁଧବାର ସନ୍ଧ୍ୟାରେ ବଜାର ବୁଲି ଯିବାକୁ କହି ଘରୁ ବାହାରିଥିଲେ । ହେଲେ ସେ ଆଉ ଘରକୁ ଫେରି ନ ଥିଲେ । ବହୁ ଖୋଜାଖୋଜି ପରେ ମଧ ତାଙ୍କର ପତ୍ତା ମିଳି ପାରିନାହିଁ ବୋଲି ପରିବାର ଲୋକେ ପୋଲିସକୁ ଜଣାଇଛନ୍ତି।

## ଲୁଟ୍ ସୁନା ଚେନ ସହ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୫।୩(ବ୍ୟୁରୋ)**

ସମ୍ବଲପୁର ସଦର ଥାନା ପୋଲିସ ଲୁଟ୍ ହୋଇଥିବା ସୁନା ଚେନ ସହ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ସିନ୍ଦୁରପଙ୍କ ଗ୍ରାମର ସଞ୍ଜୟ ଉଛୁରିଆ ( ୩୪)। ଏ ନେଇ ଥାନାରେ ଏକ ମାମଲା (ନଂ. ୪୨/୨୦) ରୁଜୁ ହୋଇଛି। ସୂଚନାଯୋଗ୍ୟଯେ, ସିନ୍ଦୁରପଙ୍କ ଗ୍ରାମର ସସ୍ମିତା ନାଥଙ୍କ ସୁନା ଚେନ ଫେବୃୟାରୀ ୨୬ ତାରିଖରେ ଲୁଟ୍ ହୋଇଥିଲା । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ।

## ଡାକ୍ତର ଦେବାନନ୍ଦ ଟୁଡୁଙ୍କ ପରଲୋକ

**ସମ୍ବଲପୁର, ୫।୩ (ବ୍ୟୁରୋ)**

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ରସାଏ ମେଡିକାଲ ସାଇନ୍ସ ଏଣ୍ଡ ରିସାର୍ଚ୍ଚ (ଭୀମସାର) କାର୍ଯ୍ୟରତ ଡାକ୍ତର ଦେବାନନ୍ଦ ଟୁଡୁଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା । ବୁର୍ଲାସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର୍ସରେ ଟୁଡୁ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ସେ କର୍କଟ ରୋଗରେ ପୀଡିତ ଥିଲେ । ତାଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି ।

## ଚାଉଳ ବୋଝେଇ ଟ୍ରକ ଉପରେ ୫୮ ହଜାର ଟଙ୍କାର ଚାଲାଣ

**ସମ୍ବଲପୁର,୫।୩(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଥାନା ପୋଲିସ ହାତରେ ଗୁରୁବାର ଏକ ଚାଉଳ ବୋଝେଇ ଟ୍ରକ ଧରାପଡିଥିଲା। ଗାଡିର ଇନସ୍ୟୁରାନ୍ସ ଓ ଅନ୍ୟ କାଗଜପତ୍ର ନ ଥିବା ତନଖିରୁ ଜଣା ପଡିଥିଲା । ପୋଲିସ ଆରଟିଓକୁ ଟ୍ରକ ହସ୍ତାନ୍ତର କରିଥିଲେ। ଏମଭିଆଇ ୫୮ ହଜାର ଟଙ୍କା ଚାଲାଣ କରିଥିଲେ । ଟ୍ରକଟି ରେମେଡର ଅଶୋକ ଅଗ୍ରୱାଲଙ୍କ ନାମରେ ଥିବା ପୋଲିସ କହିଛି। ସୂଚନାଯୋଗ୍ୟଯେ, ଅପରାହ୍ଣ ୧୧ରେ ପୋଲିସ ଟିମ୍ ଚେକିଙ୍ଗ କରୁଥିଲା। ସେ ସମୟରେ ଟ୍ରକନଂ ଓଏସଏସ ୬୭୭୫ ଏଫସିଆଇରୁ ବାହରି ରେମେଡ ଆଡକୁ ଯାଉଥିଲା । ପୋଲିସ ଟିମ ଟ୍ରକ ଯାଞ୍ଚ କଲାପରେ କୌଣସି କାଗଜପତ୍ର ନଥିବା ଜାଣିବାକୁ ପାଇଥିଲା ।

## ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ


ପଂଚାୟତରାଜ ଦିବସରେ ମଂଚାସୀନ ଅତିଥି ।

**ଦେବଗଡ,୫।୩(ଡି.ଏନ.ଏ.)**

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପରିସରସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ସମସ୍ୟାଗୁଡିକର ସମାଧାନ ହିଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ । ଏଥିରେ ଜନପ୍ରତିନିଧିମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଏହି ଅବସରରେ ସେ କ୍ଷମତାର ବିକେନ୍ଦ୍ରୀକରଣ ନିମନ୍ତେ ସରକାରଙ୍କ ପଦକ୍ଷେପଗୁଡିକ ଉପରେ ଆଲୋକପାତ କରିଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ଦେବକୀ ପଟେଲ,ଉପ–ଜିଲାପାଳ ବ୍ରଜବନ୍ଧୁ ଭୋଇ ମଞ୍ଚାସୀନ ଥିଲେ । ଏହି ଅବସରରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲା ପଞ୍ଚାୟତ ଅଧିକାରୀ ଲବ କିସାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଜୁ ଯୁବ ବାହିନୀର ସଦସ୍ୟ, ପଂଚାୟତସ୍ତରୀୟ ପ୍ରତିନିଧି ଯୋଗଦେଇଥିଲେ ।

## ହିଣ୍ଡାଲ୍‌କୋରେ ଜାତୀୟ ସୁରକ୍ଷା ସପ୍ତାହ

**ସମ୍ବଲପୁର, ୫।୩ (ବ୍ୟୁରୋ)**

ହୀରାକୁଦ ହିଣ୍ଡାଲକୋ ସ୍ମେଲଟର୍ ଓ ପାୱାର ପକ୍ଷରୁ ୪୯ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହା ଚଳିତ ମାସ ୧୧ ତାରିଖ ଉଦ୍‌ଯାପିତ ହେବ । ଫେକ୍ଟ୍ରିଜ୍ ଆଣ୍ଡ ବୋଏଲର୍ସ ଡେପୁଟି ଡାଇରେକ୍ଟର ସ୍ୱରୂପ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ମେଲଟର୍ ମୁଖ୍ୟ ଜେପି ନାୟକ, ପାୱାର ମୁଖ୍ୟ ଅରୁଣ ପୌଦାର, ୟୁନିୟନ କାର୍ଯ୍ୟକାରି ସଭାପତି ସରୋଜ କୁମାର ମହାନ୍ତି, ହୀରାକୁଦ କମ୍ପ୍ଲେକ୍ସ ସୁରକ୍ଷା ମୁଖ୍ୟ ବିଶ୍ୱଜିତ ଜୋହରଦାର, ସେଫ୍ଟି ମ୍ୟାନେଜର ଶୁଭ୍ରାଂଶୁଶେଖର ପାଢ଼ୀ, ସନ୍ଦୀପ ପାଣିଗ୍ରାହୀ, ନିଲିଭ ସିଙ୍ଗଲ ଯୋଗ ଦେଇଥିଲେ । ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ ରାଜେଶ କୁମାର ଗୁପ୍ତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ସପ୍ତାହ ବ୍ୟାପି ହେବାକୁଥିବା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି ସୂଚନା ଦିଆଯାଇଛି।



ଗୁରୁବାର ହୀରାକୁଦ ହିଣ୍ଡାଲକୋରେ ଅତିଥିମାନେ ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ।

## ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୫।୩(ବ୍ୟୁରୋ)**

**କରୋନା ନେଇ ଆଡ୍‌ଭାଇଜରି ଜାରି କଲା ଓସେପା**

ଘାରିଲାଣି କରୋନା ସଂକ୍ରମଣ ଭୟ। ଓଡ଼ିଶାରେ ସେପରି ସ୍ଥିତି ଉପୁଜି ନ ଥିଲେ ମଧ ଶିକ୍ଷା ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଗୁରୁବାର ଓଡ଼ିଶା ସ୍କୁଲ୍ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ପକ୍ଷରୁ ଏକ ଆଡ୍‌ଭାଇଜରି ଜାରି କରାଯାଇଛି। କରୋନାକୁ ନେଇ ସତର୍କ ରହିବା ସହ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ), ଜିଲା ପ୍ରକଳ୍ପ ଅଧିକାରୀ (ଡିପିସି) ଓ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ପତ୍ର ସଂଖ୍ୟା ୨୯୬୪/ସିଏମ୍‌ରେ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ 'ନୋଭେଲ୍ କରୋନା ଭାଇରସ' ବିଷୟରେ ଶିକ୍ଷକମାନେ ନିୟମିତ ଅବଗତ ସହ ସଚେତନ କରିବେ। କାହାସହ ହାତ ନ ମିଳାଇବା, ଖାଇବା ପୂର୍ବରୁ ଭଲ ଭାବେ ହାତ ଧୋଇବା, କାଶ ଓ ଛିଙ୍କ ହେଉଥିଲେ ରୁମାଲ ବ୍ୟବହାର କରିବା ସହ ବିଦ୍ୟାଳୟରେ ଏକତ୍ରିତ କିମ୍ବା ରୁଣ୍ଡ ହୋଇ କିଛି କାର୍ଯ୍ୟ କରିବାକୁ ବାରଣ କରାଯାଇଛି। କୌଣସି ଛାତ୍ରୀଛାତ୍ର ଅସୁସ୍ଥତା ଅନୁଭବ କରୁଥିଲେ ତାଙ୍କୁ ବିଦ୍ୟାଳୟ ନ ଆସିବାକୁ ପରାମର୍ଶ ଦିଆଯାଇଛି।

## ଗାୟତ୍ରୀ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ

**ସମ୍ବଲପୁର,୫।୩(ବ୍ୟୁରୋ)**

ଗାୟତ୍ରୀ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ ଉମଙ୍ଗ– ୨୦୨୦ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ସମ୍ପାଦକ ଶିବନାରାୟଣ ଶତପଥୀ ଅଧକ୍ଷତା କରିଥିଲେ । ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି, ସଭ୍ୟ ସଚିବ ତଥା ପରୀକ୍ଷା ନିୟନ୍ତ୍ରକ ରାଜକିଶୋର ଦାସ ମୁଖ୍ୟବକ୍ତା, ଇଂ. ଅଶୋକ କୁମାର ଜଲାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଯୁଗରେ ଫାର୍ମାସୀର ଉପଯୋଗୀତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥୀ ବାର୍ଷିକ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ କଲେଜ ଅଧକ୍ଷ ସୂର୍ଯ୍ୟନାରାୟଣ ଦାଶ ଅତିଥିଙ୍କୁ ସ୍ୱାଗତ କରିଥିଲେ । ପ୍ରଫେସର ଗୌତମ କୁମାର ଜାନାଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା । ସେହିପରି ପରିଚାଳନା କମିଟି ସଭ୍ୟ ଅବଦୁଲ ମଜିଦ୍ ଫୈଜି ଓ ପ୍ରଫେସର ଶମ୍ଭୁପ୍ରସାଦ ମିଶ୍ର, ଅତିଶ କୁମାର ଶତପଥୀ, ସିମା ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ରାମାଶିଷ ତ୍ରିପାଠୀଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବିଭୂତି ମିଶ୍ରଙ୍କ ନିର୍ଦ୍ଦେଶନାରେ ଗୁନିଆଁ ନାଟକ ମଞ୍ଚସ୍ଥ ହୋଇଥିଲା । ଶେଷରେ ପ୍ରଫେସର ସୋମଜିତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


ସମ୍ବଲପୁର ଗାୟତ୍ରୀ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।


ସମ୍ବଲପୁର ଗାୟତ୍ରୀ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଅଧୀକ୍ଷଣ ଯନ୍ତ୍ରୀଙ୍କ ଜାମିନ ଖାରଜ, ୧୪ ଦିନ ପାଇଁ ଗଲେ ଜେଲ

**ବ୍ରହ୍ମପୁର ଅଫିସ,୫।୩**

ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ପଡ଼ିଥିବା ବ୍ରହ୍ମପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ (ଦକ୍ଷିଣାଞ୍ଚଳ ମଣ୍ଡଳ) ବିନୋଦ କୁମାର ପାଢୀଙ୍କୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ରାତିରେ ମାମଲା ନମ୍ବର ୫/୨୦ରେ ଗିରଫ କରାଯାଇ ରାତାରାତି କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ତାଙ୍କ ଓକିଲ ନରସିଂହ ପଟ୍ଟନାୟକ, ପାଢ଼ୀଙ୍କ ଜାମିନ ପାଇଁ ଭିଜିଲାନ୍ସ କୋର୍ଟରେ ଆବେଦନ କରିଥିଲେ। ସ୍ୱତନ୍ତ୍ର ସରକାର ପିପି ତପନ ଦାସ ଅଭିଯୁକ୍ତ ପାଢ଼ୀଙ୍କ ଜାମିନ ଆବେଦନର ଦୃଢ଼ ବିରୋଧ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୁବ୍ରତ ମହାନ୍ତି ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ସହ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅନ୍ୟପଟେ ଅଭିଯୁକ୍ତଙ୍କ ଓକିଲ ନରସିଂହ ପଟ୍ଟନାୟକ କହିଛନ୍ତି କୋର୍ଟରୁ ଏକ ନକଲ ବାହାର କରି ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିବୁ। ପ୍ରକାଶ ଯେ, ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ପାଢ଼ୀଙ୍କ ୧୨ଟି ସ୍ଥାନରେ ମଙ୍ଗଳବାର ଓ ବୁଧବାର ୨ ଦିନ ଧରି ଚଢାଉ କରାଯାଇଥିଲା। ଭିଜିଲାନ୍ସ ଟିମ୍ ପାଢ଼ୀ ଓ ତାଙ୍କ ପରିବାରଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୫ କୋଟି ୧୨ ଲକ୍ଷ ୯୭ ହଜାର ୯୬୩ ଟଙ୍କା ଆକଳନ କରିଥିଲା। ସେଥିମଧ୍ୟରୁ ୩ କୋଟି ୮୭ ଲକ୍ଷ ୪୬ ହଜାର ୯୮୯ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ରହିଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଥିଲେ।


ବିନୋଦ କୁମାର ପାଢୀ



ଉତ୍ତର କୋରିଆରେ ଲୋକଙ୍କର ସ୍ୱାଧୀନତା ବୋଲି କିଛି ନାହିଁ। ତା ସାଙ୍ଗକୁ ନାନା ପ୍ରକାର କଟକଣା ଲୋକଙ୍କ ଜୀବନକୁ ଦୁର୍ବିଷହ କରି ପକାଇଛି। ଲାଲ ରଙ୍ଗର ଲିପ୍‌ଷ୍ଟିକ ଲଗାଇବା ମନା। ସେଠାରେ ଲାଲ ରଙ୍ଗର ଲିପ୍‌ଷ୍ଟିକ ଲଗାଇବା ଅପରାଧ। ଏଠାରେ ମୁଦି ଓ ବ୍ରେସ୍‌ଲେଟ ଲଗାଇବାକୁ ମଧ୍ୟ ବାରଣ କରାଯାଇଛି।

-ନାରା କାଙ୍ଗ୍ ନାକ୍, ଉତ୍ତର କୋରିଆ ଅଭିନେତ୍ରୀ



# ନମନୀୟ କଂକ୍ରିଟ୍





**କୁଇନ୍ସଲ୍ୟାଣ୍ଡ:** କଂକ୍ରିଟ ଲୁହା ଭଳି ଶକ୍ତ। ଏକଥା ଊଣା ଅଧିକେ ପ୍ରାୟ ସମସ୍ତେ ଜାଣିଛେ। ହେଲେ କେବେ ଶୁଣିଛନ୍ତି କି ନମନୀୟ କଂକ୍ରିଟ ବିଷୟରେ! କଥାଟା ଶୁଣିବାକୁ ନୂଆ ଲାଗୁଥାଇପାରେ। ହେଲେ ଏପରି ଭୂମିକମ୍ପ ପ୍ରତିରୋଧୀ ନମନୀୟ କଂକ୍ରିଟ୍ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି ଅଷ୍ଟ୍ରେଲିଆର ବିଶେଷଜ୍ଞମାନେ। ସ୍ୱିନବର୍ଗ ୟୁନିଭର୍ସିଟିର ବୈଜ୍ଞାନିକମାନେ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ନିର୍ଗତ କୋଇଲା ପାଉଁଶରୁ ନମନୀୟ ତଥା ଇକୋ ଫ୍ରେଣ୍ଡଲୀ କଂକ୍ରିଟ ପ୍ରସ୍ତୁତ କରିଛନ୍ତି। ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କଂକ୍ରିଟର ନମନୀୟ ଗୁଣ ଧନଜୀବନ ସୁରକ୍ଷା କରିବାରେ ସହାୟକ ହେବ। ଏହାଦ୍ୱାରା କୋଠାରେ ଫାଟ ଆସିବା ଆଶଙ୍କାକୁ ଅନେକାଂଶରେ ଏଡ଼ାଇ ଦିଆଯାଇପାରିବ। ଜାପାନ, ନ୍ୟୁଜିଲାଣ୍ଡ ଭଳି ଭୂମିକମ୍ପ ପ୍ରଭାବିତ ଦେଶରେ ଏହି କଂକ୍ରିଟ୍ ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି ଏହାକୁ ପ୍ରସ୍ତୁତ କରିଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି। କୁଇନ୍ସଲ୍ୟାଣ୍ଡ ବିଶେଷଜ୍ଞମାନେ ଗ୍ଲେଡ୍‌ଷ୍ଟୋନ ଥର୍ମାଲ ପାୱାର ଷ୍ଟେଶନରୁ ନିର୍ଗମନ ହେଉଥିବା ପାଉଁଶରୁ ଇଲାଷ୍ଟିକ୍ ଭଳି ନମନୀୟ ହୋଇପାରୁଥିବା କଂକ୍ରିଟ୍‌ର ଭିଡିଓ ଜାରି କରିଛନ୍ତି। ଏହାର ନାମ ରଖାଯାଇଛି 'ଇଞ୍ଜିନିୟର୍ସ ଜିଓପଲିମର କମ୍ପୋଜିଟ'। ସାଧାରଣତଃ ଅତ୍ୟଧିକ ଓଜନ ପଡ଼ିଲେ କିମ୍ବା କମ୍ପନ ସୃଷ୍ଟି ହେଲେ ସାଧାରଣ କଂକ୍ରିଟ ଭାଙ୍ଗି ଯାଇଥାଏ। ହେଲେ ନମନୀୟତା ଯୋଗୁ ଇକୋ ଫ୍ରେଣ୍ଡଲୀ କଂକ୍ରିଟ କୋଠାର କ୍ଷତି ହେବାକୁ ଦେଇ ନ ଥାଏ। ଲ୍ୟାବ୍‌ରେ ପ୍ରସ୍ତୁତ କରାଯାଇଥିବା ଏହି ସ୍ୱତନ୍ତ୍ର କଂକ୍ରିଟ୍ ସାଧାରଣ କଂକ୍ରିଟ୍‌ଠାରୁ ୪୦୦ ଗୁଣ ବେଶି ନମନୀୟ। ବଡ଼ବଡ଼ କୋଠା, ବ୍ରିଜ, ସୁଡ଼ଙ୍ଗ ନିର୍ମାଣ ସମୟରେ ଏହି କଂକ୍ରିଟ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଏହାର ନମନୀୟ ଗୁଣ ନିର୍ମାଣକୁ ଦୀର୍ଘସ୍ଥାୟୀ କରିବ। ବୈଜ୍ଞାନିକମାନେ ଆହୁରି ମଧ୍ୟ କହିଛନ୍ତି, ସାଧାରଣ କଂକ୍ରିଟ୍ ନିର୍ମାଣ ସମୟରେ ଅତ୍ୟଧିକ ତାପରେ ଚୂନପଥରକୁ ଗରମ କରି ମିଶ୍ରଣ କରାଯାଇଥାଏ। ଏହା ମାତ୍ରାଧିକ କାର୍ବନ ଡାଇଅକ୍ସାଇଡ ଛାଡ଼ିଥାଏ। ହେଲେ କୋଇଲା ପାଉଁଶରୁ ନିର୍ମିତ କଂକ୍ରିଟରେ ଏହି ପ୍ରକ୍ରିୟା ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ଶେଷ ହୋଇଯାଇଥାଏ। ଏହାର ନିର୍ମାଣରେ ୩୬% କମ୍ ଶକ୍ତି ଖର୍ଚ୍ଚ ହୋଇଥାଏ। ସେହିପରି ୭୬% କମ୍ କାର୍ବନ ଡାଇଅକ୍ସାଇଡ ବାହାରିଥାଏ। ପତଳାରୁ ପତଳା ନିର୍ମାଣରେ ମଧ୍ୟ ଏହା ଫାଟ ହେବାକୁ ଦେଇ ନ ଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି।



# ରିଲାକ୍ସ ମୁଡ୍‌ରେ ନେହା କକ୍କର

**ମୁମ୍ବାଇ:** ବଲିଉଡ୍ ଗାୟିକା ନେହା କକ୍କର ଆଜିକାଲି ରିଲାକ୍ସ ମୁଡ୍‌ରେ। ଇଣ୍ଡିଆନ୍ ଆଇଡଲ୍‌ରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ ଆଦିତ୍ୟଙ୍କ ସହ ବିବାହ ଡ୍ରାମା ପରେ ଏବେ ଏକୁଟିଆ ଛୁଟି ମନାଇବାକୁ ବାହାରିଛନ୍ତି। ଏହି ସମୟର କିଛି ଫଟୋ ନେହା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ଏଥିରେ କ୍ୟାପ୍‌ଶନ ଲେଖିଛନ୍ତି, 'ହାପିଏଷ୍ଟ ଅନ୍ ଭ୍ୟାକେସନ୍'। ଛୁଟିକୁ ନେଇ ବହୁତ ଖୁସି। ଆଉ ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି, ବହୁତ ଭଲ ଦିନ। ଏହି ଫଟୋରେ ନେହା ସତରେ ବହୁତ ଖୁସି ବି ଜଣାପଡୁଛନ୍ତି।

## ମନଭରି ଏକୁଟିଆ ଛୁଟି ମନାଉଛନ୍ତି

ନେହା ଏକା ଏକା ଛୁଟିକୁ ବେଶ୍ ମନଭରି ଉପଭୋଗ କରୁଥିବା ନଜର ଆସିଛନ୍ତି। କିଛିଦିନ ତଳେ ନେହା-ଆଦିତ୍ୟଙ୍କ ବିବାହକୁ ନେଇ ବେଶ୍ ଚର୍ଚ୍ଚା ହେଉଥିଲା। ଇଣ୍ଡିଆନ୍ ଆଇଡଲ୍ ଶୋ'ରେ ନେହା ଜଜ୍ ଭୂମିକାରେ ଥିବାବେଳେ ଆଦିତ୍ୟ ଶୋ'ର ହୋଷ୍ଟ କରୁଥିଲେ। ଏହି ଶୋ'ରେ ହିଁ ଦୁଇଜଣଙ୍କ ବିବାହ କଥା ଉଠିଥିଲା। ଏପରିକି ଉଦିତ୍ ନାରାୟଣ ନେହାଙ୍କୁ ବୋହୂ କରିନେବେ ବୋଲି କହିଥିଲେ। କିନ୍ତୁ ଶେଷରେ ଜଣାପଡ଼ିଥିଲା ଏହାସବୁ ଡ୍ରାମା ଥିଲା।



# କରୋନା ପାଇଁ ସୁରକ୍ଷା କବଚ

**ବେଜିଂ:** କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ଚାଇନାରେ ଏକ ସୁରକ୍ଷା କବଚ ଡିଜାଇନିଂ କରାଯାଇଛି। ଏହାକୁ ଆର୍କିଟେକଚର ଡାୟୋଙ୍ଗ୍ ସନ୍ ପ୍ରସ୍ତୁତ କରିଛନ୍ତି। ଏଥିରେ ୟୁଭି ଲାଇଟ୍ ରହିଛି। ଯାହାକି କବଚର ଆଭ୍ୟନ୍ତରୀଣ ତାପମାତ୍ରାକୁ ୪୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସକ୍ଷମ ହୋଇପାରିବ। ବାଦୁଡ଼ି ଡେଣା ଆକାରର ଏହି ସୁରକ୍ଷା କବଚ ବ୍ୟବହାରକାରୀଙ୍କ ଅଧାରୁ ଅଧିକ ଶରୀର ଆବୃତ୍ତ କରିପାରିବ। ଏଥିରେ ଥର୍ମୋପ୍ଲାଷ୍ଟିକ୍ ଷ୍ଟ୍ରେଚେବୁଲ୍ ମ୍ୟାଟେରିଆଲର ଉପଯୋଗ କରାଯାଇଛି। କରୋନା ଭୂତାଣୁ ୨୭ ଡିଗ୍ରୀ ତାପମାତ୍ରାରେ ନଷ୍ଟ ହୋଇଯାଇଥାଏ। ତେଣୁ ସୁରକ୍ଷା କବଚ ଭିତରର ତାପମାତ୍ରା ଦ୍ୱାରା ବ୍ୟବହାରକାରୀ ସଂକ୍ରମଣରୁ ଦୂରେଇ ରହିପାରିବେ ବୋଲି ଡାୟୋଙ୍ଗ୍ ସନ୍ କହିଛନ୍ତି।

## ସେଲୁନ୍‌ରେ ବି କରୋନା ଭୟ

# ୪ ଫୁଟ ଦୂରରୁ କଟାଯାଉଛି କେଶ

**ବେଜିଂ:** ଚାଇନାରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢ଼ିବା ସହିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ବିଶ୍ୱର ପ୍ରାୟ ୮୦ ଦେଶ ଏହି ରୋଗରେ ଏବେ କବଳିତ। ମୃତ୍ୟୁସଂଖ୍ୟା ୩ ହଜାର ଟପିସାରିଥିବା ବେଳେ ୯୦ ହଜାର ସଂକ୍ରମଣର ଶିକାର ହେଲେଣି। ତେଣୁ ସୁରକ୍ଷା ଦୃଷ୍ଟିରୁ ବେଜିଂରେ ଥିବା ସେଲୁନ୍‌ରେ ୪ ଫୁଟ ଦୂରରୁ କେଶ କଟାଯାଉଛି। ଗ୍ରାହକମାନଙ୍କଠାରୁ ସୁରକ୍ଷିତ ଦୂରତାରେ ରହି ସେଲୁନ କର୍ମଚାରୀ କେଶ କାଟୁଥିବାର ଫଟୋ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଚାଇନାର ହେନାନ ପ୍ରଦେଶରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଉହାନ ପ୍ରଦେଶ କରୋନା ସଂକ୍ରମଣ ଯୋଗୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଠାରେ ଲୋକଙ୍କୁ ବାହାରକୁ ନଯିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ କରୋନା ସଂକ୍ରମଣ ଭୟରେ ଅନ୍ୟ ପ୍ରଦେଶରେ ମଧ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି।







# ଭୋଟର ପରିଚୟପତ୍ରରେ କୁକୁର ଫଟୋ

**କୋଲକାତା :** ଭୋଟର ପରିଚୟ ପତ୍ରରେ ସମ୍ପୃକ୍ତ ଭୋଟରଙ୍କ ଫଟୋ ରହିଥାଏ। ତେବେ ପଶ୍ଚିମବଙ୍ଗରେ ଜଣେ ଲୋକଙ୍କ ଭୋଟର ପରିଚୟ ପତ୍ରରେ ତାଙ୍କ ନିଜ ଫଟୋ ସ୍ଥାନରେ କୁକୁର ଫଟୋ ରହିଛି। ଏନେଇ ସେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମୁର୍ଶିଦାବାଦ୍ ଜିଲାର ରାମନଗର ଗାଁରେ ବାସ କରୁଥିବା ୬୪ ବର୍ଷ ବୟସ୍କ ସୁନୀଲ କର୍ମାକରଙ୍କର ଭୋଟର ପରିଚୟ ପତ୍ରରେ ତାଙ୍କ ଫଟୋ ବଦଳରେ କୁକୁର ଫଟୋ ରହିଛି। ଭୋଟର ପରିଚୟ ପତ୍ରରେ କିଛି ଭୁଲ ଥିବାରୁ ସେ ଏହାକୁ ସୁଧାରିବା ପାଇଁ ଆବେଦନ କରିଥିଲେ। ତେବେ ନୂଆ ଭୋଟର ପରିଚୟ ପତ୍ରରେ ତାଙ୍କ ଫଟୋ ନ ଥିବା ସୁନୀଲ କହିଛନ୍ତି। ତାଙ୍କୁ ଅପମାନିତ କରାଯାଇଥିବାରୁ ସେ ଏନେଇ ମାନହାନି ମକଦମା କରିବେ ବୋଲି ନିର୍ବାଚନ କମିଶନଙ୍କ ନିକଟରେ ପ୍ରକାଶ କରିଛନ୍ତି।

# ବଜାରରେ ପଦ୍ମାବତୀ ଲୁକ୍‌ର କଣ୍ଢେଇ

**ବମ୍ବେ:** ଚଳଚ୍ଚିତ୍ର 'ପଦ୍ମାବତ୍'ରେ ରାଣୀ ଭୂମିକାରେ ନଜର ଆସିଥିଲେ ଅଭିନେତ୍ରୀ ଦୀପିକା ପାଦୁକୋନ। ମହାରାୱଲ ରତନ ସିଂଙ୍କ ସ୍ତ୍ରୀ ପଦ୍ମାବତୀଙ୍କ ରୂପରେ ବେଶ୍ ଭାଇରାଲ ହୋଇଥିଲା ତାଙ୍କ ଲୁକ୍। ଏବେ ଏହି ଲୁକ୍‌ର କିଛି କଣ୍ଢେଇ ବଜାରକୁ ଆସିଛି। ସୋସିଆଲ ମିଡିଆରେ ଦୀପିକାଙ୍କ ଡଲ୍ ଭର୍ସନ ଭାଇରାଲ ମଧ୍ୟ ହେଉଛି। ଚିକ୍‌ମିକ୍ ପରିଧାନ ସାଙ୍ଗକୁ ଚୁଡ଼ି ଦେଖିଲେ ପଦ୍ମାବତୀର ଅବିକଳ ନକଲ ଭଳି ଏଗୁଡ଼ିକ ଲାଗୁଥିବା ଚର୍ଚ୍ଚା ହେଉଛି। ଫିଲ୍ମ ପଦ୍ମାବତ୍‌ର ନିର୍ଦ୍ଦେଶନା ଦେଇଥିଲେ ଲୋକପ୍ରିୟ ନିର୍ଦ୍ଦେଶକ ସଞ୍ଜୟ ଲୀଳା ବନ୍‌ଶାଲୀ। ରିଲିଜ ପୂର୍ବରୁ ଏହା ବିବାଦକୁ ଆସିଥିଲା। ପ୍ରମୁଖ ଭୂମିକାରେ ଶାହିଦ କପୁର ଏବଂ ରଣବୀର ସିଂହଙ୍କୁ ଦେଖିବାକୁ ମିଳିଥିଲା। ରିଲିଜ ପରେ ଦର୍ଶକେ ଏହାକୁ ବେଶ୍ ପସନ୍ଦ କରିବା ପରେ ଫିଲ୍ମଟି ସୁପରହିଟ୍ ହୋଇଥିଲା। ଆଗାମୀ ଦିନରେ ଦୀପିକା ଚଳଚ୍ଚିତ୍ର '୮୩'ରେ ନଜର ଆସିବେ।

ଭାଇରାଲ ହେଉଛି ଫଟୋ



# ଦିନସାରା ହ୍ୱିଲ୍ ଚେୟାରରେ ବସି ରହିଲେ ୧୦ ବିଧାୟକ

**ୱାଶିଂଟନ:** ହ୍ୱିଲ୍ ଚେୟାରରେ ବସି ରହି ଦିବ୍ୟାଙ୍ଗଙ୍କ ଅନୁଭୂତି କିଭଳି ହୋଇଥାଏ ତାହା ଜଣାଇବା ପାଇଁ ଆମେରିକାର ଜଣେ ଛାତ୍ର ଏକ ନିଆରା ପଦକ୍ଷେପ ନେଇଛନ୍ତି। ସ୍ଥାନୀୟ ଟେନେସି ରାଜ୍ୟର ଲେବନାନ ସହରରେ ବାସ କରୁଥିବା ଅଷ୍ଟମଶ୍ରେଣୀ ଛାତ୍ର ଏଲେକ୍ସ ଜନସନ ୧୦ ଜଣ ବିଧାୟକଙ୍କୁ ଦିନସାରା ହ୍ୱିଲ ଚେୟାରରେ ବସି ରହିବା ଲାଗି ଚ୍ୟାଲେଞ୍ଜ୍ କରିଥିଲେ। ଏହା ପରେ ବିଧାୟକମାନେ ଏହାକୁ ସ୍ୱୀକାର କରି ଦିନସାରା ହ୍ୱିଲ ଚେୟାରରେ ବସି ରହି ନିଜନିଜର କାମ କରିଛନ୍ତି। ଫ୍ରେଣ୍ଡଶିପ୍ ଖ୍ରୀଷ୍ଟିଆନ୍ ସ୍କୁଲରେ ପଢୁଥିବା ଏଲେକ୍ସ ଦିବ୍ୟାଙ୍ଗଙ୍କ ଅସୁବିଧା ସମ୍ପର୍କରେ ଅବଗତ କରାଇବା ଲାଗି ଏଭଳି କରିଥିବା କହିଛନ୍ତି। ବିଧାୟକମାନେ ଆଗାମୀ ଦିନରେ ଦିବ୍ୟାଙ୍ଗଙ୍କ ଲାଗି ଉପଯୋଗୀ ଆଇନ ପ୍ରଣୟନ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିବା ଆଶା ନେଇ ଏଲେକ୍ସ ' ଷ୍ଟେଣ୍ଡ୍ ଏ ଡେ ଇନ୍ ମାଇଁ ହ୍ୱିଲସ୍' ନାମକ ଏହି ଚ୍ୟାଲେଞ୍ଜ୍ ଦେଇଥିଲେ। ଆଲେକ୍ସଙ୍କ ୨ ବର୍ଷରେ ହୋଇଥିବା ବେଳେ ସେ ହ୍ୱିଲ ଚେୟାରର ବ୍ୟବହାର ଆରମ୍ଭ କରିଥିଲେ।



# ଲେଡି ସେହ୍ୱାଗ୍

**ନିର୍ଭୀକ ତଥା ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ଯୋଗୁ ଚଳିତ ଟି୨୦ ବିଶ୍ୱକପ୍‌ରେ ୧୬ ବର୍ଷୀୟା ଭାରତୀୟ ଓପନର ଶେଫାଳି ବର୍ମା ସବୁଠାରୁ ଚର୍ଚ୍ଚିତ ମହିଳା କ୍ରିକେଟର ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଯଥାର୍ଥରେ ତାଙ୍କୁ ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ସହ ତୁଳନା କରାଯାଉଛି...**

ଭାରତୀୟ ମହିଳା କ୍ରିକେଟ ଦଳର ଡାହାଣହାତୀ ଓପନର ଶେଫାଳି ବର୍ମାଙ୍କୁ ଏବେ ପୂର୍ବତନ କ୍ରିକେଟର ତଥା ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ସହିତ ତୁଳନା କରାଯାଉଛି। ସେହ୍ୱାଗଙ୍କ ଭଳି ଇନିଂସ ଓପନ କରିବା ସହ ସେ ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଷ୍ଟ୍ରେଲିଆରେ ଚାଲିଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ବିଶ୍ୱକପ୍‌ରେ ସେ ବିସ୍ଫୋରକ ବ୍ୟାଟିଂ କରି ଦ୍ରୁତ ଗତିରେ ରନସଂଗ୍ରହ କରିବା ସହ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ବ୍ୟାଟିଂ କଲାବେଳେ ତାଙ୍କ ନିର୍ଭୀକ ଆଚରଣ ଓ ଭାବ ଭଙ୍ଗୀ କ୍ରିକେଟ ପ୍ରଶଂସକଙ୍କୁ ସେହ୍ୱାଗଙ୍କ କଥା ମନେ ପକାଇଦେଉଛି। ମାତ୍ର ୧୬ ବର୍ଷରେ ସେ ଆଶାତୀତ ସଫଳତା ହାସଲ କରିଛନ୍ତି। ବାଲାନ୍ସ ଓ ଟେକ୍‌ନିକ୍ ସହ ସେ ବଲ୍‌କୁ ବ୍ୟାଟ୍‌ର ଠିକ୍ ମଝିରେ ମାରିବାକୁ ପ୍ରୟାସ କରିବାରେ ସଫଳ ହେଉଛନ୍ତି। ଯଦି ସେ ତାଙ୍କର ବାକି ଥିବା ତ୍ରୁଟି ସୁଧାରି ସଫଳ ହୁଅନ୍ତି ତେବେ ସେ ଭବିଷ୍ୟତରେ ଭାରତୀୟ ମହିଳା କ୍ରିକେଟ ପାଇଁ ଏକ ବଡ଼ ସମ୍ଭାବନା ସୃଷ୍ଟି କରିପାରିବେ। ସେହ୍ୱାଗଙ୍କ ଭଳି କିଏ ବୋଲିଂ କରୁଛି, ପିଚ୍‌ର କଣ୍ଡିଶନ କ'ଣ, ମ୍ୟାଚ୍ କେଉଁ ମୋଡରେ ରହିଛି ସେକଥା ସେ ଚିନ୍ତା କରି ନ ଥାନ୍ତି ଓ ନିଜସ୍ୱ ଶୈଳୀରେ ବ୍ୟାଟିଂ କରିଥାନ୍ତି। ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ ତାଙ୍କୁ ଅଭୟ ଦେଇଛି ଓ ନିଜ ଷ୍ଟାଇଲ୍‌ରେ ବ୍ୟାଟିଂ କରିବା ପାଇଁ ପ୍ରୋତ୍ସାହିତ କରିଛି।

ହରିୟାଣାର ରୋହତକରେ ଜନ୍ମିତ ଶେଫାଳି ବ୍ୟାଟିଂ କଲାବେଳେ ଆକ୍ରମଣତାକୁ ଗୁରୁତ୍ୱ ଦେଇଥାନ୍ତି। କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କୁ ଆଦର୍ଶ ମାନୁଥିବା ଶେଫାଳିଙ୍କୁ କିନ୍ତୁ ସେହ୍ୱାଗଙ୍କ ସହ ତୁଳନା କରାଯାଉଛି। ୨୦୧୩ରେ ସଚିନ୍ ତାଙ୍କ ଅନ୍ତିମ ରଣଜୀ ମ୍ୟାଚ୍ ଖେଳିବାକୁ ରୋହତକ ଆସିଥିଲେ। ଶେଫାଳି ସେଠାରେ ସଚିନଙ୍କୁ ଦେଖିଥିଲେ ବୋଲି ତାଙ୍କ ପିତା ସଞ୍ଜୀବ ବର୍ମା କହିଛନ୍ତି। ଏହାପରଠାର ସଚିନଙ୍କ ଭଳି ଖେଳିବା ସହ ନାମ କମାଇବା ପାଇଁ ଶେଫାଳିଙ୍କ ମୁଣ୍ଡରେ ଭୂତ ସବାର ହୋଇଥିଲା। ଏହା ଦେଖି ସଞ୍ଜୀବ ତାଙ୍କୁ ରୋହତକର ଶ୍ରୀରାମ ନାରାୟଣ କ୍ରିକେଟ ଏକାଡେମୀରେ ସାମିଲ କରିଥିଲେ। ସଞ୍ଜୀବ ଏକ ଜୁଏଲେରୀ ଦୋକାନ ଚଳାଇଥାନ୍ତି। ୩ ଭାଇଭଉଣୀଙ୍କ ମଧ୍ୟ ଶେଫାଳି ମଝିଆ। ବଡ଼ ଭାଇ ସାହିଲ ଓ ସାନ ଭଉଣୀ ନେନ୍‌ସୀ ମଧ୍ୟ ଶ୍ରୀରାମ ନାରାୟଣ କ୍ରିକେଟ ଏକାଡେମୀରେ କୋଚିଂ ନେଉଛନ୍ତି। ନେଟ୍ସରେ ଶେଫାଳି କଠିନ ପରିଶ୍ରମ କରିଥାନ୍ତି ବୋଲି ତାଙ୍କ କୋଚ୍ ଅଶ୍ୱିନୀ କୁମାର କହିଛନ୍ତି। ପୁଅ ହେଉ କିମ୍ବା ଝିଅ ସେ ସମସ୍ତଙ୍କ ସହିତ ଗ୍ରାଉଣ୍ଡରେ ଅଭ୍ୟାସ କରିଥାନ୍ତି। ସେ ରଣଜୀ ଖେଳାଳିଙ୍କ ସହିତ ଅଧିକ ଅଭ୍ୟାସ କରିଥାନ୍ତି। ଆଶିଷ ହୁଡା, ଅଜିତ ଚହଲ, ଅମନ କୁମାର, ଟିନୁ କୁଣ୍ଡୁ, ଅମିତ ରାଣା, ମୋହିତ ସେଠୀଙ୍କ ଭଳି କ୍ରିକେଟରଙ୍କ ସହ ଶେଫାଳି ଅଭ୍ୟାସ କରିଛନ୍ତି। ସେ ଉଇକେଟକିପିଂ କରିବାକୁ ମଧ୍ୟ ଭଲ ପାଇଥାନ୍ତି। ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ଶେଫାଳି ୧୬୧ ରନ ସଂଗ୍ରହ କରିଛନ୍ତି। ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ଯଥାକ୍ରମେ ୪୭ ଓ ୪୬ ରନ ସଂଗ୍ରହ କରିଥିଲେ। ଏଥି ସହିତ ସେ ଟି୨୦ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ମଧ୍ୟ ହାସଲ କରିଛନ୍ତି। ମିଥାଲି ରାଜଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ ଟି୨୦ରେ ୧ ନମ୍ବର ସ୍ଥାନ ହାସଲ କରିଛନ୍ତି। ବର୍ଷା ଯୋଗୁ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ବାତିଲ ହେବା ଫଳରେ ଭାରତ ଗ୍ରୁପ୍ ପର୍ଯ୍ୟାୟର ସଫଳତା ପାଇଁ ଫାଇନାଲ ଟିକେଟ ହାସଲ କରିଛି। ଶେଫାଳି ଏବେ ଫାଇନାଲରେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବେ। ଶେଫାଳି ଏପର୍ଯ୍ୟନ୍ତ ୧୮ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୨୮.୫୨ ରନ ହାରରେ ୪୮୫ ରନ ସଂଗ୍ରହ କରିଛନ୍ତି। ୭୩ ତାଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି। ସର୍ବକନିଷ୍ଠ ଭାରତୀୟ ମହିଳା ଖେଳାଳିଭାବେ ସେ ଟି୨୦ ଖେଳିଥିଲେ। ମାତ୍ର ୧୬ ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କ ସମ୍ମୁଖରେ ଲମ୍ବା ତଥା ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଯଥାର୍ଥରେ ତାଙ୍କୁ ପ୍ରଶଂସକମାନେ ଲେଡି ସେହ୍ୱାଗ ବୋଲି କହିବା ଆରମ୍ଭ କଲେଣି।


ଶେଫାଳି

## କରୋନା

ଚାଇନା ସହ ସାରା ଦେଶ ଆତଙ୍କିତ
ଭୟଙ୍କର ଭାଇରସ
କରୋନା ପାଇଁକି ଟୋକିଓ ଅଲିମ୍ପିକ୍ସ
ଘୁଞ୍ଚିପାରେ ଅବସୋସ
ଆଇପିଏଲ୍‌ର ରସ
ପାଇକି ପଟେଲ କହେ ଶଙ୍କା ନାହିଁ
ଦେଶ ପଛେ ଯାଉ ନାଶ ।୧।

ଆଇପିଏଲ ଚାମ୍ପିୟନ ରାଶି ହ୍ରାସ
କୋଡିଏରୁ ଦଶ କୋଟି
ଛ କୋଟି ପଚିଶି ଲକ୍ଷ ସେକେଣ୍ଡକୁ
ବିସିସିଆଇ ଭେଟି
ଟଙ୍କା ଏଠି ଗୋଡି ମାଟି
ଏ ଯୋଜନା ନୁହେଁ ଜନହିତକର
ମାଲାମାଲ ବଡ଼ ପାର୍ଟି ।୨।

ଇଟାଲୀ, ଇରାନ, ଦକ୍ଷିଣ କୋରିଆ
ନାଗରିକ ଭିଜା ରଦ୍ଦ
ଭାଇରାଲ ହୁଏ ହବନି କରୋନା
ପିଉଥିଲେ ଡେଲି ମଦ
ମଣିଷ ବନିଛି ଗଧ
କରୋନା ଆଗରେ ହାରିଛି ବିଜ୍ଞାନ
ହାରିଛି ଖେଳାଳି ପଦ ।୩।

—ସୁବାସ ଚନ୍ଦ୍ର ପ୍ରଧାନ

# ସୁଇମିଂ ଟୁଇନ୍

**ମାତ୍ର ଏକ ବର୍ଷ ହୋଇଥିବା ବେଳେ ଯାଆଁଳା ଭଉଣୀ ଆରତି ଓ ଜ୍ୟୋତି ସୁଇମିଂ ପୁଲ୍‌ରେ ଖେଳିବା ଆରମ୍ଭ କରିଥିଲେ। ୪ ବର୍ଷରେ ଦୁଇ ଭଉଣୀ ସମୁଦ୍ରରେ ୧ଘଣ୍ଟା ଓ ୩୦ ମିନିଟ ପହଁରି ୩୫ କିଲୋମିଟର (ଗେଟ୍ ୱେ ଅଫ୍ ଇଣ୍ଡିଆରୁ ଅଲିବାଗ) ସନ୍ତରଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୋଲିସ ବିଭାଗରେ ଚାକିରି କରୁଥିବା ପିତା ବାଜିରାଓ ପାଟିଲ ଜଣେ ପୂର୍ବତନ ଜାତୀୟ ସନ୍ତରଣକାରୀ। ଅଲିମ୍ପିକ୍ସ ପଦକ ହାସଲ କରି ପିତାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବାର ଲକ୍ଷ୍ୟରେ ଅଛନ୍ତି ଦୁଇ ଭଉଣୀ ...**


ଆରତି ଓ ଜ୍ୟୋତି

ସନ୍ତରଣରେ ମୁମ୍ବାଇ ବିଶ୍ୱବିଦ୍ୟାଳୟର ଦୁଇ ଯାଆଁଳା ଭଉଣୀ ଆରତି ଓ ଜ୍ୟୋତି ପାଟିଲ ଦେଶ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି। ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଚମକ ଦେଖାଇଥିବା ଏହି ଦୁଇ ଭଉଣୀ ସଦ୍ୟ ସମାପ୍ତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଦମ୍‌ଦାର ପ୍ରଦର୍ଶନ କରି ଏକାଧିକ ପଦକ ହାସଲ କରିଛନ୍ତି। ଉଭୟ ମୁମ୍ବାଇ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଏହି ମେଗା ଇଭେଣ୍ଟରେ ଆରତି ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଜ୍ୟୋତି ୩ଟି ସ୍ୱର୍ଣ୍ଣ ଓ ୩ଟି ବ୍ରୋଞ୍ଜ୍ ପଦକ ଜିତି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ମୁମ୍ବାଇ ୟୁନିଭର୍ସିଟି ସନ୍ତରଣ ପ୍ରତିଯୋଗିତାରେ ମୋଟ ଉପରେ ସେକେଣ୍ଡ ରନର୍ସଅପ୍ ବିବେଚିତ ହୋଇଛି। ନିଜ ପ୍ରଦର୍ଶନ ନେଇ ଆରତି ଓ ଜ୍ୟୋତି ବେଶ୍ ଖୁସି ଜାହିର କରିଛନ୍ତି। ଏବେ ଆଗକୁ କେତୋଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାକୁ ଦୁହେଁ ଇଚ୍ଛା ଜାହିର କରିଛନ୍ତି। ଏଥିପାଇଁ ଆଗକୁ ଆହୁରି କଠିନ ପରିଶ୍ରମ କରିବାକୁ ହେବ ବୋଲି ଦୁଇଜଣ କହିଛନ୍ତି। କିଛି ଦିନ ତଳେ ପଞ୍ଜାବରେ ଅନୁଷ୍ଠିତ ନ୍ୟାଶନାଲ ୟୁନିଭର୍ସିଟି ଗେମ୍ସରେ ଆମେ ଭଲ ପ୍ରଦର୍ଶନ କରିଥିଲୁ। ଏହି ପ୍ରତିଯୋଗିତାରେ ୨ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଥିଲେ ଆରତି। ଏଥିରେ ମୁମ୍ବାଇ ୟୁନିଭର୍ସିଟିକୁ ଓଭରଅଲ ଚାମ୍ପିୟନ୍ସ ଟ୍ରଫି ମିଳିଥିଲା। ଆଗକୁ ସିନିୟର ନ୍ୟାଶନାଲ ସନ୍ତରଣ ପ୍ରତିଯୋଗିତା ଓ ଗୋଆରେ ନ୍ୟାଶନାଲ ଗେମ୍ସ ଆୟୋଜନ ହେବାର ଅଛି। ଏଥିରେ ଆହୁରି ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛୁ। ତେବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ଓ ପଦକ ଜିତିବା ଆମର ସବୁଠାରୁ ବଡ଼ ଲକ୍ଷ୍ୟ ବୋଲି ଆରତି କହିଛନ୍ତି।

ଭୁବନେଶ୍ୱରରେ ଏହି ମେଗା ଇଭେଣ୍ଟ ସଫଳତାର ସହ ଅତି ସୁନ୍ଦର ଭାବେ ଆୟୋଜନ କରାଯାଇଛି। ଏଠାକାର ଭିତ୍ତିଭୂମି, ପରିବେଶ ଓ ସୁବିଧାସୁଯୋଗ ବିଶ୍ୱସ୍ତରୀୟ। ପ୍ରଥମଥର ପାଇଁ ଭୁବନେଶ୍ୱର ଆସିଛୁ। ଏଭଳି ପରିବେଶ ମିଳିବ ବୋଲି ଭାବି ନ ଥିଲୁ। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଭାରତ ସରକାରଙ୍କର ଏକ ସଫଳ ପ୍ରୟାସ ଓ ଏହା ଆଗକୁ କାମରେ ଆସିବ। ଏହା ଦ୍ୱାରା ବହୁ ଯୁବ ଖେଳାଳି ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଆଗକୁ ବହୁ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି ହେବେ ବୋଲି ଆରତି କହିଛନ୍ତି।

ମାତ୍ର ୧ ବର୍ଷରୁ ସୁଇମିଂ ପୁଲରେ ଖେଳିବା ଆରମ୍ଭ କରିଥିଲେ ଦୁଇ ଭଉଣୀ। ପିତା ବାଜିରାଓ ପାଟିଲ ଜଣେ ପୂର୍ବତନ ଜାତୀୟ ସନ୍ତରଣକାରୀ। ପିତା ବାଜିରାଓ ହେଉଛନ୍ତି ଆମ ପାଇଁ ସବୁକିଛି। ସେ ଆମର କୋଚ୍, ଟ୍ରେନର, ଗାଇଡ୍ । ତାଙ୍କ ତତ୍ତ୍ୱାବଧାନରେ ସନ୍ତରଣରେ ଜୁନିୟରସ୍ତରରେ ସଫଳତା ପାଇଛୁ। ଦୁଇ ଝିଅଙ୍କ ମାଧ୍ୟମରେ ବାଜିରାଓ ତାଙ୍କ ସ୍ୱପ୍ନ ସାକାର କରିବାକୁ ପ୍ରୟାସ କରିଆସୁଛନ୍ତି। ପରିବାର ଚଳାଇବା ପାଇଁ ବାଜିରାଓ ପୋଲିସ ବିଭାଗରେ ଚାକିରି କରିଥିଲେ। ଫଳରେ ସେ ସନ୍ତରଣରେ କ୍ୟାରିୟରକୁ ଆଗକୁ ବଢାଇପାରି ନ ଥିଲେ କି ଜଣେ ପେସାଦାର ସନ୍ତରଣକାରୀ ହୋଇପାରି ନ ଥିଲେ।

ଆମକୁ ଯେତେବେଳେ ୧ ବର୍ଷ ହୋଇଥିଲା କିଭଳି ପହଁରିବାକୁ ହେବ ପିତା ଆମକୁ ଶିଖାଇଥିଲେ। ଏହାପରଠାରୁ ଆମେ ପଛକୁ ଫେରି ଚାହିଁନାହୁଁ। ପଦକ ଲକ୍ଷ୍ୟ ଆମେ କେବେ ବି ରଖିନାହୁଁ। କେବଳ ଟାଇମିଂରେ ଉନ୍ନତି ଆଣିବାକୁ ସବୁବେଳେ ପ୍ରୟାସ କରିଥାଉ। ମାତ୍ର ୪ବର୍ଷରେ ଦୁଇ ଭଉଣୀ ସମୁଦ୍ରରେ ୧ ଘଣ୍ଟା ଓ ୩୦ ମିନିଟ ପହଁରି ୩୫ କିଲୋମିଟର ସନ୍ତରଣ କରିଥିଲେ। ଦୁଇ ଭଉଣୀ ଗେଟ୍ ୱେ ଅଫ୍ ଇଣ୍ଡିଆରୁ ଅଲିବାଗ ପର୍ଯ୍ୟନ୍ତ ପହଁରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଏକ ନୂଆ ରେକର୍ଡ ସାବ୍ୟସ୍ତ ହୋଇଥିଲା। ସେତେବେଳେ ଦୁଇ ଝିଅ ଅଧିକ କିଛି ସଫଳତା ପାଇବେ ଓ ନାମ କରିବେ ବୋଲି ବାଜିରାଓ ହୃଦୟଙ୍ଗମ କରିଥିଲେ। ଏହାପରେ ସେ ଦୁଇଜଣଙ୍କୁ କଠିନ ପରିଶ୍ରମ ତଥା ଟ୍ରେନିଂ ଦେବାକୁ ଉତ୍ସାହିତ କରିଥିଲେ।

ଆରତୀ ଓ ଜ୍ୟୋତି ୨୦୧୫ ଓ ୨୦୧୪ରେ ଯଥାକ୍ରମେ ପ୍ରଥମ ଜାତୀୟ ପଦକ ହାସଲ କରିଥିଲେ। ପୁଣେରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଜ୍ୟୋତି ୨୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସ୍ୱର୍ଣ୍ଣ ଓ ୧୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ଏଥିରେ ଆରତି ଅଂଶଗ୍ରହଣ କରି ନ ଥିଲେ ମଧ୍ୟ ଭଉଣୀ ଜ୍ୟୋତିଙ୍କ ସଫଳତାରେ ବେଶ୍ ଆନନ୍ଦିତ ଥିଲେ। ୨୦୧୬ରେ ଦୁଇ ଭଉଣୀ ସାଉଥ୍ ଏସିଆନ ଗେମ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ ହେଁ ପଦକ ଜିତିପାରି ନ ଥିଲେ ମଧ୍ୟ ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିଥିଲେ। ବାପା ହେଉଛନ୍ତି ଆମର ଆଦର୍ଶ ଓ ତାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ଆମର ସବୁଠାରୁ ବଡ଼ ଲକ୍ଷ୍ୟ ବୋଲି ଦୁଇ ଭଉଣୀ କହିଛନ୍ତି।

**ସଂକ୍ଷେପରେ ..**

ନାମ: ଆରତି ଓ ଜ୍ୟୋତି ପାଟିଲ (ଜାଆଁଳା ଭଉଣୀ)
ପିତା: ବାଜିରାଓ ପାଟିଲ (କନ୍‌ଷ୍ଟେବଲ, ମୁମ୍ବାଇ ପୋଲିସ)
ବୟସ: ୨୨ ବର୍ଷ
ପଢ଼ା: ମୁମ୍ବାଇ ବିଶ୍ୱବିଦ୍ୟାଳୟ
ହୋମ ଟାଉନ: ମୁମ୍ବାଇ
ପ୍ରଥମ ଜାତୀୟ ପଦକ: ୨୦୧୪ (ଆରତି) ୨୦୧୫ (ଜ୍ୟୋତି)

ପ୍ରସ୍ତୁତି : ରଞ୍ଜନ କୁମାର ରାୟ

# ଦକ୍ଷିଣ ଆଫ୍ରିକାର ଭାରତ ଗସ୍ତ


ନିର୍ମଳ କୁମାର ମିଶ୍ର

**ନ୍ୟୁଜିଲାଣ୍ଡ ଗସ୍ତର ବିପର୍ଯ୍ୟୟ ପରେ ଭାରତ ଘରୋଇ ପରିବେଶରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳିବାକୁ ଯାଉଛି। ଏହି ସିରିଜ ଜିତି ଭାରତ ପରାଜୟ ଗ୍ଲାନି ଭୁଲିବା ସହ ଆତ୍ମବିଶ୍ୱାସ ଫେରିପାଇବାକୁ ପ୍ରୟାସ କରିବ...**

ଟିମ୍ ଇଣ୍ଡିଆର ଅଧିନାୟକ ବିରାଟ କୋହଲିଙ୍କ ପାଇଁ ନ୍ୟୁଜିଲାଣ୍ଡ ଗସ୍ତ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ଟି୨୦ ସିରିଜର ସଫଳତା ପରେ ଭାରତ ଏକଦିବସୀୟ ଏବଂ ଟେଷ୍ଟ ସିରିଜରେ ହ୍ୱାଇଟ୍ ୱାଶ୍‌ର ସମ୍ମୁଖୀନ ହୋଇଥିଲା। ଏପରି ପରାଜୟ ଭାରତର କ୍ରୀଡାପ୍ରେମୀ, ଚୟନକର୍ତ୍ତା ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିନ୍ତାରେ ପକାଇଛି। ଏକଦିବସୀୟ ସିରିଜ ୩-୦ ପରାଜୟ ଏବଂ ଟେଷ୍ଟ ସିରିଜ ୨-୦ରେ ହାରିବା ପୁନର୍ବାର ଟିମ୍‌ଇଣ୍ଡିଆର ଗେମ ପ୍ଲାନକୁ ବିଫଳ ସାବ୍ୟସ୍ତ କରିଛି। ଯଦିଓ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ୩୬୦ ରେଟିଂ ପଏଣ୍ଟ ସହ ଟିମ୍ ଇଣ୍ଡିଆ ଆଗରେ ରହିଛି ତଥାପି ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୫ଟି ଟେଷ୍ଟମ୍ୟାଚ ଉପରେ ସମସ୍ତଙ୍କର ନଜର ରହିଛି। ସର୍ବୋପରି ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କ ଖରାପ୍ ବ୍ୟାଟିଂ ପାଇଁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡିଛି। କୋହଲି ୨ଟି ଟେଷ୍ଟ ମ୍ୟାଚର ୪ଟି ଇନିଂସରେ ମାତ୍ର ୩୮ରନ୍ (୯.୫ ଆଭରେଜ) ସଂଗ୍ରହ କରିଛନ୍ତି। ନବାଗତମାନଙ୍କ ମଧ୍ୟରେ ପୃଥ୍ୱୀ ଶ, ହନୁମା ବିହାରୀ ଏବଂ ମୟଙ୍କ ଅଗ୍ରୱାଲ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଯଶପ୍ରୀତ ବୁମରା, ମହମ୍ମଦ ସାମି ଏବଂ ଉମେଶ ଯାଦବଙ୍କ ବୋଲିଂ ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିଲା।

ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଦକ୍ଷିଣ ଆଫ୍ରିକା ଦଳ ୩ଟି ଏକଦିବସୀୟ ମ୍ୟାଚ ଖେଳିବା ପାଇଁ ଭାରତ ଗସ୍ତରେ ଆସୁଛି। ଚଳିତ ମାସ ୧୨ତାରିଖରୁ ଏହି ସିରିଜ ଆରମ୍ଭ ହୋଇ ମାର୍ଚ୍ଚ ୧୮ତାରିଖ ପର୍ଯ୍ୟନ୍ତ ଖେଳାଯିବ। ପ୍ରଥମ ଏକଦିବସୀୟ ମ୍ୟାଚ ହିମାଚଳ ପ୍ରଦେଶର ଧର୍ମଶାଳା ଷ୍ଟାଡିୟମ୍‌ରେ ମାର୍ଚ୍ଚ ୧୨ତାରିଖରେ ଖେଳାଯିବାକୁ ଥିବା ବେଳେ, ଦ୍ୱିତୀୟ ଏକଦିବସୀୟ ମ୍ୟାଚ ମାର୍ଚ୍ଚ ୧୫ତାରିଖରେ ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଷ୍ଟାଡିୟମ୍ ଏବଂ ୩ୟ ମ୍ୟାଚ ମାର୍ଚ୍ଚ ୧୮ତାରିଖରେ କୋଲକାତାର ଇଡେନ୍ ଗାର୍ଡେନ୍‌ଠାରେ ଖେଳାଯିବ।

ଏଥି ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ପାଇଁ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ଉଇକେଟ କିପର ବ୍ୟାଟସମ୍ୟାନ କ୍ୱିଣ୍ଟନ ଡି କକ୍‌ଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଦଳ ଘୋଷଣା କରିଛି। ଅଭିଜ୍ଞ ଫାଫ୍ ଡୁପ୍ଲେସି ଏବଂ ରାସି ଭାନଡେର ଡସେନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଦକ୍ଷିଣ ଆଫ୍ରିକା ଦଳ ବେଶ୍ ସନ୍ତୁଳିତ ଜଣାପଡୁଛି। ଭାରତୀୟ ଦଳ ବିରାଟ କୋହଲିଙ୍କ ନେତୃତ୍ୱରେ ପଡିଆକୁ ଓହ୍ଲାଇବ। ରୋହିତ ଶର୍ମା, ଆଘାତ ସମସ୍ୟା ଯୋଗୁ ବାଦ ପଡିଥିବା ହାର୍ଦ୍ଦିକ ପାଣ୍ଡ୍ୟା, ଭୁବନେଶ୍ୱର କୁମାର ଏବଂ ଶିଖର ଧାୱନ ଦଳକୁ ପ୍ରତ୍ୟାବର୍ତ୍ତନ କରିବାର ବେଶ୍ ସମ୍ଭାବନା ରହିଛି। ମନୀଷ ପାଣ୍ଡେ, ଶାର୍ଦ୍ଦୁଳ ଠାକୁର ସୁଯୋଗ ପାଇବା ସମ୍ଭାବନା ରହିଛି।

ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଦ୍ୱିପାକ୍ଷିକ ଏକଦିବସୀୟ ସିରିଜ ୧୯୯୧ ମସିହାରୁ ଆରମ୍ଭ ହୋଇଥିବା ବେଳେ ଭାରତ ମୋଟ ୧୦ଟି ସିରିଜ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟ ୧୦ଟି ସିରିଜ ବିଜୟୀ ହୋଇଛି। ଗୋଟିଏ ସିରିଜ ଡ୍ର'ରେ ସମାପ୍ତ ହୋଇଛି। ୧୯୯୧-୯୨ରେ ୨-୧ରେ ଟିମ୍ ଇଣ୍ଡିଆ ଏବଂ ଶେଷ ୨୦୧୭-୧୮ରେ ଖେଳାଯାଇଥିବା ୬ଟି ଏକଦିବସୀୟ ମ୍ୟାଚ ସିରିଜରେ ଟିମ୍ ଇଣ୍ଡିଆ ୫-୧ରେ ସିରିଜ ବିଜୟୀ ହୋଇଛି। ଉଭୟ ଦେଶ ମଧ୍ୟରେ ଏପର୍ଯ୍ୟନ୍ତ ୮୫ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୩୫ଟି ମ୍ୟାଚ ଜିତି ପଛରେ ରହିଥିବା ବେଳେ ସାଉଥ ଆଫ୍ରିକା ୪୬ଟି ମ୍ୟାଚ ଜିତିଛି। ସେଥି ମଧ୍ୟରୁ ୨ଟି ମ୍ୟାଚ ଖେଳାଯାଇ ନ ଥିବାବେଳେ ୩ଟି ମ୍ୟାଚ ବାତିଲ ହୋଇଛି। ଗୋଟିଏ ମ୍ୟାଚରୁ କୌଣସି ଫଳାଫଳ ମିଳିପାରି ନାହିଁ। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ସାଉଥ ଆଫ୍ରିକାର ସର୍ବାଧିକ ସ୍କୋର ଭାରତ ବିପକ୍ଷରେ ୪୩୮ ରହିଥିବା ବେଳେ ଟିମ୍ ଇଣ୍ଡିଆର ୪୦୧ ରହିଛି। ସାଉଥ ଆଫ୍ରିକା ୯ଥର ୩୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ବେଳେ ଭାରତ ୭ଥର ୩୦୦ରୁ ଅଧିକ ରନ୍ ସଂଗ୍ରହ କରିଛି।

ସେହିପରି ବ୍ୟାଟିରେ ଅଧିନାୟକ ବିରାଟ କୋହଲି ୨୦୧୦-୧୯ ମଧ୍ୟରେ ୨୭ଟି ମ୍ୟାଚ ଖେଳି ୧୨୮୭ ରନ୍ ସଂଗ୍ରହ କରିଥିବା ବେଳେ ତାଙ୍କର ସର୍ବାଧିକ ସ୍କୋର ୧୬୦ରନ୍ ନଟ୍ ଆଉଟ୍ ରହିଛି ସେଥିମଧ୍ୟରେ ୪ଟି ଶତକ ଏବଂ ୬ଟି ଅର୍ଦ୍ଧଶତକ ରହିଛି। ରୋହିତ ଶର୍ମା ୨୫ ମ୍ୟାଚରୁ ୭୬୬ ରନ୍ (ସର୍ବାଧିକ ୧୫୦) ୩ଟି ଶତକ ଏବଂ ୨ଟି ଅର୍ଦ୍ଧଶତକ ରହିଛି। ସାଉଥ ଆଫ୍ରିକା ପକ୍ଷରୁ କ୍ୱିଣ୍ଟନ ଡିକକ, ଫାଫ୍ ଡୁପ୍ଲେସି, ଡେଭିଡ୍ ମିଲର ବ୍ୟାଟିଂରେ ବେଶ୍ ସଫଳତା ପାଇଛନ୍ତି। ଡିକକ୍ ୧୩ଟି ମ୍ୟାଚରୁ ୭୮୪ରନ୍ (୫ଟି ଶତକ), ଡୁପ୍ଲେସି ୧୪ମ୍ୟାଚରୁ ୬୯୬ ରନ୍ (୨ଟି ଶତକ, ୫ଟି ଅର୍ଦ୍ଧଶତକ) ଏବଂ ଡେଭିଡ୍ ମିଲର ୧୯ ମ୍ୟାଚରୁ ୩୩୨ ରନ୍ କରିଛନ୍ତି।

ସେହିପରି ବୋଲିଂରେ ବର୍ତ୍ତମାନର ଖେଳାଳିମାନଙ୍କ ମଧ୍ୟରେ ଭାରତ ପକ୍ଷରୁ କୁଳଦୀପ ଯାଦବ, ଯୁଜଭେନ୍ଦ୍ର ଚହଲ ସ୍ପିନରେ ଏବଂ ଭୁବନେଶ୍ୱର କୁମାର ଏବଂ ଯଶପ୍ରୀତ ବୁମରା ବେଶ୍ ସଫଳତା ପାଇଛନ୍ତି। ଚହଲ ୨୦ଟି ଉଇକେଟ ନେଇଥିବା ବେଳେ କୁଳଦୀପ ୧୮ଟି ଏବଂ ଭୁବନେଶ୍ୱର କୁମାର ୧୫ଟି ଉଇକେଟ ହାସଲ କରିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା ୧୫ଟି ଉଇକେଟ ନେଇ ଆଗରେ ରହିଛନ୍ତି। ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୧୧୮ ପଏଣ୍ଟ ସହ ୨ୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୧୧୨ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡରେ ବିଫଳତା ପରେ ଭାରତ ପ୍ରତ୍ୟାବର୍ତ୍ତନ କରିବାର ଆଶା କରାଯାଉଛି। ଏହି ସିରିଜ ଭାରତ ପାଇଁ ଆତ୍ମସମ୍ମାନର ପ୍ରଶ୍ନ ସୃଷ୍ଟି କରିଛି। ଭାରତକୁ ହରାଇବା ଦକ୍ଷିଣ ଆଫ୍ରିକା ପାଇଁ ବେଶ୍ କଷ୍ଟ କର ହେବ।


ବିରାଟ କୋହଲି

### ଦିନିକିଆ ସିରିଜ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ୧୨ ମାର୍ଚ୍ଚ | ପ୍ରଥମ ଦିନିକିଆ | ଧର୍ମଶାଳା | ଅପରାହ୍ନ ୧.୩୦ |
| ୧୫ ମାର୍ଚ୍ଚ | ଦ୍ୱିତୀୟ ଦିନିକିଆ | ଲକ୍ଷ୍ନୌ | ଅପରାହ୍ନ ୧.୩୦ |
| ୧୮ ମାର୍ଚ୍ଚ | ତୃତୀୟ ଦିନିକିଆ | କୋଲକାତା | ଅପରାହ୍ନ ୧.୩୦ |


କ୍ୱିଣ୍ଟନ ଡିକକ୍



“ଭାରତ ଉପରେ କରୋନା ପ୍ରଭାବକୁ ନିରନ୍ତର ଭିତ୍ତିରେ କେନ୍ଦ୍ରୀୟ ବ୍ୟାଙ୍କ ଧ୍ୟାନରେ ରଖିଥିବା ବେଳେ ଉଚିତ ପଦକ୍ଷେପ ଗ୍ରହଣ କରିବ। **–ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର**



“ଭାରତରେ କ୍ରିପ୍ଟୋକରେନ୍ସି ବ୍ୟବହାର ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅନୁମତି ଉପରେ କେନ୍ଦ୍ର ସରକାର ବିଭିନ୍ନ ଦିଗକୁ ବିଚାର କରିବେ। **–ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ**

## ସଂକ୍ଷେପରେ

### ହୁଡ୍‌କୋ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫-୩: କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ହୁଡ୍‌କୋ ପକ୍ଷରୁ ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ଓଡିଶାରେ ୩୯୭.୪୮ କୋଟି ଟଙ୍କା ସହାୟତା ମଞ୍ଜୁର କରାଯାଇଛି। ୪ଟି ପ୍ରକଳ୍ପ ଲାଗି ଏହି ଅର୍ଥ ମଞ୍ଜୁର କରାଯାଇଥିବା ହୁଡ୍‌କୋ ପକ୍ଷରୁ ସୂଚନା ରହିଛି। ଫନୀ ସମୟରେ ପ୍ରଭାବିତ ହୋଇଥିବା ପୁରୀର ୫୦ ଗ୍ରାମର ମତ୍ସ୍ୟଜୀବୀ ପରିବାରଗୁଡ଼ିକୁ ହୁଡ୍‌କୋ ପକ୍ଷରୁ ଡଙ୍ଗାଗୁଡ଼ିକର ମରାମତି ଲାଗି ସହାୟତା ଯୋଗାଇ ଦିଆଯାଇଛି। ଗଜପତି ଏବଂ ମାଲକାନଗିରି ଜିଲାରେ ୨ଟି ପ୍ରକଳ୍ପକୁ ଏହା ଅନୁମୋଦନ ପ୍ରଦାନ କରିଛି। ଗଜପତିରେ ୭ଟି ଆଦର୍ଶ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ ସ୍ଥାପନ ନେଇ ଏହା କାର୍ଯ୍ୟ କରୁଛି। ଆମ୍ବୁଲାନ୍ସ ପରିବହନ ସେବାକୁ ମଜଭୁତ କରିବା ନିମନ୍ତେ ୪ଟି ଆମ୍ବୁଲାନ୍ସ କ୍ରୟ ନେଇ ଏହି ଯୋଜନା ହାତକୁ ନେଇଛି। ଏହା ଦ୍ୱାରା ମାଲକାନଗିରିର ୭ଟି ବ୍ଲକର ଲୋକମାନେ ଉପକୃତ ହୋଇପାରିବେ। ଏହାବାଦ ସମ୍ବଲପୁର ଜିଲାର ୧୦ଟି ସ୍କୁଲରେ ସ୍ମାର୍ଟ କ୍ଲାସରୁମ ପ୍ରତିଷ୍ଠା ଲକ୍ଷ୍ୟ ରଖାଯାଇଥିବା ସ୍କୁଲ ପକ୍ଷରୁ ସୂଚନା ରହିଛି।

# ଦର୍ଲିପାଲିରେ ଏନ୍‌ଟିପିସିର ୨ୟ ୟୁନିଟ




**ଭୁବନେଶ୍ୱର,୫-୩**

ଦେଶର ସର୍ବବୃହତ୍ ଶକ୍ତି ଉତ୍ପାଦନକାରୀ କମ୍ପାନୀ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ ଲିମିଟେଡ(ଏନ୍‌ଟିପିସି) ଓଡ଼ିଶାର ସୁନ୍ଦରଗଡ ଜିଲା ଦର୍ଲିପାଲିରେ ସ୍ଥାପନ ହୋଇଥିବା ଏହାର ପ୍ରଥମ ୮୦୦ ମେଗାୱାଟ କ୍ଷମତା ବିଶିଷ୍ଟ ୟୁନିଟକୁ ଚଳିତ ମାସ ପହିଲାରେ ଶୁଭାରମ୍ଭ କରିଛି। କମ୍ପାନୀ ଏହାର ସୁପର ପାୱାର ଥର୍ମାଲ ଷ୍ଟେଶନର ୮୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଦ୍ୱିତୀୟ ୟୁନିଟକୁ ଆସନ୍ତା ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସ ସୁଦ୍ଧା କାର୍ଯ୍ୟକ୍ଷମ କରାଇବାକୁ ଲକ୍ଷ୍ୟ ରଖିଥିବା ଗୁରୁବାର ସୂଚନା ଦେଇଛି। ଆଗାମୀ ୬ ମାସ ମଧ୍ୟରେ ଏହି ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଏନ୍‌ଟିପିସିର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ( ଇଷ୍ଟର୍ନ ରିଜିୟନ-୨) ସଞ୍ଜୀବ କିଶୋର କହିଛନ୍ତି ଯେ, ଦର୍ଲିପାଲିରୁ ଉତ୍ପାଦନ ହେବାକୁ ଥିବା ବିଦ୍ୟୁତ ଶକ୍ତି ମଧ୍ୟରୁ ୪୭୦ ମେଗାୱାଟ ଶକ୍ତି ଓଡିଶା ପାଇବ। ତ୍ରିପୁରା, ଆସାମ ଏବଂ ମେଘାଳୟ ଭଳି ରାଜ୍ୟ ସହ କମ୍ପାନୀ ବିକ୍ରି ଚୁକ୍ତିରେ ସାମିଲ ହୋଇଛି। ଏହାବାଦ ବିହାର ଏବଂ ଛତିଶଗଡ ଭଳି ରାଜ୍ୟକୁ ମଧ୍ୟ କିଛି ପରିମାଣର ବିଦ୍ୟୁତ ଯୋଗାଣ ନେଇ ଲକ୍ଷ୍ୟ ରଖାଯାଇଛି।

ରାଜ୍ୟରେ ଏନ୍‌ଟିପିସି ପାୱାର ପ୍ଲାଣ୍ଟ ଇଷ୍ଟର୍ନ ରିଜିୟନ ୨ରେ ଆସୁଥିବା ବେଳେ ଏଗୁଡ଼ିକର ହାରାହାରି ପ୍ଲାଣ୍ଟ ଲୋଡ ଫାକ୍ଟର (ପିଏଲ୍‌ଏଫ୍) ୭୫% ରହିଛି। ସାରା ଦେଶରେ ଏହି ହାର ୬୭.୧୩% ରହିଛି। ଦେଶର ସବୁ ଶକ୍ତି ପ୍ଲାଣ୍ଟଗୁଡ଼ିକର ହାରାହାରି ପିଏଲ୍‌ଏଫ୍ ୫୫.୮୪% ରହିଛି। କୋଇଲା ଯୋଗାଣରେ ବାଧା ଏବଂ ଶକ୍ତି ଚାହିଦା କମିଲେ ଥର୍ମାଲ ପାୱାର ପ୍ଲାଣ୍ଟଗୁଡ଼ିକର ଲୋଡ୍ କମିଥାଏ। ଏହାବାଦ ଜଳ ବିଦ୍ୟୁତ୍ ଶକ୍ତି ଏବଂ ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ ବୃଦ୍ଧି ଏ ଦିଗରେ ଏକ ମଧ୍ୟ ଏକ କାରକ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏନ୍‌ଟିପିସି ଇଷ୍ଟର୍ନ ରିଜିୟନ-୨ର ଇନଷ୍ଟାଲ କ୍ଷମତା ୫୦୨୦ ମେଗାୱାଟ ରହିଛି। ଏହା ମଧ୍ୟରେ ତାଳଚେର ଥର୍ମାଲ ପାୱାର ଷ୍ଟେଶନ(୪୬୦ ମେଗାୱାଟ), ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେଶନ(୩୦୦୦ ମେଗାୱାଟ), କଣିହା ସୋଲାର ପାୱାର ପ୍ଲାଣ୍ଟ (୧୦ ମେଗାୱାଟ), ଦର୍ଲିପାଲି ସୁପର ପାୱାର ଷ୍ଟେଶନ (୮୦୦) ମେଗାୱାଟ ଏବଂ ଆସାମର ବଙ୍ଗାଇଗାଉଁରେ ୩ ୟୁନିଟ (୭୫୦ ମେଗାୱାଟ ) ସାମିଲ ରହିଛି। ସାରା ଦେଶରେ ଏନ୍‌ଟିପିସିର ୨୪ କୋଇଲା ଭିତ୍ତିକ ପାୱାର ଷ୍ଟେଶନ ରହିଛି। ଏଗୁଡ଼ିକର ମୋଟ ଉତ୍ପାଦନ କ୍ଷମତା ପ୍ରାୟ ୫୮,୧୫୬ ମେଗାୱାଟ ହେବ। ଏହାବାଦ କମ୍ପାନୀର ଗୋଟିଏ ଜଳବିଦ୍ୟୁତ ପ୍ଲାଣ୍ଟ ଏବଂ ୧୧ ସୋଲାର ପ୍ଲାଣ୍ଟ ସାମିଲ ରହିଛି।

### ତାଳଚେର ଥର୍ମାଲଠାରେ ଆସିବ ୨ ନୂଆ ୟୁନିଟ

ତାଳଚେର ଥର୍ମାଲ ପାୱର ଷ୍ଟେଶନଠାରେ ଏନ୍‌ଟିପିସିର ୨ ନୂଆ ୟୁନିଟ ସ୍ଥାପନ କରାଯିବ। ଏଥିରେ ୭,୬୭୮.୪୬ କୋଟି ଟଙ୍କା ନିବେଶ ହେବ। ଏହି ୟୁନିଟଗୁଡ଼ିକର କ୍ଷମତା ୧୩୨୦ ମେଗାୱାଟ ରହିବ। ରାଜ୍ୟ ସରକାର ଏଥି ଲାଗି ମଞ୍ଜୁରି ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ଆଉ ୩ ୟୁନିଟ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ଏନ୍‌ଟିପିସି ଆଉ ୨ ହଜାର ମେଗାୱାଟ କ୍ଷମତା ଶକ୍ତି ଉତ୍ପାଦନ ଯୋଡିବ। ପୂର୍ବର ଯୋଜନା ଅନୁସାରେ ତାଳଚେରଠାରେ ୯୭୮୫ କୋଟି ଟଙ୍କା ନିବେଶରେ୧୩୨୦ମେଗାୱାଟକ୍ଷମତାବିଶିଷ୍ଟୟୁନିଟସ୍ଥାପନକରିବାକୁଲକ୍ଷ୍ୟରଖାଯାଇଥିଲା।

# ଭାରତ ମସଲାକୁ ଟାଇମ୍ସ ବିଜ୍‌ନେସ ଆୱାର୍ଡ




**ଭୁବନେଶ୍ୱର,୫-୩**

ଭାରତ ମସଲାକୁ ଟାଇମ୍ସ ବିଜ୍‌ନେସ ଆୱାର୍ଡ-୨୦୨୦ ପ୍ରଦାନ କରାଯାଇଛି। ନିକଟରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ଟାଇମ୍ସ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଛି। ମସଲା ଜଗତରେ ଓଡ଼ିଶାକୁ ତାଙ୍କର ଅବଦାନ, ଜୀବନବ୍ୟାପୀ ସଂଗ୍ରାମ, ମସଲାର ଗୁଣବତ୍ତା ଲାଗି ନିରନ୍ତର ପ୍ରଚେଷ୍ଟା ଓ ଗ୍ରାହକ ସନ୍ତୁଷ୍ଟି ସେବା ପ୍ରଦାନ ପାଇଁ ପ୍ରତିବଦ୍ଧତା ଲାଗି ଏଭଳି ସମ୍ମାନ ପ୍ରଦାନ କରାଯାଇଥିବା ଭାରତ ମସଲା ପକ୍ଷରୁ ସୂଚନା ଦିଆଯାଇଛି।

# ସେବା ଯୋଗାଣକୁ ଦୃଢ଼ କରୁଛି ଫେଡେରାଲ ବ୍ୟାଙ୍କ: ଏମ୍‌ଡି

**ଭୁବନେଶ୍ୱର,୫-୩**

ଫେଡେରୋଲ ବ୍ୟାଙ୍କ ସାରା ଦେଶରେ ୧୨୬୦ ଶାଖା ଏବଂ ଓଡିଶାରେ ୨୬ ଶାଖା ସହ ସେବା ଯୋଗାଇ ଦେଉଛି। ଗୁରୁବାର ଭୁବନେଶ୍ୱର ଉପକଣ୍ଠରେ ଏକ ନୂଆ ଶାଖା ବ୍ୟାଙ୍କ ଶୁଭାରମ୍ଭ କରିଛି। ବ୍ୟାଙ୍କ ସର୍ବଦା ଗୁଣବତ୍ତା ସେବାଯୋଗାଣଦିଗରେଧ୍ୟାନକେନ୍ଦ୍ରିତକରିଛି।ଅନାଦାୟ ଋଣ ଏବଂ ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବେଳେ ବିଭିନ୍ନ ଚ୍ୟାନେଲରେ ସେବା ଯୋଗାଣ ଧାରା ଦୃଢ କରୁଥିବା ଏହାର ଏମ୍‌ଡି ତଥା ସିଇଓ ଶ୍ୟାମ ଶ୍ରୀନିବାସନ ସୂଚନା ଦେଇଛନ୍ତି।

ବ୍ୟାଙ୍କର ନୂଆ ଶାଖା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ଋଣ ଅଭିବୃଦ୍ଧି ୧୩% ରହିଛି। ଏହି ସମୟରେ ସାରା ଦେଶର ଋଣ ଅଭିବୃଦ୍ଧି ୬ ରୁ ୭% ରହିଛି। ଏହାବାଦ ବ୍ୟାଙ୍କର ଜମା ଅଭିବୃଦ୍ଧି ୧୭% ରହିଛି। ଗତ କିଛି ବର୍ଷ ଧରି ବ୍ୟାଙ୍କ ବଜାର ତୁଳନାରେ ପ୍ରାୟ ୨ ଗୁଣ ଅଭିବୃଦ୍ଧି ହାସଲ କରିଛି। ଏହା ଦ୍ୱାରା ବଜାରରେ ଏକ ପ୍ରମୁଖ ପ୍ଲେୟର ଭାବେ ନିଜକୁ ପ୍ରତିପାଦିତ କରାଇବାକୁ ସକ୍ଷମ ହୋଇଥିବା ସେ ମତ ରଖିଛନ୍ତି।



ଶ୍ୟାମ ଶ୍ରୀନିବାସନ

ବ୍ୟାଙ୍କର କାର୍ଯ୍ୟଧାରା ଉପରେ ସେ ମତ ରଖି କହିଛନ୍ତି, ଏହି ସମୟରେ ବ୍ୟାଙ୍କର ମୋଟ ଏନ୍‌ପିଏ ୨.୯୯% ରହିଛି। ଗ୍ରାହକଙ୍କ ସ୍ଥାନୀୟ ଆବଶ୍ୟକତାକୁ ବିଚାର କରି ସେବା ଯୋଗାଣ ଦେଉଛି। ଗ୍ରାହକ କିଭଳି ଉନ୍ନତ ସେବା ଏବଂ ପ୍ରଫେଶନାଲ ଅଭିଜ୍ଞତା ପାଇବେ ତାକୁ ବିଚାର କରାଯାଇଛି। ସାରା ଦେଶରେ ସେବା ଯୋଗାଣ ଧାରାକୁ ଆହୁରି ଉନ୍ନତ କରିବାକୁ ପ୍ରଚେଷ୍ଟା ଜାରି ରହିଛି। ସର୍ବଦା ଲୋକଙ୍କ ନିକଟକୁ ଯାଇ ସେବା ଯୋଗାଇଦେବା ଉପରେ ବିଚାର କରାଯାଉଛି। ଟେକ୍ନୋଲୋଜି ଆଧାରରେ କଲିକତାରେ ‘ଫେଡ୍ ଇଷ୍ଟ ଷ୍ଟୁଡିଓ’ ସେବା ପରୀକ୍ଷଣ ଭିତ୍ତିରେ ଆରମ୍ଭ କରାଯାଇଛି। ଏଥିରେ ଗ୍ରାହକମାନେ ଡିଜିଟାଲ ଭାବେ ୨୪ ଘଣ୍ଟିଆ ବ୍ୟାଙ୍କିଙ୍ଗର ସମସ୍ତ ସେବା ପାଇପାରିବେ। ବ୍ୟାଙ୍କ ରିଟେଲ ବର୍ଗରେ ୨୦% ଏବଂ ଏମ୍‌ଏସ୍‌ଏମ୍‌ଇ ବର୍ଗରେ ୨୦%ରୁ ଊର୍ଦ୍ଧ୍ୱ ଅଭିବୃଦ୍ଧି କରୁଛି। ବ୍ୟାଙ୍କିଙ୍ଗରେ ଭାରତ ଏବେ ମଧ୍ୟ ଅନେକ ସ୍ଥାନରେ ବ୍ୟାଙ୍କ ସେବା ପହଞ୍ଚି ନ ଥିବା ଯୋଗୁ ଏଠାରେ ସୁଯୋଗ ରହିଥିବା ସେ ସ୍ପଷ୍ଟ କରିଛନ୍ତି। ଏହାବାଦ ବ୍ୟାଙ୍କର ଯୋଗାଣ ଚ୍ୟାନେଲ ଉପରେ ସେ ମତ ରଖି କହିଛନ୍ତି ଯେ, ବ୍ୟାଙ୍କର କ୍ୟାପିଟାଲ ଆଡିକ୍ୱେସି ୧୪%ରୁ ଊର୍ଦ୍ଧ୍ୱ ରହିଛି। ସମ୍ପ୍ରସାରଣ ଧାରାକୁ ତ୍ୱରାନ୍ୱିତ କରାଯିବାକୁ ଥିବା ବେଳେ ସବୁଠାରେ ସେବା ଯୋଗାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ‘ବ୍ରାଞ୍ଚ ଲାଇଟ ଡିଷ୍ଟ୍ରିବ୍ୟୁଶନ ହେଭି’ ଆଧାରରେ ସେବା ଯୋଗାଣ କରାଯିବ। ଏହା ମଧ୍ୟରେ ଡିଜିଟାଲ, ରିଲେଶନଶିପ ମ୍ୟାନେଜର,ଟେକ୍ନୋଲୋଜି, ଶାଖା ସ୍ତରୀୟ, ପାର୍ଟନରଶିପ, ଥାର୍ଡ ପାର୍ଟି ଆସୋସିଏଶନ, ବିଜନେସ କରେସପଣ୍ଡେଣ୍ଟ, ଆଉଟବଣ୍ଡ କଲ୍‌ଇନ୍ ସାମିଲ ରହିଛି। ବ୍ୟାଙ୍କ ଦେଶ ମଧ୍ୟକୁ ରେମିଟାନ୍ସ କ୍ଷେତ୍ରରେ ଏକ ପ୍ରମୁଖ ପାର୍ଟନର ହୋଇପାରିଛି। ଏହି କ୍ଷେତ୍ରରେ ବ୍ୟାଙ୍କର ୧୫ରୁ ୧୬% ରହିଛି। ଘରୋଇ ବଜାରରେ ଦେଶରେ ବିପୁଳ ସୁଯୋଗ ରହିଥିବାରୁ ବ୍ୟାଙ୍କ ମିଶ୍ରଣ ଦ୍ୱାରା ଘରୋଇ ବ୍ୟାଙ୍କ ପ୍ରଭାବିତ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ହୋଣ୍ଡାର ନୂଆ ଆଫ୍ରିକା ଟ୍ୱିନ୍ ଆଡ୍‌ଭେଞ୍ଚର ସ୍ପୋର୍ଟସ୍

**ଭୁବନେଶ୍ୱର,୫-୩**

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୨୦୨୦ ଆଫ୍ରିକା ଟ୍ୱିନ୍ ଆଡ୍‌ଭେଞ୍ଚର ସ୍ପୋର୍ଟସ୍ ବାଇକ୍‌ର ବିଏସ୍-୬ ମଡେଲ୍‌କୁ ଉନ୍ମୋଚନ କରାଯାଇଛି। ୨୦୨୦ ଡାକାର ରାଲିର ବିଶ୍ୱ ଚାମ୍ପିୟନ୍ ରିକି ବ୍ରାବେକ୍‌ଙ୍କ ଦ୍ୱାରା ଗୁରୁବାର ଏହି ବାଇକ୍‌ର ଉଭୟ ମାନୁଆଲ ଓ ଡିସିଟି ଟ୍ରାନ୍ସମିସନ୍ ଭାରିଆଣ୍ଟ ଶୁଭାରମ୍ଭ ହୋଇଛି। ବ୍ରାବେକ୍‌ଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ। ସେ ଗତ ଜାନୁୟାରୀରେ ପ୍ରଥମ ଆମେରିକୀୟ ଚାଳକ ଭାବେ ଡାକାର ରାଲି ଜିତିବାର ସୌଭାଗ୍ୟ ହାସଲ କରିଛନ୍ତି।



ଆଫ୍ରିକା ଟ୍ୱିନ୍‌ର ବିଏସ୍-୬ ମଡେଲ୍ ସଂକ୍ରାନ୍ତରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ମିନୁରୋ କାଟୋ କହିଛନ୍ତି ଯେ, ପ୍ରିମିୟମ ମୋଟରସାଇକେଲ୍ ବ୍ୟବସାୟରେ ହୋଣ୍ଡା ବିଏସ୍-୬ ଯୁଗ ଆରମ୍ଭ କରିଛି। ବିଶ୍ୱ ଚାମ୍ପିୟନ୍ ରିକି ବ୍ରାବେକ୍‌ଙ୍କୁ ଭାରତକୁ ଆଣି ଆମେ ବହୁତ ଖୁସି। ଆମର ବିଶ୍ୱାସ ରହିଛି ଯେ ୨୦୨୦ ଆଫ୍ରିକା ଟ୍ୱିନ୍ ରୋମାଞ୍ଚକୁ ପରବର୍ତ୍ତୀ ସ୍ତରକୁ ନେବ। ଆଗାମୀ ଦିନରେ ବିଗ୍ ୱିଙ୍ଗ୍‌ରୁ ବହୁତ କିଛି ଆଶା କରୁଛୁ। ୨୦୨୦ ଆଫ୍ରିକା ଟ୍ୱିନ୍ ଆଡ୍‌ଭେଞ୍ଚର ସ୍ପୋର୍ଟସ୍‌ର ବିଏସ୍-୬ ମଡେଲ୍‌ର ଏକ୍ସ ଶୋ’ରୁମ୍ ଦାମ୍ ୧୫.୩୫ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ଏହା ପର୍ଲ ଗ୍ଲେୟାର ହ୍ୱାଇଟ୍ ଓ ଡାର୍କନେସ୍ ବ୍ଲାକ୍ ମେଟାଲିକ୍ ରଙ୍ଗରେ ଉପଲବ୍ଧ।

# କର୍ପୋରେଶନ ବ୍ୟାଙ୍କର ସିଏସ୍‌ଆର୍ ପଦକ୍ଷେପ

**ଭୁବନେଶ୍ୱର,୫-୩**

କର୍ପୋରେଶନ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଶା ନିକେତନ ଲେପ୍ରସି କେନ୍ଦ୍ରଠାରେ ୪୫ ଜଣ ରୋଗୀଙ୍କୁ ଆଶାବାଡି ପ୍ରଦାନ କରାଯାଇଛି। ଇନ୍‌ଷ୍ଟିଚ୍ୟୁଟ ଇନଚାର୍ଜ ବ୍ରଦର ଓସ୍କାର ଟେଡେ ଏହାକୁ ନେଇ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ବ୍ୟାଙ୍କର ଏହି ଅନୁଷ୍ଠାନକୁ ୱାଟର ପ୍ୟୁରିଫାୟର, ଏଲ୍‌ଇଡି ସମେତ ଅନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା।


## DISTRICT EDUCATION OFFICE, GANJAM, BRAHMAPUR

Ph.: 0680-2233350 (O), E-mail: deoganjam11@gmail.com
L. No. 4625/MDM Dtd. 03.03.2020

**SHORT TENDER CALL NOTICE FOR ENGAGEMENT OF SEPARATE TRANSPORTING AGENTS UNDER MDM FEEDING PROGRAMME OF BRAHMAPUR/BHANJANAGAR/CHATRAPUR SUD-DIVISION OF GANJAM DISTIRCT FOR THE YEAR 2020-21**

Sealed tenders in prescribed format under two bid system are invited from intending Registered Firms/Authorized Licensed Transport Contractor/ Agents having valid TIN, PAN, GST Registration & Clearance Certificate for undertaking transportation of rice under MDM feeding programme in Brahmapur/Bhanjanagar/Chatrapur Sub-Division of Ganjam district for the year 2020-21. The tender paper (bid documents) containing detailed specification with terms and conditions can be obtained by downloading from the Ganjam distirct website **https://ganjam.nic.in**. The cost of tender paper is Rs.10,000/- which is to be deposited in shape of D.D. in favour of District Education Officer, Ganjam and enclosed in the technical bid of the tender. Last date and time for receipt of tender paper is **23.03.2020 at 3.00 P.M.** and will be opened on **24.03.2020 at 11.00 A.M.** in the Collectorate, Ganjam, Chatrapur. The quotations must be sent **through Registered Post/Speed Post only** addressed to District Education Officer, Ganjam, Brahmapur, PIN - 760005, Dist. Ganjam. Sending of quotations through couriers or by hand is not allowed. This office will not be responsible for any postal delay. The tender paper should be submitted in sealed cover super-scribing as **“TENDER FOR UNDERTAKING TRANSPORTATION WORK UNDER MDM FEEDING PROGRAMME IN BRAHMAPUR/ BHANJANAGAR/CHATRAPUR SUB-DIVISION OF GANJAM DISTIRCT 2020-21”.**

The authority reserves the right to reject any or all the tenders without assigning any reason thereof.

**Sd./- Collector, Ganjam**

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, SUBARNAPUR

**TENDER CALL NOTICE**

**Advt. No.1395** **Date: 05.03.2020**

Sealed tender documents are invited from Agency / Firms / Company / Organization / Trust etc. for **Outsourcing of housekeeping & Cleaning Services under NIRMAL** of Subarnapur District. The details are available in the District website : **www.subarnapur.nic.in**. The bidders may also attend the pre bid meeting on dated **12.03.2020 at 11.30 A.M.** The eligible bidders may submit their tender papers on or before **19.03.2020 till 5 P.M.** through Registered Post / Speed Post only to the undersigned. The tender documents will be opened on the next day i.e. **20.03.2020 at 11.30 P.M.** in the DTU of the undersigned in presence / absence of the bidders. The undersigned reserves the right to accept or reject any or all the tender without assigning any reason thereof. Undersigned will not be responsible for any postal delay.

**Sd./- Chief District Medical & Public Health Officer, Subarnapur**

## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ତେଲ ଜଳସେଚନ ବିଭାଜନ, ସୋନପୁର

**ସର୍ବସାଧାରଣ ନୋଟିସ୍**

ତେଲ ଜଳସେଚନ ବିଭାଗ, ଓଡ଼ିଶା ତଥା ସୋନପୁର ଜଳସେଚନ ବିଭାଜନ ସୁବର୍ଣ୍ଣପୁର ଅଧୀନସ୍ଥ ରୁଗୁଡ଼ିପାଲି ଡିଷ୍ଟ୍ରିବ୍ୟୁଟାରୀ କେନାଲ ଅନ୍ତର୍ଗତ ତେଲ ଜଳସେଚନ (ସମ୍ପ୍ରସାରଣ) ଯୋଜନାରେ ନିର୍ମାଣାଧୀନ ରୁଗୁଡ଼ିପାଲି ଡିଷ୍ଟ୍ରିବ୍ୟୁଟାରୀ କେନାଲ ପାଇଁ ଜମି ଅଧିଗ୍ରହଣ ଦ୍ୱିପାକ୍ଷିକ ରାଜିନାମା ଭିତ୍ତିରେ ସିଧାସଳଖ କ୍ରୟ କରାଯିବ।

ଏଣୁ ଆପଣଙ୍କୁ ଅନୁରୋଧ କରାଯାଉଛି କି, ଏହି ଜମିର ବିକ୍ରି କବଲା କରିବା ପାଇଁ ଆବଶ୍ୟକ ପଡୁଥିବା ନିମ୍ନ ପ୍ରଦତ୍ତ ଦଲିଲ୍‌ଗୁଡ଼ିକ ନିର୍ବାହୀ ଯନ୍ତ୍ରୀ, ତେଲ ଜଳସେଚନ ବିଭାଜନ, ସୋନପୁରଙ୍କ କାର୍ଯ୍ୟାଳୟରେ ତା୧୫।୦୩।୨୦୨୦ ସୁଦ୍ଧା ଦାଖଲ କରିବେ ଏବଂ ପଞ୍ଜୀକରଣ ଦିନ ଉପସ୍ଥିତ ରହିବେ।

**ନିର୍ବାହୀ ଯନ୍ତ୍ରୀ, ତେଲ ଜଳସେଚନ ବିଭାଜନ, ସୋନପୁର**

**ରୁଗୁଡ଼ିପାଲି ଡିଷ୍ଟ୍ରିବ୍ୟୁଟାରୀ କେନାଲ ପାଇଁ ଦରକାର ହେଉଥିବା ପଣ୍ଡକିଟାଲ ମୌଜା ଏବଂ ଗୋବିନ୍ଦପୁର ଗ୍ରାମ ତାଲିକାଭୁକ୍ତ**

| କ୍ର. ନଂ. | ପ୍ରଜାର ନାମ | ଖାତା ନଂ. | ପ୍ଲଟ୍‌ର ନାମ | ମୋଟ ରକବା | କିସମ | ମାର୍କ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ମୌଜା- ପଣ୍ଡକିଟାଲ | | | | | | | |
| 1 | ନରସିଂହ ଭୋଇ, ପି- ନିରାକାର ଭୋଇ, ଜା- ଗଉଡ଼ | 65 | 1095<br>1070<br>1066 | 0.900<br>0.300<br>0.080 | ବେର୍ଣ୍ଣାପାଣି-3<br>ମାଳ ପାଣି-4<br>ବେର୍ଣ୍ଣା ସାଧାରଣ-2 | 0.260<br>0.200<br>0.050 | |
| ମୌଜା- ଗୋବିନ୍ଦପୁର | | | | | | | |
| 1 | ଯଶୋଦା ଗୁରୁ, ସ୍ୱା: ଦ୍ୱାରୁ ଗୁରୁ, ଜା: ସହରା | 19 | 465 | 0.630 | ଆଟ ସାଧାରଣ | 0.110 | |
| 2 | ବେଣୁ ମଲ୍ଲିକ, ପି: କଲିଆ ମଲ୍ଲିକ, ଜା: କେଉଟ | 36 | 578 | 1.150 | ଆଟ ସାଧାରଣ | 0.080 | |
| 3 | ଯୋଗେଶ୍ୱର ହାତୀ, ପି: ବିଦ୍ୟାଧର ହାତୀ, ଜା: ଗଉଡ଼ | 63/32 | 500 | 0.310 | ବେର୍ଣ୍ଣା ପାଣି | 0.040 | |
| 4 | ହର ହାତୀ, ଚକ୍ର ହାତୀ, ବଂଇଶି ହାତୀ, ପି: ସତ୍ୟ ହାତୀ, ମୁକ୍ତା ଭୋଇ, ପି: ସୁନାଧର ହାତୀ, ଜା: ଗଉଡ଼ | 57 | 503<br>519<br>557<br>556 | 0.150<br>0.850<br>1.540<br>0.270 | ବେର୍ଣ୍ଣା ସାଧାରଣ<br>ଆଟ ସାଧାରଣ<br>ଆଟ ସାଧାରଣ<br>ବାହାଲ ସାଧାରଣ | 0.060<br>0.160<br>0.450<br>0.100 | |
| 5 | ସୌମିତ୍ରୀ ହାତୀ, ପି: ଗୋପାଳ ହାତୀ, ବିଶ୍ୱାମିତ୍ର ହାତୀ, ପି: ଗୋପାଳ ହାତୀ, ଲକ୍ଷ୍ମୀ କଠାର, ସ୍ୱା: ଅଇଁଠୁ କଠାର, ବା: ଖଲିଆପାଲି, ଥାନା: ବିନିକା, ମେର ବରର୍ଗୀ, ସ୍ୱା: ଯୁଗିନ୍ଦ୍ର ବରର୍ଗୀ, ବା: ଶାର୍ଗୁଣାମୁଣ୍ଡା, ଥାନା: ସୋନପୁର, ଶୁକ ହାତୀ, ସ୍ୱା: ହଲୁ ହାତୀ, ବାବାଜି ହାତୀ, ପି: ହଲୁ ହାତୀ, ବା: ଗୋବିନ୍ଦପୁର, ଉକିଆ ଶାଣ୍ଢ, ସ୍ୱା: ଛେଲିଆ ଶାଣ୍ଢ, ବା: କଉଡ଼ିଆ ମୁଣ୍ଡା, ଜାହ୍ନବୀ କୁଦେଇ, ସ୍ୱା: କାହ୍ନୁ କୁଦେଇ, ବା: ଖଲିଆପାଲି, ପବିତ୍ର ହାତୀ, ପି: ଜିବରଧନ ହାତୀ, ବା: ଗୋବିନ୍ଦପୁର, କୋଇଲି ପୋଢ଼, ସ୍ୱା: କଲଦାର ପୋଢ଼, ବା: ସାନଫବସି, ଥାନା: ସୋନପୁର, ଜା: ଗଉଡ଼ | 26 | 507<br>506<br>520<br>561 | 0.640<br>2.060<br>0.900<br>0.420 | ବେର୍ଣ୍ଣା ସାଧାରଣ<br>ବେର୍ଣ୍ଣା ସାଧାରଣ<br>ଆଟ ସାଧାରଣ<br>ବାହାଲ ସାଧାରଣ | 0.500<br>0.050<br>0.730<br>0.200 | |
| 6 | କପିଲ ଥପା, ଦୁତିଆ ଥପା, ପି: ସମାରୁ ଥପା, ଜା: ଗଉଡ଼ | 13 | 521<br>525<br>593 | 4.270<br>2.620<br>1.980 | ଆଟ ସାଧାରଣ<br>ଆଟ ସାଧାରଣ<br>ଆଟ ସାଧାରଣ | 0.180<br>0.150<br>0.200 | |
| 7 | ବଂଶି ହାତୀ, ଚକ୍ର ହାତୀ, ପି: ସତ୍ୟ ହାତୀ, ଜା: ଗଉଡ଼ | 54 | 560 | 0.900 | ବାହାଲ ସାଧାରଣ | 0.100 | |
| 8 | ଜୟୀ ନେଗି, ପି: ସଂକୀର୍ତ୍ତନ ନେଗି, ଜା: ସେନାପତି | 50 | 598 | 4.000 | ଆଟ ସାଧାରଣ | 0.300 | |
| 9 | ଲଳିତା ମଟାରି, ସ୍ୱା: ରଘୁବୀର ମଟାରି, ଜା: ଗଉଡ଼ | 63/61 | 606 | 2.320 | ଆଟ ସାଧାରଣ | 0.350 | |
| 10 | ସୁମନ୍ତମଣି ଭୋଇ, ପି: ସିତାରାମ ଭୋଇ, ଜା: ଗଣ୍ଡ, ବା: ସୋନପୁର, ବିବେକାନନ୍ଦ ନଗର | 63/35 | 605<br>525 | 5.300<br>2.814 | ଆଟ ସାଧାରଣ<br>ଆଟ ସାଧାରଣ | 0.500<br>0.150 | |

**ସ୍ୱା./- ନିର୍ବାହୀ ଯନ୍ତ୍ରୀ, ତେଲ ଜଳସେଚନ ବିଭାଜନ, ସୋନପୁର**

## ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି

**ବିଜ୍ଞାପନ**

ଏତଦ୍ୱାରା ପରିଷଦ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚଳିତ ୨୦୨୦-୨୧ ଆର୍ଥିକ ବର୍ଷ ସକାଶେ ଦୁଇ ଚକିଆ ମଟର ଯାନ ପାର୍କିଙ୍ଗ ଉପଲକ୍ଷେ ପରିଷଦର ପୁରଣା ପି.ଏଲ.ଏନ. ପାତ୍ର କ୍ୱାର୍ଟରଠାରେ ନିର୍ମାଣ କରାଯାଇଥିବା ପାର୍କିଙ୍ଗ ସ୍ଥଳଟିରେ ଦୁଇ ଚକିଆ ଯାନ ପାର୍କିଙ୍ଗ କରିଥିବା ବ୍ୟକ୍ତିଙ୍କଠାରୁ ମାହାସୁଲ ଆଦାୟ କରିବା ନିମନ୍ତେ ନିର୍ଦ୍ଧାରିତ ହୋଇଅଛି। ଏଣୁ ଯେଉଁ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ଟ.୧,୦୦୦.୦୦ଙ୍କା ଦେଇ ଫର୍ମ ଆଜିଠାରୁ ଅର୍ଥାତ ତା୦୪।୦୩।୨୦୨୦ରିଖ ୧୦.୩୦ଘଣ୍ଟାଠାରୁ ତା.୧୬।୦୩।୨୦୨୦ରିଖ ଦିନ ଘ.୧.୩୦ଣ୍ଟା ସୁଦ୍ଧା କିଣି ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଟେଣ୍ଡର ପେପର ଉକ୍ତଦିନ ଅପରାହ୍ନ ୫.୦୦ଘଣ୍ଟା ସୁଦ୍ଧା (Speed Post/Registered Post) ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରି ଅଟେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ। ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତା’ହେଲେ ପୁଣି ସାନି ଟେଣ୍ଡର ଆହ୍ୱାନ କରାଯିବ। ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି। ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ। ଦାଖଲ ହୋଇଥିବା ଟେଣ୍ଡର ପେପରଗୁଡିକ ତା୧୭।୦୩।୨୦୨୦ରିଖ ଅପରାହ୍ନ ୪.୦୦ଘଣ୍ଟା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାତା/କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ।

**ସୈରାତର ବିବରଣୀ**

| କ୍ରମିକ ନଂ. | ସୈରାତର ନାମ | ନିଲାମ କାର୍ଯ୍ୟକାଳ | ଅବଧାରିତ ମୂଲ୍ୟ | ଅମାନତ ରାଶି | ଟେଣ୍ଡର ପେପର ମୂଲ୍ୟ |
|---|---|---|---|---|---|
| ୧ | ଦୁଇ ଚକିଆ ମୋଟର ଯାନ | ୦୧।୦୪।୨୦୨୦ ଠାରୁ ୩୧।୦୩।୨୦୨୧ | ଟ.୧,୯୨,୫୦୦/- | ଟ.୧୦,୦୦୦/- | ଟ.୧,୦୦୦/- |

**ସଂଗ୍ରହ କରିବା ଦର ଚାର୍ଟ**

୧. ଗୋଟିଏ ଦିନକୁ ଦୁଇ ଚକିଆ ମୋଟର ଯାନ - ୫/-ଟଙ୍କା

**ମୂଲ୍ୟାଙ୍କ ସର୍ତ୍ତାବଳୀ**

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତି ବିଶେଷ ଏବଂ ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦ ପାଉଣା ବାକିଥିବ ନିଲାମରେ ଭାଗ ନେଇପାରିବେ ନାହିଁ।
୨. ଟେଣ୍ଡର ପେପର ସହିତ ଆବଶ୍ୟକୀୟ ଅମାନତ ଟଙ୍କା (ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟ ବ୍ୟାଙ୍କ) ଡ୍ରାଫ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, ପାରଳାଖେମୁଣ୍ଡିଙ୍କ ନାମରେ କରି ଦାଖଲ କରିବେ। ଅସଫଳ ନିଲାମଧାରୀଙ୍କୁ ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ।
୩. ପୂର୍ବରୁ ଯେଉଁ ବ୍ୟକ୍ତି ମୂଲ୍ୟାଙ୍କ ସର୍ତ୍ତକୁ ଭଙ୍ଗ କରିଥିବେ ସେ ମଧ୍ୟ ମୂଲ୍ୟାଙ୍କରେ ଅଂଶ ଗ୍ରହଣ କରିପାରିବେ ନାହିଁ।
୪. ସର୍ବୋଚ୍ଚ ମୂଲ୍ୟାଙ୍କ ସିଦ୍ଧ କରିବାପାଇଁ ପରିଷଦ ବାଧ୍ୟ ନୁହନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ମୂଲ୍ୟାଙ୍କ ରଦ୍ଦ କରିପାରିବେ ଏବଂ ଏହା ଉପରେ ଭବିଷ୍ୟତରେ କୌଣସି ଅଦାଲତର ଆଶ୍ରୟ ନେଇ ପାରିବେ ନାହିଁ।
୫. ମୂଲ୍ୟାଙ୍କ ସିଦ୍ଧ ହେବା ବ୍ୟକ୍ତି କାର୍ଯ୍ୟାଳୟ ଆଦେଶ ପାଇବା ପରେ ମୂଲ୍ୟାଙ୍କ ମାସୁଲ, ଯେଉଁ ବକ୍ତିମାନଙ୍କ ଦ୍ୱାରା ଆଦାୟ କରିବେ, ସେମାନଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା କାର୍ଯ୍ୟାଳୟରେ ଦାଖଲ କରିବେ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ**
**ପୌରପରିଷଦ, ପାରଳାଖେମୁଣ୍ଡି**

## ତହସିଲଦାର ଗଁଦିଆଙ୍କ କାର୍ଯ୍ୟାଳୟ

**ସଂଖ୍ୟା.817** **ତାରିଖ.29.02.2020**

**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଗଁଦିଆ ତହସିଲ, ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ (From the year 2020-21 to 2024-25) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ପାଇଁ ତହସିଲଦାର, ଗଁଦିଆଙ୍କ ଦ୍ୱାରା ତା୨୦।୦୩।୨୦୨୦, ୨୭।୦୩।୨୦୨୦ ଓ ତା୦୪।୦୪।୨୦୨୦ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ **www.dhenkanal.nic.in** ରେ ଉପଲବ୍ଧ ହେବ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି।

ଲିଜ ଗ୍ରହଣ କରିବାପାଇଁ ଦରଖାସ୍ତଗୁଡ଼ିକରେ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ତା୧୯।୦୩।୨୦୨୦, ୨୬।୦୩।୨୦୨୦ ଓ ତା୦୩।୦୪।୨୦୨୦ ତାରିଖ, ଅପରାହ୍ନ ୫ଘଣ୍ଟା ୩୦ମିନିଟ୍ ପର୍ଯ୍ୟନ୍ତ ଗହଣ କରାଯିବ। ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବନାହିଁ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି।

**ସ୍ୱା./- ତହସିଲଦାର, ଗଁଦିଆ**



ମାରାତ୍ମକ କରୋନା ଭାଇରସ୍ ପାଇଁ ଆଥଲେଟ୍‌ମାନେ ଅନ୍ୟମାନଙ୍କ ସହ କରମର୍ଦ୍ଦନ ଏବଂ ଲୋକମାନଙ୍କ ସହିତ ମିଳାମିଶାରୁ ଦୂରେଇ ରହିବା ଉଚିତ ।

-କିରେନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ



ବର୍ଷାଯୋଗୁ ବିନା ସେମିଫାଇନାଲରେ ଭାରତ ଗ୍ରୁପ୍‌ର ଶୀର୍ଷ ଦଳ ହିସାବରେ ଟି୨୦ ବିଶ୍ୱକପ୍ ଫାଇନାଲକୁ ଉନ୍ନୀତ ହୋଇଛି। ଏହି ନିୟମ ବଦଳିବା ଦରକାର ।

-ହିଥର ନାଇଟ୍, ଇଂଲଣ୍ଡ ମହିଳା କ୍ରିକେଟ ଅଧିନାୟିକା

## ସଂକ୍ଷେପରେ

### ଭାରତୀୟ ମହିଳା ଦଳକୁ ଶୁଭେଚ୍ଛା ଜଣାଇଲେ କୋହଲି

ନୂଆଦିଲ୍ଲୀ,୫।୩(ପି.ଟି.)- ଭାରତୀୟ ମହିଳା କ୍ରିକେଟ ଦଳ ପ୍ରଥମ ଥର ପାଇଁ ଟି୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଏହି ଅବସରରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଛନ୍ତି ଭାରତୀୟ ପୁରୁଷ ଦଳର ଅଧିନାୟକ ବିରାଟ କୋହଲି। ଫାଇନାଲରେ ପ୍ରବେଶ କରିଥିବାରୁ ଭାରତୀୟ ମହିଳା ଦଳକୁ ଶୁଭେଚ୍ଛା। ଆମେ ତୁମ ପାଇଁ ଗର୍ବିତ। ଫାଇନାଲ ପାଇଁ ଶୁଭକାମନା ବୋଲି କୋହଲି ଟୁଇଟ୍ କରିଛନ୍ତି। କୋହଲିଙ୍କ ଭଳି ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ, ଭିଭିଏସ୍ ଲକ୍ଷ୍ମଣ, ପୂର୍ବତନ ମହିଳା ଦଳର ଅଧିନାୟିକା ମିଥାଲି ରାଜ, ଝୁଲନ ଗୋସ୍ୱାମୀ ଟୁଇଟ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି ।

### କରାଚୀ ଦିନିକିଆର କାର୍ଯ୍ୟସୂଚୀରେ ପରିବର୍ତ୍ତନ

କରାଚୀ,୫।୩- ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଏଠାରେ ଏକମାତ୍ର ଦିନିକିଆ ମ୍ୟାଚ୍ ଖେଳାଯିବ। କିନ୍ତୁ ଏହାର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)। ଏହି ମ୍ୟାଚ୍ ୩ ତାରିଖରେ ଖେଳାଯିବାର ଥିଲା। ବର୍ତ୍ତମାନ ଏହି ମ୍ୟାଚ୍ ୧ ତାରିଖରେ ଅନୁଷ୍ଠିତ ହେବ। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ବାଂଲାଦେଶ ଦଳକୁ ଅଭ୍ୟାସ ପାଇଁ ଅଧିକ ସମୟ ଦେବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପିସିବିକୁ ଅନୁରୋଧ କରିଥିଲା। ବାଂଲାଦେଶ ଦଳ ଚଳିତ ମାସ ୨୯ ତାରିଖରେ କରାଚୀରେ ପହଞ୍ଚିବ। ସେଠାରେ ଏକମାତ୍ର ଦିନିକିଆ ଓ ଦ୍ୱିତୀୟ ଟେଷ୍ଟ ଖେଳିବ। ପାକିସ୍ତାନ ପ୍ରଥମ ଟେଷ୍ଟକୁ ଏକ ଇନିଂସ ଓ ୪୪ ରନ୍‌ରେ ଜିତି ନେଇଥିଲା। କରାଚୀ ଟେଷ୍ଟ ଜିତିଲେ ପାକିସ୍ତାନ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନ ହାସଲ କରିବ। ଅନ୍ୟପକ୍ଷରେ ଟେଷ୍ଟ ଚାମ୍ପିୟନଶିପରେ ବାଂଲାଦେଶ ପ୍ରଥମ ବିଜୟ ଅପେକ୍ଷାରେ ରହିଛି।

### ଏସିଆନ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ କ୍ୱାର୍ଟରରେ ଆଶିଷ



ଅମ୍ମନ (ଜୋର୍ଡାନ), ୫।୩ (ପି.ଟି.)- ବକ୍ସର ଆଶିଷ କୁମାର (୭୫ କିଗ୍ରା) ଏଠାରେ ଚାଲିଥିବା ଏସିଆନ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏସିଆନ ରୌପ୍ୟ ପଦକ ବିଜେତା ଆଶିଷ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ୫-୦ରେ କିର୍ଗିଜସ୍ତାନର ଓମୁରବେକ ବେକଝିଗିଟ୍‌ଙ୍କୁ ପରାସ୍ତ କରିଛନ୍ତି। କ୍ୱାର୍ଟରରେ ଇଣ୍ଡୋନେସିଆର ମାଇକେଲ ରୋବର୍ଡଙ୍କ ସହ ଆଶିଷଙ୍କ ମୁକାବିଲା ହେବ। ଯଦି ଆଶିଷ ସେମିଫାଇନାଲରେ ପ୍ରବେଶ କରିବାରେ ସଫଳ ହୁଅନ୍ତି ତେବେ ଆସନ୍ତା ଟୋକିଓ ଅଲିମ୍ପିକ୍ସକୁ ଟିକେଟ୍ ହାସଲ କରିବେ। ପୂର୍ବରୁ ବୁଧବାର ବକ୍ସର ସିମରନଜିତ୍ କୌର (୬୦ କିଗ୍ରା), ସାକ୍ଷୀ ଚୌଧୁରୀ (୫୭ କିଗ୍ରା) ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିସାରିଛନ୍ତି।

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ



ଫାଇନାଲରେ ପ୍ରବେଶ କରିବା ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଦଳ।

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

### ମ୍ୟାଚ୍ ଦେଖିବାକୁ ଆସିଥିଲେ ହରମନପ୍ରୀତଙ୍କ ମାତାପିତା

ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ମହିଳା ଟି୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ତାଙ୍କ ମାତାପିତା ସେମିଫାଇନାଲ ମ୍ୟାଚ୍ ଦେଖିବାକୁ ଆସିଥିଲେ। ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ମାତାପିତା ମ୍ୟାଚ୍ ଦେଖିବାକୁ ଆସିଥିବାରୁ ହରମନପ୍ରୀତ ବେଶ୍ ଖୁସି ଜାହିର କରିଛନ୍ତି। ତେବେ ଦୁର୍ଭାଗ୍ୟବଶତଃ ବର୍ଷା ଯୋଗୁ ଏହି ନିର୍ଣ୍ଣାୟକ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ବାତିଲ ହୋଇଥିଲା ଓ ସେମାନେ ମ୍ୟାଚ୍ ଦେଖିପାରି ନ ଥିଲେ। ଏବେ ଫାଇନାଲ ମ୍ୟାଚ୍ ଦେଖିବାକୁ ତାଙ୍କ ମାତାପିତା ଅଷ୍ଟ୍ରେଲିଆରେ ରହିବେ। ରବିବାର ହରମନପ୍ରୀତଙ୍କ ୩୧ତମ ଜନ୍ମଦିବସରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଫାଇନାଲରେ ଆମେ ବିଜୟୀ ହେବା ପାଇଁ ଶତପ୍ରତିଶତ ଚେଷ୍ଟା କରିବୁ। ବିଜୟୀ ହେଲେ ଇତିହାସ ସୃଷ୍ଟି କରିବୁ ବୋଲି ସେ କହିଛନ୍ତି।

**ସିଡ୍‌ନୀ, ୫।୩(ପି.ଟି.)**

ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ଟି୨୦ ବିଶ୍ୱକପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଏହି ମେଗା ଇଭେଣ୍ଟର ସପ୍ତମ ସଂସ୍କରଣର ଟାଇଟଲ ପାଇଁ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ଆସନ୍ତା ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପରସ୍ପରକୁ ଭେଟିବେ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବିଶ୍ୱକପ୍ ଇତିହାସରେ ଭାରତ ପ୍ରଥମଥର ପାଇଁ ଫାଇନାଲକୁ ଉଠିଛି। ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଫଳରେ ଗ୍ରୁପ୍ ଏ'ରେ ୪ଟି ମ୍ୟାଚ୍ ଜିତି ଶୀର୍ଷରେ ରହିଥିବାରୁ ଭାରତ ଫାଇନାଲକୁ ଉଠିଥିଲା। ଅନ୍ୟପଟେ ଇଂଲଣ୍ଡ ୩ଟି ବିଜୟ ଓ ଗୋଟିଏ ପରାଜୟ ସହ ଗ୍ରୁପ୍ ବି'ର ଦ୍ୱିତୀୟ ସ୍ଥାନରେ ରହିଥିବାରୁ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି। ନିରାଶ ଇଂଲଣ୍ଡ ଖେଳାଳିଙ୍କ ଆଖିରେ ଲୁହ ଆସିଯାଇଥିଲା। ସେହିପରି ଏହି ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ତେବେ ଡକ୍‌ୱର୍ଥ ଲୁଇସ୍ ନିୟମରେ ଅଷ୍ଟ୍ରେଲିଆ ୫ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲ ଟିକେଟ ହାସଲ କରିଛି।

ବର୍ଷା ଯୋଗୁ ପ୍ରଥମ ସେମି

#### ଇଂଲଣ୍ଡ ନିରାଶ

ଲଗାତର ବର୍ଷା କାରଣରୁ ପ୍ରଥମ ସେମିଫାଇନାଲ ବାତିଲ ହେବା ଫଳରେ ଗତଥରର ରନର୍ସଅପ୍ ଇଂଲଣ୍ଡକୁ ନିରାଶ ହେବାକୁ ପଡିଛି। ବର୍ଷା ଓ ଓଦା ଆଉଟଫିଲ୍ଡ କାରଣରୁ ଟସ୍ ପଡିବାରେ ବିଳମ୍ବ ହୋଇଥିଲା। ସ୍ଥିତିରେ ଉନ୍ନତି ନ ହେବାରୁ ଶେଷରେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ବାତିଲ କରିବାକୁ ପଡିଥିଲା। ଟସ୍ ପଡିପାରି ନ ଥିବା ବେଳେ ଗୋଟିଏ ହେଲେ ବି ବଲ୍ ବୋଲିଂ ସମ୍ଭବ ହୋଇ ନ ଥିଲା। ଇଂଲଣ୍ଡ ଅଧିନାୟିକା ହିଦର ନାଇଟ୍ ଏଥିରେ ନୈରାଶ୍ୟ ଜାହିର କରିଛନ୍ତି। ସେମିଫାଇନାଲ ପାଇଁ ରଜର୍ଭ ଡେ'ର ବ୍ୟବସ୍ଥା ରହିବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହେବ ଆମ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା। ବିଜୟ ସହ ଟୁର୍ନାମେଣ୍ଟ ଆରମ୍ଭ କରି ନ ଥିବାରୁ ଆମକୁ ମୂଲ୍ୟ ଦେବାକୁ ହେଲା ବୋଲି ସେ କହିଛନ୍ତି। ସେହିପରି ଭାରତ ଫାଇନାଲକୁ ଉଠିଥିଲେ ମଧ୍ୟ ଅଧିନାୟିକା ହରମନପ୍ରୀତ କୌର ନିର୍ଣ୍ଣାୟକ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପାଇଁ ରିଜର୍ଭ ଡେ ରଖିବା ଉଚିତ ବୋଲି କହିଛନ୍ତି। ଗତ ୬ଟି ସଂସ୍କରଣରେ ଭାରତ କେବି ବି ଫାଇନାଲରେ ପ୍ରବେଶ କରିପାରି ନ ଥିଲା। ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବା ପରେ ଭାରତ ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କାକୁ ପରାସ୍ତ କରି ୮ ପଏଣ୍ଟ ହାସଲ କରି ଗ୍ରୁପ୍ ଟପ୍ପର ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା।

## ଅଷ୍ଟ୍ରେଲିଆ କ୍ରମାଗତ ଷଷ୍ଠ



ଉଇକେଟ ହାସଲ ପରେ ଅଷ୍ଟ୍ରେଲିଆ ଖେଳାଳି ଖୁସି ମନାଉଛନ୍ତି।

ପୂର୍ବରୁ ୪ଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ କ୍ରମାଗତ ଷଷ୍ଠଥର ପାଇଁ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ବର୍ଷାବାଧାପ୍ରାପ୍ତ ଦ୍ୱିତୀୟ ସେମିରେ ଅଷ୍ଟ୍ରେଲିଆ ନିଜର ଅଭିଜ୍ଞତା ବଳରେ ଡକ୍‌ୱର୍ଥ ଲୁଇସ୍ ନିୟମରେ ଲଢୁଆ ଦଳ ଦକ୍ଷିଣ ଆଫ୍ରିକାକୁ ହରାଇ ଟାଇଟଲ ମୁକାବିଲା ଖେଳିବାକୁ ଯୋଗ୍ୟତା ହାସଲ କରିଛି। ପ୍ରଥମ ସେମି ଭଳି ଦ୍ୱିତୀୟ ସେମି ମଧ୍ୟ ବର୍ଷା ଯୋଗୁ ବାତିଲ ହେବା ସମ୍ଭାବନା ଦେଖା ଦେଇଥିଲା। ମ୍ୟାଚ୍ ବାତିଲ ହୋଇଥିଲେ ଦକ୍ଷିଣ ଆଫ୍ରିକା ଫାଇନାଲରେ ପ୍ରବେଶ କରିଥାନ୍ତି। କିନ୍ତୁ କଥା ସେପରି ହୋଇ ନ ଥିଲା।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ତରଫରୁ ଅଧିନାୟିକା ମେଗ୍ ଲାନିଂ ୪୯ ବଲରୁ ୪ ଚୌକା ଓ ୧ ଛକା ସହ ଅପରାଜିତ ୪୯ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଅଲିସା ହିଲି ୧୮, ବେଥ ମୁନି ୨୮, ରାଚେଲ ହେନ୍ସ ୧୭ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ନାଡିନ ଡି କ୍ଲେର୍କ ସର୍ବାଧିକ ୩ଉଇକେଟ ଅକ୍ତିଆର କରିଥିଲେ।

ଇଂନିସ ବ୍ରେକ୍ ପରେ ବର୍ଷା ଆରମ୍ଭ ହୋଇଥିଲା ଓ ଖେଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୧୩ ଓଭରରେ ପରିବର୍ତ୍ତିତ ୯୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୫ ଉଇକେଟ ହରାଇ ୯୨ ରନରେ ସୀମିତ ରହିବା ସହ ପରାସ୍ତ ହେବା ସହ ଫାଇନାଲ ଟିକେଟରୁ ବଞ୍ଚିତ ହୋଇଥିଲା। ଲଉରା ବୋଲବାର୍ଟ ୪୧ ରନକରି ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନ ଲୁସ୍ ୨୧, ଲିଜେଲି ଲି ୧୦, ଅଧିନାୟିକା ଡେନ ଭାନ ନିଏକେର୍କ ୧୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମେଗାନ ସ୍କଟ ୨, ଜେସ ଜୋନାସିନ, ସୋଫି ମୋଲିନେଉକ୍ସ ଓ ଡେଲିସା କିମିନ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୩୪/୫ (ଲାନିଂ- ୪୯*, ମୁନି- ୨୮, ହିଲି- ୧୮, ହେନ୍ସ- ୧୭, କ୍ଲେର୍କ- ୩/୧୯, ଖାକା-୧/ ୨୯, ଏମ୍‌ଲାବା-୧/୧୮ )। ଦକ୍ଷିଣ ଆଫ୍ରିକା ୧୩ ଓଭରରେ ୯୨/୫ (ବୋଲବାର୍ଟ- ୪୧*, ଲୁସ- ୨୧, ନିଏକେର୍କ- ୧୨, ଲି- ୧୦, ସ୍କଟ- ୨/୧୭, ଜୋନାସିନ- ୧/୨୮, ମୋଲିନେଉକ୍ସ- ୧/୧୬, କିମିନ୍ସ- ୧/୧୬)।

# ମହିଳା, ପୁରୁଷ ବର୍ଗରେ ସୁନ୍ଦରଗଡ଼ ଚାମ୍ପିୟନ

## ଏସ୍‌ଡିସି କପ୍ ୨୦୨୦

**କଟକ ଅଫିସ,୫।୩**

ରାଜ୍ୟ ସରକାରଙ୍କ ସ୍ପେସାଲ ଡେଭଲପମେଣ୍ଟ କାଉନସିଲ(ଏସ୍‌ଡିସି) ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏସ୍‌ଡିସି କପ୍-୨୦୨୦ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବାରବାଟୀ ଷ୍ଟାଡିୟମରେ ଉଭୟ ପୁରୁଷ ଓ ମହିଳା ବର୍ଗର ଫାଇନାଲ ଖେଳା ଯାଇଥିଲା। ଏଥିରେ ସୁନ୍ଦରଗଡ଼ ଉଭୟ ବର୍ଗରେ ଚାମ୍ପିୟନ ହୋଇଛି।

ମହିଳା ବର୍ଗର ଫାଇନାଲରେ ସୁନ୍ଦରଗଡ଼ ୨-୦ ଗୋଲରେ ରାଇରଙ୍ଗପୁରକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧର ୩୭ତମ ମିନିଟରେ ଅଞ୍ଜଳି ବରୁଆ ଓ ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟରେ ରଜନୀ ହାଁସଦା ସୁନ୍ଦରଗଡ଼ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପୁରୁଷ ବର୍ଗର ଫାଇନାଲ ମୁକାବିଲା ସୁନ୍ଦରଗଡ଼ ଓ ବାରିପଦା ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌କୁ ସୁନ୍ଦରଗଡ଼ ୪-୧ ଗୋଲରେ ଜିତିଛି। ପ୍ରଥମାର୍ଦ୍ଧର ୬ଷ୍ଠ ମିନିଟରେ କିଶୋର ଖାଡ଼ିଆ ସୁନ୍ଦରଗଡ଼ ନିମନ୍ତେ ପ୍ରଥମ ଗୋଲ ଦେଇଥିଲେ। ପରେ ମୁକେଶ ମିଞ୍ଜ ୩୦ତମ ମିନିଟରେ ଓ ମହେଶ ପ୍ରଧାନ ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧର ଖେଳରେ ସୁନ୍ଦରଗଡ଼ ୩-୦ରେ ଅଗ୍ରଣୀ ନେଇଥିଲା। ଦ୍ୱିତୀୟାର୍ଦ୍ଧର ୫୪ତମ ମିନିଟରେ ଗୋଟିଏ ଗୋଲ ସୁଝିଥିଲା ବାରିପଦା। ଦୁର୍ଗା ପ୍ରସାଦ ନାୟକ ଏହି ଗୋଲ ସ୍କୋର କରିଥିଲେ। ୬୦ତମ ମିନିଟରେ ସୁନ୍ଦରଗଡ଼ର କିଶୋର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବା ସହିତ ଦଳକୁ ୪-୧ରେ ଅଗ୍ରଣୀ କରାଇଥିଲେ। ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବାରୁ ସୁନ୍ଦରଗଡ଼ ବିଜୟ ହାସଲ କରିଛି। ପୁରୁଷ ବର୍ଗରେ ମୋହନ ମାଝୀ ଓ ମହିଳା ବର୍ଗରେ ମୁନିକା ମିଞ୍ଜ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ପୁରୁଷ ବର୍ଗରେ କିଶୋର ଖାଡ଼ିଆ ଓ ମହିଳା ବର୍ଗରେ ଡିଗି ମାଝୀ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି, ପୁରୁଷ ବର୍ଗରେ ଭଗରାଇ ହେମ୍ବ୍ରମ ଓ ମହିଳା ବର୍ଗରେ ଜ୍ୟୋତ୍ସ୍ନା ଟପ୍ପୋ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୁଟିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ, ପଛୁଆବର୍ଗ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା, ଏସ୍‌ଡିସି ଉପଦେଷ୍ଟା ସୁଜିତ କୁମାର, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ।

## ପ୍ରଥମ ଟି୨୦ ଜିତିଲା ୱେଷ୍ଟଇଣ୍ଡିଜ

**ପାଲିକେଲ,୫।୩**

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୨୫ ରନରେ ବିଜୟୀ ହୋଇଛି। ସ୍ଥାନୀୟ ପାଲିକେଲ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଥିଲା। ଓପନର ଲିଣ୍ଡେଲ ସିମନ୍ସ ୫୧ ବଲରୁ ୭ ଚୌକା, ୨ ଛକା ସହ ଅପରାଜିତ ୬୭ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ କିରନ ପୋଲାର୍ଡ ୩୪ (୧୫ ବଲ, ୩ ଚୌକା, ୨ ଛକା), ଆନ୍ଦ୍ରେ ରସେଲ ୩୫ (୧୪ ବଲ, ୨ ଚୌକା, ୪ ଛକା), ବ୍ରେଣ୍ଡନ କିଙ୍ଗ୍ ୩୩ ରନକରି ଆଉଟ ହୋଇଥିଲେ। ୧୯୭ ରନ ଟାର୍ଗେଟର ପିଛା କରି ଶ୍ରୀଲଙ୍କା ୧୯.୧ ଓଭରରେ ୧୭୧ ରନକରି ଅଲଆଉଟ ହୋଇଥିଲା। କୁଶଲ ପେରେରା ୬୬, ହାସରଙ୍ଗା ୪୪ ରନ କରି ଆଉଟ ହୋଇଥିଲେ। ୱେଷ୍ଟଇଣ୍ଡିଜ ତରଫରୁ ଓସେନ ଥୋମାସ ସର୍ବାଧିକ ୫ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

## ଦକ୍ଷିଣ ଆଫ୍ରିକା ସିରିଜ ବିଜୟୀ

**ବ୍ଲୋଏମ୍‌ଫୋଣ୍ଟେନ, ୫।୩**



ଜାନେମନ ମଲନଙ୍କ ଅପରାଜିତ ଶତକ ସହାୟତାରେ ଦକ୍ଷିଣ ଆଫ୍ରିକା ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୫୦ ଓଭରରେ ୨୭୧ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ୪୮.୩ ଓଭରରେ ୪ ଉଇକେଟ ହରାଇ ୨୭୪ ରନ ସଂଗ୍ରହ କରି ନେଇଛି। ୧୩୯ ବଲ୍‌ରୁ ୭ ଚୌକା ଓ ୪ ଛକା ସହାୟତାରେ ୧୨୯ ରନରେ ଅପରାଜିତ ରହି ଦକ୍ଷିଣ ଆଫ୍ରିକା ବିଜୟରେ ହିରୋ ସାବ୍ୟସ୍ତ ହୋଇଛନ୍ତି ମଲନ। ପଦାର୍ପଣ ମ୍ୟାଚରେ ଡକ୍(୦)ରେ ଆଉଟ ହୋଇଥିବା ମଲନ ଦ୍ୱିତୀୟ ମ୍ୟାଚରେ ମ୍ୟାଚ ବିଜୟୀ ଶତକୀୟ ଇନିଂସ ଖେଳି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଦକ୍ଷିଣ ଆଫ୍ରିକା ୨-୦ରେ ଅଗ୍ରଣୀ ରହିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଅଷ୍ଟ୍ରେଲିଆ ଅଧିନାୟକ ଆରନ ଫିଞ୍ଚଙ୍କ ୬୯ ଓ ଡି' ଆର୍ସି ଶର୍ଟଙ୍କ ୬୯ ରନ ବଳରେ ୨୭୧ ରନ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନ୍‌ଗି ଏନ୍‌ଗିଡି ୫୮ ରନ ବିନିମୟରେ ୬ ଉଇକେଟ ସଫଳତା ପାଇଥିଲେ। ଏନରିଚ୍ ନର୍ଜେଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ମଲନଙ୍କ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଶତକ ସହାୟତାରେ ଆହୁରି ୯ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ହେନରିଚ୍ କ୍ଲାସେନ ୫୧, ଜେ. ସ୍ମୁଟ୍ସ ୪୧ ଓ ଡେଭିଡ ମିଲର ୩୭ ରନରେ ଅପରାଜିତ ରହି ମଲନଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ଅଷ୍ଟ୍ରେଲିଆର ଆଡାମ ଜାମ୍ପା ସର୍ବାଧିକ ୨ଟି ଉଇକେଟ ପାଇଥିଲେ। ଏନ୍‌ଗିଡି ଓ ମଲନଙ୍କୁ ଯୁଗ୍ମଭାବେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି।






ଏସ୍‌ଡିସି କପ୍ ଚାମ୍ପିୟନ ସୁନ୍ଦରଗଡ଼ ମହିଳା ଓ ପୁରୁଷ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ। ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୁଟିଆଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

"ମାଞ୍ଚେଷ୍ଟରର ୟୁନାଇଟେଡ୍ ଶୀର୍ଷକୁ ଫେରିବା ଲାଗି ଆଉ ଦୁଇରୁ ତିନିବର୍ଷ ସମୟ ଲାଗିବ। ଏଥିପାଇଁ ଧୈର୍ଯ୍ୟ ଅବଲମ୍ବନ କରିବାକୁ ପଡ଼ିବ ।
–ୱେନ୍ ରୁନି, ମାଞ୍ଚେଷ୍ଟର ୟୁନାଇଟେଡ୍‌ର ରେକର୍ଡ ଗୋଲ ସ୍କୋରର



"ଭାରତୀୟ କ୍ରିକେଟ ପାଇଁ କାର୍ଯ୍ୟକରିବା ଲାଗି ମୋତେ ଆଉଥରେ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି ।
–ସୁନୀଲ ଜୋଷୀ, ନବନିଯୁକ୍ତ ଚୟନ କମିଟି ମୁଖ୍ୟ



## ସଂକ୍ଷେପରେ

### ଅଧିନାୟକ ପଦ ଛାଡ଼ିଲେ ମୋର୍ତାଜା

ସିଏହେଟ୍, ୫।୩ (ଏଏଫ୍‌ପି)- ବରିଷ୍ଠ ବାଂଲାଦେଶ ଦ୍ରୁତ ବୋଲର ମାଶ୍ରାଫି ମୋର୍ତାଜା ଗୁରୁବାର ଦିନିକିଆ ଅଧିନାୟକ ପଦ ଛାଡ଼ିଛନ୍ତି। ଶୁକ୍ରବାର ଜିମ୍ବାୱେ ବିପକ୍ଷରେ ଖେଳାଯିବାକୁ ଥିବା ଅନ୍ତିମ ଦିନିକିଆ ଅଧିନାୟକ ଭାବେ ମୋର ଶେଷ ମ୍ୟାଚ୍ ହେବ। ତେବେ ଜଣେ ଖେଳାଳି ଭାବେ ମନୋନୟନ ପାଇଁ ଉପଲବ୍ଧ ରହିବି। କିନ୍ତୁ ୨୦୨୩ ବିଶ୍ୱକପ୍ ପୂର୍ବରୁ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ରହିଥିବାରୁ ଚୟନକର୍ତ୍ତାମାନେ ଚାପରେ ରହିଛନ୍ତି ବୋଲି ବାଂଲାଦେଶ ପାର୍ଲାମେଣ୍ଟର ଜଣେ ସଦସ୍ୟ ଥିବା ୩୬ ବର୍ଷୀୟ ଏହି ଡାହାଣହାତୀ ବୋଲର କହିଛନ୍ତି। ଏତେ ବର୍ଷ ଧରି ମୋ ଉପରେ ଭରସା କରିଥିବାରୁ ବାଂଲାଦେଶ କ୍ରିକେଟ୍ ବୋର୍ଡକୁ ଧନ୍ୟବାଦ ଦେବି। ଯଦି ମୋତେ ଭବିଷ୍ୟତରେ ସୁଯୋଗ ମିଳେ ତେବେ ଖେଳାଳି ଭାବେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି ବୋଲି ମୋର୍ତାଜା କହିଛନ୍ତି। ଏଥିସହିତ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଅନ୍ତ ଘଟିଛି ବୋଲି ଚର୍ଚ୍ଚା ହେଉଛି। ଗତ ଆଇସିସି ବିଶ୍ୱକପ୍ ପରଠାରୁ ମୋର୍ତାଜା କୌଣସି ଏକଦିବସୀୟ ମ୍ୟାଚ୍ ଖେଳି ନାହାନ୍ତି। ଜିମ୍ବାୱେ ବିପକ୍ଷ ଚଳିତ ସିରିଜରେ ଖେଳିବାକୁ ସୁଯୋଗ ପାଇ ସେ ୨ ମ୍ୟାଚ୍‌ରୁ ୩ ଉଇକେଟ୍ ହାସଲ କରିଛନ୍ତି। ବାଂଲାଦେଶ ଉଭୟ ମ୍ୟାଚ୍ ଜିତି ସିରିଜକୁ ଆଗୁଆ କବ୍‌ଜା କରିସାରିଛି। ପୂର୍ବରୁ ବାଂଲାଦେଶ କ୍ରିକେଟ୍ ବୋର୍ଡର ବାର୍ଷିକ ଖେଳାଳି ଚୁକ୍ତିରୁ ତାଙ୍କୁ ବାଦ୍ ଦିଆଯାଇଛି।

### କିମ୍ବଦନ୍ତୀ ଫୁଟବଲର ରୋନାଲ୍ଡିନୋ ଗିରଫ

ନୂଆଦିଲ୍ଲୀ, ୫।୩- ବ୍ରାଜିଲର କିମ୍ବଦନ୍ତୀ ଫୁଟବଲର ରୋନାଲ୍ଡିନୋ ପାରାଗୁଏରେ ଗିରଫ ହୋଇଛନ୍ତି। ଏହି ଦକ୍ଷିଣ ଆମେରିକୀୟ ଦେଶରେ ପ୍ରବେଶ କରିବା ଲାଗି ସେ ଫେକ ଡକ୍ୟୁମେଣ୍ଟ ବ୍ୟବହାର କରିଛନ୍ତି। ୨୦୦୨ରେ ବ୍ରାଜିଲକୁ ଫିଫା ବିଶ୍ୱକପ୍ ଚାମ୍ପିୟନ କରାଇଥିବା ୩୯ ବର୍ଷୀୟ ରୋନାଲ୍ଡିନୋ ଓ ତାଙ୍କ ଭାଇ ରବର୍ଟୋଙ୍କୁ ରିଜର୍ଟ ୟ୍ୟାଚ୍ ଓ ଗଲ୍ଫ କ୍ଲବ ପାରାଗୁଏଠାରେ ବୁଧବାର ରାତିରେ ପଚରାଉଚରା କରାଯାଇଛି। ଏ ନେଇ ପାରାଗୁଏର ମିନିଷ୍ଟ୍ରି ଅଫ୍ ଇଣ୍ଟେରିଅର ପକ୍ଷରୁ ସ୍ପଷ୍ଟ କରିଛି। ସେମାନଙ୍କ ହୋଟେଲ ରୁମରେ ମିଳିଥିବା ପାସପୋର୍ଟରେ ରୋନାଲ୍ଡିନୋ ଓ ରବର୍ଟୋ ପାରାଗୁଏର ନାଗରିକ ବୋଲି ଦର୍ଶାଯାଇଛି। ରୋନାଲ୍ଡିନୋଙ୍କୁ ଏକ କାସିନୋ ମାଲିକ ନେଲସନ ବେଲୋଟି ଆମନ୍ତ୍ରଣ କରିଥିବା ଗୁରୁବାର ସକାଳେ ପାରଗୁଏ ପୋଲିସ ଏକ ବିବୃତି ପ୍ରକାଶ କରିଛି। ତାଙ୍କ ନିକଟରେ ବ୍ରାଜିଲ ପାସପୋର୍ଟ ନ ଥିଲା। ଏହାର କାରଣ ତାଙ୍କୁ ୨୦୧୮ରେ ପରିବେଶକୁ ଦୂଷିତ କରିବା ଲାଗି ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୨୦୧୫ରେ ଲେକ ଗୁଆଇବାଠାରେ ସେ ବିନା ଲାଇସେନ୍ସର ସ୍ଥାୟୀ ସଂରକ୍ଷଣ ଅଞ୍ଚଳରେ ମାଛ ଧରିବା ଲାଗି ଜାଲ ବିଛାଇଥିଲେ। ଏଥିଯୋଗୁ ୨୦୧୮ ନଭେମ୍ବରରେ ତାଙ୍କୁ ୮.୫ ନିୟୁତ ଡଲାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଥିଲେ ବ୍ରାଜିଲର ସୁପେରିଅର କୋର୍ଟ। କିନ୍ତୁ ଅର୍ଥ ଦାଖଲ କରି ନ ଥିଲେ। ଏଣୁ କୋର୍ଟ ରୋନାଲ୍ଡିନୋ ଓ ରବର୍ଟୋଙ୍କୁ ଦେଶ ଛାଡ଼ି ବାହାରକୁ ଯାଇ ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏଥିଯୋଗୁ ସେମାନଙ୍କ ନିକଟରେ ବ୍ରାଜିଲ ପାସପୋର୍ଟ ନାହିଁ। ୨୦୦୫ରେ ବାଲୋନ ଡି'ଅର ପୁରସ୍କାର ଜିତିବା ସହ ସେହିବର୍ଷ ଓ ୨୦୦୪ ରେ ଶ୍ରେଷ୍ଠ ଫିଫା ଖେଳାଳି ପୁରସ୍କାର ପାଇଥିଲେ। ୨୦୦୨ରେ ଜାପାନ ଓ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ତାଙ୍କ ପ୍ରତିନିଧିତ୍ୱରେ ବ୍ରାଜିଲ ଚାମ୍ପିୟନ ହୋଇଥିଲା।

### ଚେସ୍ ପ୍ରଶିକ୍ଷଣ ଶିବିର ୧୧ରୁ

କଟକ ଅଫିସ,୫।୩- ବାଦାମବାଡ଼ି ବରାଳ ଲେନ୍‌ସ୍ଥିତ ଏସ୍‌ଆର୍ ଚେସ୍ ସେଣ୍ଟରରେ ଆସନ୍ତା ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଚେସ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ପ୍ରତିଦିନ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଶିବିର ଚାଲିବ। ସାଢେ ୪ ବର୍ଷରୁ ଊର୍ଦ୍ଧ୍ୱ ଇଚ୍ଛୁକ ଶିକ୍ଷାର୍ଥୀ ୪୦୦ ଟଙ୍କା ପ୍ରବେଶ ଫି' ଦେଇ ଶିବିରରେ ଅଂଶଗ୍ରହଣ କରିପାରିବେ। ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରିବିଗ୍‌ନର, ବିଗ୍‌ନର ଓ ଇଣ୍ଟରମିଡିଏଟ୍ ଭଳି ୩ଟି ବିଭାଗରେ ବିଭକ୍ତ କରାଯିବ। ବରିଷ୍ଠ ପ୍ରଶିକ୍ଷକଙ୍କ ଦ୍ୱାରା ଚେସ୍‌ର ମୌଳିକ ଜ୍ଞାନ, କୌଶଳପୂର୍ଣ୍ଣ ଚାଲ୍ ଚଳାଇବା ଆଦି ଶିକ୍ଷା ଦିଆଯିବ ବୋଲି ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରଶିକ୍ଷଣ ଶିବିର ସମ୍ପର୍କରେ ଅଧିକ ତଥ୍ୟ ନିମନ୍ତେ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।

# ଓଡ଼ିଶା ପୁରୁଷ ହକି ଦଳ ଚାମ୍ପିୟନ



ପୁରୁଷ ହକି ଚାମ୍ପିୟନ ଓଡ଼ିଶା ଦଳ।

## ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା

ଭୁବନେଶ୍ୱର, ୫।୩(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାର ବୁଧବାର ତୃତୀୟ ଦିବସରେ ଓଡ଼ିଶା ୧ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛି। ପୁରୁଷ ହକି ଫାଇନାଲରେ ତାମିଲନାଡୁକୁ ହରାଇ ଓଡ଼ିଶା ଚାମ୍ପିୟନ ହେବା ସହ ସ୍ୱର୍ଣ୍ଣ ପଦକ ଜିତିଛି। ଶଟ୍‌ପୁଟ୍(ପୁରୁଷ ଓପନ)ରେ ଗୌତମ ପ୍ରଧାନ ଓ ଭାଟେରାନ ପୁରୁଷ ଜାଭେଲିନ୍ ଥ୍ରୋରେ ଇନ୍ଦୁଲତା ଭଞ୍ଜ ରୌପ୍ୟ ପଦକ ଲାଭ କରିଛନ୍ତି। ତୃତୀୟ ଦିବସ ଶେଷରେ ଛତିଶଗଡ଼କୁ ପଛରେ ପକାଇ କର୍ଣ୍ଣାଟକ ପଦକ ତାଲିକାର ଶୀର୍ଷକୁ ଉନ୍ନୀତ ହୋଇଛି। ତୃତୀୟ ଦିବସରେ ୨୦ ପଦକ ପାଇବା ସହ କର୍ଣ୍ଣାଟକ ପଦକ ସଂଖ୍ୟା ୩୮ (୧୭+୧୩+୮)ରେ ପହଞ୍ଚିଥିବାବେଳେ ଛତିଶଗଡ଼ ୩୪ (୧୫+୧୩+୬) ଓ କେରଳ ୩୩ (୧୦+୯+୧୪) ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶା ମୋଟ ୭ (୧+୩+୩) ପଦକ ପାଇଛି।

# ସେକ୍ରେଟାରିଏଟ କପ୍ କ୍ରିକେଟ ଉଦ୍‌ଯାପିତ



ସେକ୍ରେଟାରିଏଟ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଅବସରରେ ଗୁରୁବାର ଶ୍ରେଷ୍ଠ କ୍ରୀଡ଼ା ସଙ୍ଗଠକ ଭାବେ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୫।୩(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡ଼ାସଂଘ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ବିଭାଗୀୟ ସେକ୍ରେଟାରିଏଟ କପ୍ କ୍ରିକେଟ ଗୁରୁବାର ଉଦ୍‌ଯାପିତ ହୋଇଛି। ୟୁନିଟ-୬ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ହରାଇ ଯୋଜନା ଓ ସଂଯୋଜନା ବିଭାଗ ଚାମ୍ପିୟନ ହୋଇଛି। ଯୋଜନା ଓ ସଂଯୋଜନା ବିଭାଗର ଦେବ ପ୍ରସାଦ ପତି ମ୍ୟାନ ଅଫ ଦି ମ୍ୟାଚ ଓ ଟୁର୍ନାମେଣ୍ଟ ପୁରସ୍କାର ଲାଭ କରିଥିଲେ। ଏହି ଅବସରରେ ସଚିବାଳୟର ମହିଳା ମାନଙ୍କୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ ମଧ୍ୟ କରାଯାଇଥିଲା। ଏଥିରେ ମିତଲ ୱାରିୟର୍ସକୁ ସୁପର ଟାଇଟନ୍ସ ପରାସ୍ତ କରିଥିଲା। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ଶାସନ ସଚିବ ଦିଲୀପ ରାଉତରାୟ ମୁଖ୍ୟ ଅତିଥି, ଅର୍ଥ ବିଭାଗ ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ପ୍ରଦୀପ୍ତ କୁମାର ନନ୍ଦ, ଉପ ଶାସନ ସଚିବ ଚିତ୍ତରଞ୍ଜନ ହୋତା, ଡିଜିଏମ ପି. କେ. ଦାସ ଏବଂ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ା ସଂଘର ସଭାପତି ଦେବୀଦତ୍ତ ମିଶ୍ର, ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ ଏବଂ କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ସ୍ଥଗିତ ରହିପାରେ ବିଶ୍ୱକପ୍ କ୍ୱାଲିଫାୟର୍ସ

ଜୁରିଚ୍, ୫।୩

ମାରାତ୍ମକ କରୋନା ଭାଇରସ୍ ବିପଦ କ୍ରୀଡ଼ା ଜଗତ ଉପରେ ପ୍ରଭାବ ପକାଇବାରେ ଲାଗିଛି। ଏଥିପାଇଁ ଅନେକ ଟୁର୍ନାମେଣ୍ଟ ବାତିଲ ହୋଇଥିବାବେଳେ ଆଉ କେତେକ ପ୍ରତିଯୋଗିତାକୁ ସ୍ଥଗିତ ରଖିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଥଲେଟ୍‌ଙ୍କ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି ହୋଇଛି। ଏହି କ୍ରମରେ ଚଳିତମାସ ୨୬ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଭାରତ-କାତାର ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ସ୍ଥଗିତ ରହିବା ସମ୍ଭାବନା ବଢ଼ି ଯାଇଛି। ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ପକ୍ଷରୁ ଗୁରୁବାର ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ୨୦୨୨ ବିଶ୍ୱକପ୍ ଏବଂ ୨୦୨୩ ଏସିଆନ କପ୍ ପାଇଁ ଆଗକୁ ଖେଳାଯିବାକୁ ଥିବା ସମସ୍ତ କ୍ୱାଲିଫାୟର୍ସ ମ୍ୟାଚକୁ ସ୍ଥଗିତ ରଖିବା ଲାଗି ପ୍ରସ୍ତାବ ଦିଆ ଯାଇଛି। ତନ୍ମଧ୍ୟରେ କାତାର ବିପକ୍ଷରେ ଭାରତ ଖେଳିବାକୁ ଥିବା ହୋମ୍ ଗେମ୍ (କଳିଙ୍ଗ ଷ୍ଟାଡିୟମ) ରହିଛି। ବିଶ୍ୱ ଫୁଟ୍‌ବଲ ପରିଚାଳନା ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଫିଫା ଏବଂ ଏସିଆନ ଫୁଟ୍‌ବଲ କନଫେଡେରେଶନ(ଏଏଫ୍‌ସି) ମଧ୍ୟରେ ଏକ ବୈଠକ ବସିଥିଲା। ଏଥିରେ ଏସିଆରେ ଫୁଟ୍‌ବଲ କାର୍ଯ୍ୟକଳାପକୁ ନେଇ ଆଲୋଚନା ହୋଇଥିଲା। କ୍ୱାଲିଫାୟର୍ସ ମ୍ୟାଚ ସ୍ଥଗିତ ରଖିବା ପାଇଁ ଫିଫା ପକ୍ଷରୁ ପ୍ରସ୍ତାବ ଦିଆ ଯାଇଥିବାରୁ ଏହା ଶତପ୍ରତିଶତ କାର୍ଯ୍ୟକାରୀ ହେବା ସମ୍ଭାବନା ରହିଛି।

ଫୁଟ୍‌ବଲ ସହିତ ସମ୍ପୃକ୍ତଥିବା ସମସ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଉଭୟ ଫିଫା ଓ ଏଏଫ୍‌ସି ଗୁରୁତ୍ୱ ଦିଅନ୍ତି ବୋଲି ଫିଫା ତରଫରୁ ପ୍ରକାଶିତ ଏକ ଇସ୍ତାହାରରେ କୁହାଯାଇଛି। ଆଗକୁଥିବା କ୍ୱାଲିଫାଇଙ୍ଗ ମ୍ୟାଚଗୁଡ଼ିକୁ ସ୍ଥଗିତ ରଖିବା ଲାଗି ସମ୍ପୃକ୍ତ ସଦସ୍ୟ ଆସୋସିଏଶନଗୁଡ଼ିକର ମତାମତ ଲୋଡାଯାଇଛି। ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ଜିତିପାରି ନ ଥିବାରୁ ଭାରତ ଯଦିଓ ବିଶ୍ୱକପ୍ ଦୌଡ଼ରେ ନାହିଁ ତେବେ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ମାର୍ଚ୍ଚ ୨୬ରେ ଭୁବନେଶ୍ୱରରେ କାତାରକୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଦଳ ପରେ ଜୁନ୍‌ରେ ବାଂଲାଦେଶ ଏବଂ ଆଫଗାନିସ୍ତାନ ସହ ମୁକାବିଲା କରିବ। ସୂଚନାଯୋଗ୍ୟ, ଓମାନ ବିପକ୍ଷରେ ଭାରତ ଏହାର ପ୍ରଥମ ବିଶ୍ୱକପ୍ କ୍ୱାଲିଫାଇଙ୍ଗ ମ୍ୟାଚ ହାରିଯାଇଥିଲା। କିନ୍ତୁ ଦେଶ ବାହାରେ ଏସିଆନ ଚାମ୍ପିୟନ କାତାର ବିପକ୍ଷ ମ୍ୟାଚ ଗୋଲ ଶୂନ୍ୟ ଡ୍ର ରଖି ସମ୍ଭାବନା ଉଜ୍ଜୀବିତ ରଖିଥିଲା। ପରେ ଦଳ ବାଂଲାଦେଶ ଓ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ ଶେଷ ମୁହୂର୍ତ୍ତରେ ଡ୍ର ରଖିଥିଲା। ବିଦେଶରେ ଓମାନ ବିପକ୍ଷ ମ୍ୟାଚ ୧-୦ ଗୋଲରେ ପରାଜିତ ହେବା ଦ୍ୱାରା ଭାରତ ବିଶ୍ୱକପ୍ ଯୋଗ୍ୟତା ହାସଲ ଦୌଡ଼ରୁ ବାଦ୍ ପଡ଼ିଥିଲା। ଦଳ ବର୍ତ୍ତମାନ ୨୦୨୩ ଏସିଆ କପ୍ ପାଇଁ ଯୋଗ୍ୟତା ହାସଲ କରିବାକୁ ଚାହୁଁଛି। ଉକ୍ତ ବୈଠକରେ ଆହୁରି ମଧ୍ୟ କୋରିଆ ରିପବ୍ଲିକ ଏବଂ ଚାଇନା ମଧ୍ୟରେ ଖେଳାଯିବାକୁଥିବା ମହିଳା ଅଲିମ୍ପିକ ପ୍ଲେ-ଅଫ୍ ଏବଂ ୨୦୨୦ରେ ତୁର୍କମେନିସ୍ତାନରେ ହେବାକୁଥିବା ଏଏଫ୍‌ସି ଫୁଟ୍‌ସାଲ ଚାମ୍ପିୟନଶିପ୍ ସମ୍ପର୍କରେ ଆଲୋଚନା ହୋଇଥିଲା।

### ସ୍ୱତନ୍ତ୍ର ରେକର୍ଡ ଅଧିକାରୀ ପୋଲାର୍ଡ

ପାଲିକେଲ,୫।୩

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କିରନ ପୋଲାର୍ଡ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ବିଶ୍ୱର ପ୍ରଥମ କ୍ରିକେଟର ଭାବେ ସେ ୫୦୦ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଏଥିସହ କ୍ରିକେଟର ସବୁଠୁ ଛୋଟ ଫର୍ମାଟରେ ୧୦ ହଜାର ରନ୍ ପୂରଣ କରିବାରେ ବିଶ୍ୱର ସେ ଦ୍ୱିତୀୟ ବ୍ୟାଟ୍ସମ୍ୟାନ ହୋଇପାରିଛନ୍ତି। ଅଧିନାୟକ ପୋଲାର୍ଡ ଏହି ମ୍ୟାଚ୍ ପୂର୍ବରୁ ଉଭୟ ଅନ୍ତର୍ଜାତୀୟ ଓ ଫ୍ରାଞ୍ଚାଇଜ ଭିତ୍ତିକ କ୍ରିକେଟରେ ମୋଟ ୯,୯୬୬ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ସେ ୧୫ ବଲରେ ୩୪ ରନ୍ କରି ନିଜ ଦେଶର ବିସ୍ଫୋରକ ଓପନର କ୍ରିସ ଗେଲଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଗେଲ ଟି୨୦ ଫର୍ମାଟରେ ସର୍ବାଧିକ ୧୩,୨୯୬ ରନ୍ କରିଛନ୍ତି। ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ବ୍ୟତୀତ ୩୨ ବର୍ଷୀୟ ଖେଳାଳି ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ବାଂଲାଦେଶ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନରେ ଫ୍ରାଞ୍ଚାଇଜ ଭିତ୍ତିକ କ୍ରିକେଟ ଖେଳନ୍ତି। ଏହି ଅବସରରେ ଗେଲ ଟୁଇଟ୍ କରି ପୋଲାର୍ଡଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କଳିଙ୍ଗରେ ତୃତୀୟ ପର୍ଯ୍ୟାୟ ମ୍ୟାଚ

ନୂଆଦିଲ୍ଲୀ, ୫।୩

ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଏବଂ ହକି ଇଣ୍ଡିଆ ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ମହିଳା ହକି ଲିଗ(୨୧ ବର୍ଷରୁ କମ୍)ର ପ୍ରଥମ ସଂସ୍କରଣ ଚଳିତ ବର୍ଷ ମାର୍ଚ୍ଚରୁ ନଭେମ୍ବର ମଧ୍ୟରେ ଅନୁଷ୍ଠିତ ହେବ। ଏହା ୩ଟି ପର୍ଯ୍ୟାୟରେ ଭିନ୍ନଭିନ୍ନ ଭେନ୍ୟୁରେ ଆୟୋଜିତ ହେବ। ଏହି କ୍ରମରେ ଲିଗ୍‌ର ତୃତୀୟ ପର୍ଯ୍ୟାୟ ନଭେମ୍ବର ୨୨ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୨୩ରୁ ୨୯ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୧୩ରୁ ୧୯ ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ହେବ।

"ଖେଲୋ ଇଣ୍ଡିଆ ସ୍କିମ୍‌ରେ ବିଭିନ୍ନ କ୍ରୀଡ଼ା ପାଇଁ ପ୍ରତିଭା ଅନୁସନ୍ଧାନ ଲାଗି ପ୍ଲାଟଫର୍ମ ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମହିଳା ହକି ଲିଗ୍ ଏହାର ଏକ ଅଂଶବିଶେଷ। ବର୍ତ୍ତମାନ ଭାରତରେ ସୀମିତ ସଂଖ୍ୟାରେ ଜାତୀୟ ସ୍ତରୀୟ ମହିଳା ହକି ଟୁର୍ନାମେଣ୍ଟ ହେଉଛି। ତେଣୁ ଆମେ ଏପରି ଏକ ଲିଗ୍ ପାଇଁ ନିଷ୍ପତ୍ତି ନେଇଛୁ। ଏହାଦ୍ୱାରା ୨୧ ବର୍ଷରୁ କମ୍ ବର୍ଗରେ ଅଧିକରୁ ଅଧିକ ପ୍ରତିଭା ସାମ୍ନାକୁ ଆସିପାରିବେ" ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ପ୍ରକାଶ କରିଛନ୍ତି।

ଲିଗ୍‌ର ପ୍ରଥମ ସଂସ୍କରଣରେ ୧୪ଟି ଦଳ ଅଂଶଗ୍ରହଣ କରିବେ। ପ୍ରଥମେ ଯେଉଁ ଦଳ ଗୁଡ଼ିକ ଆସି ନାମ ପଞ୍ଜୀକରଣ କରିବେ ସେଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ତେବେ ଏଥିରେ ଭାଗ ନେବାପାଇଁ ନିୟମାବଳୀ ରହିଛି। ସେହି ଆଧାରରେ ଦଳ ଗୁଡ଼ିକୁ ନିଆଯିବ। ୧୪ଟି ଦଳକୁ ୨ଟି ପୁଲ୍‌ରେ ବିଭକ୍ତ କରାଯିବ। ପ୍ରତି ପୁଲ୍‌ରେ ୭ଟି ଲେଖାଏ ଦଳ ରହିବେ। ତେଣୁ ପ୍ରଥମ ପର୍ଯ୍ୟାୟ ଲିଗ୍‌ରେ ୭ଟି ଓ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ରେ ୭ଟି ଦଳ ଭାଗନେବେ। ଉଭୟ ପର୍ଯ୍ୟାୟରେ ଦଳ ଗୁଡ଼ିକ ରାଉଣ୍ଡ ରବିନ ଫର୍ମାଟରେ ୬ଟି ଲେଖାଏ ମ୍ୟାଚ ଖେଳିବା ସୁଯୋଗ ପାଇବେ। ପ୍ରଥମ ୨ ପର୍ଯ୍ୟାୟ ପରେ ବିଭିନ୍ନ ଦଳ ଗୁଡ଼ିକର ର୍ୟାଙ୍କିଙ୍ଗ ଭିତ୍ତିରେ କ୍ଲାସିଫିକେଶନ ମ୍ୟାଚ ତୃତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଶେଷରେ ଚାମ୍ପିୟନ ନିର୍ଦ୍ଧାରଣ ପାଇଁ ଫାଇନାଲ ମ୍ୟାଚ ସହ ଲିଗ୍ ଶେଷ ହେବ। ଏଥିରେ ହକି ଇଣ୍ଡିଆ ସହ ଅନୁବନ୍ଧିତ ବିଭିନ୍ନ ଏକାଡେମୀ ଓ ପବ୍ଲିକ୍ ସେକ୍ଟର ୟୁନିଟ(ପିଏସୟୁ) ଭାଗ ନେଇପାରିବେ। ୨୦୦୦ ଜାନୁୟାରୀ ୧ ପରେ ଜନ୍ମଗ୍ରହଣ କରିଥିବା ପିଲାମାନେ ଏଥିରେ ଭାଗ ନେଇପାରିବେ। ୧୪ଟି ଯାକ ଦଳରେ ୧୮ ଜଣ ଲେଖାଏ ଖେଳାଳି ଏବଂ ୪ ସପୋର୍ଟ ଷ୍ଟାଫ୍(ମୁଖ୍ୟ କୋଚ୍, ଟିମ୍ ମ୍ୟାନେଜର, ଡାକ୍ତର ଓ ଫିଜିଓ) ରହିବେ।

"ଦେଶରେ ହକିର ଉନ୍ନତି ପାଇଁ ହକି ଇଣ୍ଡିଆ ପ୍ରତିଶ୍ରୁତିବଦ୍ଧ। ସାଇ ପକ୍ଷରୁ ନିଆଯାଇଥିବା ନୂଆ ପଦକ୍ଷେପ ଦ୍ୱାରା ଦେଶର ୨୧ ବର୍ଷରୁ କମ୍ ମହିଳା ଖେଳାଳିମାନେ ଖେଲୋ ଇଣ୍ଡିଆ ସ୍କିମ୍‌ରେ ବର୍ଷସାରା ଉଚ୍ଚସ୍ତରରେ ମ୍ୟାଚ ଖେଳିବା ସୁଯୋଗ ପାଇପାରିବେ। ଏହି ଲିଗ୍‌ରେ ଗୋଟିଏ ସିଜନରେ ପ୍ରତି ଦଳ ଅତିକମ୍‌ରେ ୧୫ଟି ମ୍ୟାଚ ଖେଳିବାର ସୁଯୋଗ ପାଇବ। ଏହାଦ୍ୱାରା ହକି ଇଣ୍ଡିଆ ସହ ଅନୁବନ୍ଧିତ ବିଭିନ୍ନ ଏକାଡେମୀ ଓ ପବ୍ଲିକ୍ ସେକ୍ଟର ୟୁନିଟ (ପିଏସୟୁ)ର ଖେଳାଳିମାନେ ସେମାନଙ୍କ ପ୍ରତିଭା ଦେଖାଇ ପାରିବେ। ଏହାଦ୍ୱାରା ଭବିଷ୍ୟତରେ ସେମାନେ ଭାରତୀୟ ଦଳ ଗଠନ ପ୍ରକ୍ରିୟାରେ ମଧ୍ୟ ସାମିଲ ହୋଇ ପାରିବେ" ବୋଲି ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ପ୍ରକାଶ କରିଛନ୍ତି।

### ହାରିକା ମିଳିତ ଅଗ୍ରଣୀ

ଲାଉସାନେ, ୫।୩ (ପି.ଟି.)

ଚଳିତ ଫିଡେ ମହିଳା ଚେସ୍ ଗ୍ରାଁ.ପ୍ରି.ର ତୃତୀୟ ରାଉଣ୍ଡରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଦ୍ରୋଣାଭାଲି ହାରିକା ବିଶ୍ୱ ଚାମ୍ପିୟନ ଜୁ ୱେନ୍‌ଜୁନ୍‌ଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଏଥିସହିତ ସେ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ୩ ରାଉଣ୍ଡ ଖେଳ ପରେ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ହାରିକା ଓ ଅନ୍ୟ ୪ଜଣଙ୍କ ସମାନ ୨ ପଏଣ୍ଟ ଲେଖାଏଁ ଅର୍ଜନ କରିଛନ୍ତି। ଧଳା ଦାନରେ ଖେଳିଥିବା ଭାରତୀୟ ଖେଳାଳି ୫୪ ମୁଭ୍‌ରେ ବିଶ୍ୱର ୩ ନମ୍ବର ର୍ୟାଙ୍କିଙ୍ଗପ୍ରାପ୍ତ ଚାଇନିଜ ଖେଳାଳିଙ୍କୁ ହରାଇ ଦେଇଥିଲେ। ୨ ପଏଣ୍ଟ ଅର୍ଜନ କରିଥିବା ଅନ୍ୟ ଖେଳାଳିମାନେ ହେଲେ ରୁଷିଆର ଅଲିନା କାସ୍‌ଲିନ୍ସକାୟା ଓ ଆଲେକ୍‌ଜାଣ୍ଡ୍ରା ଗୋରିୟାଚ୍‌କିନା, ୟୁକ୍ରେନର ଆନ୍ନା ମୁଜିଚୁକ୍ ଏବଂ ଜର୍ଜିଆର ନାନା ଡିଜାଗ୍‌ନିଡଜେ। ବୁଧବାର ଖେଳାଯାଇଥିବା ୬ଟି ଗେମ୍‌ରୁ ୩ଟି ନିର୍ଣ୍ଣାୟକ ହୋଇଥିଲା। ହାରିକାଙ୍କ ବ୍ୟତୀତ କାସ୍‌ଲିନ୍ସକାୟା ଓ ମୁଜିଚୁକ୍ ସେମାନଙ୍କ ଗେମ୍‌ରେ ବିଜୟୀ ହୋଇଥିଲେ। ୨୯ ବର୍ଷୀୟା ହାରିକା ଚତୁର୍ଥ ରାଉଣ୍ଡରେ ଡିଜାଗ୍‌ନିଡଜେଙ୍କୁ ଭେଟିବେ।




ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓଡ଼ିଶା ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786


# ସାମସଦ୍, ରଶ୍ମିରଞ୍ଜନ ଚାମ୍ପିୟନ୍

## ବିଜୁ ପଟ୍ଟନାୟକ ମିନି ମାରାଥନ

ଭୁବନେଶ୍ୱର, ୫।୩(ବ୍ୟୁରୋ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳ ୭ଟାରେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଜୁ ପଟ୍ଟନାୟକ ପାର୍କ (ଫରେଷ୍ଟ ପାର୍କ) ନିକଟରୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପାଖାପାଖି ୩୦୦୦ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଏହି ମିନି ମାରାଥନ ବିଜୁ ପଟ୍ଟନାୟକ ପାର୍କରୁ ବାହାରି ଶିଶୁଭବନ ଛକ, ରାଜମହଲ ଛକ, ଏଜି ଛକ, ରାଜଭବନ ଛକ, ପାୱାର ହାଉସ୍ ଛକ ଦେଇ କଳିଙ୍ଗ ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ୧୫ରୁ ୧୮ ବର୍ଷ ବାଳିକାବାଳକ, ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଏବଂ ୫୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନ୍ ମହିଳା ଓ ପୁରୁଷ ବର୍ଗରେ ଅନୁଷ୍ଠିତ ମୋଟ ୬ଟି ବର୍ଗର ଶ୍ରେଷ୍ଠ ୫ ଜଣ ପ୍ରତିଯୋଗୀଙ୍କୁ ମୋଟ ୧ ଲକ୍ଷ ୫୮ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ବାବଦରେ ପ୍ରଦାନ କରାଯାଇଥିଲା। ୧୮ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ବର୍ଗରେ ରଶ୍ମି ରଞ୍ଜନ ନାୟକ ଏବଂ ମହିଳା ବର୍ଗରେ ସାମ୍‌ସଦ୍ ଆରା ବେଗମ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ୧୫ରୁ ୧୮ ବର୍ଷ ବାଳକ ବର୍ଗରେ ରାଜେନ୍ଦ୍ର କୁମାର ବିନ୍ଦ ଓ ବାଳିକା ବର୍ଗରେ ଇତିଶ୍ରୀ ମହାନ୍ତ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି ଅବସରରେ ଦ୍ୱିତୀୟ ଓ ତୃତୀୟରେ ଥିବା ପ୍ରତିଯୋଗୀଙ୍କୁ ପ୍ରଥମ ପ୍ରତିଯୋଗୀଙ୍କ ସହ ଅର୍ଥ ପୁରସ୍କାର ଚେକ୍ ଆକାରରେ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଭେଟେରାନ୍ ବର୍ଗରେ ଏ. ବାବା ଓ ମହିଳା ବର୍ଗରେ ଡଲି ମହାନ୍ତି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ବେହେରା ଏବଂ ବିଭାଗୀୟ ଶାସନ ସଚିବ ବିଶାଳ ଦେବ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।




ଜଣେ କୃତୀ ମହିଳା ପ୍ରତିଯୋଗୀଙ୍କୁ କ୍ରୀଡା ସଚିବ ବିଶାଳ ଦେବ ଓ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କୃତ କରୁଛନ୍ତି।


ମନେ ପଡ଼ନ୍ତି

୨୦ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଦୁର୍ଯ୍ୟୋଧନ ବେହେରା
ଲକ୍ଷ୍ମୀବଜାର, ଢେଙ୍କାନାଳ ଭୂତପୂର୍ବ ଶାଖା ପରିଚାଳକ, ଏସ୍‌ବିଆଇ ବଇଣ୍ଡା ଶାଖା
ଆବିର୍ଭାବ: ୧୬।୦୪।୧୯୪୫
ତିରୋଧାନ: ୦୬।୦୩।୨୦୦୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିର ପାଥେୟ ହେଉ। ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା। ପତ୍ନୀ: ଇଳା, ପରିବାର ଏବଂ ଆତ୍ମୀୟସ୍ୱଜନ।
ଧ-୬୬୮୪୫

୧୮ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କ୍ଷେତ୍ରମଣୀ ପଟ୍ଟନାୟକ
ଆବିର୍ଭାବ: ୧୩।୧୦।୧୯୩୨
ତିରୋଧାନ: ୨୬।୦୩।୨୦୦୨
ବୋଉ ତୋର ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଯେଉଁଠି ଅଛୁ ଭଲରେ ଥାଅ, ସ୍ନେହଭରା ଆଖିରେ ଚାହିଁଥାଅ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୭୦୧୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ଇଂ.କେଦାରନାଥ ମିଶ୍ର
ପ୍ଲଟ୍ ନଂ.ଏ/୧୦୨, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ : ୨୬.୧୧.୧୯୪୦
ତିରୋଧାନ : ୨୬.୦୨.୨୦୧୮
ଆପଣଙ୍କ ନୀତି, ଆଦର୍ଶ ଓ ପ୍ରେରଣା ଆମମାନଙ୍କ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ସ୍ତ୍ରୀ-ଶୈଳବାଳା ମିଶ୍ର, ପୁତ୍ର-ଶୁଭେନ୍ଦ୍ର ମିଶ୍ର, କନ୍ୟା-ସଂଘମିତ୍ରା ମିଶ୍ର, ନାତି-ସତ୍ୟଜିତ୍ ଦାଶ, ନାତୁଣୀ-ଶାଶ୍ୱତୀ ମିଶ୍ର
ଧ-୧୭୦୨୮

# ଧରିତ୍ରୀ DHARITRI

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍ସାଇଟ୍
www.dharitri.com/category/selfie



ଆଶୁତୋଷ



ବଦ୍ରିନାଥ



ବିନାୟକ



ମନୋଜ



ରାଜେନ୍ଦ୍ର

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ୨୧ରୁ ୧୧ ହାଇସ୍କୁଲରେ ନାଇଁ ଖେଲ୍ ପଡ଼ିଆ

**ବିନିକା, ୫।୩ (ଡି.ଏନ୍.ଏ.)**

ମାନିସିକ, ଶାରୀରିକ ବିକାଶ ସଂଗେ ଦିହିପାକେ ନିରୁଜ୍ ରଖବାକେ ହେଲେ ଖେଲକୁଦ ନିହାତି ଦରକାର। ସେଥିରଲାଗି ସରକାର ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କର ଶାରୀରିକ, ମାନସିକ ବିକାଶ ଲାଗି ପାଠ୍‌ପଢ଼ା ସଂଗେ ଖେଲକୁଦକେ ଯୁଡ଼ିଛନ୍। ସ୍କୁଲ, କଲେଜମାନକେ ଖେଲ ଶିକ୍ଷକ ନିଯୁକ୍ତ କରିଛନ୍। ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ା ସଂଗେ ଗୁଟେ ଖେଲ ପିରିୟଡ ବି ରହୁଛେ। ହେଲେ ଦୁଖର କଥା କେନ୍ଠାନେ ଖେଲ ଶିକ୍ଷକ ଅଛନ୍ ତ ଖେଲପଡ଼ିଆ ନାଇଁ। ସେନ୍ତା ଆରକେନ୍ନେ ଖେଲ ପଡ଼ିଆ ଅଭାବୁ ଶିକ୍ଷକ, ଛାତ୍ରୀଛାତ୍ର ବସିଛନ୍। ଇ ବାବ୍‌ଦେ ଶିକ୍ଷା ବିଭାଗ ବି ପରଶାସନ ଆର ରାଏଜ୍ ସରକାରଙ୍କୁ ଭିନେ ଭିନେ ସମିଆରେ ଚିଠି ଲେଖି ନିଜର ମୁଣ୍ଡୁ ଦୋଷ ଖସ୍‌ରଉଛେ।

ସୂଚନା ଅନ୍‌ସାରେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ମୋଟ ୨୧ଟା ସରକାରୀ ହାଇସ୍କୁଲ ରହିଛେ। ସେ ଭିତ୍‌ରୁ ୧୧ଟା ହାଇସ୍କୁଲରେ ଖେଲ ପଡ଼ିଆ ନାଁଇଁନ। ୧୦ଟା ହାଇସ୍କୁଲରେ ଖେଲ ପଡ଼ିଆ ଥାଇ ବି ନାଇଁଥିଲା ସଂଗେ ସମାନ ଆଏ। ଇ ହାଇସ୍କୁଲମାନକେ ଥିବାର ଖେଲ ପଡ଼ିଆର ଉନ୍‌ନତିକରନ ନାଇଁ ହେବାର। ଯେନ୍‌ଥିର ଲାଗି ଛାତ୍ରୀଛାତ୍ର ଖେଲକୁଦ ଲାଗି ପଡ଼ିଆ ବେଭାର କରି ନାଇଁ ପାରବାର। ହେଲେ ଇ ଦିଗେ ଜିଲା ପରଶାସନ କି ଶିକ୍ଷା ବିଭାଗର ଦରଦ୍ ନାଇଁଥିବାର ଅଭିଭାବକ ମହଲରୁ ଅଭିଯୋଗ ହେଉଛେ। ସେନ୍ତା ଖେଲ ପଡ଼ିଆ ନାଇଁଥିବାର ହାଇସ୍କୁଲମାନେ ବି ଖେଲ ଶିକ୍ଷକ ରହିଥିଲାବେଲେ ବିନିକା ବାଳିକା ଉଚ୍ଚ ବିଦ୍ୟାଳୟ ଆର ଶ୍ରୀ ଗୋପାଳଜୀ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସିନ୍ଧୁରପୁରରେ ଖେଲ ଶିକ୍ଷକ ନାଁଇଁନ। ସରକାର, ପରଶାସନ ଆର ଶିକ୍ଷା ବିଭାଗର ଇ ଅଜବ୍ ନୀତିକେ ନେଇ ବୁଦ୍ଧିଜୀବୀ, ଅଭିଭାବକ ମହଲରେ ଅସନ୍ତୋଷ ପରକାଶ ପାଉଛେ। ଇ ବାବ୍‌ଦେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜଙ୍କୁ ପଚ୍‌ରାଲାରୁ ଇ ସବୁ ସମସିଆ ବାବ୍‌ଦେ ଆମେ ସରକାରଙ୍କୁ ଜନେଇଛୁଁ ବଲି ସେ କହିଥିଲେ। ସେନ୍ତା ଇ ବାବ୍‌ଦେ ବିନିକା ବ୍ଲକ କ୍ରୀଡ଼ା ଅଧିକାରୀ ସତ୍ୟନାରାୟଣ ତ୍ରିପାଠୀଙ୍କୁ ପଚ୍‌ରାଲାରୁ ସମସିଆର ସମାଧାନ ଲାଗି ବାରବାର ବିଭାଗୀୟ ଉଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଛେ। ମୁଇଁ ସେଲେଡି ହାଇସ୍କୁଲର ଖେଲ ଶିକ୍ଷକ ଆଏ। ଇ ହାଇସ୍କୁଲରୁ ଫିବଛର ୭ରୁ ୮ ଝନ୍ ଛାତ୍ରୀଛାତ୍ର ଭିନେ ଭିନେ ଖେଲକୁଦ ଲାଗି ରାଜ୍ୟସ୍ତରକେ ଯାଉଛନ୍। ସେଲେଡ଼ି ହାଇସ୍କୁଲର ନିଜର ଖେଲ ପଡ଼ିଆ ଅଛେ। ହେଲେ ତାର ଉନ୍‌ନତିକରନ ନାଇଁ ହେବାର ବଲି ସେ କହିଥିଲେ। ସେନ୍ତା ଶ୍ରୀ ଗୋପାଳଜୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରହ୍ଲାଦ ପଧାନଙ୍କୁ ପଚ୍‌ରାଲାରୁ ଆମର ସ୍କୁଲରେ ଖେଲ ପଡ଼ିଆ ଅଛେ। ହେଲେ ସେଟା ନାଇଁଥିବାର ସଂଗେ ସମାନ ଆଏ। ସ୍କୁଲରେ ଖେଲ ଶିକ୍ଷକ ବି ନାଁଇଁନ। ଖେଲ ପିରିୟଡ଼ରେ ସହକାରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କର ଖେଲକୁଦ କଥା ବୁଝୁଛନ୍ ବଲି ସେ କହିଥିଲେ।

**ବିନିକା ବ୍ଲକ**
- ଖେଲକୁଦ ଲାଗି ପଡ଼ିଆ ନାଇଁ, ଶିକ୍ଷକ ଅଛନ୍
- ଖେଲ ପଡ଼ିଆ ଥିବାର ହାଇସ୍କୁଲରେ ଶିକ୍ଷକ ନାଇଁ



# ଘରୋଇ ଡାକ୍ତରଖାନା ଉପରେ ଚଢ଼ାଉ

**ଭବାନୀପାଟଣା, ୫।୩(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ମଲଟି ହସ୍ପିଟାଲରେ ଜିଲା ପ୍ରଶାସନ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ ଓ ସେଲଟେକ୍ସ ଆଦି ବିଭାଗ ମିଳିତ ଭାବେ ଗୁରୁବାର ଚଢାଉ କରିଛି। ସ୍ଥାନୀୟ ମା' ମାଣିକେଶ୍ୱରୀ ମଲଟି ହସ୍ପିଟାଲରେ ବର୍ଜ୍ୟବସ୍ତୁ ପରିଚାଳନାରେ ଅବ୍ୟବସ୍ଥା ଏବଂ ବର୍ଜ୍ୟବସ୍ତୁଗୁଡିକୁ ଜନସାଧାରଣ ସ୍ଥାନରେ ଓ ଖୋଲାଜାଗାରେ ପକାଇବା ସହିତ ତାକୁ ପୋଡିଦେବା, ଅଗ୍ନି ନିରୋଧ ବ୍ୟବସ୍ଥା କରା ନ ଯିବା, ରୋଗୀମାନଙ୍କଠାରୁ ଅତ୍ୟଧିକ ଅର୍ଥ ଆଦାୟ କରିବା ଆଦି ସମ୍ପର୍କରେ କଳାହାଣ୍ଡି ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳ ଡା. ଗାଭିଲ ପରାଗ ହର୍ଷଦଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ କୁମାର ସିଂଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଜଗୁଲାଲ ଅଗ୍ରୱାଲ, ଏଡିଏମ୍‌ଓ (ମେଡିକାଲ) ଡା. ରଞ୍ଜନ କୁମାର ମିଶ୍ର, ଡିଏସ୍‌ପି ଭି.ଏସ୍.ସି.ଏସ୍. ରାଓ, ଅଗ୍ନୀଶମ ଅଧିକାରୀ ଅରୁଣ କୁମାର ଷଡଙ୍ଗୀ ଓ ଅନୀଲ କୁମାର ମିଶ୍ର ପ୍ରମୁଖ ମିଳିତ ଭାବେ ଉକ୍ତ ଘରୋଇ ହସ୍ପିଟାଲ ଉପରେ ଚଢାଉ କରିଥିଲେ। ଉକ୍ତ ଡାକ୍ତରଖାନାର କାଗଜପତ୍ର ଯାଞ୍ଚ କରିବା ସହିତ ଉକ୍ତ ମେଡିକାଲରୁ ବାହାରୁଥିବା ବର୍ଜ୍ୟବସ୍ତୁଗୁଡିକୁ କେଉଁଠି ଗଚ୍ଛିତ ରଖାଯାଉଛି ଓ ତାକୁ କିପରି ନଷ୍ଟ କରାଯାଉଛି, ହସ୍ପିଟାଲରେ ରୋଗୀ ଓ ଡାକ୍ତରଖାନାର ଅଗ୍ନୀ ସୁରକ୍ଷା ବ୍ୟବସ୍ଥା ଆଦି ଉପରେ ତଦନ୍ତ କରିଥିଲେ।



ପ୍ରଶାସନିକ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

- ବର୍ଜ୍ୟବସ୍ତୁ ପରିଚାଳନାରେ ଅବ୍ୟବସ୍ଥା
- ରୋଗୀମାନଙ୍କଠାରୁ ଅତ୍ୟଧିକ ଅର୍ଥ ଆଦାୟ ଅଭିଯୋଗ

# ଦାରିଙ୍ଗବାଡ଼ିରୁ ଝାରସୁଗୁଡ଼ାକୁ ଗଡ଼ିଲା ସରକାରୀ ବସ୍

**ଦାରିଙ୍ଗବାଡ଼ି,୫।୩(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ଏବେ ଯାତ୍ରୀପରିବହନରେ ସୁଧାର ଆସୁଛି। ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ପ୍ରଥମଥର ପାଇଁ ପଶ୍ଚିମ ଓଡ଼ିଶାକୁ ଯୋଗାଯୋଗ ପାଇଁ ଏକ ଯାତ୍ରିବାହୀ ବସ୍ ଚଳାଚଳର ସୁବିଧା କରାଯାଇଛି। ଗୁରୁବାର ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା ଠାରୁ ଦାରିଙ୍ଗବାଡ଼ିକୁ ସରକାରୀ ବସ୍ ଚଳାଚଳର ଶୁଭାରମ୍ଭ ହୋଇଛି। ଏନେଇ ଦାରିଙ୍ଗବାଡ଼ି ଅଞ୍ଚଳବାସୀ ପରିବହନମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ବିଧାୟକ ସାଲୁଗା ପ୍ରଧାନଙ୍କୁ ସାଧୁବାଦ ଜଣାଇଛନ୍ତି। ଚଳିତ ଶୀତ ମହୋତ୍ସବବେଳେ ମନ୍ତ୍ରୀ ବେହେରା ଦାରିଙ୍ଗବାଡ଼ି ଗସ୍ତ କରିଥିଲେ। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ନେତୃତ୍ୱରେ ଦାରିଙ୍ଗବାଡ଼ି ବଣିକ ସଂଘ ସଭାପତି ଅରୁଣ କୁମାର ସାହୁ, ସରୋଜ ସାହୁ, ମାନସ କୁମାର ସର୍କାର, ଲଡୁ କିଶୋର ସାହୁଙ୍କ ସମେତ ବହୁ ସଦସ୍ୟ ଦାରିଙ୍ଗବାଡ଼ି ଭଳି ଦୁର୍ଗମ ଅଞ୍ଚଳକୁ ଝାରସୁଗୁଡ଼ା ସମେତ କୋରାପୁଟ ଜୟପୁର ଏବଂ ପୁରୀକୁ ସରକାରୀ ବସ୍ ଚଳାଚଳ ପାଇଁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏହି ବସ୍‌ର ଶୁଭାରମ୍ଭ କରାଯାଇଥିବାବେଳେ ପରବର୍ତ୍ତି ସମୟରେ ଅନ୍ୟ ବସ୍ ଚଳାଚଳ ପାଇଁ ଚେଷ୍ଟା କରାଯାଉଥିବା ମନ୍ତ୍ରୀ କହିଛନ୍ତି। ଝାରସୁଗୁଡ଼ା ବସ୍‌ର ଚାଳକ ଟୁନା ସାହୁ କହିଛନ୍ତି ଯେ, ଦାରିଙ୍ଗବାଡ଼ି ଠାରୁ ବାଲିଗୁଡ଼ା ଦେଇ ରାଇକିଆ, ଉଦୟଗିରି, କଳିଙ୍ଗିଆ, ଟିକାବାଲି, ଫୁଲବାଣୀ, ବୌଦ୍ଧ ଜିଲା ହୋଇ ଝାରସୁଗୁଡ଼ାକୁ ଏହି ବସ୍ ଯାତ୍ରା କରୁଛି। ତେବେ ଟିକେଟ୍ ଅନ୍‌ଲାଇନ ବ୍ୟବସ୍ଥା ନ ଥିବାରୁ ଶୀଘ୍ର କାର୍ଯ୍ୟକାରୀ କରାଯିବାକୁ ଆଇନଜୀବୀ ଉମେଶ କର, ଅରୁଣ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

- ପ୍ରଥମଥର ପାଇଁ ପଶ୍ଚିମ ଓଡ଼ିଶା ସହ ଯୋଗାଯୋଗର ସୁବିଧା



ଝାରସୁଗୁଡ଼ା ଠାରୁ ଦାରିଙ୍ଗବାଡ଼ିକୁ ଚଳାଚଳ କରୁଥିବା ସରକାରୀ ବସ୍।

# ଦେଶୀ ବନ୍ଧୁକ ଜବତ, ଶିକାରୀ ଗିରଫ

**ସଜନାଗଡ଼, ୫।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟ ଭିତରେ ଦିନକୁ ଦିନ ଶିକାରୀମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ବୁଧବାର ରାତି ୮ଟା ବେଳେ ପୁଟିବନ୍ଧ ନିକଟରେ ଚଢ଼ାଉ କରିଥିଲେ। ସେଠାରେ ତେଲିପାଳ ପଞ୍ଚାୟତର ପୁଟିବନ୍ଧ ଗ୍ରାମର ମୁନସୀ ସିଂ (୨୭) ଶିକାର ପାଇଁ ଏକ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ନେଇ ଯାଉଥିବା ବେଳେ ବନ ବିଭାଗ ହାତରେ ଧରାପଡ଼ିଥିଲେ। ବନବିଭାଗ ବନ୍ଧୁକ ସହ ମୁନସୀଙ୍କୁ ଗିରଫ କରି ଏକ ମାମଲା (ନଂ. ୩୩/୨୦) ରୁଜୁ କରି କୋର୍ଟଚାଲାଣ କରିଛନ୍ତି। ଚଢ଼ାଉରେ କୁଲଡ଼ିହା ଫରେଷ୍ଟର ପରମାନନ୍ଦ ନାୟକ, ଗାର୍ଡ଼ ଫୁଲମଣୀ ମୁର୍ମୁ, ଆୟୁଷ୍ମାନ ପଣ୍ଡାଙ୍କ ସମେତ ସବୁଜ ବାହିନୀ ସାମିଲ ଥିଲେ।

# 'ଏମ୍‌ଏସ୍‌ଏମ୍‌ଇରେ ରହିଛି ପ୍ରଭୂତ ସମ୍ଭାବନା'

**ଭୁବନେଶ୍ୱର, ୫।୩(ବ୍ୟୁରୋ)**

ରାଜ୍ୟରେ ଅଣୁ, କ୍ଷୁଦ୍ର, ମଧମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ଓଡ଼ିଶାରେ ଯେକୌଣସି ଉତ୍ପାଦର ଉତ୍ପାଦନ ମୂଲ୍ୟ ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଛି ବୋଲି ଗୁରୁବାର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି। ଭୁବନେଶ୍ୱରଠାରେ ୧୬ତମ ଏଣ୍ଟରପ୍ରେନିୟର୍ସ ସପ୍ତାହ ଉଦ୍‌ଘାଟନ କରି ମନ୍ତ୍ରୀ ଏହା କହିଛନ୍ତି।

ରିତେଶ ଅଗ୍ରୱାଲ୍ ଏବଂ ଓମ୍ ମହାନ୍ତିଙ୍କ ଉଦାହରଣ ଦେଇ ଦିବ୍ୟଶଙ୍କର କହିଲେ, ୨୦୩୦ ସୁଦ୍ଧା ରାଜ୍ୟ ଅର୍ଥନୀତିକୁ ୩ ଟ୍ରିଲିୟନ୍ ଡଲାରରେ ପହଞ୍ଚାଇବାରେ କୌଣସି ଅସୁବିଧା ନାହିଁ, ଏଥିପାଇଁ ଆମର ମାନସିକତାର ଆବଶ୍ୟକତା ରହିଛି। ବିଜୁବାବୁଙ୍କ ଜୟନ୍ତୀ ଅବସରରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବହୁ ଉଦ୍ୟୋଗୀଙ୍କ ସମେତ ଖାଦ୍ୟ ପ୍ରକ୍ରିୟାକରଣ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ, ହ୍ୟାଣ୍ଡଲୁମ୍ ଓ ଟେକ୍ସଟାଇଲ୍, କୟର ବୋର୍ଡ ପ୍ରଭୃତିର ପ୍ରତିନିଧି ଯୋଗଦେଇଥିଲେ। ଏହା ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ବକ୍ତବ୍ୟ ରଖିଥିଲେ। ଏହି କ୍ଷେତ୍ରରେ ଲୋକଙ୍କ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିଥିବାରୁ ସରକାର ଏଥିରେ ସହଯୋଗ କରିବା ପାଇଁ ଆଗେଇ ଆସିଥିବା ଶର୍ମା ଦର୍ଶାଇଥିଲେ। ନିକଟରେ ବିଭାଗ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ଯୋଗୁ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସେ ସୂଚନା ଦେଇଥିଲେ। ସେ ଏ କ୍ଷେତ୍ରରେ ନିବେଶକ ତଥା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଯେଉଁସବୁ ସମସ୍ୟା ରହିଛି ତାକୁ ସମାଧାନ କରିବା ପାଇଁ ବିଭାଗ ଯତ୍ନବାନ ଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇପିଏମ୍ ନିର୍ଦ୍ଦେଶକ ଏସ୍.କେ. ଜେନା,ଏମ୍‌ଏସ୍‌ଏମ୍‌ଇ ଇଣ୍ଡିଆର ନିର୍ଦ୍ଦେଶକ ଡ. ଏସ୍.କେ. ସାହୁ, ଓଡ଼ିଶା ରାଜ୍ୟ ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକ ପି.କେ. ଜେନା ଏବଂ ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଫେଡେରେଶନ୍‌ର ଅଧକ୍ଷ ଡ. ଶରତ କୁମାର ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

**'ଏଣ୍ଟରପ୍ରେନିୟର୍ସ ୱିକ୍'ର ଶୁଭାରମ୍ଭ**

# ବଡ଼ଭାଇଙ୍କୁ ହତ୍ୟା କରି ପୋତି ଦେବାକୁ ଉଦ୍ୟମ

**ବସ୍ତା, ୫।୩ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ଗିଲାଯୋଡ଼ି ଗ୍ରାମର ଜଣେ ଯୁବକ ତାଙ୍କ ବଡ଼ଭାଇଙ୍କୁ ହତ୍ୟା କରି ପୋତି ଦେବାକୁ ଉଦ୍ୟମ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଖବର ପାଇ ପୋଲିସ ପହଞ୍ଚିଥିଲା। ଏହି ସମୟରେ ସାନଭାଇ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରି ନେଇଥିଲା। ଏହି ଗ୍ରାମର ରବୀନ୍ଦ୍ର ରାଉତ(୪୫)ଙ୍କୁ ତାଙ୍କ ସାନଭାଇ ଗୁରୁବାର ହତ୍ୟା କରି ଘରଠାରୁ କିଛି ଦୂରରେ ଥିବା ଏକ ଅନାବନା ବୁଦାରେ ପୋତିବାକୁ ଉଦ୍ୟମ କରୁଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଜାଣିପାରି ପୋଲିସକୁ ଖବର ଦେଇଥିଲେ। ଅଭିଯୁକ୍ତ ସାନଭାଇଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗୁରୁବାର ସକାଳେ ସାନଭାଇ ତାଙ୍କ ବଡ଼ଭାଇଙ୍କୁ ମାଡ଼ ମାରୁଥିବା ବେଳେ ପଡ଼ୋଶୀ ଏହାକୁ ବିରୋଧ କରିଥିଲେ। ଫଳରେ ସାନଭାଇ ସେମାନଙ୍କୁ ମଧ ଆକ୍ରମଣ କରିବାକୁ ପଛାଇ ନ ଥିଲା। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ମୃତ ରବୀନ୍ଦ୍ର ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ତ୍ରୀ ଦୀର୍ଘଦିନ ଧରି ପିଲାଛୁଆ ସହ ତାଙ୍କ ବାପଘରେ ରହୁଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବେ ନାହିଁ।
-ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

ବରଗଡ଼ ଅଫିସ, ୫।୩: ବରଗଡ଼ ଜିଲା ପାଇକମାଳ ବ୍ଲକ୍ ଅନ୍ତର୍ଗତ କାଂସଡ଼ା ଗ୍ରାମରେ ଗୁରୁବାର ପାଣିରେ ବୁଡ଼ି ଜଣେ ଶିଶୁକନ୍ୟାର ମୃତ୍ୟୁ ହୋଇଛି। ମୃତ ଶିଶୁକନ୍ୟା ହେଲେ ଏହି ଗ୍ରାମର ମଧ୍ୟ ନାୟକଙ୍କ ଝିଅ ସଞ୍ଜୁବତୀ (୧୩)। ସେ ନିକଟସ୍ଥ ଏକ ଜଳାଶୟକୁ ଯାଇଥିବାବେଳେ ସେଠାରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଖବରପାଇ ଭିଏଲ୍‌ଡବ୍ଲ୍ୟୁ ସାନନ୍ଦ ମେହେର ମୃତକଙ୍କ ଘରକୁ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ମୃତ ଶିଶୁକନ୍ୟାଙ୍କ ବାପା ମଧ୍ୟ ଗତ କିଛି ମାସ ତଳେ ହାଇଦ୍ରାବାଦ ଦାଦନ ଖଟିବାକୁ ଯାଇଥିବା ପରିବାର ଲୋକେ କହିଛନ୍ତି। ଶିଶୁକନ୍ୟାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଫିକା ପଡ଼ିବ ରଙ୍ଗର ପର୍ବ

ରଙ୍ଗର ପର୍ବ ହୋଲିକୁ ଆଉ ମାତ୍ର ୫ଦିନ ରହିଲା । ଏଥର ଅଧିକାଂଶଙ୍କ ମନରେ ହୋଲି ଉତ୍ସାହ ନାହିଁ । ଅନ୍ୟବର୍ଷ ତୁଳନାରେ ଏଥର ହୋଲି ବଜାର ମଧ୍ୟ ମାନ୍ଦା ପଡ଼ିଛି। କରୋନା ଭାଇରସ ଭୟ ହୋଲିର ଉତ୍ସାହ, ଉଦ୍ଦୀପନାକୁ ଫିକା କରି ଦେଇଛି । ଏ ନେଇ ଏକ ମତାମତ ଭିତ୍ତିକ ଉପସ୍ଥାପନା ।



ବରଗଡ଼ ଏସ୍‌ପି ଅଫିସ ଛକରେ ଥିବା ହୋଲି ବଜାର ।

### ସବୁଠି କରୋନା ଭୟ



ମୁଁ ଆଗରୁ ପ୍ରତିବର୍ଷ ହୋଲି ଖେଳି ଆସୁଥିଲି । ହେଲେ ଏଥର ଖେଳିବି ନାହିଁ। କାରଣ ହୋଲି ଖେଳ ଦ୍ୱାରା କରୋନା ଭାଇରସ ସଂକ୍ରମଣ ହୋଇପାରେ ବୋଲି କୁହାଯାଉଛି। ଫଳରେ ଏଥର ରଙ୍ଗ ନ ଆଣିବା ପାଇଁ ବାପାଙ୍କୁ କହିଛି ।-**ଶୌର୍ଯ୍ୟ ସଙ୍କେତ ସାହୁ**



କରୋନା ଭାଇରସକୁ ନେଇ ଏବେ ସବୁଠି ଆତଙ୍କ ଖେଳିଯାଇଛି । ଫଳରେ ମୁଁ ବାହାରୁ ଆସିଥିବା ରଙ୍ଗ ଖେଳିବି ନାହିଁ । ଘରେ ପ୍ରସ୍ତୁତ ରଙ୍ଗକୁ ନେଇ ହୋଲି ଖେଳିବି। କେମିକାଲ ନୁହେଁ, ଅର୍ଗାନିକ ରଙ୍ଗକୁ ବ୍ୟବହାର କରିବି ବୋଲି ଭାବିଛି।-**ପ୍ରୀତି ସାହୁ**



କେମିକାଲ ରଙ୍ଗକୁ ନେଇ ହୋଲି ଖେଳିବା ଠିକ୍ ନୁହେଁ । କାରଣ ତାହା ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ସେହିପରି ବର୍ତ୍ତମାନ କରୋନା ଭାଇରସ୍ ଭୟ ରହିଛି । ଫଳରେ ମୁ ଏଥର ହଳଦୀକୁ ନେଇ ଖେଳିବି ବୋଲି ଚିନ୍ତା କରିଛି।-**ରୀମା ସାହୁ**



କରୋନା ଭାଇରସ୍ ଯୋଗୁ ଏଥର ହୋଲିର ମଜା ନାହିଁ । ପୁଣି ପରୀକ୍ଷା ଅଛି । ଫଳରେ ହୋଲି ପ୍ରତି ସେତେ ଉତ୍ସାହ ନାହିଁ । ପରିବାର ଲୋକଙ୍କ ସହିତ ସେମିତି ଟିକେ ରଙ୍ଗ, ଫଗୁ ବୋଲି ହୋଲି ପାଳିବି ବୋଲି ଭାବିଛି। -**ଗୌରୀ ହାତୀ**



ପ୍ରାୟ ପ୍ରତିବର୍ଷ ହୋଲି ବଜାର ଖୋଲୁଛୁ । ଏଥର ସେତେ ବେପାର ହେବ ବୋଲି ଭାବୁନାହୁଁ । ପାଗ ବି ଠିକ୍ ରହୁନି ଏବଂ ଆଉ ଛାତ୍ରୀଛାତ୍ରଙ୍କ ପରୀକ୍ଷା ମଧ୍ୟ ରହିଛି । ସେହିପରି କରୋନା ଭାଇରସକୁ ନେଇ ରହିଥିବା ଭୟ ମଧ୍ୟ ହୋଲି ବଜାରକୁ କିଛିମାତ୍ରାରେ ପ୍ରଭାବିତ କରିପାରେ।-**ଗିରିଶ ବେହେରା**

**(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)**

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ଫଳ ବଣ୍ଟନ

**ବରଗଡ଼ ଅଫିସ୍,୫।୩**

ବରଗଡ଼ ବିଜୁ ଜନତା ଦଳ ତରଫରୁ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଟାଉନ ସଭାପତି କିଶୋର ମିଶ୍ରଙ୍କ ନେତୃତ୍ୱରେ ବହୁ ଦଳୀୟ ନେତା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବରଗଡ଼ର ପୁରୁଣା ଏବଂ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବରିଷ୍ଠ ବିଜେଡ଼ି ନେତା ସମ୍ବିତ ଆଚାର୍ଯ୍ୟ, ପ୍ରଭାତ ଆଦିତ୍ୟ ମିଶ୍ର, ଅଚ୍ୟୁତାନନ୍ଦ ମହାପାତ୍ର, ପୂର୍ବତନ ବିଧାୟକ ସାଧୁ ନେପାକ, ବିମଳ କିଶୋର ଦେବତା, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଜିଲା ଯୁବ ବିଜେଡ଼ି ସଭାପତି ହିମାଂଶୁ ଦାଶ, ପୂର୍ବତନ ପୌର ଉପାଧ୍ୟକ୍ଷା କଳ୍ପନା ମାଝି, ଶ୍ୟାମ ସୁନ୍ଦର ଅଦାବର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ବିଜୁ ଜୟନ୍ତୀ ଅବସରରେ ବରଗଡ଼ ଡାକ୍ତରଖାନାରେ ଫଳ ବଣ୍ଟନ କରାଯାଉଛି ।

# ଲୁଗା ବ୍ୟବସାୟୀଙ୍କ ଘରୁ ଚୋରି

**ବରପାଲି, ୫।୩ (ଡି.ଏନ.ଏ)**

ବରପାଲି ଥାନା ଅନ୍ତର୍ଗତ ବନ୍ଧପାଲି ଛକ ରାସ୍ତାର ମାଉସୀ ମାଁ ମନ୍ଦିର ନିକଟରେ ଥିବା ଜଣେ ଲୁଗା ବ୍ୟବସାୟୀଙ୍କ ଘରୁ ବୁଧବାର ବିଳମ୍ବିତ ରାତ୍ରିରେ ଏକ ବଡ ଧରଣର ଚୋରି ହୋଇଛି । ଚୋରମାନେ ବ୍ୟବସାୟୀ ଗଜପତି ମେହେରଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ପ୍ରାୟ ଲକ୍ଷାଧିକ ଟଙ୍କାର ୬୦ ଖଣ୍ଡ ହାତବୁଣା ଶାଢ଼ୀ ଓ ୩୦ ହଜାର ନଗଦ ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ବରପାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଡଗ୍ ସ୍କ୍ୱାଡ ଓ ସାଇଣ୍ଟିଫିକ୍ ଦଳ ସହାୟତାରେ ଗୁରୁବାର ସକାଳେ ଘଟଣାସ୍ଥଳରେ ଛାନଭିନ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଚୋରି ସାମଗ୍ରୀ ଓ ଚୋରମାନଙ୍କ ସମ୍ପର୍କରେ କିଛି ସୁରାକ ମିଳିପାରି ନାହିଁ । ଏ ନେଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ରୋଜାଲିନ ପଟେଲ କହିଛନ୍ତି ।

# ଝାରବନ୍ଧ ପଞ୍ଚାୟତ ସମିତି ବୈଠକ

**ଝାରବନ୍ଧ, ୫।୩ (ଡି.ଏନ.ଏ)**

ଝାରବନ୍ଧ ପଞ୍ଚାୟତ ସମିତି ବୈଠକ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିଜୟକେତନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ବିଡିଓ ରୁନୁ ଲାକ୍ରା ସ୍ୱାଗତ ଭାଷଣ ଦେଇଥିଲେ । ସରକାରଙ୍କ ସମସ୍ତ ଯୋଜନାକୁ ଠିକ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲ । ମୋ ସରକାର ପରି ମୋ କୃଷି ଯୋଜନା କାର୍ଯ୍ୟକାରୀ ହେବ ବୋଲି ବୈଠକରେ ସୂଚନା ଦେବା ସହିତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ମୁଖ୍ୟାଳୟରେ ଚାଷୀମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା । ଏହି ଅବସରରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରଧାନ, ବିଡିଓ ଲାକ୍ରା, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ଏମ୍‌ପି ପ୍ରତିନିଧି ହରିହର ସାହୁ ଓ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ବ୍ଲକ ବିଜେଡି ତରଫରୁ ସଭାପତି ଜତିନ ହାତୀଙ୍କ ସଭାପତିତ୍ୱରେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ହୃଷିକେଶ ବରିହା, ବିଦ୍ୟୁତ ରଞ୍ଜନ ପ୍ରଧାନ, ମାନଭଞ୍ଜନ ବେହେରା, ଲୋକନାଥ ରାଉତ, ଦେବାର୍ଚ୍ଚନ ବରିହା, ଲଳିତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଶାସନର ବିକେନ୍ଦ୍ରୀକରଣ ଦ୍ୱାରା ଆର୍ଥିକ ପ୍ରଗତି ସମ୍ଭବ



ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ ।

### ବରଗଡ଼ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ

**ବରଗଡ଼ ଅଫିସ୍,୫।୩**

ସ୍ୱାଧୀନତା ଓ ଗ୍ରାମ ବିକାଶ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ପଞ୍ଚାୟତିରାଜ ବ୍ୟବସ୍ଥାରେ ଶାସନର ବିକେନ୍ଦ୍ରୀକରଣ ତଥା ଜନସାଧାରଣଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଦ୍ୱାରା ହିଁ ସାମାଜିକ, ଆର୍ଥିକ ଓ ବୌଦ୍ଧିକ ପ୍ରଗତି ସମ୍ଭବ । ବରଗଡ଼ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଏହା ମତପ୍ରକାଶ ପାଇଛି। ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମାରୋହରେ ବିଡ଼ିଓ ଯୁଧିଷ୍ଠିର ମେହେର ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଉମେଶ ପଣ୍ଡା, ଅତିରିକ୍ତ ବିଡ଼ିଓ କୃଷ୍ଣଚନ୍ଦ୍ର ସାହୁ, ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ଚୈତନ୍ୟ ପାଇକ ସମ୍ମାନିତ ଅତିଥି ଏବଂ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସମ୍ମାନିତ ବକ୍ତାଭାବେ ଯୋଗଦାନ କରିଥିଲେ। ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ରାଣାପ୍ରତାପ ସ୍କୁଲର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଲି ପ୍ରଧାନ, ସରୋଜ ମହାନ୍ତି, ସୁଦର୍ଶନ ସ୍ୱାଇଁ, ସନ୍ତୋଷ ବେହେରା, ନାଗାର୍ଜୁନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭର୍ଜନ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଷୋଳ ପ୍ରହର ନାମଯଜ୍ଞ ସମ୍ପନ୍ନ

**ବିଜେପୁର, ୫।୩ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ଜମିଦାର ପଡାରେ ଚାଲିଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଗୁରୁବାର ସମ୍ପନ୍ନ ହୋଇଛି । ଏହି ଅବସରରେ ମଙ୍ଗଳବାର ଅପରାହ୍ନରେ ଦାମୋଦରକଟାରୁ ଭବ୍ୟ କଳସ ଶୋଭାଯାତ୍ରା ହୋଇଥିଲା। ପରେ ଅଧିବାସ ସହ ରୀତିନୀତି ଅନୁଯାୟୀ ଅଖଣ୍ଡ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଉଦଯାପନୀ ସମାରୋହରେ ପଡା ଓ ବାଞ୍ଜିଡୁଙ୍ଗୁରିର ବାଦୀ ରଙ୍ଗୀନ ସଂକୀର୍ତ୍ତନ ଦଳ ନାମ ଜପ କରିଥିଲେ । ସନ୍ଧ୍ୟାରେ ବାଦପାଲି ଓ ସମଲାଇପଦରର ଉଦଣ୍ଡ ସଂକୀର୍ତ୍ତନ ନଗର ପରିକ୍ରମା କରିଥିଲେ । ପାର୍ବତୀ ପାତ୍ର ଓ ଜଗନ୍ନାଥ ପାତ୍ର ଯଜ୍ଞର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସୁରେନ୍ଦ୍ର ମହାପାତ୍ର, ରଞ୍ଜନ ମହାପାତ୍ର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ସଭାପତି ପ୍ରେମାନନ୍ଦ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀ ନାରାୟଣ ଷଡଙ୍ଗୀ, ଜନାର୍ଦ୍ଦନ ପାତ୍ର, ଶୁକଦେବ ବାଗ, ଭାଗବତ ପଧାନଙ୍କ ସମେତ ପଡାବାସୀ ସହଯୋଗ କରିଥିଲେ ।

**E-Auction Notice**
**Sale of Salvage**

E-Auction will be held for sale of damaged material metallic & non-metallic scrap belonging to M/s JINDAL STAINLESS LTD. Kalinga Nagar Industrial Complex, Duburi, Dist.: Jajpur - 755026, Orissa, India on **"AS IS WHERE IS BASIS"** condition on **17/03/2020**

For accessing the details of e-auction, details of material, location for inspection, terms and conditions etc., visit **www.mjunction.in** or contact

Mjunction Mr. Kiranjit Chakraborty on telephone 8584008243

Or, M/s Jindal Stainless Ltd. Duburi-755026, Orissa Mr. Manoj Jati on telephone No. 9777450740

Or, M/s Bhatawadekar Insurance Surveyors & Loss Assessors Pvt. Ltd. Vakola, Santacruz (East), Mumbai - 400055. Phone: 022-2667 4425/26

# ଗାଁଗଁଡ଼ାରେ ବଁଚିଛେ ଖେଜାବୁଜାର କୁଚନି ପସରା

**ବିଜେପୁର, ୫।୩ (ଡି.ଏନ୍.ଏ.)**

ସମିଆର ଛାଁଚେ ପଡି ସମାଜର ଚାଲିଚଲନ୍ ରିତି ରିକମା ବଦଲିଗଲାନ। ଯେନ୍‌ଥିର ଲାଗି ଚଳିତ ସମିଆରେ ସବୁକିଛି ଡିଜିଟାଲ ହେଇ ବସଲାନ। ହେଲେ ଦିନ୍‌ଥିଲା ମୁନୁଷର କାମକବାର, ମନତନ୍ ଅଲଗ୍ ଥିଲା। ଇ ଆଧୁନିକ ଯୁଗେ ଲୋକ୍ ବିନା ପଏସାପତରରେ ହାଟ୍ କରି ଯାଉଛନ୍। ଡିଜିଟାଲ ପେମେଣ୍ଟ କରୁଛନ୍। ଏନ୍‌ତା କି ଲୋକ୍ ଗୁଟେ ଜାଗାରେ କେନ୍‌ଥେଇ ସବୁ ଜିନିଷ ପାଇପାରବେ ସେଟାକେ ଦେଖୁଛନ୍। ସେନ୍‌ତା ଆଘକାଲେ ଗାଁଗଁଲିରେ ଖେଜାବୁଜା କୁଚନି ପସରାମାନ ଗୁଟେ ଡିଜିଟାଲ ବେବସ୍ତା ଲେଖେଁ ଲୁକ୍‌କୁ ସୁବିଧା ଯୁଗଉଥିଲା। ଅଏଜ୍ ବି ଅନେକ ଗାଁଗଁଡ଼ାଥି ଖେଜାବୁଜା କୁଚନି ପସରା ଦେଖିବାକେ ମିଲୁଛେ। ଛୋଟମୋଟ ଦୁକାନୀକେ ଗାଁଗଁଲିଥି କୁଚନି କୁହାଯାଏସି। ଇଠାନେ କୁଚନି ଆଲୁ, ସାରୁ, ପଲଘଁଟା, ଶୁଖୁଆନୁ ମୂଲ କିରି ଭାଂଗ, ବିଡ଼ି ହରେକ୍ ରକମର ପସରା ମେଲେଇଥିସି। ଇନେ ପଏସା କଉଡନୁ ଖେଜାବୁଜା ବଦଲାବାର କାରବାରଟା ଜହଁ ହେସି। ଖେଜାବୁଜା ବଏଲେ ଲୋକ ନିଜର କମାଲା ଧାନଚାଉଳ, ମୁଗବିର୍‌ହି ବଦଲା ନିଜର ମନଚାହି ଜିନିଷ୍ କୁଚନି ଠାନୁ ଘିନ୍‌ବାରଟାକେ ବୁଝାସି। କିଏ ଗିନା ତାସ୍‌ଗିଁଥି ଆର କିଏ ଭୁଗଲି ଟୁପଲିଥି ଧାନଚାଉଳ ଧରି କୁଚନି ପସରାକେ ଆଏସନ। ଗରାଖ ଆନିଥିବାର୍ ଜିନିଷକେ ଉଜନ କରି କୁଚନି ବଜାରର ଦରଦାମ୍ ହିସାବେ ଗରାଖର ମନ ଚାହି ଜିନିଷପତର ତଉଲି କରି ଦେସି। ସମିଆକେ ସମିଆ ଲୁକ୍‌କଁର ଖେଜାବୁଜା ସାମାନ ବଦଲାବାରଟା ବି ବଦିଲସି। ଚାର, ମହୁଲ, ଟୋଲ ସମିଆକେ ଗରାଖ ସିଧାସଲଖ ଇଟାକେ କୁଚନିକେ ଦେଇ ନିଜର ମନଚାହି ଜିନିଷ ଆନିଥିସି। ଖେଜାବୁଜାନୁ ପାଇଥିବାର ଧାନଚାଉଳ, ଚାରମହୁଲକେ ଠୁଲେଇ କୁଚନି ସାହୁକାର ଠାନେ ନପେଇ ଦେସି। ଇ ରିକ୍‌ମାକେ ଦେଖିଲେ ଇତିହାସ ଯୁଗର୍ କଥା ସୋରପଡସି। ସେ ସମିଆରେ ଲୁକକର ହାତେପନ୍‌ତେ ପଏସାକଉଡ ନାଇଁଥାଇ। ଯେନ୍‌ଥିର୍ ଲାଗି ଲୋକ ନିଜର ଜିନିଷ ଦେଇ ଆଉ ଗୁଟେ ଜିନିଷ ଘିନୁଥିଲେ। ଠିକ୍ ସେନ୍‌ତା ଇ ଆଧୁନିକ୍ ଯୁଗେ ବି ସିଧାସଲଖ ପଏସା ପତରର ଦେନଲେନଟା କମି ବସଲାନ। ସବୁ ଡିଜିଟାଲ ଲେନ୍‌ଦେନ ହେଇ ବସଲାନ। ଏନ୍‌ତା କି ଲୋକ ଘରେ ବସି ନିଜର ମନଚାହି ଜିନିଷ ମଗାବାର୍ ତରିକା ମୂଳ ହେଲାନ। ଭେଁଡିଆ ଚାଷୀ ସୁଶାନ୍ତ ପୁଟେଲକୁ ପଚରାଲାରୁ ଗାଁଗଁଲିଥି ଖେଜାବୁଜା ବଦଲା କାମ ଚାଲିଛେ। କାଁକରି ବଏଲେ ଚାଷୀର ହାତେପନ୍‌ତେ ସବୁବେଲେ ପଏସା ନାଇଁଥାଏ। କମାଲା ଧାନ, ମୁଗ, ବିରି, ଚାର, ମହୁଲ, ଟୋଲକେ ଛୋଟ ଚାଷୀ ଭାଇ ଗାଁର କୁଚନି ପସରାଥି ଖେଜାବୁଜା ଦେଇ ତୁନଶାଖି, ମିକ୍‌ଚର, ବିସକୁଟ ଘିନୁଛନ୍। ସେନ୍‌ତା କୁଚନି ପସରାବାଲି ହେମକାନ୍ତି ତନସନାକୁଁ ପଚରାଲାରୁ ମହରଗର ଦୁନିଆଁଥି ଦିନୁ ଦିନକେ ଦରଦାମ ବଢୁଛେ। ହେ କଁଟେ ଆର୍ ଆଘୋର ମିତାର୍ ଲାଭ୍ ନାଇଁ ମିଲ୍‌ବାର। ବାପଅଜା ଅମଲର ବୁର୍‌ତିକେ ବଁଚେଇ ରଖିବାର ସାର୍ ହେଇଛେ ବଲି ସେ କହିଥିଲେ।



ଝନେ କୁଚନି ଖେଜାବୁଜାର ପସରା ମେଲେଇ ବସିଛନ୍।

**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
(AN AUTONOMOUS INSTITUTION OF DEPARTMENT OF ATOMIC ENERGY, GOVT. OF INDIA)
Po-Bhimpur-Padanpur,Via-Jatni,Dist-Khurda-752050,
Phone- 0674-2494013, Fax-0674-2494004, web:- http://www.niser.ac.in

**Notice for Admission to Ph.D. Programme – 2020 (Summer Session)**

Advt.No:NISER/ACAD/Ph.D/2020-21(1)

Applications are invited from Indian citizens for admission to Ph.D Program scheduled to commence from **28th July, 2020 (Tuesday)** in the following schools of basic sciences at NISER Bhubaneswar:

1. **School of Biological Sciences (SBS)**
2. **School of Chemical Sciences (SCS)**
3. **School of Computer Sciences (SCPS)**
4. **School of Earth & Planetary Sciences (SEPS)**
5. **School of Humanities and Social Sciences (SHSS)**
6. **School of Mathematical Sciences (SMS)**
7. **School of Physical Sciences (SPS)**

No application/entrance fee is charged to the student. To and Fro single 2nd sleeper class railway fare will be provided to candidates called for the test/interview.

**Important dates:**
**Online application will be activated on : 01.03.2020 (Sunday)**
**Last date for filling up online application : 31.03.2020 (Tuesday)**

Kindly refer to our website **http://www.niser.ac.in** for details regarding eligibility criteria, application procedure and selection procedure.

**Sd/- Faculty-In-Charge (Academic Affairs)**



**ପୂର୍ବ ତଟ ରେଳପଥ**
**ଲିଖିତ ପରୀକ୍ଷା ନିମନ୍ତେ ଅଧିସୂଚନା**
**ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ପ୍ରକଳ୍ପରେ ଜମି ହରାଇଥିବା ବ୍ୟକ୍ତିଙ୍କୁ ନିଯୁକ୍ତି**

ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କୁ ଅଧିସୂଚିତ କରାଯାଉଅଛି କି, ନିମ୍ନବର୍ଣ୍ଣିତ ସମ୍ପୂର୍ଣ୍ଣ ବିବରଣୀ ଅନୁଯାୟୀ ତା.13.03.2020 ରିଖକୁ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ କରାଯାଇଛି :

| ସ୍ଥାନ | ତାରିଖ | ସମୟ |
| --- | --- | --- |
| ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ସା-ଦେବାଇପଲି, ମାଝିପଲି ଛକ, ସମ୍ବଲପୁର-768200 | ତା.13.03.2020 ରିଖ (ଶୁକ୍ରବାର) | ଲିଖିତ ପରୀକ୍ଷା ଅପରାହ୍ନ 3.30 ଘଟିକାଠାରୁ ଅପରାହ୍ନ 5.00 ପର୍ଯ୍ୟନ୍ତ<br>ପ୍ରାର୍ଥୀମାନଙ୍କ ପାଇଁ ରିପୋର୍ଟିଙ୍ଗ୍ ସମୟ ଅପରାହ୍ନ 2.30 |

ଯୋଗ୍ୟ ପ୍ରାର୍ଥୀମାନେ ଲିଖିତ ପରୀକ୍ଷା ନିମନ୍ତେ ତା.09.03.2020 ରିଖ ସୁଦ୍ଧା କିମ୍ବା ତା'ପରେ ରେଳୱେ ରିକ୍ରୁଟମେଣ୍ଟ ସେଲ୍, ଭୁବନେଶ୍ୱର ୱେବ୍‌ସାଇଟ୍ **rrcbbs.org.in** ରେ ଉପଲବ୍ଧ ଲିଙ୍କ୍‌ରୁ ସେମାନଙ୍କ ପ୍ରବେଶ ପତ୍ର **(Admit Card)** ଡାଉନ୍‌ଲୋଡ୍ କରିପାରିବେ । ଯଦି କୌଣସି ପ୍ରାର୍ଥୀ ୱେବ୍‌ସାଇଟ୍‌ରୁ ପ୍ରବେଶ ପତ୍ର ଡାଉନ୍‌ଲୋଡ୍ କରିବାକୁ ସକ୍ଷମ ନହୁଅନ୍ତି, ତେବେ ସେ ତା.12.03.2020 ରିଖ ଦିନ ନିଜର ପରିଚୟ ପତ୍ର ଦେଖାଇ ତାହାକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିପାରିବେ ।

PR-764/K/19-20 — ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ/ସମ୍ବଲପୁର

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡରର ବିଜ୍ଞପ୍ତି ସଂ. 14/ET/SBP/ENGG/2019-20 ତା.27.02.2020ରିଖ

(1)ଇ-ଟେଣ୍ଡରର ବିଜ୍ଞପ୍ତି ସଂ.48-eT-SDENE-SBP-19

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନରେ ତିନି ବର୍ଷ ସମୟାବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (P.Way)/ ସଇଁତଳା, ସିନିୟର ସେକ୍ସନ ଇଂଜିନିୟର (P.Way)/ ବଲାଙ୍ଗୀର ଏବଂ ସିନିୟର ସେକ୍ସନ ଇଂଜିନିୟର (ୱାର୍କ୍ସ)/ବଲାଙ୍ଗୀର ପ୍ରତ୍ୟେକ ନିମନ୍ତେ ତିନି ଗୋଟି ଗାଡ଼ି (TATA-407 କିମ୍ବା ଅନୁରୂପ ମଡେଲ ଭଳି ମିନି ଟ୍ରାକ୍) ଭଡ଼ା ସୂତ୍ରରେ ନେବା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 52,44,780.65, EMD (ଟଙ୍କାରେ) : 1,04,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 36 (ଛତିଶି)ମାସ ।

(2)ଇ-ଟେଣ୍ଡରର ବିଜ୍ଞପ୍ତି ସଂ.38-eT-DENC-SBP-19

କାର୍ଯ୍ୟର ନାମ: 03(ତିନି) ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଚୁକ୍ତି ଭିତ୍ତିରେ ଗୋଟିଏ ନନ୍-ଏସି ଗାଡ଼ି (ସ୍କୋର୍ପିଓ/ଟାଟା ସୁମୋ/ ବୋଲେରୋ କିମ୍ବା ଅନୁରୂପ ମଡେଲ) ଭଡ଼ା ସୂତ୍ରରେ ନେବା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 9,42,752.84, EMD (ଟଙ୍କାରେ): 18,900/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 2,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 36 (ଛତିଶି)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ): ତା.23.03.2020ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ... http://www.ireps.gov.in ...

PR-756/K/19-20 — ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**

ଇ-ଟେଣ୍ଡରର ବିଜ୍ଞପ୍ତି ସଂ. 14/ET/SBP/ENGG/2019-20 ତା.27.02.2020ରିଖ

(1)ଇ-ଟେଣ୍ଡରର ବିଜ୍ଞପ୍ତି ସଂ.39-eT-DENW-SBP-19

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ଠିକାଦାରଙ୍କ ସେଲ୍ଫ ପ୍ରୋପେଲଡ (Self Propelled)ରେଲ-ସହ-ରୋଡ୍ ମୋବାଇଲ୍ FBW ପ୍ଲାଣ୍ଟଗୁଡ଼ିକର ବ୍ୟବହାର ଦ୍ୱାରା ଫ୍ଲାସ ବଟ୍ଟ ୱେଲ୍ଡିଂ ନିମନ୍ତେ ଇଣ୍ଡିଆନ୍ ରେଳବାଇ ମାନୁଆଲ ଅନୁଯାୟୀ ୱେଲ୍ଡେଡ୍ ଜଏଣ୍ଟଗୁଡ଼ିକର USFD ପରୀକ୍ଷଣ ସହିତ 60 କି.ଗ୍ରା./52 କି.ଗ୍ରା. ରେଲ୍‌ଗୁଡ଼ିକର ଫ୍ଲାସ ବଟ୍ଟ ୱେଲ୍ଡିଂ (FBW) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2,88,13,547.85, EMD (ଟଙ୍କାରେ): 2,94,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

(2)ଇ-ଟେଣ୍ଡରର ବିଜ୍ଞପ୍ତି ସଂ.40-eT-DENW-SBP-19

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ଟିଟିଲାଗଡ଼-କେସିଙ୍ଗା ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି.215/2-3 ସ୍ଥିତ ଜଗୁଆଳି ଥିବା ଲେଭେଲ କ୍ରସିଙ୍ଗ୍ ନଂ.RV-172 ଠାରେ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ବ୍ୟବସ୍ଥା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 7,40,39,348.54, EMD (ଟଙ୍କାରେ): 5,20,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

(3)ଇ-ଟେଣ୍ଡରର ବିଜ୍ଞପ୍ତି ସଂ.41-eT-DENW-SBP-19

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଲାଖୋଲି-ଟିଟିଲାଗଡ଼ ସେକ୍ସନରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକ ଠାରେ 48.49 TKm ନିମନ୍ତେ ଥ୍ରୁ ବାଲାଷ୍ଟ ନବୀକରଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2,01,93,105.41, EMD (ଟଙ୍କାରେ): 2,51,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

(4)ଇ-ଟେଣ୍ଡରର ବିଜ୍ଞପ୍ତି ସଂ.46-eT-SDENE-SBP-19

କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ନିମନ୍ତେ ବିଭିନ୍ନ ସ୍ଥାନଗୁଡ଼ିକ ଠାରୁ ସମ୍ବଲପୁର ମଣ୍ଡଳ ପର୍ଯ୍ୟନ୍ତ ତଥା ବିପରୀତ ଦିଗରେ ବିଭିନ୍ନ ଟ୍ରାକ୍ ମେସିନ୍ ସମ୍ପର୍କିତ ସାମଗ୍ରୀ/ ଉପକରଣଗୁଡ଼ିକର ପରିବହନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 46,07,090.97, EMD (ଟଙ୍କାରେ): 92,200/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 3,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶି)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ): ତା.23.03.2020ରିଖ 1500 ଘଟିକାରେ ।

... http://www.ireps.gov.in ...

PR-755/K/19-20 — ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
-ଫ୍ରାଙ୍କ୍‌ଲିନ୍



## ସଂକ୍ଷେପରେ

### ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ

**ଉଲୁଣ୍ଡା, ୫।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପରିସରରେ ଗୁରୁବାର ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ନୀଳାମ୍ବର ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ମିତାଲି ମହାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାଭାବେ ଡ.ଅନିରୁଦ୍ଧ କୁରକୁରିଆ ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାଏକଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ସିଡିପିଓ ତିଲୋତ୍ତମା ନାଏକ, ସହକାରୀ ଯନ୍ତ୍ରୀ ଗିରିଜା ଶଙ୍କର ସାହୁ ମଞ୍ଚାସୀନ ଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦୀନବନ୍ଧୁ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋଜ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

### ଅଧୀକ୍ଷଣ ଯନ୍ତ୍ରୀଙ୍କ ଜାମିନ ଖାରଜ, ୧୪ ଦିନ ପାଇଁ ଗଲେ ଜେଲ

**ବ୍ରହ୍ମପୁର ଅଫିସ,୫।୩:** ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ପଡ଼ିଥିବା ବ୍ରହ୍ମପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ (ଦକ୍ଷିଣାଞ୍ଚଳ ମଣ୍ଡଳ) ବିନୋଦ କୁମାର ପାଢ଼ୀଙ୍କୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ରାତିରେ ମାମଲା ନମ୍ବର ୫/୨୦ରେ ଗିରଫ କରାଯାଇ ରାତାରାତି କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ତାଙ୍କ ଓକିଲ ନରସିଂହ ପଟ୍ଟନାୟକ, ପାଢ଼ୀଙ୍କ ଜାମିନ ପାଇଁ ଭିଜିଲାନ୍ସ କୋର୍ଟରେ ଆବେଦନ କରିଥିଲେ। ସ୍ୱତନ୍ତ୍ର ସରକାର ପିପି ତପନ ଦାସ ଅଭିଯୁକ୍ତ ପାଢ଼ୀଙ୍କ ଜାମିନ ଆବେଦନର ଦୃଢ଼ ବିରୋଧ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୁବ୍ରତ ମହାନ୍ତି ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ସହ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅନ୍ୟପଟେ ଅଭିଯୁକ୍ତଙ୍କ ଓକିଲ ନରସିଂହ ପଟ୍ଟନାୟକ କହିଛନ୍ତି କୋର୍ଟରୁ ଏକ ନକଲ ବାହାର କରି ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିବୁ। ପ୍ରକାଶ ଯେ, ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ପାଢ଼ୀଙ୍କ ୧୨ଟି ସ୍ଥାନରେ ମଙ୍ଗଳବାର ଓ ବୁଧବାର ୨ ଦିନ ଧରି ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ଟିମ୍ ପାଢ଼ୀ ଓ ତାଙ୍କ ପରିବାରଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୫ କୋଟି ୧୨ ଲକ୍ଷ ୯୭ ହଜାର ୯୬୩ ଟଙ୍କା ଆକଳନ କରିଥିଲା। ସେଥିମଧ୍ୟରୁ ୩ କୋଟି ୮୭ ଲକ୍ଷ ୪୬ ହଜାର ୯୮୯ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ରହିଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଥିଲେ।

# ୬ ମାସରେ ୧୦୯ ଗାଁରେ ପହଞ୍ଚିବ ସମସ୍ତ ଯୋଜନା

**ପଞ୍ଚାୟତିରାଜ ଦିବସରେ ଜିଲାପାଳଙ୍କ ଘୋଷଣା**

**ସୋନପୁର,୫।୩(ନି.ପ୍ର.)**

ପଞ୍ଚାୟତିରାଜ ଦିବସରେ ସୁବର୍ଣ୍ଣପୁର ଜିଲାରେ ଘୋଷଣା ହୋଇଛି ମିଶନ ୧୦୯ କାର୍ଯ୍ୟକ୍ରମ । ଜିଲାପାଳ ମୋନିଷା ବାନାର୍ଜୀ ଏହି ଘୋଷଣା କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜନସାଧାରଣଙ୍କୁ ଯୋଗାଇ ଦିଆଯିବ। ଜିଲାର ମୋଟ ପଞ୍ଚାୟତ ସଂଖ୍ୟା ୧୦୯। ତଦନୁଯାୟୀ ପ୍ରଥମ ପର୍ଯ୍ୟାୟରେ ସମସ୍ତ ପଞ୍ଚାୟତର ଗୋଟିଏ ଲେଖାଏ ଗାଁ(ଅର୍ଥାତ୍ ୧୦୯ ଗାଁ)ର ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍, ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ଆଦିର ସମସ୍ୟା ଥିଲେ ତାର ସମାଧାନ କରାଯିବ। ଭତ୍ତା ପାଇବାରୁ ବଞ୍ଚିତ ଥିବା ବୃଦ୍ଧାବୃଦ୍ଧ, ଅସହାୟ, ବିଧବା ଓ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ଭତ୍ତା ଦିଆଯିବ। ନିର୍ମାଣ ଶ୍ରମିକଙ୍କୁ ଚିହ୍ନଟ କରି ସହାୟତା ଯୋଗଇ ଦେବାର ବ୍ୟବସ୍ଥା ହେବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ବ୍ୟକ୍ତି ସାମିଲ ହୋଇ ନଥିଲେ ଅନ୍ତର୍ଭୁକ୍ତ କରାଯିବ। ଏମ୍‌ଜିଏନଆରଇଜିଏସ୍‌ରେ କାମ କରିବାକୁ ଚାହୁଁଥିବା ଜବକାର୍ଡ ଧାରୀଙ୍କୁ ପ୍ରଶାସନ ନିଜ ଅଞ୍ଚଳରେ ୧୦୦ ଦିନର କାମ ଯୋଗାଇ ଦେବ । ଆସନ୍ତା ୬ ମାସ ଭିତରେ ୧୦୯ ଗାଁର ଜନସାଧାରଣଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନା ଉପଲବ୍ଧ କରାଯିବ ବୋଲି ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହରେ ଅଧ୍ୟକ୍ଷତା କରି ଜିଲାପାଳ ବାନାର୍ଜୀ ଏହି ଘୋଷଣା କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଆହୁରି କହିଥିଲେ ଯେ, ସୁବର୍ଣ୍ଣପୁର ଏକ ଗ୍ରାମ ବହୁଳ ଜିଲା । ତେଣୁ ଗାଁର ବିକାଶ ହେଲେ ଯାଇ ଜିଲା ଓ ରାଜ୍ୟର ବିକାଶ ହେବ। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ସକାଶେ ପଦକ୍ଷେପ ନେଇଥିଲେ ଓ ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଉଥିଲେ ବୋଲି କହିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜଣେ ମହାନ ଜନନେତା ଥିଲେ । ସେ ଲୋକଙ୍କ ସହ ସିଧାସଳଖ ମିଶିବାକୁ ପସନ୍ଦ କରୁଥିଲେ ଓ ସମସ୍ୟାର ସମାଧାନ କରୁଥିଲେ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଓଡିଶାରେ ୧୩ ଜିଲାକୁ ୩୦ରେ ପରିଣତ କରିବା ତାଙ୍କର ସାହାସିକ ପଦକ୍ଷେପ ଥିଲା ବୋଲି କହିଥିଲେ । ଏପିଡି ପ୍ରଶିକ୍ଷଣ ଶୈବାଳିନୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ଡିଆଇପିଆରଓ ହରିଚରଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲାର ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ସରକାରୀ ଅଧିକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ ।



ଜିଲାସ୍ତରୀୟ ପଞ୍ଚାୟତିରାଜ ସମାରୋହରେ ଜିଲାପାଳ ମୋନିଷା ବାନାର୍ଜୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

### ଜେଲଗଲେ ୨ ପକେଟମାର

**ସଇଁତଲା, ୫।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଘୁନସର ଗ୍ରାମରେ ସାପ୍ତାହିକ ବଜାର ଚାଲୁଥିବା ସମୟରେ ପକେଟମାର କରୁଥିବା ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସଇଁତଲା କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଟିଟିଲାଗଡ ଜେଲ ହାଜତକୁ ପଠାଇ ଦିଆଯାଇଛି। ଘୁନସରଠାରେ ସାପ୍ତାହିକ ବଜାର ଚାଲିଥିବାବେଳେ ସୁନ୍ଦରଗଡ଼ ଜିଲା ବରଗାଁ ଥାନା ଜାରଙ୍ଗ ଗ୍ରାମର ଗଣେଷ କୁମାର ଜରାଶବର ଓ ବରଗଡ଼ ଜିଲା ଗୋଡ଼ଭଗା ପଞ୍ଚାୟତର ଲଖନପୁର ଗ୍ରାମର ପବନ ମାଝୀ ପକେଟ ମାର କରୁଥିବାବେଳେ ଲୋକ ଧରିଥିଲେ । ପବନଙ୍କଠାରୁ ୨୫ଶହ ଓ ଗଣେଷଙ୍କଠାରୁ ୨୨ଶହ ନଗଦ ଟଙ୍କା ଜବତ ହୋଇଥିଲା। ଏ ନେଇ ସଇଁତଲା ଥାନାରେ ଏକ ମାମଲା (ନଂ.୬୦/୨୦) ରୁଜୁ ହୋଇଛି। ମଦ୍ଦବିକ୍ରି କରିବାର ବାହାନା କରି ଗଣେଶ ଓ ପବନ ପକେଟ ମାର କରୁଥିଲେ ବୋଲି ସଇଁତଲା ଥାନା ଏସଆଇ ମହେଶ୍ୱର ଦାସ ସୁନାନୀ କହିଛନ୍ତି।

## ଭିଜନ ୨୦୨୪ କ୍ରିକେଟ : ଡୋମିନେଟର୍ସ ଫାଇନାଲରେ

**ଉଲୁଣ୍ଡା, ୫।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଖେଳପଡିଆରେ ଚାଲିଥିବା ବରିଷ୍ଠ ବିଭାଗ ଭିଜନ ୨୦୨୪ର ଗୁରୁବାର ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏସ୍‌ଡିସିଏ ସାମୁରାଇକୁ ହରାଇ ଡୋମିନେଟର୍ସ ଦଳ ଫାଇନାଲରେ ପ୍ରବେଶ କରିଛି। ଏସଡିସିଏ ସାମୁରାଇ ଟସ ଜିଣି ଫିଲ୍ଡିଂର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଡୋମିନେଟର୍ସ ଦଳ ୨୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ କରିଥିଲା। ଦଳ ପକ୍ଷରୁ ପୁରୁଷୋତ୍ତମ ପାତ୍ର ସର୍ବାଧିକ ୨୬ ଏବଂ ସୌରଭ ତରିଆ ୨୯ ରନ କରିଥିଲେ। ବିପକ୍ଷ ଦଳର ନନ୍ଦି ଖୁରା ଏବଂ ସାଗର ତରିଆ ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବିପକ୍ଷ ସାମୁରାଇ ଦଳ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୮ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅଭିଲାଷ ନାଏକ ୨୦ ରନ କରିଥିବା ବେଳେ ବିପକ୍ଷ ଦଳର ପ୍ରଶାନ୍ତ ବିଶି ଓ ଚନ୍ଦନ ବିଶି ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଫଳରେ ଡୋମିନେଟର ଦଳ ପାଇନାଲରେ ପ୍ରବେଶ କରିଛି। ଖେଳକୁ ରଘୁବୀର ମିଶ୍ର ଏବଂ ସୁନୀଲ କୁମାର ପଧାନ ପରିଚାଳନା କରିଥିଲେ। ସରୋଜ କୁମାର ମିଶ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସତ୍ୟ ନାରାୟଣ ପଧାନ ଓ ଗୁପ୍ତେଶ୍ୱର ଖୁରା ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ଅତିଥି ଭାବେ ଏସଡିସିଏର ସଦସ୍ୟ ନବ ପ୍ରକାଶ ମିଶ୍ର ଏବଂ ସାମାଜିକ କର୍ମୀ ଅକ୍ଷୟ କୁମାର ପୁରୋହିତ ଯୋଗଦେଇ ଚନ୍ଦନ ଦାସଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

### ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୫।୩(ବ୍ୟୁରୋ)**

ଘାରିଲାଣି କରୋନା ସଂକ୍ରମଣ ଭୟ। ଓଡ଼ିଶାରେ ସେପରି ସ୍ଥିତି ଉପୁଜି ନ ଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଗୁରୁବାର ଓଡ଼ିଶା ସ୍କୁଲ୍ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ପକ୍ଷରୁ ଏକ ଆଡ୍‌ଭାଇଜରି ଜାରି କରାଯାଇଛି। କରୋନାକୁ ନେଇ ସତର୍କ ରହିବା ସହ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ), ଜିଲା ପ୍ରକଳ୍ପ ଅଧିକାରୀ (ଡିପିସି) ଓ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ପତ୍ର ସଂଖ୍ୟା ୨୧୬୪/ସିଏମ୍‌ରେ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ 'ନୋଭେଲ୍ କରୋନା ଭାଇରସ' ବିଷୟରେ ଶିକ୍ଷକମାନେ ନିୟମିତ ଅବଗତ ସହ ସଚେତନ କରିବେ। କାହାସହ ହାତ ନ ମିଳାଇବା, ଖାଇବା ପୂର୍ବରୁ ଭଲ ଭାବେ ହାତ ଧୋଇବା, କାଶ ଓ ଛିଙ୍କ ହେଉଥିଲେ ରୁମାଲ ବ୍ୟବହାର କରିବା ସହ ବିଦ୍ୟାଳୟରେ ଏକତ୍ରିତ କିମ୍ବା ରୁଣ୍ଡ ହୋଇ କିଛି କାର୍ଯ୍ୟ କରିବାକୁ ବାରଣ କରାଯାଇଛି। କୌଣସି ଛାତ୍ରୀଛାତ୍ର ଅସୁସ୍ଥତା ଅନୁଭବ କରୁଥିଲେ ତାଙ୍କୁ ବିଦ୍ୟାଳୟ ନ ଆସିବାକୁ ପରାମର୍ଶ ଦିଆଯାଇଛି।



ବିଜେଡି ପକ୍ଷରୁ ଆୟୋଜିତ ବିଜୁ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ।

## ବିଜୁବାବୁଙ୍କ ଓଡ଼ିଶା ପ୍ରତି ଅବଦାନ ଅତୁଳନୀୟ

**ଅମରପାଲି, ୫।୩(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀସଦନଠାରେ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ମଣ୍ଡଳସ୍ତରୀୟ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ମୃତ୍ୟୁଞ୍ଜୟ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ଜିଲା ସମ୍ପାଦକ ସ୍ୱୟମ୍ଭୁନାଥ ଖଣ୍ଡଗିରୀ ସଂଯୋଜନା କରିଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ସମ୍ପାଦକ ରଞ୍ଜିତ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉଲୁଣ୍ଡା ବ୍ଲକ ବିଜେଡି ସଭାପତି ଝସକେତନ ବଘାର, ନିର୍ବାଚନ ମଣ୍ଡଳୀସ୍ତରୀୟ ଯୁବ ସଭାପତି ବିହାରୀଲାଲ ମିଶ୍ର, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଉତ୍ତର କୁମାର ପାତ୍ର, ବିନିକା ଏନଏସି ସଭାପତି ସୋମନାଥ ମିଶ୍ର, ବୀରମହାରାଜପୁର ବ୍ଲକ ବିଜେଡି ଯୁବ ସଭାପତି ନାରାୟଣ ଲୁହା, ସତ୍ୟଜିତ୍‌ବ ମିଶ୍ର ପ୍ରମୁଖ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ଓଡ଼ିଶା ପ୍ରତି ବିଜୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତମାନେ ମତ ପ୍ରକାଶ କରିଥିଲେ । ଶେଷରେ ଧିଷଣନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସ୍ଥାନୀୟ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା ।

## ଉଚ୍ଛେଦ ହେଲା ୭ ଫଣ୍ଡି ଘର

**ଲୋଇସିଂହା, ୫।୩(ଡି.ଏନ.ଏ.)**

ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନ କଠୋର ନିଷ୍ପତ୍ତି ନେଇ ୭ଫଣ୍ଡିଘରକୁ ଉଚ୍ଛେଦ କରିଛି। ସେଗୁଡିକ ମଧ୍ୟରେ ଲୋଇସିଂହା ରେଞ୍ଜର ୨, ତରଭାର ୨, ସିଂବାହାଲିର ୨ ଓ ବଲାଙ୍ଗୀର ସଦରର ଅଞ୍ଚଳର ଗୋଟିଏ ରହିଛି । ଲୋଇସିଂହା ବ୍ଲକ କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ଆଗଲପୁର ସେକ୍ସନର ନଅଗାଁ(କ) ଓ ଭୋଇପାଲିକୁ ଉଠାଇ ଦିଆଯାଇଛି । ଏଠାରେ କମ୍ କେନ୍ଦୁପତ୍ର ଉତ୍ପାଦନ ହେଉଥିବା ଦର୍ଶାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଉଚ୍ଛେଦ ଫଣ୍ଡି ଘରଦ୍ୱୟକୁ ନୂନିଆପାଲି ଫଣ୍ଡିରେ ମିଶ୍ରଣ କରାଯାଇଛି । ଏହାକୁ ନେଇ ଶ୍ରମଜୀବୀ ଓ ସଜିନିଲା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାମତେ, ଲୋଇସିଂହା କେନ୍ଦୁପତ୍ର ରେଞ୍ଜ ଅଧୀନରେ ୫ଟି ସେକ୍ସନ ରହିଛି। ସେଥିମଧ୍ୟରୁ ଆଗଲପୁର ସେକ୍ସନ ଅନ୍ୟତମ । ଆଗଲପୁର ସେକ୍ସନରେ ୭ଟି ଫଣ୍ଡିଘର ଥିଲା । ଏହାକୁ ଆଗଲପୁର ଫଣ୍ଡି ଘରେ ଥିବା ପ୍ରାୟ ୪ ଶହ ତୋଳାଳି, ଭୋଇପାଲିରେ ଥିବା ପ୍ରାୟ ଅଢେଇଶହ ତୋଳାଳି ପରିବାର ରୋଜଗାର ହରାଇଛନ୍ତି। ରେଞ୍ଜ ଅଫିସର ଦିଲୀପ ସାହୁଙ୍କୁ ପଚାରିବାରୁ ଫଣ୍ଡିଘର ଉଚ୍ଛେଦ ହୋଇଥିବା କହିଛନ୍ତି। ତେବେ ଉପରିସ୍ଥ ଅଧିକାରୀ ଅଧିକ କହି ପାରିବେ ବୋଲି କହିଛନ୍ତି।

## ଡିଗ୍ରୀ କଲେଜରେ ଚକ୍ଷୁ ପରୀକ୍ଷା ଶିବିର

**ସୋନପୁର,୫।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ମେଣ୍ଡା ମହର୍ଷି ବୁଦ୍ଧରାମ ଡିଗ୍ରୀ କଲେଜରେ ଚକ୍ଷୁ ପରୀକ୍ଷା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଯୁବ ରେଡକ୍ରସ ଓ ମହାନଦୀ ନେତ୍ର ଚିକିତ୍ସାଳୟ ବୀରମହାରାଜପୁର ପଣ୍ଡାପାଲିର ମିଳିତ ଆନୁକୂଲ୍ୟରେ ଶିବିର ଆୟୋଜିତ ହୋଇଥିଲା। କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳନା ହୋଇଥିଲା। ପ୍ରାକ୍ତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ଯୁବ ରେଡକ୍ରସ ସଂଯୋଜକ ଉମାକାନ୍ତ ନାଗ, ମହାନଦୀ ନେତ୍ର ଚିକିତ୍ସାଳୟର ଟେକ୍‌ନିସିଆନ ସୁଜିତ ଥାପା, କଲେଜ ପରିଚାଳନା କମିଟି ସଭାପତି ବାଳଗୋପାଳ ପଣ୍ଡା, ସମ୍ପାଦକ ନାରାୟଣ ଝାଙ୍କର, ପରିଚାଳନା ମଣ୍ଡଳୀର ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଯୁବ ରେଡକ୍ରସର କାଉନସିଲର ଅଧ୍ୟାପକ ବିକାଶ କୁମାର ସାହୁ ସଭାକୁ ପରିଚାଳନା କରିଥିଲେ। ଅସ୍ତ୍ରୋପଚାର ନିମନ୍ତେ ରୋଗୀଙ୍କୁ ଚିହ୍ନଟ କରାଯିବା ପରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା ।



ଶିବିରରେ ଉପସ୍ଥିତ ଅତିଥି ବୃନ୍ଦ ।

## ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ

**ଅମରପାଲି, ୫।୩ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ଦିଲୀପ କୁମାର ସାହୁ ମୁଖ୍ୟଅତିଥି, ଯୁଗଳ କିଶୋର ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଜିଲାପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ଓଡିଶା ଜୀବିକା ମିଶନର ସ୍ୱପ୍ନାରାଣୀ ପୂଜାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଖିରୋଦ ଭୂଷଣ ରାୟ ଓ ବ୍ଲକ ମଙ୍ଗଳ ଅଧିକାରୀ ଜଗତଜୀବନ ବରର୍ତ୍ତି ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ବିଜୁ ବାବୁଙ୍କ କାର୍ଯ୍ୟଦକ୍ଷତା, ଲକ୍ଷ୍ୟ, ପଞ୍ଚାୟତିରାଜର ଉଦ୍ଦେଶ୍ୟ, ନାରୀ ସଶକ୍ତିକରଣ ଆଦି ଉପରେ ଆଲୋଚନା କରିଥିଲେ । ଶେଷରେ ଜଗତଜୀବନ ବରର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନରେ ମଞ୍ଚାସୀନ ଅତିଥିମାନେ ।

# ସଂକୀର୍ତ୍ତନ ମହାକୁମ୍ଭ ଉଦ୍‌ଯାପିତ

**ଭାଗ ନେଇଥିଲେ ଦେଶ ବିଦେଶର ୧୨୨ ସଂକୀର୍ତ୍ତନ ଦଳ**

**ବଲାଙ୍ଗୀର ଅଫିସ, ୫।୩**

ବଲାଙ୍ଗୀର ସଦାଇପାଲିଠାରେ ୧୧ଦିନ ଧରି ଚାଲିଥିବା ସଂକୀର୍ତ୍ତନ ମହାକୁମ୍ଭ ଗୁରୁବାର ଉଦଯାପିତ୍ ହୋଇଛି। ପୂର୍ଣ୍ଣାହୂତି ପରେ ଦଧିଭାଣ୍ଡ ଭଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନଗର କୀର୍ତ୍ତନରେ ସଦାଇପାଲି ମାହେଶ୍ୱରୀ ରାମଜୀ ପାର୍ଟି ଓ ରାଧେ ରାଧେ ମହିଳା ସଂକୀର୍ତ୍ତନ ଦଳ ସହ ଢେଙ୍କାନାଳ ଜିଲାର ବିଶ୍ୱନାଥପୁର, ବରଗଡ ଜିଲାର ସାନସାହାଜବାହାଲ, ବଲାଙ୍ଗୀର ଜିଲାର କୁମିଆଁପାଲି ଓ ବ୍ରାହ୍ମଣୀଡୁଙ୍ଗୁରୀ ଗାଁରୁ ଆସିଥିବା ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଜପଯଜ୍ଞର ୨୪ଜଣ ପଣ୍ଡିତ ମଧ୍ୟ କଳସ ବିସର୍ଜନ ଉତ୍ସବରେ ଯୋଗଦାନ କରିଥିଲେ। ଯଜ୍ଞକର୍ତ୍ତା ଡା. ପ୍ରମୋଦ କୁମାର ମିଶ୍ର ଓ ମନୋରମା ମିଶ୍ର ଯଜ୍ଞ କାର୍ଯ୍ୟ ତୁଲାଇଥିଲେ । ପଣ୍ଡିତ ମହାବୀର ବେଦବାକ ପୂଜା ପାଠ କରିଥିଲେ। ୧୮ ଯୋଡି କର୍ତ୍ତା ହୋମଯଜ୍ଞରେ ବସିଥିଲେ। ଏହି ନାମଯଜ୍ଞରେ ମୋଟ ୧୨୨ଟି ସଂକୀର୍ତ୍ତନ ଦଳ ଓଡିଶାର ବିଭିନ୍ନ ଜିଲା, ଛତିଶଗଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ତଥା ଆମେରିକା ଓ ରୁଷିଆର ଇସ୍କନ ଦଳ ଯୋଗଦାନ କରିଥିଲେ । ପ୍ରତିକୂଳ ପାଗରେ ମଧ୍ୟ ଯଜ୍ଞଟି ସୁରୁଖୁରୁରେ ସମାପ୍ତ ହୋଇଥିବାରୁ ମହାକୁମ୍ଭ ସଭାପତି ଡ. ଶ୍ରୀକର ମିଶ୍ର ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସାଧୁବାଦ ଜଣାଇଥିଲେ । ଶେଷରେ ସମସ୍ତ ଅଂଶଗ୍ରହଣକାରୀ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଗତ ୨୪ତାରିଖ ଘୂର୍ଣ୍ଣିଝଡରେ ଯଜ୍ଞସ୍ଥଳୀ ସମ୍ପୂର୍ଣ୍ଣ ଭାଙ୍ଗିଯିବାରୁ ଶେଷ ମୁହୂର୍ତ୍ତରେ ସ୍ଥାନ ପରିବର୍ତ୍ତନ କରାଯାଇ ପଲ୍ଲୀଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ମନ୍ଦିରରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଶେଷରେ କୃଷ୍ଣକୃପା ଟ୍ରଷ୍ଟ ନିର୍ଦ୍ଦେଶକ ସ୍ୱାମୀଜୀ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ତାଙ୍କ ଆଶୀର୍ବାଦ ପ୍ରଦାନ କରିଥିଲେ ।



ସଂକୀର୍ତ୍ତନ ମହାକୁମ୍ଭ ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ନଗର ସଂକୀର୍ତ୍ତନ ।



ପ୍ରେମ ହିଁ ଭଗବାନ ଏବଂ
ଭଗବାନ ହିଁ ପ୍ରେମ।
- ସତ୍ୟସାଇ ବାବା



## ସଂକ୍ଷେପରେ...

### ସମଲେଶ୍ୱରୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ଜାମଟିକ୍ରା, ୫।୩ (ଡି.ଏନ.ଏ)
ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡାଠାରେ ଅବସ୍ଥିତ ଶ୍ରୀ ଶ୍ରୀ ମାଁ ସମଲେଶ୍ୱରୀଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମାପନ ହୋଇଛି । ଏହି ଉତ୍ସବରେ ସୁବ୍ରତ କୁମାର ବାବୁ ଓ ସଂଯୁକ୍ତା ବାବୁ ମୁଖ୍ୟକର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ସଞ୍ଜୀବ କୁମାର ତ୍ରିପାଠୀ, ପ୍ରଶାନ୍ତ କୁମାର ଦାଶ, ମନୋଜ ଦେବତା ଓ ଭୀଷ୍ମଦେବ ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଗ୍ରାମର ଗୌନ୍ତିଆ ଓଁକାରନାଥ ବାବୁ, ଯାଦବ ଭୋଇ, ରାଜେଶ କୁମାର ବଡ଼ାଇ, ଗୋବିନ୍ଦ ଭୋଇ, ଅଶୋକ ଷଡଙ୍ଗୀ, ଗୋକୁଳ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

### କ୍ରିକେଟ: ଜିବିପି ବିଜୟୀ

ବୌଦ୍ଧ,୫।୩(ସ୍ୱ.ପ୍ର): ବୌଦ୍ଧରେ ଚାଲିଥିବା ସିନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଜିବିପି ଓ ବିପିସି କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଜିବିପି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୨ ଓଭରରେ ୬ ଉଇକେଟ ହରାଇ ୧୮୯ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ପ୍ରକାଶ ଝା ୫୫ ବଲରୁ ୯୦ରନ୍ ଓ ରାମକୃଷ୍ଣ ପାଲ ୩୨ ବଲରେ ୩୫ ରନ୍ କରିଥିଲେ । ବିପକ୍ଷ ଦଳ ବିପିସି ତରଫରୁ ଶିବ ପାଢୀ ୩ଟି ଉଇକେଟ ଓ ଶ୍ରୀତମ କଲତା ୧ ଉଇକେଟ ହାସଲ କରିଥିଲେ। ଜବାବରେ ବିପିସି କ୍ଲବ ୨୩ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୧୨ ରନ୍ କରି ପାରିଥିଲା। ଫଳରେ ଜିବିପି ୭୭ରନରେ ବିଜୟୀ ଲାଭ କରିଥିଲା। ବିପିସି ତରଫରୁ ତୀର୍ଥାନନ୍ଦ ମହାପାତ୍ର ୫୯ ବଲ୍‌ରେ ୪୮ ରନ୍, ଶ୍ରୀତମ କଲତା ୩୧ ବଲରେ ୧୫ରନ୍ ସଂଗ୍ରହ କରିଥିଲେ । ଜିବିପି ଦଳ ତରଫରୁ ରାମକୃଷ୍ଣ ପାଲ ୩ଟି ଉଇକେଟ ନେଇଥିବାବେଳେ ମାନସ ରଞ୍ଜନ ବେହେରା ୨ଟି ଉଇକେଟ ନେଇଥିଲେ। ଅମ୍ପାୟାର ଭାବେ ବିଶ୍ୱଜିତ ପୁରୋହିତ ଓ ସଲିଳ କୁମାର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ସାଇପ୍ରିୟ ଦାସ ସ୍କୋରର ଥିଲେ ।

### ଇଣ୍ଟରନେଟ୍ ଯୁଗରେ ବି ପୁସ୍ତକର ଚାହିଦା ରହିଛି

ଜାମଟିକ୍ରା, ୫।୩ (ଡି.ଏନ.ଏ)
ଅତାବିରା ପ୍ରାଣୀ ଡାକ୍ତରଖାନା ପରିସରରେ ଚାଲିଥିବା ୯ମ ବହିହାଟର ୫ମ ସନ୍ଧ୍ୟାରେ ବରଗଡ ଜିଲା ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠକ ତଥା ଜିଲା ସଂଯୋଜକ ଦେବରାଜ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ପଠନର ଉପାଦେୟତା ତଥା ବର୍ତ୍ତମାନ ଇଣ୍ଟରନେଟ ଯୁଗରେ ମଧ୍ୟ ପୁସ୍ତକର ଚାହିଦା ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପାଏନବୁଡି ପ୍ରଧାନ ଯୋଗ ଦେଇଥିଲେ। ଏହି ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନିର୍ମଳ ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦଶରଥ ବାଗ କୁଇଜ ପରିଚାଳନା କରିଥିଲେ । ହରିପ୍ରସାଦ ପ୍ରଧାନ, ରବି ବାଗ, ଦିଲୀପ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଅମ୍ଳାନ ବ୍ୟକ୍ତିତ୍ୱ ବିଜୁବାବୁ



ଭେଡେନ୍ ବ୍ଲକ୍ ସହରାଟିକ୍ରାରେ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରାଯାଉଛି।



ସୋହେଲାରେ ବିଜୁ ଜୟନ୍ତୀ ପାଳନ ସଭାରେ ମଞ୍ଚାସୀନ ଅତିଥି।

## ପଞ୍ଚାୟତିରାଜ ଦିବସରେ ମତପ୍ରକାଶ

**ଜାମଟିକ୍ରା, ୫।୩ (ଡି.ଏନ.ଏ)**

ଅତାବିରା ବ୍ଲକ ସଭା କକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ପ୍ରଣବ କୁମାର ଚାନ୍ଦ ଯୋଗଦେଇ ଏହି ମହାନ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବିଜୁ ବାବୁ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ପାଇଲଟ, ଉଦ୍ୟୋଗୀ, ଶିଳ୍ପପତି, ଦୃଢ଼ ଜାତୀୟତାବାଦୀ ଓ ମହାନ ରାଜନେତା ବୋଲି ଉଦ୍‌ବୋଧନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ଉପାଧ୍ୟକ୍ଷ ବିବେକାନନ୍ଦ ଭୋଇ, ଏମ୍‌ପି ପ୍ରତିନିଧି ସୁନନ୍ଦା ମେହେର, ଜିଲା ପରିଷଦ ସଭ୍ୟ ଯୁବରାଜ ପଧାନଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ବ୍ଲକ କୃଷି ଅଧିକାରୀ ମାମିନୀ ଭୋଇ, କେନାଲ ବିଭାଗ ଏସଡିଓ ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

**ଅମ୍ବାଭୋନା, (ଡି.ଏନ.ଏ):** ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଡିଓ ଆଲଫ୍ରାନ୍ସ ବିଲୁଙ୍ଗ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ନୀଲ କୁମାରୀ ନାୟକ ମୁଖ୍ୟଅତିଥି, ଉପାଧ୍ୟକ୍ଷ ଠାକୁରରାମ ପଟେଲ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିଦ୍ୟାଧର ବଡପଣ୍ଡା, ସହକାରୀ ଯନ୍ତ୍ରୀ ସୁଶ୍ରୀ ରଶ୍ମିତା ନାୟକ, ବିଇଓ ଟେମଲାଲ ଦୁବେ, ପ୍ରୋଗ୍ରାମ ଅଧିକାରୀ ମହିମା ସାହୁ, ସମାଜସେବୀ କିର୍ତ୍ତିଚନ୍ଦ୍ର ଦୁଆନ, ରଘୁନାଥ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**ସୋହେଲା,(ଡି.ଏନ.ଏ):** ସୋହେଲା ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଯାଇଛି। ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ବିଶ୍ୱ ରଞ୍ଜନ କର ପଞ୍ଚାୟତିରାଜ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଯୁବନେତା ସୁବ୍ରତ ସିଂ, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, ଦୟାନିଧି ପଟେଲ, ସରକାରୀ ଓକିଲ ଅଶୋକ ବାରିକ, ସିଡିପିଓ ରାସେଶ୍ୱରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିପିଓ ମହମ୍ମଦ ଆକବର, ସହକାରୀ ଯନ୍ତ୍ରୀ ନରେଶ ଅଗ୍ରୱାଲ, କନିଷ୍ଠ ଯନ୍ତ୍ରୀ ଧ୍ରୁବଚରଣ ପରିଡା ବକ୍ତବ୍ୟ ରଖିଥିଲେ । ଡବ୍ଲୁଇଓ ଅତୀଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସୋହେଲା ଅଗ୍ରସେନ ଭବନରେ ବିଜେଡି ତରଫରୁ ୧୦୪ତମ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି । ସୋହେଲା ବ୍ଲକ ବିଜୁଜନତା ଦଳ ସଭାପତି ଦୟାନିଧି ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ଜନତାଦଳ ପୂର୍ବତନ ବ୍ଲକ ସଭାପତି ଗଣତନ୍ତ୍ର ପ୍ରଧାନ, ସରକାରୀ ଓକିଲ ଅଶୋକ ବାରିକ, ଦେବେନ୍ଦ୍ର ପାତ୍ର, ପୂର୍ବତନ ସରପଞ୍ଚ ରବି ଶଙ୍କର ପଧାନ, ବିଜେଡି ଯୁବନେତା ସୁବ୍ରତ ସିଂ, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ସୋହେଲା ସେବା ସମବାୟ ସମିତି ସଭାପତି ମାର୍କଣ୍ଡ ସା, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, କାର୍ତ୍ତିକ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱାଗତ ଭାଷଣ ସୁବ୍ରତ ବେହେରା ଓ ଧନ୍ୟବାଦ ଅର୍ପନ କରିଥିଲେ ସମାଜସେବୀ ଦିଲୀପ ସାହୁ ।

**ପାଇକମାଳ, (ଡି.ଏନ.ଏ):** ପାଇକମାଳ ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଡିଓ ସୁରେନ୍ଦ୍ର କୁମାର ମେହେର ସଭାପତିତ୍ୱ କରିଥିଲେ । ଜିପିଓ ଭୀଷ୍ମଦେବ ମାଝୀ ଧନ୍ୟବାଦ ଅର୍ପ କରିଥିଲେ ।

**ଭେଡ଼େନ,(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ସହରାଟିକ୍ରା ସ୍ଥିତ ବିଜୁ କୃଷକ ଭବନ ଠାରେ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ବିଜେଡ଼ି ବ୍ଲକ ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟ ଅତିଥି , ଜିଲା ପରିଷଦ ସଭ୍ୟ ସୁବାସ ହୋତା, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଜିଲା ଉପସଭାପତି ରଣଜିତ ଭୋଇ, କଳାକାର ସଂଘ ସଭାପତି ସାଗର ମହାକୁର, ସରପଞ୍ଚ ସମୀର ସେଠ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସତ୍ୟଜିତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭେଡ଼େନ ବ୍ଲକ ଅଫିସ ପରିସରରେ ବିଡ଼ିଓ ମୁରଲିଧର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ପଞ୍ଚାୟତିରାଜ ଦିବସ ପାଳନରେ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ବିଜେଡ଼ି ବ୍ଲକ ସଭାପତି ହରିଶଙ୍କର ବେହେରା, କୃଷି ଅଧିକାରୀ ପୁରୁଷୋତ୍ତମ ସାହୁ, ଏବିଇଓ ଅଭିମନ୍ୟୁ ଭୋଇ, ଆଇସିଡ଼ିଏସ ସୁପରଭାଇଜର ଅନିତା ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



### ଗାଁ ରାସ୍ତାରେ ଆଣ୍ଠୁଏ ପାଣି, ଯାତାୟାତରେ ବାଧା

**ଜହ୍ନାପଙ୍କ, ୫।୩ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଗାଁ ବଡଦାଣ୍ଡର ସାହୁଗଳିରେ ସାମାନ୍ୟ ବର୍ଷା ହେଲେ ପାଣି ଜମୁଥିବାରୁ ପୋଖରୀର ଭ୍ରମ ସୃଷ୍ଟି କରୁଛି । ଗତବର୍ଷ ଏହି ରାସ୍ତାର ତ୍ରିବେଣୀ ଛକଠାରୁ ଏଟିଏମ ଏବଂ ଚଳିତ ବର୍ଷ ଏଟିଏମଠାରୁ ୧୦୦ ମିଟର ପର୍ଯ୍ୟନ୍ତ ରାସ୍ତା କଂକ୍ରିଟ ହୋଇଛି । ଅବଶିଷ୍ଟ ରାସ୍ତାକାମ ହୋଇ ନ ଥିବାରୁ ଏଠାରେ ପାଣି ଜମୁଥିବା ସାହିବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ଦେଇ ଗ୍ରାମବାସୀ, ଛାତ୍ରୀଛାତ୍ର ଯାଆସ କରିଥାନ୍ତି । ଏହି ବାଟଦେଇ ଦୈନିକ ବଜାରକୁ ଜହ୍ନାପଙ୍କ, ତେଲିବନ୍ଧ, ଖୁଣ୍ଟବନ୍ଧ, ପଦ୍ମନପୁର, ବୁଢ଼ିପଦର, ମକୁନ୍ଦପୁର ଗ୍ରାମବାସୀ ଯାତାୟାତ କରିଥାନ୍ତି । ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ସ୍କୁଲ ପିଲାମାନେ ଅସୁବିଧା ଭୋଗୁଛନ୍ତି । ଉକ୍ତ ରାସ୍ତାର ସ୍ଥାୟୀ ପ୍ରତିକାର କରା ନ ଗଲେ ସାହିବାସୀ ପଞ୍ଚାୟତ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ସରପଞ୍ଚ ରାଜେନ୍ଦ୍ର ମେହେରଙ୍କୁ ଯୋଗାଯୋଗ କରିବାରୁ କଂକ୍ରିଟ ରାସ୍ତା ପାଇଁ ପ୍ରପୋଜାଲ ଦିଆଯାଇଛି, ଅନୁମୋଦନ ହେଲେ ନିର୍ମାଣ କରାଯିବ ବୋଲି କହିଥିଲେ ।

# ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

**ପାଇକମାଳ, ୫।୩ (ଡି.ଏନ.ଏ)**

## ଧାନ ବିକି ନ ପାରି ରାଜରାସ୍ତାରେ ଚାଷୀ



ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି ।

ବରଗଡ଼ ଜିଲା ପାଇକମାଳ ବ୍ଲକ ଅଞ୍ଚଳରେ ଟୋକନ ଅଭାବରୁ ଧାନ ବିକ୍ରି ହୋଇପାରୁନାହିଁ। ଏ ନେଇ ବିଭିନ୍ନ ସ୍ତରରେ ଆଲୋଚନା ହୋଇଥିଲେ ମଧ୍ୟ କିଛି ସମାଧାନର ବାଟ ବାହାରିପାରିନାହିଁ। ଫଳରେ ବରଗଡ ଜିଲା ପାଇକମାଳ ବ୍ଲକ ବରତୁଣ୍ଡାଠାରେ ଆଞ୍ଚଳିକ କୃଷକ ମହାସଂଘ ନେତୃତ୍ୱରେ ଚାଷୀମାନେ ପାଇକମାଳ-ନୂଆପଡା ରାସ୍ତାକୁ ଗୁରୁବାର ସକାଳ ୭ଟାରୁ ଅବରୋଧ କରିଥିଲେ। ରାଜେନ୍ଦ୍ର ପ୍ରଧାନ, ହରିହର ସାହୁ, ବିଶ୍ୱନାଥ ବାଗ, ସଂକୀର୍ତ୍ତନ ଭଇଁସା, ପ୍ରଦୀପ ପଟ୍ଟନାୟକ, ଗଣେଷ ସାହୁ, ରାମଜୀ ସାହୁ, ରୁକ୍ମଣ ଧରୁଆ, ବନମାଳୀ ବିନାଟ ପ୍ରମୁଖ ଚାଷୀମାନେ ରାସ୍ତାରୋକରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଗିରୀଶ ଡନସନାଙ୍କ ଅଧ୍ୟକ୍ଷତାରେ ବରତୁଣ୍ଡା ବଜାର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ୭ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ଦରୱାନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଚାଷୀମାନେ ୬ଘଣ୍ଟା ପରେ ରାସ୍ତା ଅବରୋଧରୁ ହଟିଥିଲେ। ବରଗଡ ଏସପି ଦାୟିତ୍ୱରେ ଥିବା ବଲାଙ୍ଗିର ଏସ୍‌ପି ସନ୍ଦୀପ ମାଡକେର, ବରଗଡ ଅତିରିକ୍ତ ଏସପି ଅମରେନ୍ଦ୍ର ରଣା, ପଦ୍ମପୁର ଏସଡିପିଓ ପ୍ରଦୀପ କୁମାର ସାହୁ, ପାଇକମାଳ ତହସିଲଦାର ମନୋଜ କୁମାର ମେହେର, ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ରଣା, ଥାନାଧିକାରୀ ବିଶ୍ୱଜିତ ମନବୋଧ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ।

# ଟ୍ରକ୍ ପଛରେ ପିଟିଲା ବାଇକ୍, ଯୁବକ ମୃତ

**ଜହ୍ନାପଙ୍କ, ୫।୩ (ଡି.ଏନ.ଏ)**

ବୌଦ୍ଧ ଥାନା ଅନ୍ତର୍ଗତ ୫୭ ନମ୍ବର ଜାତୀୟ ରାଜପଥର ଜହ୍ନାପଙ୍କ ଇଲେକ୍ଟ୍ରି ସବଷ୍ଟେଶନ ନିକଟରେ ବୁଧବାର ରାତି ପ୍ରାୟ ୧୨ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ସୋନପୁର ପଟକୁ ମୁହଁ କରି ରାସ୍ତା ଉପରେ ଛିଡା ହୋଇଥିବା ହାଇୱା (ନଂ.ଓଡି୩୧ସି/୩୦୭୫) ପଛପଟକୁ ଏକ ବାଇକ (ନଂ.ଓଡି୩୧ଏ/୦୮୯୨) ଧକ୍କା ଦେବାରୁ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଉଁଶୁଣୀ ଥାନା ଅନ୍ତର୍ଗତ ତେନ୍ତୁଳିପାଲି ଗ୍ରାମର ଦେବେନ୍ଦ୍ର ବେହେରା (୩୫) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ବାଇକ ଆରୋହୀ ସୁବାଷ ପ୍ରଧାନ ଗୁରୁତର ଆହତ ହୋଇ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

ସୂଚନା ଅନୁସାରେ, ଦେବେନ୍ଦ୍ର ଏକ ବାହାଘର ଉତ୍ସବରେ ଯୋଗ ଦେବାକୁ ନିଜ ମାମୁଁ ଘର ତେଲିବନ୍ଧ ପଞ୍ଚାୟତର କମଳପୁର ଗାଁକୁ ସୁବାଷଙ୍କ ସହିତ ଯାଇଥିଲେ। ସେମାନେ କୌଣସି କାମରେ ଖୁଣ୍ଟବନ୍ଧକୁ ଯାଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଦେବେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଗୁରୁବାର ସେଠାକୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି । ଜହ୍ନାପଙ୍କ ଫାଣ୍ଡି ଅଧିକାରିଣୀ ମମତା ହେମ୍ବ୍ରମ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରିଛନ୍ତି ।

# ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ ପାଇଁ ଦାବି



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ଆସିଥିବା କଂଗ୍ରେସ ନେତୃବୃନ୍ଦ ।

**ବୌଦ୍ଧ,୫।୩(ସ୍ୱ.ପ୍ର):**

ଓଡିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିବା ପାଇଁ ରାଜୀବ ଗାନ୍ଧୀ ପଞ୍ଚାୟତ ସଙ୍ଗଠନ ବୌଦ୍ଧ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ୫ ଦଫା ଦାବିପତ୍ର ପ୍ରେରଣ କରାଯାଇଛି। ପଞ୍ଚାୟତରାଜ ବ୍ୟବସ୍ଥା ଆମ ଦେଶର ଗଣତନ୍ତ୍ରର ଏକ ମୌଳିକ ଉପାଦାନ ଓ କ୍ଷମତା ବିକେନ୍ଦ୍ରୀକରଣର ଏହା ହେଉଛି ସର୍ବୋତ୍ତମ ମାଧ୍ୟମ। ମାତ୍ର ସମ୍ବିଧାନ ସଂଶୋଧନ ଆଇନକୁ ଓଡ଼ିଶା ସରକାର କେବଳ ଅବମାନନା କରୁନାହାନ୍ତି ବରଂ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଫିସରରାଜ କବଳିତ କରିବାରେ ଲାଗିଛନ୍ତି । ଗତ ତା୧୭।୨।୨୦୨୦ରିଖରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ବି. କେ. ସିଂହ ପତ୍ର ମାଧ୍ୟମରେ ସମସ୍ତ ଜିଲାପାଳଙ୍କୁ ଅବଗତ କରାଇଛନ୍ତି ଯେ, ବିଡିଓଙ୍କ ଦସ୍ତଖତ ବିନା ପଞ୍ଚାୟତର କୌଣସି ପ୍ରକଳ୍ପ ଓ ଅର୍ଥରାଶି କାହାକୁ ପ୍ରଦାନ କରାଯାଇପାରିବ ନାହିଁ। ଏହାରପ୍ରତିବାଦ କରି ପିସିସିର ପୂର୍ବତନ ସମ୍ପାଦକ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପିସିସି ସଦସ୍ୟ ରାଏ ସଞ୍ଜୀବ କୁମାର ଦେଓ, ରଘୁନାଥ ପଲିଆ, ଉତ୍ସବ ବାରିକ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ପ୍ରସାଦ ପରିଜା, କର୍ମୁ ସାଗର, ସୁନାଧର ଘିବେଲାଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ପଞ୍ଚାୟତକୁ କ୍ଷମତା ଦେଲେ ଲୋକେ ସୁଶାସନ ପାଇବେ

**ବୌଦ୍ଧ,୫।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା ଡିଆରଡିଏ ପକ୍ଷରୁ ପଞ୍ଚାୟତ ଭବନରେ ଗୁରୁବାର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦର ଅଧ୍ୟକ୍ଷା ଜ୍ୟୋସ୍ନା ଭୋଇ ମୁଖ୍ୟଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୂର ସେଠୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ, ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲାପାଳ ବିଜୁବାବୁଙ୍କୁ ସ୍ମରଣ କରିବା ସହିତ ପଞ୍ଚାୟତକୁ ଅଧିକ କ୍ଷମତା ପ୍ରଦାନ କଲେ ଲୋକଙ୍କ ପାଖରେ ସୁଶାସନ ପହଞ୍ଚିପାରିବ ଓ ଲୋକମାନେ ଲାଭବାନ ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହାସହିତ ଗ୍ରାମାଞ୍ଚଳର ଲୋକମାନେ ସମସ୍ତ ସୁବିଧା ପାଇପାରିଲେ ପଞ୍ଚାୟତିରାଜ ଦିବସ ସଫଳ ହୋଇପାରିବ ବୋଲି ଜିଲାପାଳ କହିଥିଲେ। କରୋନା ଭାଇରସର ପ୍ରଭାବରୁ ସତର୍କ ରହିବାକୁ ଏହି ଅବସରରେ ଉପସ୍ଥିତ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ କଲେଜର ଅଧ୍ୟାପକ ପ୍ରବୀର କୁମାର ଦାସ ଓ ବାଉଁଶୁଣୀ କଲେଜର ଅଧ୍ୟାପକ ପ୍ରଦୀପ କୁମାର ଭୁକ୍ତା ଯୋଗଦେଇ ବିଜୁବାବୁଙ୍କ ଜୀବନୀ, କାର୍ଯ୍ୟଶୈଳୀ ଉପରେ ବର୍ଣ୍ଣନା କରିବା ସହିତ ପଞ୍ଚାୟତିରାଜ ଦିବସର ମହତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ସେହିପରି ବୌଦ୍ଧ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଦଳୀୟ ନେତା ଓ କର୍ମୀମାନେ ମହାନଦୀ ବ୍ରିଜ ଛକଠାରେ ସ୍ଥାପିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ବିଜେଡିର ଜୋନାଲ ସଭାପତି ଅଶୋକ କୁମାର ସାହୁ, ବରିଷ୍ଠ ନେତା ତାରେଣୀ କୁମାର ମହାପାତ୍ର, ପୂର୍ବତନ ନଗରପାଳ ନିବାସ ଚନ୍ଦ୍ର ଦାନୀ, ଗିରିଜା ଶଙ୍କର ପାଢୀ, ଚନ୍ଦ୍ରକାନ୍ତ ପ୍ରଧାନ ଓ ଛାତ୍ର ବିଜେଡି ସଭାପତି ସଂଗ୍ରାମ କେଶରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଘଣ୍ଟାପଡା, (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା କୁଲୁଡାଯୋର, ଖୁଣ୍ଟିଗୋରା, ଖମନମୁଣ୍ଡା, ଉମା, ନାରାୟଣପ୍ରସାଦ, ଆମ୍ବଗାଁ ଓ ବରଗାଁ ଗ୍ରାମପଞ୍ଚାୟତରେ ପଞ୍ଚାୟତିରାଜ ଦିବସ ଓ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। କୁଲୁଡାଯୋର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ରଣା, ନାଏବ ସରପଞ୍ଚ ଲିଙ୍ଗରାଜ ଧରୁଆ, ସମିତି ସଭ୍ୟା ବିଳାସ କ୍ଷେତି ପ୍ରମୁଖ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସେହିପରି ଘଣ୍ଟାପଡା ଗ୍ରାମପଞ୍ଚାୟତରେ ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ, ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ପିଇଓ ଲଡୁକିଶୋର ସାହୁ, ଖୁଣ୍ଟିଗୋରାରେ ସରପଞ୍ଚ ପ୍ରହଲ୍ଲାଦ ସେଠୀ, ଖମନମୁଣ୍ଡାରେ ସରପଞ୍ଚ ଅଲକା ପ୍ରଧାନ, ଆମ୍ବଗାଁରେ ପଦ୍ମିନୀ ରଣା ପ୍ରମୁଖ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ ।



ବୌଦ୍ଧ ବିଜେଡ଼ି ପକ୍ଷରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।



ବୌଦ୍ଧ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

# ମଦ ବିକ୍ରି କଲେ ଛାଡ଼ିବାକୁ ପଡ଼ିବ ଗାଁ

**ସିନାପାଲି,୫।୩ (ଡି.ଏନ.ଏ.)**

**ବୈଠକରେ ଗାଁ ଲୋକଙ୍କ ନିଷ୍ପତ୍ତି**

- ଦେବାକୁ ପଡ଼ିବ ୩ ଲକ୍ଷ ଟଙ୍କା ଜରିମାନା
- ଗାଁକୁ ମଦମୁକ୍ତ କରିବାକୁ ନେଲେ ବଜ୍ର ଶପଥ
- ଅବକାରୀ ବିଭାଗକୁ ଅନୁରୋଧ ସତ୍ତ୍ୱେ ସମ୍ଭବ ହେଲାନି

ନୂଆପଡ଼ା ଜିଲା ବଣ ପାହାଡ ଘେରା ତଥା ଉପାନ୍ତ ଅଞ୍ଚଳ ସିନାପାଲି ବ୍ଲକ କୋପିଆ ଗ୍ରାମରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଏକ ଅଭିନବ କାର୍ଯ୍ୟ କରିଛନ୍ତି । ଗାଁରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ପାଇଁ ବଜ୍ର ଶପଥ ନେବା ସହ ମଦ ବିକ୍ରି କରୁଥିବା ଲୋକଙ୍କୁ ୩ ଲକ୍ଷ ଟଙ୍କା ଜରିମାନା ଦେବା ସହ ଗାଁରୁ ବିତାଡିତ ପାଇଁ ନିଷ୍ପତ୍ତି ନିଆଯାଇଛି । ଯାହା ସିନାପାଲି ଅଞ୍ଚଳ ଲୋକଙ୍କ ପାଇଁ ବେଶ ଉଦାହରଣ ହୋଇପାରିଛି। ସୂଚନାଯୋଗ୍ୟ ଯେ, ସିନାପାଲି ବ୍ଲକ ମଖାପଦର ଗ୍ରାମପଞ୍ଚାୟତ କୋପିଆ ଗ୍ରାମରେ ୩ଟି ୱାର୍ଡରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ସମ୍ପୂର୍ଣ୍ଣ ଆଦିବାସୀ ବହୁଳ ଗ୍ରାମ ହୋଇଥିବା ବେଳେ ଅନେକ ମଦ କୋଠି, କୁଚିଆ ମଦବେପାରୀଙ୍କ ଅନେକ ଦୋକାନ ଗଢ଼ି ଉଠିଥିଲା। ଗ୍ରାମରେ ଅପ୍ରିତିକର ପରିସ୍ଥିତି ପ୍ରତ୍ୟହ ସୃଷ୍ଟି ହେଉଥିଲା । ଏପରିକି ଗ୍ରାମର ଅନେକ ବ୍ୟକ୍ତି ମଦ ପାଇଁ ସର୍ବସ୍ୱାନ୍ତ ହୋଇ ସୁଖର ସଂସାର ଉଜୁଡି ଯାଉଥିଲା। ଏ ସମ୍ପର୍କରେ ବାରମ୍ବାର ଅବକାରୀ ବିଭାଗକୁ ଗାଁ ଲୋକେ ଲିଖିତ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଶେଷରେ ଗାଁ ଲୋକେ ଏହଭି ନିଷ୍ପତ୍ତି ନେଇଛନ୍ତି। ଗତ ସୋମବାର ରାତିରେ ଗାଁର ସମସ୍ତେ ତଥା ବୁଦ୍ଧିଜୀବୀ, ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ସଚେତନ ନାଗରିକମାନଙ୍କ ମଧ୍ୟରେ ଏକ ସଭା କରାଯାଇ ଏଭଳି ନିଷ୍ପତ୍ତି ନେଇ ବଜ୍ର ଶପଥ ଗ୍ରହଣ କରିଛନ୍ତି । ଏହି ଗ୍ରାମରେ ଯେ କେହି ମଦ ବିକ୍ରି କରିବ ତାଙ୍କଠାରୁ ୩ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବା ସହ ଗ୍ରାମରୁ ବିତାଡିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । କୋପିଆ ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ମଦକୋଠି ଓ କୁଚିଆ ମଦ ବେପାର କରି ଆସୁଥିଲେ। ପ୍ରତ୍ୟେହ ଦିନ ମଦ ପିଇ ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଉଥିଲା। ଗ୍ରାମରେ ଯୁବତୀଯୁବକ ଏବଂ ଛାତ୍ରୀଛାତ୍ରମାନେ ମଧ୍ୟ ଏହି କାର୍ଯ୍ୟକଳାପରେ ଲିପ୍ତ ରହି ସର୍ବସ୍ୱ ହରାଉଥିଲେ। ଏହାକୁ ଆଖି ଆଗରେ ରଖି ଗ୍ରାମବାସୀ ଏଭଳି ପଦକ୍ଷେପ ନେଇଛନ୍ତି । ଉକ୍ତ ଗ୍ରାମ କଳାହାଣ୍ଡି ସୀମାନ୍ତରେ ଅବସ୍ଥିତ । ସିନାପାଲି ଅଞ୍ଚଳରେ ମଦ ପାଉଚ ବିକ୍ରି ହେଉଥିବା ବେଳେ ଲୋକମାନଙ୍କୁ ମହୁଆ ତିଆରି କରିବା ପାଇଁ କଳାହାଣ୍ଡି ଜିଲାର ଅନେକ ମଦ ଭଟିରେ ଖୋଲା ମଦ ମିଳୁଛି । ଏହି ମଦକୁ ଅସାଧୁ ବେପାରୀମାନେ ଆଣି ଏଠାରେ ବିଭିନ୍ନ ରସାୟନିକ ସାମଗ୍ରୀ ପ୍ରୟାଗ କରି ଚଢ଼ା ଦରରେ ମଦ ବିକ୍ରି କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏଭଳି ଅଭିଯୋଗ ବାରମ୍ବାର ଅବକାରୀ ବିଭାଗକୁ ଜଣାଇଲେ ସେମାନେ କୌଣସି ପଦକ୍ଷେପ ନ ନେଇ କେବଳ ମାସିକ ସେମାନଙ୍କଠାରୁ ବଟି ନେଇ ପ୍ରୋତ୍ସାହନ ଦେଇ ଚାଲିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଅବକାରୀ ବିଭାଗ ଅଧିକ୍ଷକ କେ. ମହାରଣାଙ୍କୁ ପଚାରିବାରୁ ଆମ ପକ୍ଷରୁ ବାରମ୍ବାର ଚଢ଼ାଉ ଜାରି ରଖିଛୁ ଓ ବେଆଇନ ମଦ ବେପାରୀଙ୍କ ନାମରେ ମାମଲା ରୁଜୁ ଜାରି ରଖିଛୁଁ ବୋଲି ପ୍ରକାଶ କରିଥିଲେ ।

## ସଂକ୍ଷେପରେ

### ଛେଲିବଜାର ନିକଟରେ ଯୁବକଙ୍କ ଆତ୍ମହତ୍ୟା

**କୋମନା,୫।୩ (ଡି.ଏନ.ଏ.):** ନୂଆପଡ଼ା ଜିଲା ଲଖନା ଥାନା କୁରୁମପୁରୀସ୍ଥିତ ଛେଲିବଜାର ନିକଟରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ଆତ୍ମହତ୍ୟା କରିଥିବା ଯୁବକ ଜଣଙ୍କ ଛତିଶଗଡ଼ର ସରେଇପାଲି ଗାଁର କମଳ ସାହୁ ବୋଲି ଲଖନା ଥାନାଧିକାରୀ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଗୁରୁବାର କୁରୁମପୁରୀ ନିକଟରେ ଛେଳି ବଜାର ପଡିଥାଏ । ଏହି ବଜାରକୁ କୌଣସି କାମରେ ଆସି ଯୁବକ ଜଣକ ମାନସିକ ଭାରସାମ୍ୟ ହରାଇ ସକାଳେ ବଜାର ପ୍ରାଙ୍ଗଣରେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି। ଏ ନେଇ ଲଖନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।



ସିନାପାଲି ପଞ୍ଚାୟତ ସମିତି ସଭାଗୃହରେ ବିଜୁ ଜୟନ୍ତୀରେ ମଞ୍ଚାସୀନ ଅତିଥି ।

# ବିଜୁ ଜୟନ୍ତୀ, ପଞ୍ଚାୟତିରାଜ ଦିବସ

**ସିନାପାଲି/ ବୋଡେନ, ୫।୩ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଦିବସ ଏବଂ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ସିନାପାଲି ବିଡିଓ ସଦାଶିବ ନାଏକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତପସ୍ୱିନୀ ମାଝି, ଉପାଧ୍ୟକ୍ଷ କିଶୋର କୁମାର, ସହକାରୀ ଯନ୍ତ୍ରୀ ଅନ୍ତରାମ ନାଏକ ମଞ୍ଚାସୀନ ଥିଲେ । ଟିମନପୁର ଗ୍ରାମରୋଜଗାର ସେବକ ରୂପେଶଚନ୍ଦ୍ର ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଓ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଡିଓ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ନିମନ୍ତେ ସମସ୍ତ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହଯୋଗ ପାଇଁଅନୁରୋଧ କରିଥିଲେ । ଏହି ଅବସରରେ ୪ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ଶେଷ କରିଥିବା ସିନାପାଲି ଗ୍ରାପର ହିତାଧିକାରୀଙ୍କୁ ଉପଢୌକନ ଓ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ସେହିପରି ଜିଓଟ୍ୟାଗ୍ ବିଶିକେସନ ବୈଠାରୁ, ଗ୍ରାମ ରୋଜଗାର ସେବକ ପ୍ରକାଶ ଚନ୍ଦ୍ର ଦଣ୍ଡସେନା, ସହସ୍ରାଂଶୁ ଯୋଷୀ, କନିଷ୍ଠ ଯନ୍ତ୍ରୀ ମିନାକ୍ଷୀ ମିଶ୍ର, ଏମଜିଏନଆରଇଜିଏସରେ ଦୁଇଶହ ଦିନ କାର୍ଯ୍ୟ କରିଥିବା ଘାଟମାଲ ଗ୍ରାମପଞ୍ଚାୟତ ଏବଂ ନୂଆପଡା ଗ୍ରାମପଞ୍ଚାୟତ ଶ୍ରମିକଙ୍କୁ ଉପଢୌକନ, ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଦେବଦତ୍ତ ସୁତାର, ଜିପିଇଓ ସନାତନ ପଣ୍ଡା, ଏସ୍ଇଓ ଦୁର୍ଯ୍ୟୋଧନ ବିଶି, ଓଏଲ୍ଏମ୍ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସମେତ ସମସ୍ତ ସମିତି ସଭ୍ୟସଭ୍ୟା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ। ଗ୍ରାମପଞ୍ଚାୟତ ଅଧିକାରୀ ସନାତନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ବୋଡେନ ବ୍ଲକ ପଞ୍ଚାୟତ ସମିତି ଗୃହଠାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବୋଡେନ ବିଡିଓ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ, ଥବିରାମ ପାଣ୍ଡେ ଉପସ୍ଥିତ ଥିଲେ । ବୋଡନ ବ୍ଲକ ସରପଞ୍ଚ, ସମିତି ସଭ୍ୟ, ଅନ୍ୟ ସଦସ୍ୟମାନେ ଓ କର୍ମଚାରୀମାନେ ସହଯୋଗ କରିଥିଲେ।



ଜୁନାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ଦିବସ ସମାରୋହରେ ମଞ୍ଚାସୀନ ଅତିଥି ।

# ଜୁନାଗଡ଼ରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ

**ଜୁନାଗଡ,୫।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜୁନାଗଡ ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟ ମାଝିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଏମ୍ପି ପ୍ରତିନିଧି ମୁକେଶ ଅଗ୍ରୱାଲ, ବିଧାୟକ ପ୍ରତିନିଧି ପ୍ରମୋଦ ବେହେରା, ବିଏସ୍ଏସଓ ତୁଷାର ରଞ୍ଜନ ସାହୁ, ପ୍ରଗତୀ ସହାୟକ ରାଜେନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ଓଡିଶା ପ୍ରତି ଅବଦାନ ଓ ତାଙ୍କ ଶାସନ ସମୟର ଜନହିତକର କାର୍ଯ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହାସହ ପଞ୍ଚାୟତ ଦିବସ ପାଳନ ସମାରୋହର ମହତ୍ତ୍ୱ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସିର୍ଦ୍ଦେଶ୍ୱର ମେହେର ମଞ୍ଚ ପରିଚାଳନା କରିଥିଲେ। ସେହିପରି ଡବ୍ଲ୍ୟୁଇଓ ସୁମନ୍ତ କୁମାର ମାଝି, ମୁଖ୍ୟ କିରାଣୀ ବିଶ୍ୱନାଥ ପ୍ରଧାନ, କନିଷ୍ଠ କିରାଣୀ ସନ୍ଧ୍ୟାରାଣୀ ବାଡତ୍ୟାଙ୍କ ସମେତ ବ୍ଲକ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜୁନାଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନୃତ୍ୟ, ଗୀତ, ମସିଗାଁର ମା' ଲଙ୍କେଶ୍ୱରୀ ଘୁମୁରା ଓ ମାଲିଗୁଡାର ମା' ଲଙ୍କେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବଜାଶାଲ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଏଲଓ ସୁପରଭାଇଜର ଦୁଲେନ୍ଦ୍ର କୁମାର ମେହେର ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟନିଷ୍ଠା ଶିକ୍ଷାର ମାନ ବୃଦ୍ଧିକରେ

**ନୂଆପଡା ଅଫିସ/ଖଡିଆଳ, ୫।୩ (ଡି.ଏନ.ଏ.)**

**ଖଡିଆଳ ମଡେଲ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ**

ନୂଆପଡ଼ା ଜିଲା ଖଡିଆଳସ୍ଥିତ ମଡେଲ ଡିଗ୍ରୀ କଲେଜ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମଧୁସୂଦନ ସାହୁ ସଭାପତିତ୍ୱରେ ପୂର୍ବତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ଡ.ମେଜର ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ପ୍ରଫେସର ସୁଶାନ୍ତ କୁମାର ପଣ୍ଡା, ମଞ୍ଜୁବାଲା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଂଲିଶ ଅଧ୍ୟାପକ ଡ.ବିଜୟ କୁମାର ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ପ୍ରୀତିସ୍ୱପ୍ନା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଆବାହମାନକାଳରୁ ଶିକ୍ଷାବ୍ୟବସ୍ଥାରେ ଗୁରୁଶିଷ୍ୟମାନଙ୍କ ସମ୍ପର୍କ କ୍ଷୀରନିର ସଦୃଶ ରହିଆସିଛି। ଗୁରୁମାନଙ୍କ ଯେତିକି କର୍ତ୍ତବ୍ୟ ରହିଛି ସେହି ପରିମାଣରେ ଛାତ୍ରୀଛାତ୍ରମାନଙ୍କ କର୍ତ୍ତବ୍ୟନିଷ୍ଠା ସେତିକି ଶିକ୍ଷାର ମାନ ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ କହିଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଶ୍ରେଷ୍ଠ ସାହିତ୍ୟିକ ଚାମ୍ପିୟନ ଭାବେ ଅଞ୍ଜଳୀ ରଥ ଓ ଗୌରବ ସିଂ ବାରିକ, ଶ୍ରେଷ୍ଠ ଗ୍ରାଜୁଏଟ ଭାବେ ବିଜ୍ଞାନରେ ଏଲିନା ସରିନ, ରାଜନୀତି ବିଜ୍ଞାନରେ ହିତେଶ ବିଶି, ବାଣିଜ୍ୟରେ ପ୍ରିୟବ୍ରତ ପାଣିଗ୍ରାହୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସ୍ୱସ୍ତିକ ସୁମନ ଶପତଥି ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏଥିରେ କଲେଜ ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ପ୍ରଫେସର ଅକ୍ଷୟ କୁମାର ସାହୁ, ରାନୁ କିସକୁ, ସୌମ୍ୟ ରଞ୍ଜନ ସିଂ, ଅର୍ପିତା ପଣ୍ଡା, ସିଲୁ ସାଠି, ପ୍ରେମାନନ୍ଦ ପାନ, ଅଗ୍ନିମିତ୍ର ନାଗ, ସନ୍ତୋଷ ସାହୁ, ପ୍ରତାପ ମେହେରଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଗଣ।

# ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ

**କୋମନା,୫।୩ (ଡି.ଏନ.ଏ.)**

ନୂଆପଡା ଜିଲା କୋମନାସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କୋମନା ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋମନା ବ୍ଲକ ବିଡିଓ ଶ୍ୟାମଳ କୁମାର ରୟ, ଆକାଉଣ୍ଟ ଅଫିସର କୁଳଧର ତନ୍ତୀ, ସମିତିସଭ୍ୟା ତରବୋଡ ଦମୟନ୍ତି ପ୍ରଧାନ, ମାନିଗୁଡା ସମିତିସଭ୍ୟା ଦେଓକୁମାରୀ ମାଝି ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏହାପରେ ଅବଧି ମଧ୍ୟରେ ଆବାସ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ୨୦ ଜଣ ହିତାଧିକାରୀଙ୍କୁ ୨୦ ହଜାର ଲେଖାଏଁ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ବ୍ଲକ ସମସ୍ତ ଅଧିକାରୀଗଣ, ସମିତିସଭ୍ୟା ବ୍ରଜ କିଶୋର ହଂସଙ୍କ ସମେତ ଏସଏଚଜି ଗ୍ରୁପ ଶତାଧିକ ମା'ମାନେ ସାମିଲ ହୋଇଥିଲେ।

**E-Auction Notice**
**Sale of Salvage**

E-Auction will be held for sale of damaged material metallic & non-metallic scrap belonging to M/s JINDAL STAINLESS LTD. Kalinga Nagar Industrial Complex, Duburi, Dist.: Jajpur - 755026, Orissa, India on **"AS IS WHERE IS BASIS"** condition on **17/03/2020**

For accessing the details of e-auction, details of material, location for inspection, terms and conditions etc., visit **www.mjunction.in** or contact

Mjunction Mr. Kiranjit Chakraborty on telephone 8584008243

Or, M/s Jindal Stainless Ltd. Duburi-755026, Orissa Mr. Manoj Jati on telephone No. 9777450740

Or, M/s Bhatawadekar Insurance Surveyors & Loss Assessors Pvt. Ltd. Vakola, Santacruz (East), Mumbai - 400055. Phone: 022-2667 4425/26

# ମା' ଧରଣୀ ବୁଢ଼ା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବୋଡେନ,୫।୩ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ କେଶରାଜପୁର ଗ୍ରାମରେ ୧୨ତମ ମା' ଧରଣୀ ବୁଢା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ୧୦ ଓଭର ବିଶିଷ୍ଟ ଏହି ଖେଳ ସରଦାରପୁର ଓ ମୁଣ୍ଡାଗାଁ ଦଳ ମଧ୍ୟରେ ହୋଇଥିଲା। ଏଥିରେ ମୁଣ୍ଡାଗାଁ ୧୦ ଓଭରରେ ୮୩ ରନ କରିଥିବା ବେଳେ ସରଧାପୁର ୧୦ ଓଭରରେ ୮୪ ସଂଗ୍ରହ କରି ବିଜୟ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ସଦସ୍ୟମାନେ ସହଯୋଗ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ରାଜିବ ଲୋଚନ ମାଝି, ମୁଖ୍ୟବକ୍ତା ଭାବରେ ଚନ୍ଦ୍ର କୁମାର ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। କୈଳାସ ଦୁରିଆ ଧାରାବିବରଣୀ କରିଥିବା ବେଳେ ଭୋଲାନାଥ ପଟ୍ଟନାଏକ ଓ ଲାଲସିଂ ମାଝି ଖେଳ ପରିଚାଳନା କରିଥିଲେ। କମିଟିର ଯୁବକ ଗୌରି ଶଙ୍କର ମାଝି, ରଞ୍ଜନ ମାଝି ଦାୟିତ୍ୱ ବହନ କରିଥିଲେ।

# ଯୁବକମାନେ ସ୍ୱଚ୍ଛତାର ବାର୍ତ୍ତା ଦେଲେ

**ନୂଆପଡା ଅଫିସ,୫।୩**

ସରକାର ସ୍ୱଚ୍ଛତା ପାଇଁ ଗ୍ରାମସ୍ତରରୁ ସହରାଞ୍ଚଳ ପାଇଁ କୋଟି କୋଟି ଟଙ୍କାର ବଜେଟ ରଖି ଖର୍ଚ୍ଚ କରୁଛନ୍ତି। ଏଥିରେ ସଚେତନତାର ଅଭାବ ରହୁଥିବାରୁ ଆଶାନୁରୂପ ସଫଳତା ମିଳିପାରୁ ନ ଥିବା ଦେଖାଯାଉଛି । ଏବେ ବହୁ ଯୁବ ସଙ୍ଗଠନ ନିଜ ଉଦ୍ୟମରେ ଗ୍ରାମ୍ୟସ୍ତରରେ ସଚେତନତା କରିବା ସହ ନିଜେ ସଫେଇ ପାଇଁ ଆଗେଇ ଆସୁଛନ୍ତି । ଏଥିରେ ଗ୍ରାମ୍ୟସ୍ତରେ ମହିଳାପୁରୁଷମାନେ ସ୍ୱତଃ ଆଗକୁ ଆସି ସଫେଇ କରୁଥିବା ଦେଖାଯାଉଛି। ଏଭଳି ନୂଆପଡ଼ା ଜିଲା ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ ଯୁବ ସ୍ୱେଚ୍ଛାସେବୀମାନେ ଆଗକୁ ହାତ ବଢ଼ାଇଛନ୍ତି । ସ୍ୱେଚ୍ଛାସେବୀ ସଙ୍ଗଠନ ମମତା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଯୁବକର୍ମୀମାନେ ବାହାରିଛନ୍ତି। ଏହି ଅବସରରେ ମମତାର ଜିଲା ସଂଯୋଜକ ସୌମ୍ୟଶେଖର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ଗ୍ରାମପଞ୍ଚାୟତ ଯୋଗାଣ ସହାୟକ କର୍ଣ୍ଣ ପରୁଆ ମୁଖ୍ୟଅତିଥି, ମମତାର ଖଡିଆଳ ବ୍ଲକ ସଂଯୋଜକ ଆଲୋକ ରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗାଁ ପରିବେଶକୁ କିପରି ସଫା ରଖିପାରିବା ଏବଂ ଏଥିପାଇଁ ପଡୋଶୀଙ୍କୁ ମଧ୍ୟ ସାମିଲ କରି ସମସ୍ତଙ୍କ ମଧ୍ୟରେ ଉତ୍ସର୍ଗୀକୃତ ମନୋଭାବ ସୃଷ୍ଟି କରିବାକୁ ସେ ଉପରେ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଗାଁରେ ଆରମ୍ଭ କରାଯାଇଥିବା ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଗାଁର ନଳକୂଅ, ପୋଖରୀତୁଠ ସହ ସ୍କୁଲ ଚତୁଃପାର୍ଶ୍ୱ ସଫେଇ କରିଥିଲେ। ସମସ୍ତଙ୍କ ହାତରେ ଗ୍ଲୋଭ୍ସ, କୋଦାଳ, ମୁଣ୍ଡରେ ଟୋପି ପିନ୍ଧିଥିବା ଦେଖାଯାଇଥିଲା । ଏପରିକି ସମସ୍ତ ଜନସାଧାରଣ ନିଜର ଘର ଅଗଣା ସଫା କରି ଏକ ସୁସ୍ଥ ଏବଂ ସଶକ୍ତି ଗାଁ ଗଠନ କରିବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମମତା ଅନୁଷ୍ଠାନ କର୍ମୀ ପ୍ରସନ୍ନ କୁମାର ସୁନାନୀ, ଅର୍ଜୁନ ଥପା, ଗୁନେଶ୍ୱର ଜଗତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଗାଁର ବହୁ ଯୁବତୀଯୁବକ ମଧ୍ୟ ଯୋଗଦେଇଥିଲେ। ଏହିଭଳି ଯୁବକମାନେ ପଡୋଶୀ ଗାଁରେ ମଧ୍ୟ ସଚେତନତା କରିବାକୁ ଯୋଜନା ରଖିଥିବା ପ୍ରକାଶ କରିଛନ୍ତି ।



ଯୁବକମାନେ ଗାଁ ସଫେଇରେ ବାହାରିଛନ୍ତି ।

**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
(AN AUTONOMOUS INSTITUTION OF DEPARTMENT OF ATOMIC ENERGY, GOVT. OF INDIA)
Po-Bhimpur-Padanpur,Via-Jatni,Dist-Khurda-752050,
Phone- 0674-2494013, Fax-0674-2494004, web:- http://www.niser.ac.in

**Notice for Admission to Ph.D. Programme – 2020 (Summer Session)**

**Advt.No:NISER/ACAD/Ph.D/2020-21(1)**

Applications are invited from Indian citizens for admission to Ph.D Program scheduled to commence from **28th July, 2020 (Tuesday)** in the following schools of basic sciences at NISER Bhubaneswar:

1. **School of Biological Sciences (SBS)**
2. **School of Chemical Sciences (SCS)**
3. **School of Computer Sciences (SCPS)**
4. **School of Earth & Planetary Sciences (SEPS)**
5. **School of Humanities and Social Sciences (SHSS)**
6. **School of Mathematical Sciences (SMS)**
7. **School of Physical Sciences (SPS)**

No application/entrance fee is charged to the student. To and Fro single 2nd sleeper class railway fare will be provided to candidates called for the test/interview.

**Important dates:**
**Online application will be activated on : 01.03.2020 (Sunday)**
**Last date for filling up online application : 31.03.2020 (Tuesday)**
Kindly refer to our website **http://www.niser.ac.in** for details regarding eligibility criteria, application procedure and selection procedure.
**Sd/- Faculty-In-Charge (Academic Affairs)**

**ପୂର୍ବ ତଟ ରେଳପଥ**

**ଲିଖିତ ପରୀକ୍ଷା ନିମନ୍ତେ ଅଧିସୂଚନା**
ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ପ୍ରକଳ୍ପରେ ଜମି ହରାଇଥିବା ବ୍ୟକ୍ତିଙ୍କୁ ନିଯୁକ୍ତି

ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କୁ ଅଧିସୂଚିତ କରାଯାଉଅଛି କି, ନିମ୍ନବର୍ଣ୍ଣିତ ସମ୍ପୂର୍ଣ୍ଣ ବିବରଣୀ ଅନୁଯାୟୀ ତା.13.03.2020 ରିଖକୁ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ କରାଯାଇଛି :

| ସ୍ଥାନ | ତାରିଖ | ସମୟ |
| --- | --- | --- |
| ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ସା-ଦେବାଇପଲି, ମାଝିପଲି ଛକ, ସମ୍ବଲପୁର-768200 | ତା.13.03.2020 ରିଖ (ଶୁକ୍ରବାର) | ଲିଖିତ ପରୀକ୍ଷା ଅପରାହ୍ନ 3.30 ଘଟିକାଠାରୁ ଅପରାହ୍ନ 5.00 ପର୍ଯ୍ୟନ୍ତ; ପ୍ରାର୍ଥୀମାନଙ୍କ ପାଇଁ ରିପୋର୍ଟିଂ ସମୟ ଅପରାହ୍ନ 2.30 |

ଯୋଗ୍ୟ ପ୍ରାର୍ଥୀମାନେ ଲିଖିତ ପରୀକ୍ଷା ନିମନ୍ତେ ତା.09.03.2020 ରିଖ ସୁଦ୍ଧା କିମ୍ବା ତା'ପରେ ରେଲୱେ ରିକ୍ରୁଟମେଣ୍ଟ ସେଲ୍, ଭୁବନେଶ୍ୱର ୱେବ୍‌ସାଇଟ୍ rrcbbs.org.in ରେ ଉପଲବ୍ଧ ଲିଙ୍କ୍‌ରୁ ସେମାନଙ୍କ ପ୍ରବେଶ ପତ୍ର (Admit Card) ଡାଉନ୍‌ଲୋଡ୍ କରିପାରିବେ । ଯଦି କୌଣସି ପ୍ରାର୍ଥୀ ୱେବ୍‌ସାଇଟ୍‌ରୁ ପ୍ରବେଶ ପତ୍ର ଡାଉନ୍‌ଲୋଡ୍ କରିବାକୁ ସକ୍ଷମ ନହୁଅନ୍ତି, ତେବେ ସେ ତା.12.03.2020 ରିଖ ଦିନ ନିଜର ପରିଚୟ ପତ୍ର ଦେଖାଇ ତାହାକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିପାରିବେ ।

PR-764/K/19-20 ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ/ସମ୍ବଲପୁର

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/2019-20 ତା.27.02.2020ରିଖ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.48-eT-SDENE-SBP-19

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନରେ ତିନି ବର୍ଷ ସମୟାବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (P.Way)/ ସର୍ଙ୍କିତଳା, ସିନିୟର ସେକ୍ସନ ଇଂଜିନିୟର (P.Way)/ ବଲାଙ୍ଗୀର ଏବଂ ସିନିୟର ସେକ୍ସନ ଇଂଜିନିୟର (ୱାର୍କ୍ସ)/ବଲାଙ୍ଗୀର ପ୍ରତ୍ୟେକ ନିମନ୍ତେ ତିନି ଗୋଟି ଗାଡ଼ି (TATA-407 କିମ୍ବା ଅନୁରୂପ ମଡେଲ ଭଳି ମିନି ଟ୍ରାକ୍) ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 52,44,780.65, EMD (ଟଙ୍କାରେ) : 1,04,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 36 (ଛତିଶି)ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.38-eT-DENC-SBP-19

**କାର୍ଯ୍ୟର ନାମ:** 03(ତିନି) ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଚୁକ୍ତି ଭିତ୍ତିରେ ଗୋଟିଏ ନନ୍-ଏସି ଗାଡ଼ି (ସ୍କୋର୍ପିଓ/ଟାଟା ସୁମୋ/ ବୋଲେରୋ କିମ୍ବା ଅନୁରୂପ ମଡେଲ) ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 9,42,752.84, EMD (ଟଙ୍କାରେ): 18,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 36 (ଛତିଶି)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.23.03.2020ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-756/K/19-20

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/2019-20 ତା.27.02.2020ରିଖ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.39-eT-DENW-SBP-19

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ଠିକାଦାରଙ୍କ ସେଲ୍ଫ ପ୍ରୋପେଲ୍ଡ (Self Propelled)ରେଲ-ସହ-ରୋଡ୍ ମୋବାଇଲ୍ FBW ପ୍ଲାଣ୍ଟଗୁଡ଼ିକର ବ୍ୟବହାର ଦ୍ୱାରା ଫ୍ଲାସ ବଟ୍ଟ ୱେଲ୍ଡିଙ୍ଗ୍ ନିମନ୍ତେ ଇଣ୍ଡିଆନ୍ ରେଳବାଇ ମାନୁଆଲ ଅନୁଯାୟୀ ୱେଲ୍ଡେଡ୍ ଜଏଣ୍ଟଗୁଡ଼ିକର USFD ପରୀକ୍ଷଣ ସହିତ 60 କି.ଗ୍ରା./52 କି.ଗ୍ରା. ରେଲ୍‌ଗୁଡ଼ିକର ଫ୍ଲାସ ବଟ୍ଟ ୱେଲ୍ଡିଙ୍ଗ୍ (FBW) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2,88,13,547.85, EMD (ଟଙ୍କାରେ): 2,94,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.40-eT-DENW-SBP-19

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ଟିଟିଲାଗଡ଼-କେସିଙ୍ଗା ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି.215/2-3 ସ୍ଥିତ ଜଗୁଆଳି ଥିବା ଲେଭେଲ କ୍ରସିଙ୍ଗ୍ ନଂ.RV-172 ଠାରେ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 7,40,39,348.54, EMD (ଟଙ୍କାରେ): 5,20,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.41-eT-DENW-SBP-19

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଲାଖୋଲି-ଟିଟିଲାଗଡ଼ ସେକ୍ସନରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକ ଠାରେ 48.49 TKm ନିମନ୍ତେ ଥ୍ରୁ ବାଲାଷ୍ଟ ନବୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2,01,93,105.41, EMD (ଟଙ୍କାରେ): 2,51,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.46-eT-SDENE-SBP-19

**କାର୍ଯ୍ୟର ନାମ:** ତିନି ବର୍ଷ ସମୟାବଧି ନିମନ୍ତେ ବିଭିନ୍ନ ସ୍ଥାନଗୁଡ଼ିକ ଠାରୁ ସମ୍ବଲପୁର ମଣ୍ଡଳ ପର୍ଯ୍ୟନ୍ତ ତଥା ବିପରୀତ ଦିଗରେ ବିଭିନ୍ନ ଟ୍ରାକ୍ ମେସିନ୍ ସମ୍ପର୍କିତ ସାମଗ୍ରୀ/ ଉପକରଣଗୁଡ଼ିକର ପରିବହନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 46,07,090.97, EMD (ଟଙ୍କାରେ): 92,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶି)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.23.03.2020ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-755/K/19-20



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
-ଫ୍ରାଙ୍କଲିନ୍

## ସଂକ୍ଷେପରେ

### ବଲାଙ୍ଗୀରରେ ଦୁଇଜଣିଆ ଲକ୍ଷ୍ୟ ସାର୍ଟିଫିକେଶନ୍ ଟିମ୍

**ବଲାଙ୍ଗୀର ଅଫିସ, ୫।୩:** ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଦୁଇଜଣିଆ ଲକ୍ଷ୍ୟ ସାର୍ଟିଫିକେଶନ୍ ଟିମ୍‌ର ସଦସ୍ୟ ପହଞ୍ଚି ଆବଶ୍ୟକ ତଦାରଖ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଏହି ଲକ୍ଷ୍ୟ ସାର୍ଟିଫିକେଶନ୍‌ରେ ଏହି ଦୁଇ ସଦସ୍ୟ ଚିକିତ୍ସାଳୟର ବାହ୍ୟ ତଦାରଖ କରିବା କାର୍ଯ୍ୟକ୍ରମ ରହିଛି। ଏହା ସହିତ ଲେବର ରୁମ୍‌ର ଗୁଣାତ୍ମକ ମାନ ନିରୀକ୍ଷଣ କାର୍ଯ୍ୟକ୍ରମ କରିବା ମଧ ନିର୍ଦ୍ଧାରିତ ହୋଇଛି। ଏହି ଟିମ୍‌ରେ ବିଶାଖାପାଟଣାରୁ ଡା ଏମ୍ ରୂପଲଥା ଓ ଦିଲ୍ଲୀ ମର୍ଫସ ହେଲ୍‌ଥ କେୟାର ପ୍ରାଇଭେଟ୍ ଲିମିଟେଡର ଡା ପୁନାଲ ରାଜପୁତ ବଲାଙ୍ଗୀର ଆସି ପହଞ୍ଚିଛନ୍ତି। ଏହି ଦୁଇ ସଦସ୍ୟ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ପହଞ୍ଚିବା ସମୟରେ ଡିନ୍ ପ୍ରଫେସର ଡା ଲଳିତ କୁମାର ମେହେର, ସୁପରିଣ୍ଟେଣ୍ଡେଣ୍ଟ ଡା ମହେନ୍ଦ୍ର କୁମାର ନାୟକ, ସିଡିଏମ୍‌ଓ ଡା ଇତମ କୁମାର ସାହୁ, ପ୍ରଫେସର ଡା ସସ୍ମିତା ସ୍ୱାଇଁ, ହସ୍ପିଟାଲ ମ୍ୟାନେଜର ସୁଦୀପ ଦତ୍ତ, ଡା ପ୍ରତ୍ୟୁଷ ପଟ୍ଟନାୟକ ଉପସ୍ଥିତ ଥିଲେ। ପରିଦର୍ଶନ ପରେ ଲେବର ରୁମ୍‌କୁ ଯାଇ ତଦାରଖ କରିଥିଲେ। ଏହି ଟିମ୍ ଶୁକ୍ରବାର ମଧ ବଲାଙ୍ଗୀର ହସ୍ପିଟାଲରେ ତଦାରଖ ଜାରି ରଖିବେ ବୋଲି ଜଣାପଡିଛି।

# କୃତ୍ରିମ ଗୋଡ଼ରେ ଚାଲିଲେ ପାୟଲ

**ବଲାଙ୍ଗୀର ଅଫିସ, ୫।୩**

୨୦୧୫ ମସିହାରେ ଛତିଶଗଡର ରାୟପୁରଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁଇ ଗୋଡ ଓ ହାତ ହରାଇଥିବା ପାୟଲ ନାଗ(୧୩)ଙ୍କ କୃତ୍ରିମ ଗୋଡ ଖଞ୍ଜା ଯାଇଛି। ଏବେ ପାୟଲ ତାଙ୍କ କୃତ୍ରିମ ଗୋଡରେ ଚାଲି ପାରୁଛନ୍ତି। ତିନିଦିନ ପୂର୍ବରୁ ଭୁବନେଶ୍ୱରସ୍ଥିତ ଆଡଭାନ୍ସ ରିହାବ୍ଲିଟେସନ୍ ସେଣ୍ଟରଠାରେ ପାୟଲଙ୍କ କୃତ୍ରିମ ଗୋଡ ଖଞ୍ଜାଯାଇଥିଲା। ଗୁରୁବାର ନିଜ ଗାଁ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଯମୁନାବାହାଲରେ ପହଞ୍ଚିବା ପରେ କୃତ୍ରିମ ଗୋଡରେ ପାୟଲଙ୍କ ଚାଲିବା ଅଭ୍ୟାସ ଦେଖି ଗାଁ ଲୋକେ ଖୁସି ଜାହିର କରିଥିଲେ।

୨୦୧୫ ମସିହାରେ ପାୟଲଙ୍କ ପିତା ବିଜୟ ନାଗ ରାୟପୁର ଦାଦନ ଖଟିବାକୁ ଯାଇଥିଲେ। ତାଙ୍କ ସହ ସ୍ତ୍ରୀ ଓ ଝିଅ ପାୟଲ ମଧ ସେଠାକୁ ଯାଇଥିଲେ। ଏକ ନିର୍ମାଣାଧିନ ସୁଉଚ୍ଚ କୋଠାରେ ବିଜୟ କାମ କରୁଥିବାବେଳେ ପାୟଲ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲରେ ତା ଙ୍କର ଦୁଇ ଗୋଡ ଓ ଦୁଇ ହାତ କାଟି ଦିଆଯାଇଥିଲା। ସେହିଦିନରୁ ସେ ବିକଳାଙ୍ଗ ହୋଇଯାଇଥିଲେ। ବଲାଙ୍ଗୀର ପହଞ୍ଚିବା ପରେ ଗଣମାଧ୍ୟମରେ ଏନେଇ ଖବର ପରିବେଷଣ ପରେ ଓଲଟପୁର ନିରତାର ସେଣ୍ଟରରେ ପାୟଲଙ୍କ କୃତ୍ରିମ ଗୋଡ ଖଞ୍ଜା ଯାଇଥିଲା। ମାତ୍ର କିଛି ମାସ ପୂର୍ବରୁ ଉକ୍ତ କୃତ୍ରିମ ଗୋଡଟି ଅକାମୀ ହୋଇଯାଇଥିଲା। ଫଳରେ ପାୟଲ ପୁଣି ଅକାମୀ ହୋଇଯାଇଥିଲେ। ଏହି ଖବର ପାଇବା ପରେ ଗତ ଫେବୃୟାରୀ ୨୨ ତାରିଖରେ ଜିଲାପାଳ ଅରିନ୍ଦମ ଡାକୁଆ ହଠାତ୍ ପାୟଲଙ୍କ ଘରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟବସ୍ଥା ଓ ଅସୁବିଧା ବୁଝିଥିଲେ। କୃତ୍ରିମ ଗୋଡ ନଥିବାରୁ ସେ ଚାଲିପାରୁ ନ ଥିବା ଜାଣି ନୂଆ ଲଗାଇବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହାପରେ ପାୟଲ ଓ ତାଙ୍କ ପିତାମାତାଙ୍କୁ ବଲାଙ୍ଗୀର ଆସିବାକୁ କହି ସେମାନଙ୍କୁ ଭୁବନେଶ୍ୱର ଆଡଭାନ୍ସ ରିହାବ୍ଲିଟେସନ୍ ସେଣ୍ଟରକୁ ଯିବା ବ୍ୟବସ୍ଥା କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଜିଲା କାର୍ଯ୍ୟକ୍ରମ ପରିଚାଳକ, ଡିସିପିୟୁ ସାମାଜିକ କର୍ମୀ ଅରୁଣ ଖୁଆସଙ୍କ ପ୍ରତିନିଧିତ୍ୱରେ ଭୁବନେଶ୍ୱର ଆଡ୍‌ଭାନ୍ସ ରିହାବିଲିଟେସନ୍ ସେଣ୍ଟରକୁ ପାୟଲ ଓ ତାଙ୍କ ପିତାମାତାଙ୍କୁ ନେଇ ଯାଇଥିଲେ। ସେଠାରେ ପରାମର୍ଶଦାତା ଡା. ପମ୍ପା ଦେ ପାୟଲଙ୍କ ପରୀକ୍ଷା ନିରୀକ୍ଷା କରିଥିଲେ। ଗତ ୨ ତାରିଖ ଦିନ ପାୟଲଙ୍କ କୃତ୍ରିମ ଗୋଡ ଖଞ୍ଜାଯାଇଥିଲା। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ବଲାଙ୍ଗୀରରୁ ପାୟଲଙ୍କୁ ଭୁବନେଶ୍ୱର ପଠାଯାଇଥିଲା। ପାୟଲ ଆଜି ଗାଁରେ ପହଞ୍ଚିବା ପରେ ଦରଦୀ ଜିଲାପାଳ ଡାକୁଆଙ୍କୁ କୃତଜ୍ଞତା ଜଣାଇଛନ୍ତି। ଯେଉଁ ସରକାରୀ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ପାୟଲଙ୍କୁ ସରକାର ବିଭିନ୍ନ ଯୋଜନାରେ ଆର୍ଥିକ ସହାୟତା ମଧ ଯୋଗାଇ ଦେଇଛନ୍ତି। ପାୟଲଙ୍କ କୃତ୍ରିମ ହାତ ଲଗାଇବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି ଓ ଆସନ୍ତା ୧୩ରୁ ୧୬ ତାରିଖ ମଧ୍ୟରେ ତାଙ୍କୁ ଭୁବନେଶ୍ୱର ନିଆଯିବ ବୋଲି ଜଣାପଡିଛି। ସରକାର କୃତ୍ରିମ ହାତ ପାଇଁ ଅର୍ଥ ମଞ୍ଜୁର କରିଥିବା ଜଣାପଡିଛି।



କୃତ୍ରିମ ଗୋଡ ଖଞ୍ଜାଯିବା ପରେ ଯମୁନାବହାଲ ଗାଁରେ ପହଞ୍ଚିବା ଅବସରରେ ପାୟଲ।

- ବିଦ୍ୟୁତ୍ ଆଘାତରେ ଦୁଇ ଗୋଡ, ହାତ ହରାଇଥିଲେ
- ଯମୁନାବାହଲରେ ପହଞ୍ଚିବା ପରେ ଖେଳିଗଲା ଖୁସିର ଲହରି
- ଜିଲାପାଳଙ୍କୁ ଜଣାଇଲେ କୃତଜ୍ଞତା
- କୃତ୍ରିମ ହାତ ପାଇଁ ସରକାରୀ ଅର୍ଥ ମଞ୍ଜୁର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଘ ଝଟକିଲା ବିଜୁଳି ମାଇଲା**
**ଦାଣ୍ଡଧୂଳି ନେଲା ଉଡ଼େଇ**
**ଏଇବାଟେ ଗଲୁ କଥା ନ କହିଲୁ**
**ସଙ୍ଗେ ସଙ୍ଗେ ଗଲି ଗୋଡ଼େଇ।**

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷା କରି ବସେ, ସେତେବେଳେ ତାକୁ ସହ୍ୟ କରିବା ଯେ କେତେ କଷ୍ଟକର ହୋଇଯାଏ, ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନ ଭରା କ୍ଷୋଭ ଜାତହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଣିଷ ବୁଲିଲେ ମରେ**
**ବାଉଁଶ ଫୁଲିଲେ ମରେ।**

ମଣିଷ ବୁଲି ବୁଲି ପିତୁଆ ହୋଇଯାଏ। ଫଳସ୍ୱରୂପ ବେମାରିଆ ହୋଇଯାଏ। ବାଉଁଶ ଫୁଲିଲେ ପାକଳ ହୁଏ, କଟାଯାଏ। ତା' ଦେହରେ ଫୁଲ ହେଲେ ଆଉ ବଢ଼େ ନାହିଁ, ମରିଯାଏ। ଉପଯୁକ୍ତ ଯତ୍ନ ନ କଲେ କ୍ଷତିର ସମ୍ଭାବନା ଦେଖାଦେଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ଫଟୋରେ ଖବର



ବଲାଙ୍ଗୀର ବିଜେଡି ପକ୍ଷରୁ ଶିଶୁ ଉଦ୍ୟାନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଦଳୀୟ ନେତା ଓ କର୍ମୀ।



ବିଜୁ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ବିଜୁ ଜୟନ୍ତୀ ପାଳନ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ। (ଫଟୋ -ସୁନୀଲ)

# ବୁଢୁଧ୍ ମା'ବାପ୍ ଉପରେ ଦିବ୍ୟାଙ୍ଗ ପୁଓର ବୋଝ୍

**ଲାଠୋର, ୫।୩ (ଡି.ଏନ୍.ଏ.)**

ବଲାଙ୍ଗିର ଜିଲା ତୁରେକେଲା ବ୍ଲକ ଅଧୀନ ଲର୍କି ଗାଁର ଲୋଚନ ନାଗ। ସେ ଝନେ ଗରିବ୍ ଲୋକ୍। ଦୁଖ୍‌ସୁଖ କରି କୁଟୁମ୍ ପୁଷୁଛନ୍। ବଛରେ ତଲେ ବରଷାରେ ତାକର ଘରଟା ଭାଂଗି ଯାଇଛେ। ଆବାସ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ପରଶାସନକେ ଗୁହାରି କରି ନିରାଶ ହେଇଛନ୍। ଇଆଡ଼େ ତାହାକୁ ମାନସିକ ରୋଗ୍‌ରେ ପୀଡ଼ିତ ଭେଁଡ଼ା ପୁଓର ଚିକିଛା ଚିନ୍‌ତା ଖାଇଯାଉଛେ। ଏନ୍‌ତାଥି ସେ ସରକାରୀ ସାହାଯ୍ ଲାଗି ପରଶାସନକେ ନିବେଦନ କରିଛନ୍।

ସୂଚନା ଅନ୍‌ସାରେ ଲର୍କି ଗାଁର ଲୋଚନ ନାଗକଁର ପରିବାର କହେଲେ ମାଏକିନା ସେବତୀ ଆର ଗୁଟେବଲି ଦିବ୍ୟାଙ୍ଗ ପୁଓ ବୁଣାକାରକୁଁ ନେଇ ତାକର ସଁସାର। ଜମିବାଡ଼ି ଟିକେ ଆର ପୁରନାକାଲିଆ ମାଏଟ୍ ଘରଟେ ରହିଛେ। ହେଲେ ବଏସ୍ ଅଧିକା ହେବାର ଲାଗି ଲୋଚନ ଚାଷବାସ କରି ନାଇଁପାରବାର। ଜମିକେ ଭଗାଲି ଦେଇଛନ୍। ସେଥିରୁ ୪ ମାସର ଖାଏବାରଟା ବାହାରୁଛେ। ଇଆଡ଼େ ଗଲା ବଛର ବରଷାରେ ତାକର ଘରଟା ଭାଂଗି ଯାଇଛେ। ଏନ୍‌ତାଥି ଲୋଚନ କଣ୍ଟାବାଞ୍ଜି ତହସିଲଦାରକୁଁ ଘର ଭଂଗା ସାହାଯ୍ ଲାଗି ଗୁହାରି କରିଥିଲେ। ତହସିଲ ତରଫୁ ସାହାଯ୍ ହିସାବେ ତାହାକୁ ପଲିଥିନ ଖଁଡ଼େ ମିଳିଛେ। ଏହେଦେ ୩ ପରାନୀ କୁଟୁମ ସେ ପଲିଥିନ ତଲେ ମୁଡ଼ ଗୁଁଜିଛନ୍। ଲୋଚନ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ଜିଲାପାଳକଁର ଜନଶୁନାନି ଶିବିରରେ ନିବେଦନ କରି ନିରାଶ ହେଇଥିବାର କହିଛନ୍। ସରକାରୀ ସାହାଯ୍ କହେଲେ ପୁଓ ବୁଣାକାରକୁଁ ଦିବ୍ୟାଙ୍ଗ ଭତା ଆର ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କେ.ଜି. ଚାଉଲ ମିଲୁଛେ। ସେନ୍‌ତା ଲୋଚନ ଆର ତାକର ମାଏକିନା ସେବତୀ ବି ଭତା ପାଉଛନ୍। ସରକାରୀ ସାହାଯ୍ ଯାହା ମିଲୁଛେ ସେଟା ପେଟ୍‌କେ ଅଁଟୁଛେ। ହେଲେ ପୁଓ ଜନ୍‌ମୁ ଦିବ୍ୟାଙ୍ଗ ହେଇଥିଲାବେଲେ ବଛର କେତେଟା ତଲେ ସେ ମାନସିକ ରୋଗ୍‌ର ଶିକାର ହେଇଛନ୍। ପୁଓର ଏନ୍‌ତା ଅବସ୍‌ତା ଦେଖି ବୁଢୁଧ୍ ମା'ବାପ୍ ଯାହା ପାରଲେ ଚିକିଛା କରାଲେ। ଭଲ ନାଇଁ ହେଲାରୁ ଶେଷେ ଧାରଉଧାର କରି ରାଞ୍ଚି ନେଇ ଚିକିଛା କରାଲେ। ଏହେଦେ ବୁଣାକାର ରାଞ୍ଚି ଡାକ୍‌ତର ଲେଖିଥିବାର ଉଷୋ ଫିଦିନ ଖାଉଛନ୍। ହେଲେ ଫିମାସ ପୁଓର ଲାଗି ହଜାରେ ଟଁକାର ଉଷୋକସା ଘନ୍‌ଲାବେଲେ ମୋତେ ଭିଡ଼ ପଡ଼ିଯାଉଛେ ବଲି ଲୋଚନ କହିଛନ୍। ଏହେଦେ ବୁଣାକାରକୁଁ ୩୬ ବଛର ବଏସ୍ ହେଇଥିଲାବେଲେ ବୁଢୁଧ୍ ମା'ବାପ୍ ତାକର ଭବିଷତ୍ ଚିନ୍‌ତାରେ ଫିଦିନ ଆଏଁଖିରୁ ଲହ ଗଡ଼ଉଛନ୍। ଏନ୍‌ତାଥି ଉପେ ଶୂଇନ ବୁଢୁଧ୍ ଦମ୍ପତି ଗଣମାଧମ ଜରିଆରେ ପୁଓକେ ଚିକିଛା ସାହାଯ୍ ଆର ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଜିଲା ପରଶାସନକେ ନିବେଦନ କରିଛନ୍।



ନିଜର ଘରଆଗେ ପୁଓ, ମାଏକିନାର ସଂଗେ ଲୋଚନ।

## ମଦ ଜବତ, ୪ ଗିରଫ

ଗୁଡଭେଲା, ୫।୩(ଡି.ଏନ.ଏ.):ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ଓ ବଲାଙ୍ଗୀର ମୋବାଇଲ ଟିମ ପକ୍ଷରୁ ଗୁରୁବାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୭୫ଲିଟର ଦେଶୀ, ୫.୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ବଡବାହାଲ ଗ୍ରାମର ବାବୁଲାଲ ଧୁରୁଆଙ୍କଠାରୁ ୩୦ ଲିଟର, ଗୌରଗୋଡ ଗ୍ରାମର ରମାକାନ୍ତ ରଣାଙ୍କଠାରୁ ୨୫ ଲିଟର ଓ ମେବର ରଣାଙ୍କଠାରୁ ୨୦ଲିଟର ଦେଶୀ ମଦ ଓ ଅଜୟ ରଣାଙ୍କଠାରୁ ୧୧ଟି ହନଟର କେନ ବିଦେଶୀ ମଦ ଜବତ କରାଯାଇଥିଲା। ଏନେଇ ଅବକାରୀ ବିଭାଗରେ ୮୬, ୮୭, ୮୮ ଓ ୮୯ରେ ଚାରୋଟି ପୃଥକ ମାମଲା ରୁଜୁ ହେଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ତୁଷୁରା ଅବକାରୀ ଅଧିକାରୀ ଅରୁଣ ଯୋଶୀ ସୂଚନା ଦେଇଛନ୍ତି। ଏହି ଚଢ଼ାଉ ସମୟରେ ସଦର ଆଇଆଇସି ପି. ନାୟକ, ପି, ପଣ୍ଡା, ଏସଆଇ ଜୟନାରାୟଣ ଯୋଶୀ, ଦେବାର୍ଚ୍ଚନ ଭୋଇ, ସୁରେସ ଭୋଇ ପ୍ରମୁଖ ସାମିଲ ଥିଲେ।

**ବାରିପଦା ପୌର ପରିଷଦ**
**ବାରିପଦା, ମୟୂରଭଞ୍ଜ-୭୫୭୦୦୧**
**Tel: 06792-252703,**
**Website: www.baripadamunicipality.in,**
**e-mail: baripadam.hud@nic.in**

**ପତ୍ର ସଂଖ୍ୟା: 2514/ Tax** **ବିଜ୍ଞାପନ** ତା. 03.03.2020 ରିଖ

**No.C-545:-** ଏତଦ୍ୱାରା ବାରିପଦା ପୌରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବାରିପଦା ପୌର ପରିଷଦର ନିଷ୍ପତ୍ତିକ୍ରମେ କଚେରି ମାର୍କେଟ ନିକଟରେ କାର୍ଯ୍ୟାଳୟ ତରଫରୁ ନୂତନ ଭାବେ ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ଦୋକାନଘରଗୁଡ଼ିକର ଆବଣ୍ଟନ ପ୍ରକ୍ରିୟା ସକାଶେ ଆବେଦନ ଫର୍ମ ବିକ୍ରୟ କରାଯିବ। ସେଥିପାଇଁ ଆବେଦନ ଫର୍ମ ଦୋକାନଘର ନିମନ୍ତେ ଧାର୍ଯ୍ୟ ହୋଇଥିବା ଟ.୧,୦୦୦.୦୦ (ଅଣଫେରସ୍ତ)ରେ ସର୍ତ୍ତାବଳୀ ସହିତ ଆସନ୍ତା ତା.୦୬।୦୩।୨୦୨୦ରିଖ ଠାରୁ ତା.୨୧।୦୩।୨୦୨୦ରିଖ ଦିବା ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ (କେବଳ କାର୍ଯ୍ୟାଳୟ ଦିବସମାନଙ୍କରେ) ବିକ୍ରୟ କରାଯିବ ଏବଂ ଉପରୋକ୍ତ ସମୟସୀମା ମଧ୍ୟରେ ନିୟମାବଳୀରେ ଉଲ୍ଲେଖଥିବା ସମସ୍ତ ସର୍ତ୍ତ ଅନୁଯାୟୀ ଫର୍ମ ଦାଖଲ କରିବେ।

ଏହି ବିଜ୍ଞାପନ ବାରିପଦା ମ୍ୟୁନିସିପାଲିଟି ୱେବସାଇଟ୍- **Website www.baripadamunicipality.in** ରେ ଉପଲବ୍ଧ ରହିଛି।

ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆବେଦନକାରୀଙ୍କଠାରୁ ଫର୍ମ ଗ୍ରହଣ କରାଯିବ ନାହିଁ।

**କାର୍ଯ୍ୟନିର୍ବାହୀ ଅଧିକାରୀ, ବାରିପଦା ପୌର ପରିଷଦ**
OIPR-13078/11/0023/1920

**OFFICE OF THE MEDICAL OFFICER I/C, CHC LOISINGHA Dist:- BALANGIR**
No 44 Date: 04/03/2020
**CORRIGENDUM** No. 787-E

In pursuance to the Tender Call Notice published vide this office Advt. No. 34 Dt. 14.02.2020 for engagement of vehicles on monthly hiring basis for official use of Block Programme Management Unit, O/o of the Medical Officer I/c CHC Loisingha, Balangir. The tender date is hereby extend up to 18.03.2020 till 5 PM. The interested bidder submit their document by registered post/ speed post/ courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the office of the undersigned. The undersigned reserves the reject to cancel any or all tender without assigning any reason thereof.

**Sd/- Medical Officer I/c,CHC Loisingha, Balangir**
OIPR-10146/11/0002/1920

**ODISHA STATE BEVERAGES CORPORATION LIMITED**
(A GOVERNMENT OF ODISHA UNDERTAKING)
BHUBANESWAR-751023 (ODISHA)
CIN: U51228OR2000SGC006372
Tel: 0674-2303972(O)
Email:- osbcltd@gmail.com

**ADVERTISEMENT FOR ENGAGEMENT OF ONE SENIOR PROGRAMMER CONSULTANT FOR OSBC LTD.**
CAD-1069

Applications are invited from candidates for engagement of a Full Time Senior Programmer Consultant for OSBC Ltd. on monthly consolidated fee basis for a period of one year.

Interested candidates may visit the official website of OSBC Ltd. i.e. https://osbc.co.in for further details.

Last date of receipt of the resume/ application is 30.03.2020.

Sd/- **General Manager (Admn.)**
OIPR- 36003/11/0007/1920

**CLASSIFIED DISPLAY**

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ASTROLOGY

**INDUS TOWER LTD**
କୌଣସୀ ଖର୍ଚ୍ଚ ନାହିଁ
ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱାର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ।
Plot No 37 UA, Bungalow Rd, Kamla Nagar, New Delhi,
8882906098

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**BUSINESS**
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

**ଗୁରୁ ସାହି ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୈଁପତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

FINANCE

**ଦୟାକରି ଧ୍ୟାନ ଦିଅନ୍ତୁ**
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

**ସରସ ଫାଇନାନ୍ସ**
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ୍, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ଋଣ ଧମାକା**
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
**ଆଦର୍ଶ ଫାଇନାନ୍ସ**
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍‌ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲ୍‌ଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

**COLOR DISPLAY CLASSIFIED**

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ

## ସଂକ୍ଷେପରେ

### ଗୁଡଭେଲାରେ ପଞ୍ଚାୟତିରାଜ ଦିବସ ପାଳିତ

**ଗୁଡଭେଲା,୫।୩(ଡି.ଏନ.ଏ.):** ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରସରରେ ଗୁରୁବାର ବିଡିଓ ସୂର୍ଯ୍ୟକୁମାର ନାୟକଙ୍କ ସଭାପତିତ୍ୱରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକ ଉପାଧକ୍ଷା ନଳିନୀ ସେଠ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମିତି ସଭ୍ୟ ଶିଶୁ କୁମାର ପ୍ରଧାନ, ଚିତ୍ରସେନ ମାଝୀ, ଭିମ ନାଗ, ଟୁକୁରାମ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ପଞ୍ଚାୟତିରାଜ ବିଭାଗର ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶେଖର ମିଶ୍ର ସଂଯୋଜନା କରିଥିଲେ।

### ଜନ୍ମତିଥିରେ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ

**ଟିକ୍ରାପଡା, ୫।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡାଠାରେ ବିଜୁ ଜନତା ଦଳ ଆନୁକୂଲ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଦିଲୀପ ରାଜପଲିଆ ଏଥିରେ ଅଧକ୍ଷତା କରିଥିଲେ। ଆଇନଜୀବୀ ବିଶ୍ୱନାଥ ସୁଆର, ଟୁନୁ ରାଜପଲିଆ, ବାଳମୁକୁନ୍ଦ ପୁଟେଲ ପ୍ରମୂଖ ବିଜୁବାବୁଙ୍କ ସଂଗ୍ରାମୀ ଜୀବନ ସମ୍ବନ୍ଧରେ କହିଥିଲେ। ଶଙ୍କର ପୃଷ୍ଟି ସଭା ସଂଯୋଜନା କରିଥିଲେ। ସଞ୍ଜୟ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଜୟରାମ ବାଗ, ମାଧବ ରଣା, ଈଶ୍ୱର କାଲସାଏ ପ୍ରମୁଖଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

### ୬୦ କୁଶଳୀ ଶ୍ରମିକ ସମ୍ମାନିତ

**ପାଟଣାଗଡ, ୫।୩ (ଡି.ଏନ.ଏ.) :** ପାଟଣାଗଡ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ସୋମନାଥ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ବନପାଳ ବାସୁଦେବ ନାଥ, ଏଇଇ ପ୍ରଫୁଲ୍ଲ ବେହେରା, ବ୍ଲକ ଅଧକ୍ଷ ଭକ୍ତବନ୍ଧୁ ନାଏକ, ଏଏଓ ପିଙ୍କୁସେନ କାଲେ, ମହିଳା ସଶକ୍ତିକରଣ କୋଅର୍ଡିନେଟର ବି.ନାଏକ ମଞ୍ଚାସୀନ ଥିଲେ। ବିଡିଓ ନୀଳମାଧବ ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗ୍ରାମାଞ୍ଚଳର ଉନ୍ନୟନ ବିଷୟରେ ଆଲୋକପାତ କରିଥିଲେ। ଓଡିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢୀକରଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଭୂମିକାର ଅବତାରଣା କରିଥିଲେ। ଶେଷରେ ମୁଖ୍ୟଅତିଥି ପ୍ରଧାନ ୬୦ ଜଣ କୁଶଳୀ ଶ୍ରମିକଙ୍କୁ ସମ୍ମାନିତ କରିଥିଲେ।

### ସାଂସ୍କୃତିକ ଦିବସ ପାଳିତ

**ଲୋଇସିଂହା, ୫।୩(ଡି.ଏନ.ଏ):** ଲୋଇସିଂହା କଲେଜରେ ସାଂସ୍କୃତିକ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ତ୍ରିବିକ୍ରମ ଦାଶଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପକ ଗୋବିନ୍ଦ ସାହୁ, ଲଳିତମୋହନ ତ୍ରିପାଠୀ, ଅଧ୍ୟାପିକା ସୁନନ୍ଦାରାଣୀ ମହାପାତ୍ର ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସନ୍ତୋଷ ଦାସ ବାର୍ଷିକ ବିବରଣୀ ପାଠ, ବିବେକାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ପରେ କ୍ଷୁଦ୍ର ନାଟକ ଏ ଫୁଲ ପରିବେଷିତ ହୋଇଥିଲା।

### ଡାକ୍ତରଙ୍କ ଅବହେଳାରୁ ଗାଈର ମୃତ୍ୟୁ ଅଭିଯୋଗ

**ଗୁଡଭେଲା,୫।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ପ୍ରାଣୀ ଚିକିତ୍ସାଧିକାରୀଙ୍କ ଅବହେଳା ଯୋଗୁଁ ଗୁରୁବାର ଏକ ଗାଈର ମୃତ୍ୟୁ ହୋଇଥିବା ସ୍ଥାନୀୟ ବଜରଙ୍ଗ ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଦଳ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଗୁରୁବାର ପୂର୍ବାହ୍ନ ପ୍ରାୟ ୯ଟାରେ ତୁଷୁରା ସହର ବାଳିକା ହାଇସ୍କୁଲ ପଛପଟରେ ଏକ ଗାଈ ପଡି ଛଟପଟ ହେଉଥିଲା। ଏ ନେଇ ତୁରନ୍ତ ସ୍ଥାନୀୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଭେଟି ଉକ୍ତ ଗାଈର ଚିକିତ୍ସା ପାଇଁ ଅନୁରୋଧ କରାଯାଇଥିଲା। ହେଲେ ଯାଉଛି କହି ମଧାହ୍ନ ପ୍ରାୟ ୧୨ଟା ପର୍ଯ୍ୟନ୍ତ ସେ ଆସି ନ ଥିଲେ। ପ୍ରାୟ ୧ଟା ବେଳେ ଘରୋଇ ଭାବେ ଗୋଚିକିତ୍ସା କରୁଥିବା ଜଣେ ଯୁବକ ଘଟଣାସ୍ଥଳକୁ ଆସି ତାଙ୍କୁ ପ୍ରାଣୀ ଚିକିତ୍ସକ ପଠାଇଥିବା କହିଥିଲେ। ହେଲେ ସେତେବେଳକୁ ଗାଈର ମୃତ୍ୟୁ ହୋଇ ଯାଇଥିବା ବଜରଙ୍ଗ ଦଳର ଅନୀଲ ଶର୍ମା କହିଛନ୍ତି। ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସାଧିକାରୀ ସୁରେନ୍ଦ୍ର ବେହେରାଙ୍କୁ ପଚାରିବାରୁ ମୁଁ କାହାକୁ ଗାଈର ଚିକିତ୍ସା ପାଇଁ ପଠାଇ ନାହିଁ କିମ୍ବା ସହାୟତା ପାଇଁ ମୋ ପାଖକୁ କେହିଁ ଆସି ନଥିବା କହିଛନ୍ତି।

# ‘ସରକାରୀ କର୍ମଚାରୀ ଲୋକାଭିମୁଖୀ ହେବା ଜରୁରୀ’

**ବଲାଙ୍ଗୀର ଅଫିସ, ୫।୩**

**ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହ**

ଦେଶ ଓ ରାଜ୍ୟରେ ବିଭିନ୍ନ ସମୟରେ ସରକାର ବହୁ ଲୋକାଭିମୁଖୀ ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ଅନେକ କ୍ଷେତ୍ରରେ ସେସବୁ ଯୋଜନା ଲୋକଙ୍କ ପାଖରେ ପହଞ୍ଚିବାରେ ଅସୁବିଧା ଦେଖାଦେଇଛି । ସରକାରୀ ଯୋଜନାଗୁଡିକ ଲୋକାଭିମୁଖୀ ହେଲେ ମଧ ସରକାରୀ କର୍ମଚାରୀମାନେ ଯଦି ଲୋକାଭିମୁଖୀ ହେବେନାହିଁ ତେବେ ଯୋଜନାର ସୁଫଳ ଲୋକେ ପାଇପାରିବେ ନାହିଁ । ଏଣୁ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ହେଲେ ସରକାରୀ ଚାକିରିଆଙ୍କୁ ସେମାନଙ୍କ ମନୋଭାବ ପରିବର୍ତ୍ତନ କରି ପ୍ରଥମେ ଲୋକାଭିମୁଖୀ ହେବାକୁ ପଡିବ ବୋଲି ଜିଲାପାଳ ଅରିନ୍ଦମ ଡାକୁଆ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହରେ କହିଛନ୍ତି। ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ ଯୋଗଦେଇ ସରକାରଙ୍କ ଯୋଜନାଗୁଡିକ କିଭଳି ଗ୍ରାମାଞ୍ଚଳସ୍ତରରେ ପହଞ୍ଚିବ ସେଥିପ୍ରତି ସରକାରୀ ଅଧିକାରୀ, କର୍ମଚାରୀ ଓ ଜନପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟ ରହିବା ଜରୁରୀ ବୋଲି କହିଥିଲେ । ମୁଖ୍ୟବକ୍ତା ଶିକ୍ଷାବିତ୍ ଡକ୍ଟର ଶିବପ୍ରସାଦ ନନ୍ଦ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଲଢୁଆ ମନୋବୃତ୍ତି ଓ ନିଜ ଜନ୍ମମାଟି ପ୍ରତି ଗଭୀର ଭଲ ପାଇବା କିଭଳି ତାଙ୍କୁ ଜାତୀୟ ଓ ବିଶ୍ୱସ୍ତରରେ ପରିଚିତ କରିଥିଲା ସେ ବିଷୟରେ କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ସ୍ୱାଗତ ବକ୍ତବ୍ୟ ଦେଇ ପଞ୍ଚାୟତିରାଜ ଦିବସର ତାତ୍ପର୍ଯ୍ୟ ଓ ସରକାରୀ ଯୋଜନାଗୁଡିକର ସଫଳତା ଉପରେ କହିଥିଲେ । ଏହି ଅବସରରେ ଜିଲା ପରିଷଦ ଉପାଧକ୍ଷ ପାଣ୍ଡବ ସାହୁ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା ପରିଷଦ ସଦସ୍ୟ ସତ୍ୟନାରାୟଣ ଭୋଇ, ଶ୍ରୀଧର ବାରିକ, ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ପଞ୍ଚାୟତିରାଜ ଦିବସର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମ ଉପରେ ଅଧିକ କେନ୍ଦ୍ରୀଭୂତ କରି ଲୋକଙ୍କ ପାଖକୁ ପ୍ରଶାସନ ଓ ଯୋଜନା ସୁଫଳ ପହଞ୍ଚାଇବା ଉପରେ ଅତିଥି, ପ୍ରଶାସକ ଓ ବକ୍ତାମାନେ ଆଲୋଚନା କରିଥିଲେ। ସମାରୋହରେ ବିଭିନ୍ନ ବିଭାଗ ତରଫରୁ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ୍ ରୁଷୁଡା ଗ୍ରାମପଞ୍ଚାୟତ ୨୦୧୮-୧୯ ବର୍ଷର ରାଜ୍ୟ ପ୍ରୋତ୍ସାହନ ପୁରସ୍କାର ପାଇଥିବାରୁ ଏହି ଗ୍ରାମପଞ୍ଚାୟତ ସରପଞ୍ଚ ସବିତା ବେହେରାଙ୍କୁ ମୁଖ୍ୟଅତିଥି ମହାନନ୍ଦ ସମ୍ମାନିତ କରିଥିଲେ। ସମାରୋହକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପରିଚାଳନା କରିଥିଲେ।



ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହରେ ଉପସ୍ଥିତ ଅତିଥି, ଜନପ୍ରତିନିଧି, ଅଧିକାରୀ ଓ କର୍ମଚାରୀ।

### ଗ୍ରାମୀଣ ବିକାଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢୀକରଣ ଲୋଡ଼ା

**ଖପ୍ରାଖୋଲ, ୫।୩(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ତରଫରୁ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ମେହେର, ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଅଭୟ ତ୍ରିପାଠୀ, ଅଧ୍ୟାପକ ବଳଭଦ୍ର ଦାଶ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ରଘୁନାଥ ସିଂ ବରିହା, ଗ୍ରାମୀଣ ଶ୍ରମ ନିରୀକ୍ଷକ ସୁଧିର କୁମାର ସାହୁ ଯୋଗଦେଇଥିଲେ। ଗ୍ରାମୀଣ ବିକାଶ ପାଇଁ ପଞ୍ଚାୟତିରାଜର ଆବଶ୍ୟକତା ନେଇ ବକ୍ତମାନେ ମତ ରଖିଥିଲେ। ସଭା ଆରମ୍ଭରୁ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ସହ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଗତି ସହାୟକ ଅଶୋକ କୁମାର ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ଉପବିଭାଗ ଅଧିକାରୀ ବ୍ରଜବନ୍ଧୁ ଠାକୁର, କ୍ୟାଶିଅର ଦିଲୀପ କୁମାର ସାହୁ, ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରୁ, ସରପଞ୍ଚ ଉପେନ୍ଦ୍ର ଭୋଇ, ଲକ୍ଷ୍ମୀ କୁମ୍ଭାର, ସମିତି ସଭ୍ୟ ରଞ୍ଜୁଲତା ସାହୁ, ମୋହନ ସୁନା, ଶୋଭନମୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତିରାଜ ଦିବସରେ କଳାକାର, ଚାଷୀ ସମ୍ବର୍ଦ୍ଧିତ

**ମୁରିବାହାଲ, ୫।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି ପକ୍ଷରୁ ଗୁରୁବାର ପଞ୍ଚାୟତରାଜ ଦିବସ ସାଙ୍ଗକୁ ବିଜୁ ପଟ୍ଟନାୟକଙ୍କର ଜନ୍ମ ଦିବସ ବ୍ଲକ ପରିସରରେ ପାଳିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଓଡିଶା ଜୀବିକା ମିଶନର କାର୍ଯ୍ୟରତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜନସାଧାରଣମାନଙ୍କୁ ନେଇ ଆୟୋଜିତ ଏହି ଦିବସ ପାଳନ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ପଞ୍ଚାୟତ ସମିତିର ଅଧକ୍ଷ ହଂସରାଜ ଜୈନ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବିଡିଓ ଶମ୍ଭୁଭୂଷଣ ମିଶ୍ର, ଏବିଡିଓ ନରେଶ ଚନ୍ଦ୍ର ବେହେରା, ବ୍ଲକ ଉପାଧକ୍ଷ ସୁନ୍ଦରମତୀ ବାଗ, ବିପିଏମ ବ୍ରଜକିଶୋର ସ୍ୱାଇଁ, ପ୍ରଗତି ସହାୟକ ବୀରେନ୍ଦ୍ର ରାଓ, ହଳଦୀ ସମିତି ସଭ୍ୟ ମଧୁସୂଦନ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ରହି ଗ୍ରାମାଞ୍ଚଳରେ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଜୋର ଦେଇଥିଲେ। ଏହି ଅବସରରେ ବିଶିଷ୍ଟ କଳାକାର ଚକ୍ରଧର ନାଗ, ସାମାଜିକ କର୍ମୀ ଅଶୋକ ଭୋଇ ଓ ମହେଶ ପୁଟେଲ, ବିଶିଷ୍ଟ ଚାଷୀ ଗୌତମ ଖେତି, ବିଶିଷ୍ଟ କ୍ରୀଡାବିତ ଯୁଧିଷ୍ଠିର ଭରାସଗରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ସଂଯୋଜନା କରିଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ଏନ.ଜେ. ଥିଓଫିଲ ଧନ୍ୟବାଦ ଅର୍ପଣ କରିଥିଲେ।




ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

### ଜେଲଗଲେ ୨ ପକେଟମାର

**ସଇଁତଲା, ୫।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଘୁନସର ଗ୍ରାମରେ ସାପ୍ତାହିକ ବଜାର ଚାଲୁଥିବା ସମୟରେ ପକେଟମାର କରୁଥିବା ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସଇଁତଲା କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଟିଟିଲାଗଡ ଜେଲ ହାଜତକୁ ପଠାଇ ଦିଆଯାଇଛି। ଘୁନସରଠାରେ ସାପ୍ତାହିକ ବଜାର ଚାଲିଥିବାବେଳେ ସୁନ୍ଦରଗଡ଼ ଜିଲା ବରଗାଁ ଥାନା ଜାରଙ୍ଗ ଗ୍ରାମର ଗଣେଷ କୁମାର ଜରାଶବର ଓ ବରଗଡ଼ ଜିଲା ଗୋଡ଼ଭଗା ପଞ୍ଚାୟତର ଲଖନପୁର ଗ୍ରାମର ପବନ ମାଝୀ ପକେଟ ମାର କରୁଥିବାବେଳେ ଲୋକ ଧରିଥିଲେ । ପବନଙ୍କଠାରୁ ୨୫ଶହ ଓ ଗଣେଷଙ୍କଠାରୁ ୨୨ଶହ ନଗଦ ଟଙ୍କା ଜବତ ହୋଇଥିଲା। ଏ ନେଇ ସଇଁତଲା ଥାନାରେ ଏକ ମାମଲା (ନଂ.୬୦/୨୦) ରୁଜୁ ହୋଇଛି। ମହୁବିକ୍ରି କରିବାର ବାହାନା କରି ଗଣେଶ ଓ ପବନ ପକେଟ ମାର କରୁଥିଲେ ବୋଲି ସଇଁତଲା ଥାନା ଏସଆଇ ମହେଶ୍ୱର ଦାସ ସୁନାନୀ କହିଛନ୍ତି।



ବିଧାୟକ ସନ୍ତୋଷ ସିଂ ସାଲୁଜା ଜଣେ ବ୍ୟକ୍ତିଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

## ୩୪ଜଣଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ

**କଣ୍ଟାବାଞ୍ଜି, ୫।୩(ଡି.ଏନ.ଏ.)**

ବିଜୁ ଜୟନ୍ତୀ ତଥା ପଞ୍ଚାୟତରାଜ ଦିବସ ଅବସରରେ କଣ୍ଟାବାଞ୍ଜି ଏନଏସି ସହରାଞ୍ଚଳର ୩୪ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଗୁରୁବାର ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଏନଏସି ସଭାଗୃହରେ ଅନୁଷ୍ଠିତ ସଭାରେ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏନଏସି ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାର ସାମିଲ କରାଯାଉଛି ବୋଲି କହିଥିଲେ। ଏହି ବୈଠକରେ ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଆଦିତ୍ୟ କୁମାର ମିଶ୍ର, ପୂର୍ବତନ କାଉନସିଲର ଟିମା ବେହେରା, କମଲ ଅଗ୍ରୱାଲ, ସୁଶୀଲ ରାଉତ, ଯୁବରାଜ ଜୈନ, କିଶୋର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

**ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନର ନିଷ୍ପତ୍ତି**

## ଉଚ୍ଛେଦ ହେଲା ୭ ଫଡି ଘର

**ଲୋଇସିଂହା, ୫।୩(ଡି.ଏନ.ଏ.)**

ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନ କଠୋର ନିଷ୍ପତ୍ତି ନେଇ ୭ଫଡିଘରକୁ ଉଚ୍ଛେଦ କରିଛି। ସେଗୁଡିକ ମଧ୍ୟରେ ଲୋଇସିଂହା ରେଞ୍ଜର ୨, ତରଭାର ୨, ସିଂବାହାଲିର ୨ ଓ ବଲାଙ୍ଗୀର ସଦରର ଅଞ୍ଚଳର ଗୋଟିଏ ରହିଛି । ଲୋଇସିଂହା ବ୍ଲକ କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ଆଗଲପୁର ସେକ୍ସନର ନଅଗାଁ(କ) ଓ ଭୋଇପାଲିକୁ ଉଠାଇ ଦିଆଯାଇଛି। ଏଠାରେ କମ୍ କେନ୍ଦୁପତ୍ର ଉତ୍ପାଦନ ହେଉଥିବା ଦର୍ଶାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଉଚ୍ଛେଦ ଫଡି ଘରଦ୍ୱୟକୁ ନୂନିଆପାଲି ଫଡିରେ ମିଶ୍ରଣ କରାଯାଇଛି । ଏତଦ୍‌ବ୍ୟତୀତ ଲୋଇସିଂହା ରେଞ୍ଜରେ କାର୍ଯ୍ୟରତ ୪ସେକ୍ସନ ୱଚର, ୪ଜଣ ମୁନସୀ, ଚପରାସି କର୍ମସଂସ୍ଥାନ ହରାଇଛନ୍ତି। ଏହାକୁ ନେଇ ଶ୍ରମଜୀବୀ ଓ ସଜିନିଲା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାମତେ, ଲୋଇସିଂହା କେନ୍ଦୁପତ୍ର ରେଞ୍ଜ ଅଧୀନରେ ୫ଟି ସେକ୍ସନ ରହିଛି। ସେଥିମଧ୍ୟରୁ ଆଗଲପୁର ସେକ୍ସନ ଅନ୍ୟତମ। ଆଗଲପୁର ସେକ୍ସନରେ ୭ଟି ଫଡିଘର ଥିଲା । ଏହାକୁ ଆଗଲପୁର ଫଡି ଘରେ ଥିବା ପାଖାପାଖି ୪ ଶହ ତୋଳାଳି, ଭୋଇପାଲିରେ ଥିବା ପ୍ରାୟ ଅଢେଇଶହ ତୋଳାଳି ପରିବାର ରୋଜଗାର ହରାଇଛନ୍ତି। ଏହାବାଦ୍ ତୋଳାଳି ଓ ତାଙ୍କ ପରିବାରବର୍ଗଙ୍କୁ ମିଳୁଥିବା ସରକାରୀ ସୁବିଧା ସୁଯୋଗ ମଧ୍ୟ ହାତଛଡା ହୋଇଛି । ପ୍ରଶାସନର ଏହିନୀତିକୁ ୬ଶହ ତୋଳାଳି ପରିବାର ବିରୋଧ କରିଛନ୍ତି। ନଅଗାଁ(କ) ଓ ଭୋଇପାଲିରୁ ନୂନିଆଁପାଲି ଫଡି ଘର ଦୂରତା ଅଧିକ ଥିବାରୁ ପ୍ରଶାସନର ନିଷ୍ପତ୍ତିକୁ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ରେଞ୍ଜ ଅଫିସର ଦିଲୀପ ସାହୁଙ୍କୁ ପଚାରିବାରୁ ଫଡିଘର ଉଚ୍ଛେଦ ହୋଇଥିବା କହିଛନ୍ତି। ତେବେ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀ ଅଧିକ କିଛି କହି ପାରିବେ ବୋଲି କହିଛନ୍ତି।

## ଗରିବ ଲୋକଙ୍କ ପାଖରେ ପହଞ୍ଚୁ ସରକାରୀ ଯୋଜନା

**ଲାଠୋର, ୫।୩ (ଡି.ଏନ.ଏ):** ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲଙ୍କ ଅଧକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଅଧିବାସୀଙ୍କୁ ଜବକାର୍ଡ ବଣ୍ଟନ କରାଯାଇଥିଲା। ଯୋଜନାର ସୁଫଳ ଗରିବ ଲୋକଙ୍କ ପାଖରେ କିପରି ପହଞ୍ଚିବ ସେ ଦିଗରେ ଉଦ୍ୟମ କରାଯାଉଛି ବୋଲି ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ କର୍ମଚାରୀ ଓ ନିର୍ବାଚିତ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ସଭା ପରିଚାଳନା କରିଥିଲେ ଯୋଗାଣ ସହାୟକ ସତ୍ୟ ରଣା।

## ‘କରୋନାକୁ ନେଇ ସଚେତନତା ଜରୁରୀ’

**ବଲାଙ୍ଗୀର ଅଫିସ, ୫।୩**

ବଲାଙ୍ଗୀର ମାଳପଡାସ୍ଥିତ ଖଦ୍ୟୋତ କାର୍ଯ୍ୟାଳୟରେ କରୋନା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଖଦ୍ୟୋତ ସଭାପତି ତଥା ସୋନପୁର ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପ୍ରତି ବିଶ୍ୱରେ ଆତଙ୍କ ଖେଳାଇଥିବା କରୋନା ଆକ୍ରମଣରୁ କିଭଳି ରକ୍ଷା ପାଇପାରିବା ତାହା ଉପରେ ଆଲୋଚନା ହୋଇଥିଲା । ଖଦ୍ୟୋତ ଉପସଭାପତି ଆକୁଳ ବେହେରା ଆଲୋଚକଭାବେ ଯୋଗଦେଇ ଗରମ ଖାଦ୍ୟ ଖାଇବା, ଉଷ୍ମ ପାଣି ପିଇବା ଉପରେ କହିଥିଲେ। ସମ୍ପାଦକ ତଥା ରାଜ୍ୟ ରବିଚନ୍ଦ୍ର ପଶାୟତ କିଛି ଦିନ ସକାଶେ ଆମିଷ ଭୋଜନ ବର୍ଜନ କରିବା ଉପରେ ଜୋର ଦେଇଥିଲେ । ସଭାପତୀୟ ଅଭିଭାଷଣରେ ପ୍ରଫେସର ମିଶ୍ର ଛିଙ୍କ ସମୟରେ ନାକ ଓ ପାଟିରେ ରୁମାଲ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଅଯଥା ଭୟଭୀତ ନହୋଇ ସଚେତନତା ଆବଶ୍ୟକ ବୋଲି ସେ କହିଥିଲେ। କୋଷାଧକ୍ଷ ମୀନକେତନ ମାଝି, ଶିକ୍ଷାବିଦ୍ ଛାୟାକାନ୍ତ ସାହୁ ମଞ୍ଚାସୀନ ଥିଲେ।




ଖଦ୍ୟୋତ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରାରେ ମଞ୍ଚାସୀନ ଆଲୋଚକ।

# ସଂକୀର୍ତ୍ତନ ମହାକୁମ୍ଭ ଉଦ୍‌ଯାପିତ

**ଭାଗ ନେଇଥିଲେ ଦେଶ ବିଦେଶର ୧୨୨ ସଂକୀର୍ତ୍ତନ ଦଳ**

**ବଲାଙ୍ଗୀର ଅଫିସ, ୫।୩**

ବଲାଙ୍ଗୀର ସଦାଇପାଲିଠାରେ ୧୧ଦିନ ଧରି ଚାଲିଥିବା ସଂକୀର୍ତ୍ତନ ମହାକୁମ୍ଭ ଗୁରୁବାର ଉଦଯାପିତ୍ ହୋଇଛି। ପୂର୍ଣ୍ଣାହୁତି ପରେ ଦଧିଭାଣ୍ଡ ଭଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନଗର କୀର୍ତ୍ତନରେ ସଦାଇପାଲି ମାହେଶ୍ୱରୀ ରାମଜୀ ପାର୍ଟି ଓ ରାଧେ ରାଧେ ମହିଳା ସଂକୀର୍ତ୍ତନ ଦଳ ସହ ଢେଙ୍କାନାଳ ଜିଲାର ବିଶ୍ୱନାଥପୁର, ବରଗଡ ଜିଲାର ସାନସାହାଜବାହାଲ, ବଲାଙ୍ଗୀର ଜିଲାର କୁମ୍ଭିଆଁପାଲି ଓ ବ୍ରାହ୍ମଣୀଡୁଙ୍ଗୁରୀ ଗାଁରୁ ଆସିଥିବା ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଜପଯଜ୍ଞର ୨୪ଜଣ ପଣ୍ଡିତ ମଧ କଳସ ବିସର୍ଜନ ଉତ୍ସବରେ ଯୋଗଦାନ କରିଥିଲେ। ଯଜ୍ଞକର୍ତ୍ତା ଡା. ପ୍ରମୋଦ କୁମାର ମିଶ୍ର ଓ ମନୋରମା ମିଶ୍ର ଯଜ୍ଞ କାର୍ଯ୍ୟ ତୁଲାଇଥିଲେ । ପଣ୍ଡିତ ମହାବୀର ବେଦବାକ ପୂଜା ପାଠ କରିଥିଲେ। ୧୮ ଯୋଡିକର୍ତ୍ତା ହୋମଯଜ୍ଞରେ ବସିଥିଲେ। ଏହି ନାମଯଜ୍ଞରେ ମୋଟ ୧୨୨ଟି ସଂକୀର୍ତ୍ତନ ଦଳ ଓଡିଶାର ବିଭିନ୍ନ ଜିଲା, ଛତିଶଗଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ତଥା ଆମେରିକା ଓ ରୁଷିଆର ଇସ୍କନ ଦଳ ଯୋଗଦାନ କରିଥିଲେ । ପ୍ରତିକୂଳ ପାଗରେ ମଧ ଯଜ୍ଞଟି ସୁରୁଖୁରୁରେ ସମାପ୍ତ ହୋଇଥିବାରୁ ମହାକୁମ୍ଭ ସଭାପତି ଡ. ଶ୍ରୀକର ମିଶ୍ର ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସାଧୁବାଦ ଜଣାଇଥିଲେ । ଶେଷରେ ସମସ୍ତ ଅଂଶଗ୍ରହଣକାରୀ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଗତ ୨୪ତାରିଖ ଘୂର୍ଣ୍ଣିଝଡରେ ଯଜ୍ଞସ୍ଥଳୀ ସମ୍ପୂର୍ଣ୍ଣ ଭାଙ୍ଗିଯିବାରୁ ଶେଷ ମୁହୂର୍ତ୍ତରେ ସ୍ଥାନ ପରିବର୍ତ୍ତନ କରାଯାଇ ପଲ୍ଲୀଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ମନ୍ଦିରରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଶେଷରେ କୃଷ୍ଣକୃପା ଟ୍ରଷ୍ଟ ନିର୍ଦ୍ଦେଶକ ସ୍ୱାମୀଜୀ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ତାଙ୍କ ଆଶୀର୍ବାଦ ପ୍ରଦାନ କରିଥିଲେ ।



ସଂକୀର୍ତ୍ତନ ମହାକୁମ୍ଭ ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ନଗର ସଂକୀର୍ତ୍ତନ।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

**ରିଷିଡ଼ା,୫।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା ସ୍ଥିତ ନବନିର୍ମିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରିଷିଡାର ପ୍ରାୟ ୧ ହଜାର ମହିଳାଙ୍କ ଦ୍ୱାରା କଳସ ଯାତ୍ରା ଆୟୋଜନ କରାଯାଇଥିଲା । ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ କର୍ତ୍ତାଭାବେ ସସ୍ତ୍ରୀକ ଶିବଲାଲ କେଡିଆ, ଚବିଶ ପ୍ରହର ନାମଯଜ୍ଞ ପାଇଁ କର୍ତ୍ତା ଭାବେ ସସ୍ତ୍ରୀକ କରୁଣାକର ରଣା ଯୋଗଦେଇଛନ୍ତି । ଶ୍ରୀରାମ ମନ୍ଦିର ପ୍ରତିଷ୍ଠାର ଆୟୋଜକ କମିଟିର ସଭାପତି ପ୍ରେମାନନ୍ଦ ପାତ୍ର, ସମ୍ପାଦକ ଅନ୍ତଯର୍ାମୀ ସାହୁ ପରିଚାଳନା କରୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ତ୍ରିପାଠୀ, ପବିତ୍ର ମୋହନ ଲେଙ୍କା, କମ୍ବୁପାଣି ସାହୁ, ନରୋତ୍ତମ ସେଲମା, ଭଜଶ୍ୟାମ ସାହୁ ପ୍ରମୁଖ ସହାୟତା କରିଥିଲେ ।

### ବିଜୁବାବୁ ଜୟନ୍ତୀ

**ରିଷିଡା, ୫।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଜୁ ଯୁବ ବାହିନୀ ତ୍ରିଶଙ୍କର ରଣା, ଯୁବନେତା ବିଶ୍ୱଦୀପକ ପାତ୍ର, ନାଏବ ସରପଞ୍ଚ କୈଳାଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ କୁଟିଆ କନ୍ଧ

**ଭବାନୀପାଟଣା,୫।୩ (ଡି.ଏନ.ଏ.)**



- କୁଟିଆ କନ୍ଧଙ୍କ ବେଦନା ଅସହ୍ୟ
- କାମରେ ଆସୁନି ଯୋଜନା

ଅନୁସୂଚିତ ଜନଜାତି କୁଟିଆ କନ୍ଧଙ୍କ ପାଇଁ ରାଜ୍ୟ ସରକାର ସ୍ଥାପନ କରିଛନ୍ତି କୁଟିଆ କନ୍ଧ ଉନ୍ନୟନ ସଂସ୍ଥା (କେକେଡିଏ)। କୁଟିଆ କନ୍ଧଙ୍କ ସର୍ବାଙ୍ଗିନ ଉନ୍ନତି ପାଇଁ ଏହି ସଂସ୍ଥା କାର୍ଯ୍ୟ କରୁଛି। ଏହା ସହ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ କୁଟିଆ କନ୍ଧର ଜୀବନ ଯେଉଁ ତିମିରକୁ ସେହି ତିମିରେ। ଏମାନଙ୍କ ଜୀବନ ଜୀବିକାରେ ଉନ୍ନତି ହୋଇପାରୁ ନ ଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ପରି ମୌଳିକ ଆବଶ୍ୟକତାରୁ ବଞ୍ଚିତ ହେଉଛନ୍ତି । ଶୁଦ୍ଧ ଜଳ ନ ପାଇ ନାଳ ପାଣି ପିଉଛନ୍ତି । ନଳକୂପର ପାଣି ଟୋପାଏ ଏମାନଙ୍କ ପାଇଁ ସାତ ସପନ। ୨୦ ଲକ୍ଷ ଲୋକଙ୍କୁ ଘର ମିଳିଥିବା ସରକାର କହୁଥିବା ବେଳେ ଆଜିବି ଶହ ଶହ କୁଟିଆ କନ୍ଧ ଝାଟିମାଟି ଘରେ ରହୁଛନ୍ତି। ଜଙ୍ଗଲ ଜମି ପଟ୍ଟା ଓ ଭୂମିହିନ ପଟ୍ଟାରୁ ହଜାର ହଜାର ଆଦିବାସୀ ବଞ୍ଚିତ । ନାଳ ପାଣି, ପୁଷ୍ଟିକର ଖାଦ୍ୟ ଅଭାବ ସାଙ୍ଗକୁ ସ୍ୱାସ୍ଥ୍ୟ ସଚେତନତା ଅଭାବ ଓ ପାଖକୁ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚି ନ ଥିବାରୁ ବିଭିନ୍ନ ରୋଗରେ ଆଦିବାସୀଙ୍କ ମୃତ୍ୟୁ ଘଟୁଛି। ଅପପୁଷ୍ଟିର ଶିକାର ହେଉଛନ୍ତି ଶିଶୁ। ପ୍ରସୂତି ମା'ବେଦନା କହିଲେ ନସରେ।

ଏହି ବନବାସୀଙ୍କୁ ଆକାଳ ବାର୍ଦ୍ଧକ୍ୟ ଗ୍ରାସୁଛି । ଅନେକ ଆଦିବାସୀ ଗାଁରେ ଅଙ୍ଗନୱାଡି କେନ୍ଦ୍ର କିମ୍ବା ବିଦ୍ୟାଳୟ ନାହିଁ। କୁଟିଆକନ୍ଧଙ୍କ ପିଲାମାନେ ଅଶିକ୍ଷିତ ହୋଇ ରହିଯାଉଛନ୍ତି । କୁଟିଆ କନ୍ଧଙ୍କ ଧାର୍ମିକ ଭାବନା ସହ ଡଙ୍ଗର, ପାହାଡ, ପ୍ରକୃତି ଜଡ଼ିତ। ଆରାଦ୍ଧ୍ୟ ଦେବତା ନିୟମଗିରି ସହ ଅନେକ ପାହାଡକୁ କମ୍ପାନୀ ହାତରେ ଟେକିଦେବାକୁ ଚକ୍ରାନ୍ତ ଚାଲିଛି। ବର୍ଷ ବର୍ଷ ଧରି ଡଙ୍ଗର, ପାହାଡ ଉପରେ ନିର୍ଭର କରି ଚଳି ଆସୁଛନ୍ତି ଏମାନେ । କିନ୍ତୁ ଏମାନଙ୍କ ଜୀବନ ଜୀବିକା ପ୍ରତି କାହାର ନଜର ନାହିଁ। ଜଙ୍ଗଲ ଜାତ ଦ୍ରବ୍ୟ ବହୁତ କଷ୍ଟରେ ସଂଗ୍ରହ କରୁଥିବାବେଳେ ଶୋଷଣକାରୀ ଦଲାଲମାନେ ସାଗ ମାଛ ଦରରେ କିଣି ଚଢ଼ା ଦରରେ ବାହାରକୁ ଚାଲାଣ କରୁଛନ୍ତି। ନେତାଠୁ ଅଫିସର, ଯନ୍ତ୍ରୀ, ମନ୍ତ୍ରୀ, ଠିକାଦାର, ଏନଜିଓ କୁଟିଆ କନ୍ଧ ଓ ନିରିହ ଆଦିବାସୀଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରୁଛନ୍ତି। ଏଣୁ ନିୟମଗିରି ମୁଠାଏବି ମାଟି ଛାଡିବାକୁ ରାଜି ନୁହଁନ୍ତି ଆଦିବାସୀ। ଏମାନଙ୍କ ପାଇଁ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଆସୁଛି, କିନ୍ତୁ ବିକାଶ ହେଉ ନାହିଁ। ରାଜ୍ୟ ସରକାର, କେନ୍ଦ୍ର ସରକାର, ସ୍ଥାନୀୟ ବିଧାୟକ, ଏମ୍ପି କିମ୍ବା ପ୍ରଶାସନ କାହା ପାଖରେ ଗୁହାରୀ କରି ଲାଭ ନାହିଁ। ଅତିଷ୍ଠ ହେଲାଣି କୁଟିଆ କନ୍ଧଙ୍କ ଜୀବନ। ଏ ନେଇ କେକେଡିଏ ପ୍ରୋଜେକ୍ଟ ମେନେଜର ଲମ୍ବୋଧର ପ୍ରଧାନଙ୍କୁ ପଚାରିବାରୁ କୁଟିଆକନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ଅଞ୍ଚଳବାସୀଙ୍କ ବିକାଶ ପାଇଁ ଅନେକ ଯୋଜନା ହାତକୁ ନେଇ ସେମାନଙ୍କୁ କିପରି ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ସେଥିପାଇଁ ଉଦ୍ୟମ ଜାରି ରହିଛି। ଅନେକ କୁଟିଆକନ୍ଧ ବିଭିନ୍ନ ଯୋଜନାରେ ସାମିଲ ହୋଇ ଉପକୃତ ହୋଇଛନ୍ତି। ଗମନାଗମନର ସୁବିଧା ନ ଥିବା ଓ ପାହାଡିଆ ରାସ୍ତା ହୋଇଥିବା ସତ୍ତ୍ୱେ ବିଭାଗୀୟ କର୍ମଚାରୀମାନେ ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ତାହା କିପରି ସମାଧାନ ହେବ ଓ ସେମାନେ କିପରି ଉପକୃତ ହୋଇପାରିବେ ସେହି ବ୍ୟବସ୍ଥା କରାଯାଉଛି ବୋଲି ପ୍ରଧାନ ପ୍ରକାଶ କରିଛନ୍ତି।

# ଖଜୁରପଦର, ବାରବୁଲି ଗାଁରେ ଝାଡ଼ାବାନ୍ତି ଭୟ

**ଲାଞ୍ଜିଗଡ଼,୫।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ଟାଙ୍ଗନକଣା ଗାଁରେ ଝାଡ଼ାବାନ୍ତିରେ ୧୩ ଜଣ ଆକ୍ରାନ୍ତ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରି ଚିକିତ୍ସା ଆରମ୍ଭ କରିଥିଲା। ଚିକିତ୍ସା ପରେ ଗାଁରେ ଝାଡ଼ାବାନ୍ତିର ପ୍ରକୋପ କମିଥିବାବେଳେ ଏହାକୁ ଲାଗିଥିବା ଖଜୁରପଦର ଓ ବାରବୁଲି ଗାଁରେ ଏହାର ଆଭାସ ପାଇ ଡ. ନରେନ୍ଦ୍ର ଦାସଙ୍କ ନେତୃତ୍ୱରେ ମୋବାଇଲ୍ ହେଲ୍ଥ ୟୁନିଟ୍ ଖଜୁରପଦର ଗାଁରେ ଆଗୁଆ ସଚେତନ କଲା ସ୍ୱାସ୍ଥ୍ୟ ବିଭାଗ। ଗାଁର ସୁନାଦେଈ ମାଝି (୩୫), ଓରିକା ମାଝି, ଇନ୍ଦୁମତୀ ମାଝି, ବୀରେନ୍ଦ୍ର ମାଝି, ବିରଜା ମାଝିଙ୍କୁ ଅଧିକ ଚିକିତ୍ସା ପାଇଁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ସେମାନେ ସୁସ୍ଥ ହୋଇ ଘରକୁ ଫେରିଯାଇଥିବା ବେଳେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହି ଦୁଇଟି ଗାଁରେ ଔଷଧପତ୍ର ବଣ୍ଟନ କରାଯାଇଛି। ଧୀରେ ଧୀରେ ଅଞ୍ଚଳରେ ସ୍ୱାଭାବିକ ଅବସ୍ଥା ଫେରୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖାଯାଇଥିବା ଜଣାପଡିଛି।

**ଆଗୁଆ ସଚେତନ କଲା ସ୍ୱାସ୍ଥ୍ୟ ବିଭାଗ**



ଖଜୁରପଦର ଗାଁରେ ମୋବାଇଲ୍ ହେଲ୍ଥ ୟୁନିଟ୍ ଟିମ୍ ପହଞ୍ଚିଛି।

### କ୍ରିକେଟ ଟୁର୍ନାମେଣ୍ଟ: ବଡପୂଝାରୀଗୁଡ଼ା ଚାମ୍ପିୟନ

**ପର୍ଲା,୫।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଜୟନ୍ତପୁର ଗ୍ରାମଠାରେ ଚାଲିଥିବା ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଚିଲଚିଲା ଓ ବଡପୂଝାରୀଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡପୂଝାରୀଗୁଡା ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୩୧ ରନ କରିଥିଲା। ଜବାବରେ ଚିଲଚିଲା ଦଳ ୧୨ ଓଭରରେ ୮ ଉଇକେଟ ହରାଇ ମାତ୍ର ୫୧ ରନ କରି ପରାଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରମଣୀ ଦୁରିଆ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୨ ହଜାର ଓ ରନର୍ସଅପ୍ ଦଳକୁ ୮ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଯୁବରାଜ ନାଏକ ମ୍ୟାନ ଅଫ୍ ଦି ମ୍ୟାଚ ସିରିଜ ପୂଝାରିଗୁଡାର ବିପିନ ଢ଼ଙ୍ଗଡାମାଝିଙ୍କୁ ଟ୍ରଫି ସହ ୬ ଶହ ପ୍ରଦାନ କରିଥିଲେ। ଖେଳ ଟିକୁ କ୍ଷେତ୍ରମୋହନ ଦୁରିଆ ଓ ଭୁପେନ୍ଦ୍ର ନାଏକ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଗ୍ରାମର ଜଗନ୍ନାଥ ସଂସ୍କୃତି ଅନୁଷ୍ଠାନ ଆନୁକୂଲ୍ୟରେ ହୋଇଥିବା ବେଳେ ଯୁବ ଗୋଷ୍ଠୀ ତପନ କୁମାର ସାଗର, ଧନଞ୍ଜୟ ନାଏକ, କୁଳଦୀପ ନାଏକ, ଦାମୋଦର ଭୋଇ, ଜୁବିନ ଭୋଇ, ତ୍ରୋଚନ ନାଏକ, ଭୋଦେବ ଭୋଇ, କ୍ଷୀରୋଦ ଭୋଇ, ପିଙ୍କୁ ଦୁର୍ଗା ପ୍ରମୁଖ ସହଯୋଗ କରିଥିଲେ।



ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମର୍ନିଂ କ୍ରିକେଟ କ୍ଲବର ସଦସ୍ୟ ।

# ମର୍ନିଂ କ୍ରିକେଟ କ୍ଲବ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ

**ଜୁନାଗଡ଼, ୫।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ମର୍ନିଂ କ୍ରିକେଟ କ୍ଲବ ପକ୍ଷରୁ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। ପୂର୍ବରୁ ମର୍ନିଂ କ୍ରିକେଟ କ୍ଲବ ସଦସ୍ୟମାନେ ଅନେକ ଜନହିତକର କାର୍ଯ୍ୟକରି ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶଂସାର ପାତ୍ର ହୋଇଛନ୍ତି। ଗୁରୁବାର ରୋଗୀଙ୍କୁ ଫଳ ବଣ୍ଟନ ସମୟରେ ମର୍ନିଂ କ୍ରିକେଟ କ୍ଲବ ଆବାହକ ମହେଶ କୁମାର ସାହୁ, ସକ୍ରିୟ ସଦସ୍ୟ ରମଣୀ ରଞ୍ଜନ ପଣ୍ଡା, ସତିଶ ପ୍ରଧାନ, ତାପସ ବେହେରା, ହୃଦାନନ୍ଦ ପ୍ରଧାନ, କାଳିଆ କନ୍ଦପାନ, ମିନ୍ଟୁ କନ୍ଦପାନ, ମାନସ ସାହୁ, ଦିଲୀପ ପଣ୍ଡା, ଆକାଶ ଜଶୱାଲ, ଲାରା, ଚିନ୍ଟୁ, ଦିପୁନ, କାମାକ୍ଷ, ବାପି, ସୁରେଶ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଏଲିଜା ପ୍ରିୟଦର୍ଶିନୀ ବେହେରା ସହଯୋଗ କରିଥିଲେ।

### ଆର୍ଥିକ ସାକ୍ଷରତା ଶିବିର

**କଲମପୁର,୫।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲପୁର ବ୍ଲକ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମଣ୍ଡଳ ଶାଖା ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ସହାୟତାରେ ଅର୍ଥିକ ସାକ୍ଷରତା ଶିବିର ବୁଧବାର ମଣ୍ଡଳ ଧାନ ମଣ୍ଡିଠାରେ ଅନୁଷ୍ଠିତ ହୋଇଯାଇଛି। ୟୁଜିବି ମଣ୍ଡଳ ଶାଖା ମେନେଜର ବାଳକୃଷ୍ଣ ତ୍ରିପାଠିଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାରତୀୟ ରିଜର୍ଭ ବ୍ୟାଙ୍କ ଆଶିଷ୍ଟାଣ୍ଡ ଜେନେରାଲ ମେନେଜର ଶିବୁନ ପ୍ରସାଦ ମିଶ୍ର, ଏଲଡିଏମ୍ ବିଜୟ ନନ୍ଦ, ୟୁଜିବି ବ୍ୟାଙ୍କ ଆରଏମ୍ ଅଶିନ୍ ଚନ୍ଦ୍ର ପାତ୍ର, ମେନେଜର ଆଡଭାନ୍ସ ରବିନ୍ଦ୍ରନାଥ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଆର୍ଥିକ ଯୋଜନାର ଲାଭ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଶିବିରରେ ମଣ୍ଡଳ ୟୁଜିବି ଶାଖା ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୧୫୦ ଜଣ ମହିଳା ଯୋଗଦେଇଥିଲେ। ରଣମାଲ ୟୁଜିବି ଶାଖା ପରିଚାଳକ ଜଗନ୍ନାଥ ମଣ୍ଡଳ, ମୋଟେର ୟୁଜିବି ଶାଖା ପରିଚାଳକ ସୁଜୀତ ରାଉତ, ମଣ୍ଡଳ ଶାଖା ମେସେନର ଅନନ୍ତ କୁମାର ଜଗରିଆ ସହଯୋଗ କରିଥିଲେ। ୟୁଜିବି ମଣ୍ଡଳ ଶାଖା ପରିଚାଳକ ତ୍ରିପାଠି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ

**ଭବାନୀପାଟଣା,୫।୩ (ଡି.ଏନ.ଏ.)**

କଳାହାଣ୍ଡି ବିଜେଡି ପକ୍ଷରୁ ଗୁରୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ଉପସଭାପତି ଭବାନୀଶଙ୍କର ମିଶ୍ରଙ୍କ ନେତୃତ୍ୱରେ ସକାଳେ ସ୍ଥାନୀୟ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ କଲ୍ୟାଣ ମଣ୍ଡପଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ ସହ ତାଙ୍କୁ ଭାରତରତ୍ନ ଦିଆଯିବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ। ବିଜୁ ବାବୁଙ୍କ କାର୍ଯ୍ୟ ଦକ୍ଷତା, ଲକ୍ଷ ଓ ଉଦ୍ଦେଶ୍ୟ, ପଞ୍ଚାୟତିରାଜ ମୂଳ ଉଦ୍ଦେଶ୍ୟ, ନାରୀ ସଶକ୍ତିକରଣ ବିଜୁବାବୁଙ୍କ ଆଦର୍ଶ ଓ ନୀତି ବିଷୟରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଜୀବନବିନ୍ଦୁର ପ୍ରଧାନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ବରିଷ୍ଠ ବିଜେଡି ନେତା ଭବାନୀଶଙ୍କର ମିଶ୍ର ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଗୋବରର୍ଦ୍ଧନ ଦାସ, ଯୁବ ବିଜେଡି ସଭାପତି ଆଦିତ୍ୟନନ୍ଦ, ଜିଲା ଛାତ୍ର ବିଜୁ ଜନତା ସଭାପତି ଅବିନାଶ ଠାକୁର, ମହିଳା ସଭାନେତ୍ରୀ କଲ୍ୟାଣୀ ନାଏକ, ଭବାନୀ ଶଙ୍କର ନିଆଲ, ଜାକିର ହୁସେନ, ନଗର ବିଜେଡି ସଭାପତି ଧବଳେଶ୍ୱର ମହାପାତ୍ର, ଯୁବନେତା ମଣ୍ଟୁ ନାଏକ, ସାବନ ଅଲ୍ଲିଖାଁ, ହେମନ୍ତ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମନିନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ନର୍ଲା ପୂର୍ତ୍ତ ବଙ୍ଗଳାଠାରେ ପଞ୍ଚାୟତିରାଜ ଦିବସ ପାଳିତ ହେଉଥିବା ବେଳେ ବିଜୁ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ବିଜେଡି ବରିଷ୍ଠ କର୍ମୀ ପରେଶ ପଧାନଙ୍କ ନେତୃତ୍ୱରେ ନର୍ଲା ବ୍ଲକ ସମସ୍ତ ପଞ୍ଚାୟତ ବିଭିନ୍ନ ପ୍ରାନ୍ତରୁ ଶତାଧିକ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ନର୍ଲା ବିଧାୟକ କଟକରେ ବିଜୁ ଜନ୍ମ ଜୟନ୍ତୀରେ ଯୋଗଦାନ ପାଇଁ ଯାଇଥିବାରୁ ଏଠିକାର କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ଏହି ଅବସରରେ ସେ ସୋସିଆଲ ମିଡିଆରେ ଏକ ବାର୍ତ୍ତା ଦେବା ସହ ନର୍ଲା ବିଜୁ ଜନତା ଦଳର ସମସ୍ତ ସଦସ୍ୟ, ସମର୍ଥକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିବା ସଙ୍ଗଠନିକ ସୁଦୃଢ଼ତା ପାଇଁ ପ୍ରେରଣା ଦେଇଥିଲେ।





କଳାହାଣ୍ଡି ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବିଜୁବାବୁଙ୍କ ଜୟନ୍ତୀ, ପଞ୍ଚାୟତିରାଜ ଦିବସ

**ଲାଞ୍ଜିଗଡ଼,୫।୩ (ଡି.ଏନ.ଏ.):**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ବିଶିଷ୍ଟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଇଂ ଫକୀରମୋହନ ମାଝି ଯୋଗଦେଇ ବିଜୁବାବୁଙ୍କ ତ୍ୟାଗପୁତ ସେବା ଓ ବଳିଦାନ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ, ଶ୍ରମିକ ନେତା ଚନ୍ଦ୍ରଧ୍ୱଜ ପେସନିଆ, ରଘୁବୀର ନାଗ, ଶିବନାରାୟଣ ଦେହୁରି, ନରେନ୍ଦ୍ର ପ୍ରଧାନୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଜେଡି ପଞ୍ଚାୟତସ୍ତରୀୟ ସଭାପତି, ସମ୍ପାଦକଙ୍କ ସମେତ ବିଜେଡି ବ୍ଲକ ଓ ଜିଲା କମିଟି ସଭ୍ୟା/ସଭ୍ୟାଙ୍କ ସମେତ ବହୁସଂଖ୍ୟାରେ ବିଜୁପ୍ରେମୀ ସାମିଲ ହୋଇଥିଲେ। ସେହିପରି ବିଜୁବାବୁଙ୍କ ଜନ୍ମ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଇଂ. ଫକୀର ମୋହନ ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ତୁଳସୀ ନାଏକ, ବିଧାୟକ ପ୍ରତିନିଧି ଘଡେଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବେନିଆଁ, ବିପିଏମ୍ ଜଳନ୍ଧର ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବିଡିଓ ବିଭୁତିଭୂଷଣ ଶତପଥିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜୟନ୍ତୀ ଉତ୍ସବକୁ ରାଜେଶ ମହାରଣ ପରିଚାଳନା କରିଥିବା ବେଳେ ଜିପିଇଓ ତ୍ରିନାଥ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବ୍ଲକ ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି।





ଲାଞ୍ଜିଗଡ ବ୍ଲକରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀରେ ମଞ୍ଚାସୀନ ଅତିଥି ।

# ବିଭିନ୍ନ ସ୍ଥାନରେ ବିଜୁ ଜୟନ୍ତୀ, ପଞ୍ଚାୟତିରାଜ ଦିବସ

**କଲମପୁର, ୫।୩ (ଡି.ଏନ.ଏ.)**





କଲମପୁର ବିଜୁ କମିଟି ହଲଠାରେ ଆୟୋଜିତ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମ (ବାମ) । କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପଞ୍ଚାୟତିରାଜ ଦିବସରେ ଉପସ୍ଥିତ ଅତିଥିଗଣ ।

କଳାହାଣ୍ଡି ଜିଲା କଲମପୁର ବିଜୁ କମିଟି ହଲଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । କିପରି ଦଳର କର୍ମକର୍ତ୍ତା ଏକତା ହୋଇ ସୁଦୃଢ଼ ହୋଇରହିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଜୟନ୍ତୀ ପାଳନରେ କଲମପୁର ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ, ବିଜମରା ଗ୍ରାମପଞ୍ଚାୟତ ସମିତି ସଭ୍ୟା କୁମୁଦିନୀ ପୂଝାରୀ, କଲମପୁର ବ୍ଲକ ବିଧାୟକ ପ୍ରତିନିଧି ସଦାନନ୍ଦ ଚନ୍ଦନ, ବିଜେଡି ଯୁବ ସଭାପତି ଶ୍ୟାମସୁନ୍ଦର ପଣ୍ଡା, ପୂର୍ବତନ ବ୍ଲକ ସଭାପତି ନବୀନ କୁମାର ପଣ୍ଡା, ଛାତ୍ର ସଭାପତି ମନୋଜ ନାଏକ, ଆମ୍ବା କମିଟି ଅଧ୍ୟକ୍ଷ କାମାକ୍ଷୀ ବେହେରା ତଥା କଲମପୁର ବ୍ଲକ ସମସ୍ତ ପଞ୍ଚାୟତ ସଭାପତି ଏବଂ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ସେହିପରି କଲମପୁର ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରେ ସରପଞ୍ଚ, ପିଇଓ, ଜିଆରଏସ, ଯୋଗାଣ ସହାୟକ ଏବଂ ସମସ୍ତ ୱାର୍ଡ ସଭ୍ୟାସଭ୍ୟମାନଙ୍କ ଦ୍ୱାରା ବିଜୁ ଜୟନ୍ତୀ ପାଳନ କରାଯାଇଥିଲା ।

### ପ୍ଲାଷ୍ଟିକ ମୁକ୍ତ ପାଇଁ ଶପଥପାଠ

**କେସିଙ୍ଗା,(ଡି.ଏନ.ଏ.):** କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ଅଧ୍ୟକ୍ଷା ସୁକାନ୍ତି ବେହେରାଙ୍କ ସଭାପତିତ୍ୱରେ ବ୍ଲକ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ୱଚ୍ଛ ଭାରତ ମିଶନ କଳାହାଣ୍ଡି ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସମସ୍ତ ଅତିଥିଗଣ ଉପସ୍ଥିତ ସମସ୍ତ ମହିଳା ଗୋଷ୍ଠୀ, ସମିତି ସଭ୍ୟାସଭ୍ୟ, ବ୍ଲକ କର୍ମଚାରୀମାନେ ଶପଥ ପାଠ କରିଥିଲେ। ଏଥିରେ କେସିଙ୍ଗା ବ୍ଲକ ନୂତନ ବିଡିଓ ପ୍ରଫୁଲ୍ଲ କୁମାର ଓଝ୍ଣ ସମସ୍ତ ୨୬ ଗ୍ରାପପଞ୍ଚାୟତରେ ନିର୍ମାଣ ହୋଇଥିବା ବିଜୁ ପକ୍କାଘର, ଏମଜିଏନଆରଜିଏସ, ୧୦୦ ଦିନର କାର୍ଯ୍ୟଦିବସ, ଆମ ଗାଁ ଆମ ବିକାଶ ଯୋଜନା ଓ ବିଭିନ୍ନ ପ୍ରକଳ୍ପ, ପାନୀୟ ଜଳ, ରାସ୍ତାଘାଟ ନିର୍ମାଣ ଆଦି ବିଷୟରେ ବିବରଣୀ ପାଠ କରିଥିଲେ। ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବେହେରା, ଉପାଧ୍ୟକ୍ଷା ରଜନୀକାନ୍ତ ପୋଢ଼, ଜିଲା ସଂଯୋଜିକା ଡିଡବ୍ଲୁଏସଏମ ଅନାମିକା ପ୍ରଧାନ ପ୍ରମୁଖ ବିଜୁ ବାବୁଙ୍କ ଆତ୍ମଜୀବନି, ଆଦର୍ଶ ନୀତି, ନାରିସଶକ୍ତିକରଣ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆଦି ବିଷୟରେ ଆଲୋକପାତ କରିଥିଲେ। ହାତୀଖୋଜ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ବସନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତୁଣ୍ଡଲା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ଉମାଶଙ୍କର ପ୍ରଧାନ ନିଜ ରଚିତ ବିଜୁ ବାବୁଙ୍କ ଆତ୍ମଜୀବନି ଓ କାର୍ଯ୍ୟଦକ୍ଷତା ଉପରେ ଏକ କବିତା ପାଠ କରିଥିଲେ । ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ବ୍ଲକ କର୍ମଚାରୀ, ସମିତି ସଭ୍ୟାସଭ୍ୟ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ସ୍ୱଚ୍ଛ ଭାରତ ମିଶନ କଳାହାଣ୍ଡି ପକ୍ଷରୁ ଏକ ମହିଳା ଗୋଷ୍ଠୀଙ୍କୁ ଟ୍ରଫି ପୁରସ୍କାର କରିଥିଲେ। ବିପିଏମ ସୌମ୍ୟରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**କୋକସରା,(ଡି.ଏନ.ଏ.)**

କୋକସରା ବ୍ଲକରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କୋକସରା ବିଡିଓ ମନିଷା ଦାସଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ସବ୍ୟାରାଣୀ ବାଗ, ଜିଲା ପର୍ଯ୍ୟବେକ୍ଷକ ଆର୍ଥିକ ଅର୍ନ୍ତଭୁକ୍ତିକରଣ ପରାମର୍ଶଦାତା ସତ୍ୟନାରାୟଣ ମିଶ୍ର, ଏପିଓ ମୋନାଲିସା ସାମଲ, ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ପଞ୍ଚାୟତ ଅଧିକାରୀ ନାରାୟଣ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୋକସରା ବ୍ଲକ ବିଭିନ୍ନ ପଞ୍ଚାୟତ ସମିତି ସଭ୍ୟାସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତାରେ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା। ଫୁଂଫଗାଁରେ ସାଧାରଣଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ଟାର୍ଗେଟ ପୂରଣ କରିଥିବାରୁ ପିଇଓ ଅରବିନ୍ଦ ମେହେର, ଏମଜିଏନଆରଜିଏସ୍ ସଫଳ କାର୍ଯ୍ୟ ପାଇଁ ପୋଡାଗୁଡା ଜିଆରଏସ୍ କରପୁର ନାଏକଙ୍କୁ ସମ୍ମାନିତ କରାଯାଇଥିଲା।

# ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିଜୁ ଜୟନ୍ତୀ

ରାଉରକେଲା ଅଫିସ,୫। ୩

ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ସଚେତନ ନାଗରିକ ମଞ୍ଚ ପକ୍ଷରୁ ପାଳିତ ହୋଇଯାଇଛି। ମଞ୍ଚ ସାଧାରଣ ସମ୍ପାଦକ ପିପି ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମଞ୍ଚ କର୍ମକର୍ତ୍ତା ଓ ସଦସ୍ୟମାନେ ସ୍ଥାନୀୟ ସେକ୍ଟର-୨ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜୁ ବାବୁଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇଥିଲେ। ଏହି ଅବସରରେ ରାୟ ତାଙ୍କ ବକ୍ତବ୍ୟରେ ବିଜୁ ବାବୁଙ୍କୁ ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ, ଦକ୍ଷ ପ୍ରଶାସକ ଓ ନୂତନ ଓଡ଼ିଶାର ନିର୍ମାତା ବୋଲି କହିଥିଲେ । ଖାଲି ସେତିକି ନୁହେଁ ସେ ଜଣେ ପ୍ରବୀଣ ସାଂସଦ, କେନ୍ଦ୍ରମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ। ରାଜ୍ୟରେ ପଞ୍ଚାୟତରାଜ ବ୍ୟବସ୍ଥା ଓ ଗ୍ରାମ୍ୟ ଶାସନରେ ଲୋକଙ୍କ ହାତକୁ କ୍ଷମତା ପ୍ରଦାନ ବିଜୁ ବାବୁଙ୍କ ବଡ ପଦକ୍ଷେପ । ସେ ପୂର୍ବରୁ ଥିବା ପଞ୍ଚାୟତ ଆଇନକୁ ସଂଶୋଧନ କରି ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ବେଶ ସୁନାମ ଅର୍ଜନ କରିଥିଲେ। ପଞ୍ଚାୟତରାଜ ବ୍ୟବସ୍ଥାରେ ମହିଳାଙ୍କ ନିମନ୍ତେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରି ଭାରତ ବର୍ଷରେ ଏକ ଉଦାହରଣ ସୃଷ୍ଟି କରିଥିଲେ। ନାରୀ ନିର୍ଯାତନା ଭଳି ସାମାଜିକ ବ୍ୟାଧି ଦୂର କରିବାରେ ସେ କଠୋର ଦୃଷ୍ଟିଭଙ୍ଗୀ ପୋଷଣ କରିଥିଲେ ବୋଲି ରାୟ ତାଙ୍କ ବକ୍ତବ୍ୟରେ କହିବା ସହ ଏହି କିମ୍ବଦନ୍ତୀ ପୁରୁଷଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ନେଇ କେତେକ ଘଟଣାବଳୀର ସ୍ମୃତିଚାରଣ କରିଥିଲେ । ଏଥିରେ ଜଗବନ୍ଧୁ ଜେନା, ନିରଞ୍ଜନ ଦାସ, ଚିତରଞ୍ଜନ ଦାସ, ରଞ୍ଜନ ଲେଙ୍କା, ସୁବ୍ରତ ମଲ୍ଲିକ, ଶୁକଦେବ କୁଅଁର, ଚକ୍ରାନ୍ତ ଜେନା, ପାର୍ଥସାରଥି ମହାପାତ୍ର ଓ ଜଟାଧାରୀ ମାଝି ପ୍ରମୁଖ ଯୋଗ ଦେଇଥିଲେ।



ବୈକୁଣ୍ଠ ଘାଟ ନିକଟରେ ବାଲିବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଛି।

# ଜଳକଷ୍ଟ ଦୂର ଲାଗି ବାଲିବନ୍ଧ ନିର୍ମାଣ

## ଉତ୍କଟ ଜଳାଭାବ ଦେଖାଦେବା ଆଶଙ୍କା କରି ପରିସ୍ଥିତିର ମୁକାବିଲା ନେଇ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ପଦକ୍ଷେପ

ରାଉରକେଲା ଅଫିସ, ୫ । ୩

ଷ୍ଟିଲ ସିଟିରେ ଦିନକୁ ଦିନ ଖରା ବଢିବାରେ ଲାଗିଛି। ଚଳିତବର୍ଷ ଉତ୍କଟ ଗ୍ରୀଷ୍ମ ପ୍ରବାହ ନେଇ କେହି କେହି ଚେତାବନି ଦେବା ଶୁଣାଗଲାଣି। ଯଦି ସ୍ଥିତି ଏଭଳି ହୁଏ ତେବେ ଷ୍ଟିଲ ଟାଉନଶିପରେ ବିଗତ ଦିନ ପରି ଉତ୍କଟ ଜଳାଭାବ ଦେଖା ଦେବା ଆଶଙ୍କା କରାଗଲାଣି। ପରିସ୍ଥିତିରେ ମୁକାବିଲା ନେଇ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ବାଲିବସ୍ତା ବନ୍ଧ ତିଆରି କାମ ଆରମ୍ଭ କରିଛନ୍ତି। ଏହା ଦ୍ୱାରା ଆଶାନୁରୂପ ଜଳ ସଂରକ୍ଷିତ ରଖାଯାଇ ପାରିବ ବୋଲି ଆଶା ବ୍ୟକ୍ତ କରାଯାଇଛି। ଫଳରେ ଖରା ଦିନେ ଯେମିତି ଷ୍ଟିଲ ଟାଉନଶିପ ବାସିନ୍ଦା ପାଣି ପାଇଁ ତହଲବିକଳ ହୁଅନ୍ତି ତାର ପୁନରାବୃତି ହେବ ନାହିଁ। କିନ୍ତୁ ଏହି ବାଲିବନ୍ଧ କେତେଦୂର କାମ ଦେବ ବା କେତେ ପାଣି ଏଠାରେ ମହଜୁଦ ହୋଇ ପାରିବ ସେନେଇ ସନ୍ଦେହ ବ୍ୟକ୍ତ କରାଯାଉଛି। କାରଣ ନଦୀର ଉପରମୁଣ୍ଡରେ ଝାଡ଼ଖଣ୍ଡ ସରକାର ବିଭିନ୍ନ ସ୍ଥାନରେ ବ୍ୟାରେଜ ନିର୍ମାଣ କରି ପାଣି ଅଟକ ରଖୁଛନ୍ତି। ଛାଡୁ ନାହାଁନ୍ତି। ଏହି କାରଣରୁ ଅନେକ ସମୟରେ କୋଏଲ ନଦୀ ଶୁଖିଲା ପଡୁଛି। ସହରବାସୀଙ୍କୁ ଖରା ଦିନେ ଆଶାନୁରୂପ ଜଳ ଯୋଗାଣ କରିବାରେ ବାଧା ଦେଖା ଦେଉଛି। ଗତ ୪ ବର୍ଷ ପୂର୍ବେ ଏମିତି ଏକ ସଙ୍କଟ ସାମନାକୁ ଆସିଥିଲା। ପରିସ୍ଥିତି ଏମିତି ଅବସ୍ଥାରେ ପହଞ୍ଚିଥିଲା ଯେ ବିଭିନ୍ନ ସେକ୍ଟର ଅଞ୍ଚଳରେ ପାଣି ଗାଡି ବୁଲାଇବାକୁ ପଡିଥିଲା। ତଥାପି ସମସ୍ୟା ଟଳି ନ ଥିଲା। ଅନେକ କର୍ମଚାରୀ ନିଜ ପରିବାରକୁ ନେଇ ଗାଁରେ ଛାଡି ଦେଇଥିଲେ। ଏବେ ବୈକୁଣ୍ଠ ଘାଟ ନିକଟରେ ବାଲିବନ୍ଧ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସମସ୍ୟା ଆରମ୍ଭ ପୂର୍ବରୁ କର୍ତ୍ତୃପକ୍ଷଙ୍କ ଆଗୁଆ ପଦକ୍ଷେପ ଷ୍ଟିଲ ଟାଉନଶିପ ବାସିନ୍ଦାଙ୍କୁ ଆଶ୍ୱସ୍ତ କରିଛି। ତେବେ ଏହା ଅସଲ ସମୟରେ କାମରେ ଆସିଲେ ହେଲା ବୋଲି ମତ ପ୍ରକାଶ ପାଇଛି। ଏନେଇ ଜିଲା କଂଗ୍ରେସ ପୂର୍ବତନ ସଭାପତି ବୀରେନ ସେନାପତିଙ୍କ ମତ ହେଲା ରାଜ୍ୟ ସରକାର ଗତ ୨୦୧୩ରେ କୋଏଲ ବ୍ୟାରେଜ ନେଇ ଶିଳାନ୍ୟାସ କରିଥିଲେ। ଏହା କରାଯାଇ ଥିଲେ ଆଜି ଏଭଳି ଦୁର୍ଦ୍ଦିନର ସମ୍ମୁଖୀନ ହେବାକୁ ପଡି ନ ଥାନ୍ତା। ପ୍ରତିବର୍ଷ ଜଳ ସଂରକ୍ଷଣ ନେଇ ଆରଏସ୍‌ପି କର୍ତ୍ତୃପକ୍ଷ ବାଲି ବନ୍ଧ ବାନ୍ଧିବେ। ତାହା ବର୍ଷାରେ ଧୋଇଯିବ। ପୁଣି ଖରା ଆସିଲେ ବାଲି ବନ୍ଧ ନିର୍ମାଣ କରାଯିବ। ଏହା କିଭଳି ଚିନ୍ତାଧାରା ବୋଲି ସେନାପତି ପ୍ରଶ୍ନ ଉଠାଇଛନ୍ତି। ଯୁବ ନେତା ତଥା ଆଇନଜିବୀ ସଦାନନ୍ଦ ସାହୁଙ୍କ ଅଭିଯୋଗ ହେଲା ସରକାର ଲୋକଙ୍କୁ ଶିଳାନ୍ୟାସ କରି ଭୂଆଁ ବୁଲାଇବାକୁ ଚେଷ୍ଟା କରି ଚୁପ ବସିଗଲେ। ବ୍ୟାରେଜ ନିହାତି ଆବଶ୍ୟକ। ସ୍ଥାୟୀ ସମାଧାନ ପରିବର୍ତ୍ତେ ବାଲି ବନ୍ଧ କରାଯିବା ଯୁକ୍ତିସଙ୍ଗତ ନୁହେଁ ବୋଲି ସେ କହିଛନ୍ତି।

# ଟ୍ରେନ୍ ଡକାୟତି ନେଇ ୩ ଗିରଫ: ମାରଣାସ୍ତ୍ର ଜବତ



ରେଳ ବିଭାଗ ଜିଆରପି ଥାନା ପକ୍ଷରୁ ଗିରଫ ୩ ଅଭିଯୁକ୍ତ।

ରାଉରକେଲା ଅଫିସ, ୫।୩

ଟ୍ରେନ୍‌ରେ ଡ଼କାୟତି ଉଦ୍ୟମ କରିଥିବା ୩ଜଣ ପେଶାଦାର ଅପରାଧିଙ୍କୁ ରେଳବାଇ ଜିଆରପି ଥାନା ପକ୍ଷରୁ ଗିରଫ କରାଯାଇଛି। ଏମାନେ ହେଲେ କରଣ ଗର୍ଡିଆ, ଭୋଲା ସାହୁ ଓ ଆକାଶ ସିଂ । ଏମାନଙ୍କ ଠାରୁ ଖଣ୍ଡା ଓ ଭୁଜାଲି ଆଦି ମାରଣାସ୍ତ୍ର ଜବତ କରାଯାଇଛି। ମାଲଗୋଦାମ ଅଞ୍ଚଳର ଏହି ଡକାୟତ ଦଳଙ୍କ ନାଁରେ ସହରର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ସମ୍ପୃକ୍ତ ଥାନାଧିକାରୀ ରଞ୍ଜନ ପଟ୍ଟନାୟକ କହିଛନ୍ତି। ଗିରଫ ୩ ଜଣଙ୍କୁ ଟିଆଇ ପ୍ୟାରେଡ ନେଇ ପଦକ୍ଷେପ ନିଆଯାଉଥିବା ସେ ସୂଚନା ପ୍ରଦାନ କରିଛନ୍ତି। ଉପରୋକ୍ତ ୩ଯୁବକ ଗତ ୨୮ ରାତିରେ ଟ୍ରେନ ଭିତରେ ପଶି ଯାତ୍ରୀଙ୍କୁ ଭୁଜାଲି ଓ ଖଣ୍ଡା ଦେଖାଇ ଭୟଭୀତ କରି ଡକାୟତି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୬।୨୦୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

**E-Auction Notice**
**Sale of Salvage**

E-Auction will be held for sale of damaged material metallic & non-metallic scrap belonging to M/s JINDAL STAINLESS LTD. Kalinga Nagar Industrial Complex, Duburi, Dist.: Jajpur - 755026, Orissa, India on **"AS IS WHERE IS BASIS"** condition on **17/03/2020**

For accessing the details of e-auction, details of material, location for inspection, terms and conditions etc., visit **www.mjunction.in** or contact

Mjunction Mr. Kiranjit Chakraborty on telephone 8584008243

Or, M/s Jindal Stainless Ltd. Duburi-755026, Orissa Mr. Manoj Jati on telephone No. 9777450740

Or, M/s Bhatawadekar Insurance Surveyors & Loss Assessors Pvt. Ltd. Vakola, Santacruz (East), Mumbai - 400055. Phone: 022-2667 4425/26

# ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ



ପାନପୋଷ ଆଇଟିଡିଏ ହଲଠାରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅଧିକାରୀ।

ରାଉରକେଲା ଅଫିସ,୫। ୩

ଆସନ୍ତା ୧ ଏପ୍ରିଲରେ ୮୫ତମ ଉତ୍କଳ ଦିବସ ପାଳନ ନେଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଏକ ବୈଠକ ପାନପୋଷ ଆଇଟିଡିଏ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲୀ ସୁନୀଲ ନରୱେଣେ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଉତ୍କଳ ଦିବସକୁ କିଭଳି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ସେନେଇ ଆଲୋଚନା କରାଯାଇ ଥିଲା। ବିଶେଷକରି ସେଦିନ ସକାଳେ ହେବାକୁ ଥିବା ଶୋଭାଯାତ୍ରା ଓ ସନ୍ଧ୍ୟାରେ ଯେଉଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ସେ ନେଇ ଉପସ୍ଥିତ କମିଟି କର୍ମକର୍ତ୍ତା ବିଭିନ୍ନ ମତ ଉପସ୍ଥାପନ କରିଥିଲେ। ଏହାର ସୁପରିଚାଳନା ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ ନିଷ୍ପତି ନିଆଯାଇ ଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହାନଗର ଉପାଯୁକ୍ତ ସୁଧାଂଶୁ ଭୋଇ, ଆରଏସ୍‌ପି ମହାପ୍ରବନ୍ଧକ ବିକେ ରାଉତ (ପ୍ରୋଟକଲ), ସହକାରୀ ଜିଲାପାଳ ଦିଲ୍ଲୀପ ତ୍ରିପାଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏମ୍‌ସି ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ରାଉରକେଲା ଅଫିସ,୫।୩

ଏଣିକି କର୍ମଚାରୀଙ୍କ ପରିବର୍ତ୍ତେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। ଏ ନେଇ ୧୫ଟି ମହିଳା ମହାସଂଘକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏମାନେ ଘରକୁ ଘର ବୁଲି ବକେୟା ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବେ। ଟିକସ ଆଦାୟକାରୀ ମହିଳା ଗୋଷ୍ଠୀଙ୍କୁ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀ ସହଯୋଗ କରିବେ। ଆର୍‌ଏମସି କମିଶନର ଦିବ୍ୟଜ୍ୟୋତି ପରିଡା ଏଭଳି ନିଷ୍ପତି ନେଇଛନ୍ତି। ଏନେଇ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ନେଇ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯାଇ ଥିଲା। ପ୍ରକ୍ରିୟା ଆରମ୍ଭ ହେବାର ଦୀର୍ଘ ଏକମାସ ଧରି ଆର୍‌ଏମସି ପକ୍ଷରୁ



ହୋଲ୍ଡିଂ ଟ୍ୟାକ୍ସ ଆଦାୟ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା।

ଏହାର ସଫଳତା ନେଇ ଉଦ୍ୟମ ଜାରି ରହିଥିଲା। ବୁଧବାର ଆର୍‌ଏମସି କାଉନସିଲ ହଲରେ ଆୟୋଜିତ ବୈଠକରେ ଡେପୁଟି କମିଶନର ସୁଧାଂଶୁ ଭୋଇ ଓ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଏନେଇ ବ୍ୟାପକ ଆଲୋଚନା କରିଥିଲେ। ଏହି ଅବସରରେ ମହିଳା ଗୋଷ୍ଠୀଙ୍କୁ ସେମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝା ଯାଇଥିଲା। ରାଜସ୍ୱ ଆଦାୟରେ କିପରି ନାଗରିକ କଲ୍ୟାଣ ସାଧିତ ହୋଇଥାଏ ସେନେଇ ଆଲୋଚନା କରାଯାଇଥିଲା।

# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଥାନା ଘେରାଉ




ସେକ୍ଟର-୪ ମହିଳା ଥାନା ସମ୍ମୁଖରେ ମହିଳା କଂଗ୍ରେସ ପକ୍ଷରୁ ଧାରଣା ଓ ବିକ୍ଷୋଭ କରାଯାଉଛି।

ରାଉରକେଲା ଅଫିସ, ୫। ୩

ବିଶ୍ରା ଗଡାମହଲା ଅଞ୍ଚଳରେ ଯୌତୁକ ନିର୍ଯାତନାରେ ଶିକାର ପୀଡିତାଙ୍କୁ ନ୍ୟାୟ ଦାବିରେ ଗୁରୁବାର ସେକ୍ଟର-୪ ମହିଳା ଥାନା ସମ୍ମୁଖରେ ମହିଳା କଂଗ୍ରେସ ଆନୁକୂଲ୍ୟରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା। ଦଳର ରାଜ୍ୟ ଉପ ସଭାନେତ୍ରୀ ପ୍ରଭାତୀ ମିଶ୍ର ଓ ଜିଲା ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ପ୍ରଶାନ୍ତ ସେଠୀ ଓ ରୋହିତ ଯୋଶେଫ ତିର୍କୀ ପ୍ରମୁଖ ଯୋଗ ଦେଇଥିଲେ। ଘଟଣାରେ ମହିଳା ଥାନା କର୍ତ୍ତୃପକ୍ଷଙ୍କ ଅବହେଳା ଓ ଖାମଖିଆଲି ନୀତିର ତୀବ୍ର ନିନ୍ଦା କରାଯାଇ ଥିଲା । ପୀଡିତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଦାବି କରିଥିଲେ ଦଳୀୟ ନେତୃମଣ୍ଡଳୀ। ସୂଚନାଯୋଗ୍ୟ ଯେ, ରାଉରକେଲା ନାଲାରୋଡ ଅଞ୍ଚଳର ଜଣେ ଯୁବତୀ ବିଶ୍ରା ଗଡାମହଲା ବାସିନ୍ଦା ଆବୁ ବକରକୁ

### ବିଶ୍ରା ଗଡାମହଲା ଯୌତୁକ ପ୍ରସଙ୍ଗ

ଗତ ୨୦୧୮ ନଭେମ୍ବରରେ ବିବାହ କରିଥିଲେ। ବିବାହ ସମୟରେ ସାମର୍ଥ୍ୟ ମୁତାବକ ପୀଡିତାଙ୍କ ପରିବାର ପକ୍ଷରୁ ଉପହାର ଦିଆଯାଇଥିଲା। ବିବାହର କିଛି ମାସ ପରେ ସ୍ୱାମୀ ଆବୁ ବକର ସ୍ତ୍ରୀଙ୍କ ଉପରେ ଅଧିକ ଯୌତୁକ ଆଣିବା ଦାବିରେ ନିର୍ଯାତନା ଆରମ୍ଭ କରିଥିଲେ। ଶେଷରେ ମାରି ଦେବା ପାଇଁ ଉଦ୍ୟମ କରାଯାଇଥିଲା। କୌଶଳ କ୍ରମେ ପୀଡିତା ନିଜ ବାପ ଘର ନାଲାରୋଡ ଚାଲିଆସି ମହିଳା ଥାନାରେ ଏତଲା ଦେଇଥିଲେ । କିନ୍ତୁ ମହିଳା ଥାନା କର୍ତ୍ତୃପକ୍ଷ ଦୀର୍ଘ ଦିନ ପୀଡିତାଙ୍କୁ ଥାନାକୁ ଦୌଡାଇବା ପରେ ୨୦୧୯ ଜୁଲାଇ ମାସରେ ମାମଲା ପଞ୍ଜିକୃତ କରିଥିଲେ। ଅପରାଧିଙ୍କୁ ଧରିବା ପାଇଁ ଦୀର୍ଘଦିନ ଧରି କୌଣସି ପଦକ୍ଷେପ ନେଇ ନ ଥିଲେ । ପୀଡିତା ବାରମ୍ବାର ଥାନାକୁ ଦୌଡିବା ପରେ ଗତ ୨୦୨୦ ଫେବୃୟାରୀ ୧୭ରେ ତାଙ୍କ ସ୍ୱାମୀଙ୍କୁ ଥାନାକୁ ଡାକି କୋର୍ଟ ଚାଲାଣ କରାଯାଇ ଥିଲା। ଏତଲାରୁ ୩୦୭ ଧାରା ପୋଲିସ ହଟାଇ ଦେଇଥିବାରୁ ଅଭିଯୁକ୍ତ ସ୍ୱାମୀକୁ ତୁରନ୍ତ ଜାମିନ ମିଳିଯାଇଥିଲା । ଅପରପକ୍ଷେ ସ୍ୱାମୀଙ୍କ ସହ ମିଶି ଶାଶୁ ଓ ନଣନ୍ଦ ନିର୍ଯାତନା ଦେଇଥିଲେ ହେଁ ଏ ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ। ଏଣୁ ପୋଲିସର ଏହି ଘଟଣାପ୍ରତି ଚରମ ଅବହେଳା ପ୍ରତିବାଦରେ କଂଗ୍ରେସ ଧାରଣା ପ୍ରଦର୍ଶନ କରିବାକୁ ବାଧ ହେଲା ବୋଲି କୁହାଯାଇ ଥିଲା। ଖବରପାଇ ପାନପୋଷ ଏସଡିପିଓ ତଥା ମହିଳା ଥାନା ପ୍ରଭାରୀ ଅସୀମ ପଣ୍ଡା, ଡିଏସପି ଜ୍ୟୋତିର୍ମୟ ଭୁକ୍ତା ଘଟଣା ସ୍ଥଳରେ ପହଞ୍ଚି ଥିଲେ। କଂଗ୍ରେସ ନେତୃମଣ୍ଡଳୀ, ପୀଡିତା ଓ ତାଙ୍କ ପରିବାର ସହ ଆଲୋଚନା କରି ଖୁବଶୀଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ପୋଲିସ କର୍ତ୍ତୃପକ୍ଷ। ଏହା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନରେ କାଳକ୍ଷେପଣ ନୀତି ଆପଣାଇଲେ ପୁନଶ୍ଚ ଥାନା ଘେରାଉ କରାଯିବ ବୋଲି ଦଳ ତରଫରୁ ସତର୍କ କରାଇ ଦିଆଯାଇଛି। ଏହି ଧାରଣାରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
(AN AUTONOMOUS INSTITUTION OF DEPARTMENT OF ATOMIC ENERGY, GOVT. OF INDIA)
Po-Bhimpur-Padanpur, Via-Jatni, Dist-Khurda-752050,
Phone- 0674-2494013, Fax-0674-2494004, web:- http://www.niser.ac.in

**Notice for Admission to Ph.D. Programme – 2020 (Summer Session)**

**Advt.No:NISER/ACAD/Ph.D/2020-21(1)**

Applications are invited from Indian citizens for admission to Ph.D Program scheduled to commence from **28th July, 2020 (Tuesday)** in the following schools of basic sciences at NISER Bhubaneswar:

1. School of Biological Sciences (SBS)
2. School of Chemical Sciences (SCS)
3. School of Computer Sciences (SCPS)
4. School of Earth & Planetary Sciences (SEPS)
5. School of Humanities and Social Sciences (SHSS)
6. School of Mathematical Sciences (SMS)
7. School of Physical Sciences (SPS)

No application/entrance fee is charged to the student. To and Fro single 2nd sleeper class railway fare will be provided to candidates called for the test/interview.

**Important dates:**
**Online application will be activated on : 01.03.2020 (Sunday)**
**Last date for filling up online application : 31.03.2020 (Tuesday)**

Kindly refer to our website **http://www.niser.ac.in** for details regarding eligibility criteria, application procedure and selection procedure.

**Sd/- Faculty-In-Charge (Academic Affairs)**

**ପୂର୍ବ ତଟ ରେଳପଥ**
**ଲିଖିତ ପରୀକ୍ଷା ନିମନ୍ତେ ଅଧିସୂଚନା**
ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ପ୍ରକଳ୍ପରେ ଜମି ହରାଇଥିବା ବ୍ୟକ୍ତିଙ୍କୁ ନିଯୁକ୍ତି

ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କୁ ଅଧିସୂଚିତ କରାଯାଉଅଛି କି, ନିମ୍ନବର୍ଣ୍ଣିତ ସମ୍ପୂର୍ଣ୍ଣ ବିବରଣୀ ଅନୁଯାୟୀ ତା.13.03.2020 ରିଖକୁ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ କରାଯାଇଛି :

| ସ୍ଥାନ | ତାରିଖ | ସମୟ |
|---|---|---|
| ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ସା-ଦେବାଇପଲି, ମାଝିପଲି ଛକ, ସମ୍ବଲପୁର-768200 | ତା.13.03.2020 ରିଖ (ଶୁକ୍ରବାର) | ଲିଖିତ ପରୀକ୍ଷା ଅପରାହ୍ନ 3.30 ଘଟିକାଠାରୁ ଅପରାହ୍ନ 5.00 ପର୍ଯ୍ୟନ୍ତ; ପ୍ରାର୍ଥୀମାନଙ୍କ ପାଇଁ ରିପୋର୍ଟିଙ୍ଗ୍ ସମୟ ଅପରାହ୍ନ 2.30 |

ଯୋଗ୍ୟ ପ୍ରାର୍ଥୀମାନେ ଲିଖିତ ପରୀକ୍ଷା ନିମନ୍ତେ ତା.09.03.2020 ରିଖ ସୁଦ୍ଧା କିମ୍ବା ତା'ପରେ ରେଲୱେ ରିକ୍ରୁଟମେଣ୍ଟ ସେଲ୍, ଭୁବନେଶ୍ୱର ୱେବ୍‌ସାଇଟ୍ rrcbbs.org.in ରେ ଉପଲବ୍ଧ ଲିଙ୍କ୍‌ରୁ ସେମାନଙ୍କ ପ୍ରବେଶ ପତ୍ର (Admit Card) ଡାଉନ୍‌ଲୋଡ୍ କରିପାରିବେ । ଯଦି କୌଣସି ପ୍ରାର୍ଥୀ ୱେବ୍‌ସାଇଟ୍‌ରୁ ପ୍ରବେଶ ପତ୍ର ଡାଉନ୍‌ଲୋଡ୍ କରିବାକୁ ସକ୍ଷମ ନହୁଅନ୍ତି, ତେବେ ସେ ତା.12.03.2020 ରିଖ ଦିନ ନିଜର ପରିଚୟ ପତ୍ର ଦେଖାଇ ତାହାକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିପାରିବେ ।

PR-764/K/19-20 ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ/ସମ୍ବଲପୁର

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/2019-20 ତା.27.02.2020ରିଖ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.48-eT-SDENE-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନରେ ତିନି ବର୍ଷ ସମୟାବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (P.Way)/ସଇଁତଳା, ସିନିୟର ସେକ୍ସନ ଇଂଜିନିୟର (P.Way)/ବଲାଙ୍ଗୀର ଏବଂ ସିନିୟର ସେକ୍ସନ ଇଂଜିନିୟର (ୱାର୍କ୍ସ)/ବଲାଙ୍ଗୀର ପ୍ରତ୍ୟେକ ନିମନ୍ତେ ତିନି ଗୋଟି ଗାଡ଼ି (TATA-407 କିମ୍ବା ଅନୁରୂପ ମଡେଲ ଭଳି ମିନି ଟ୍ରାକ୍) ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 52,44,780.65, EMD (ଟଙ୍କାରେ) : 1,04,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 36 (ଛତିଶି)ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.38-eT-DENC-SBP-19
**କାର୍ଯ୍ୟର ନାମ:** 03(ତିନି) ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଚୁକ୍ତି ଭିତ୍ତିରେ ଗୋଟିଏ ନନ୍-ଏସି ଗାଡ଼ି (ସ୍କୋର୍ପିଓ/ଟାଟା ସୁମୋ/ବୋଲେରୋ କିମ୍ବା ଅନୁରୂପ ମଡେଲ) ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 9,42,752.84, EMD (ଟଙ୍କାରେ): 18,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 36 (ଛତିଶି)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.23.03.2020ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ସମ୍ବଲପୁର
PR-756/K/19-20

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/2019-20 ତା.27.02.2020ରିଖ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.39-eT-DENW-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ତିତିଲାଗଡ଼-ଥେରୁବାଲି ସେକ୍ସନରେ ଠିକାଦାରଙ୍କ ସେଲ୍ଫ ପ୍ରୋପେଲ୍ଡ (Self Propelled)ରେଲ-ସହ-ରୋଡ୍ ମୋବାଇଲ FBW ପ୍ଲାଣ୍ଟଗୁଡ଼ିକର ବ୍ୟବହାର ଦ୍ୱାରା ଫ୍ଲାସ ବଟ୍ ୱେଲ୍ଡିଙ୍ଗ ନିମନ୍ତେ ଇଣ୍ଡିଆନ୍ ରେଳବାଇ ମାନୁଆଲ ଅନୁଯାୟୀ ୱେଲ୍ଡେଡ୍ ଜଏଣ୍ଟଗୁଡ଼ିକର USFD ପରୀକ୍ଷଣ ସହିତ 60 କି.ଗ୍ରା./52 କି.ଗ୍ରା. ରେଲ୍‌ଗୁଡ଼ିକର ଫ୍ଲାସ ବଟ୍ ୱେଲ୍ଡିଙ୍ଗ୍ (FBW) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2,88,13,547.85, EMD (ଟଙ୍କାରେ): 2,94,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.40-eT-DENW-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ତିତିଲାଗଡ଼-ଥେରୁବାଲି ସେକ୍ସନରେ ତିତିଲାଗଡ଼-କେସିଙ୍ଗା ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି.215/2-3 ସ୍ଥିତ ଜଗୁଆଳି ଥିବା ଲେଭେଲ କ୍ରସିଙ୍ଗ ନଂ.RV-172 ଠାରେ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 7,40,39,348.54, EMD (ଟଙ୍କାରେ): 5,20,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.41-eT-DENW-SBP-19
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଲାଖୋଲି-ତିତିଲାଗଡ଼ ସେକ୍ସନରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକ ଠାରେ 48.49 TKm ନିମନ୍ତେ ଥ୍ରୁ ବାଲାଷ୍ଟ ନବୀକରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 2,01,93,105.41, EMD (ଟଙ୍କାରେ): 2,51,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.46-eT-SDENE-SBP-19
**କାର୍ଯ୍ୟର ନାମ:** ତିନି ବର୍ଷ ସମୟାବଧି ନିମନ୍ତେ ବିଭିନ୍ନ ସ୍ଥାନଗୁଡ଼ିକ ଠାରୁ ସମ୍ବଲପୁର ମଣ୍ଡଳ ପର୍ଯ୍ୟନ୍ତ ତଥା ବିପରୀତ ଦିଗରେ ବିଭିନ୍ନ ଟ୍ରାକ୍ ମେସିନ୍ ସମ୍ପର୍କିତ ସାମଗ୍ରୀ/ ଉପକରଣଗୁଡ଼ିକର ପରିବହନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 46,07,090.97, EMD (ଟଙ୍କାରେ): 92,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶି)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ):** ତା.23.03.2020ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ସମ୍ବଲପୁର
PR-755/K/19-20

## ସଂକ୍ଷେପରେ...

### ବେକରେ ଓଢ଼ଣି ଦେଇ ଯୁବତୀଙ୍କ ଆତ୍ମହତ୍ୟା

ଲଇକେରା,୫।୩(ଡି.ଏନ.ଏ.): ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଧୀନ କୁଲେମୁରା ପଞ୍ଚାୟତ ଖଏରଡିହି ଗ୍ରାମରେ ଗୁରୁବାର ଜଣେ ଯୁବତୀ ବେକରେ ଓଢ଼ଣି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ଖଏରଡିହି ଗ୍ରାମର ଜଣେ ଯୁବକଙ୍କ ସହ ସୁନ୍ଦରଗଡ଼ ଜିଲାର ଜଣେ ଯୁବତୀଙ୍କ ମଧରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୩ ମାସ ତଳେ ଯୁବକ ଜଣକ ଯୁବତୀଙ୍କୁ ଆଣି ଖଏରଡିହି ଗ୍ରାମରେ ରଖିଥିଲେ। ସେମାନେ ସ୍ୱାମୀ ସ୍ତ୍ରୀ ଭାବେ ରହୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ବୁଧବାର ଯୁବକ ଜଣକ ଘରେ ନ ଥିବା ବେଳେ କୌଣସି କଥାକୁ କେନ୍ଦ୍ର କରି ଯୁବତୀ ଜଣକ ବେକରେ ଓଢ଼ଣୀ ଦେଇ ଓହଳି ପଡିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଲଇକେରା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଲଇକେରା ଥାନା ଏଏସ୍ଆଇ ଉଦୟଭାନୁ ଦେବ, ଅତିରିକ୍ତ ତହସିଲଦାର ମନ୍ମଫିଲ କେର୍କେଟା, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ଯୁବକ ଜଣଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଲଇକେରା ପୋଲିସ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଚାକିରି ଦାବିରେ ଯୁବକଙ୍କ ଅନଶନ ୪ର୍ଥ ଦିନରେ

ଲଖନପୁର,୫।୩(ଡି.ଏନ୍.ଏ.): ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ରେ କାର୍ଯ୍ୟକରୁଥିବା ବାପା ସୁଦର୍ଶନ ବିଶ୍ୱାଳଙ୍କ ମୃତ୍ୟୁପରେ ତାଙ୍କ ପୁଅ ପିଣ୍ଟୁ ଚାକିରି ଦାବିରେ ଦୀର୍ଘ ୮ବର୍ଷ ହେଲା ଅନ୍ଦୋଳନ କରିଆସୁଛନ୍ତି। ଏନେଇ କମ୍ପାନୀ ପକ୍ଷରୁ ପିଣ୍ଟୁଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଛି। ପରେ ଦେଇଥିବା ପ୍ରତିଶ୍ରୁତି କମ୍ପାନୀ ରକ୍ଷା କରିନାହିଁ। ଫଳରେ ପିଣ୍ଟୁ ଗତ ୨ତାରିଖରୁ ଏମ୍‌ସିଏଲ୍ ଲଖନପୁର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ପୋଲିସ ମଙ୍ଗଳବାର ରାତିରେ ତାଙ୍କୁ ଆନ୍ଦୋଳନ ସ୍ଥଳରୁ ବଳପୂର୍ବକ ଉଠାଇ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେଠାରେ ତାଙ୍କୁ ସାଲାଇନ୍ ଦିଆଯାଉଛି। ଚିକିତ୍ସାଧିନ ଅବସ୍ଥାରେ ସେ କୌଣସି ଖାଦ୍ୟ ନ ଖାଇ ଆନ୍ଦୋଳନ ଜାରି ରଖିଛନ୍ତି। ଚାକିରି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନର ୪ର୍ଥ ଦିନ ଗୁରୁବାର ମଧ୍ୟାହ୍ନରେ ଜିଲାପ୍ରଶାସନ ପକ୍ଷରୁ ଉପଜିଲାପାଳ ଶିବ ଟପ୍ପୋ, ଅତିରିକ୍ତ ଏସ୍‌ପି ଏନ୍.ସି ଦଣ୍ଡସେନା, ଆଇଆଇସି ପ୍ରଶାନ୍ତ ମେହେର, ଏମ୍‌ସିଏଲ୍ ପକ୍ଷରୁ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ଅନିଲ କୁମାର ସିଂହ, ଏପିଏମ୍ ସଞ୍ଜୀବ ଭରଦ୍ୱାଜ ପ୍ରମୁଖ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ । ଏନେଇ ପ୍ରଶାସନ ସ୍ତରରେ ଉଦ୍ୟମ କରାଯିବ ବୋଲି କହି ଅନଶନରୁ ଓହରିଯିବା ପାଇଁ ଅନୁରୋଧ କରିଥିଲେ। ଏହାକୁ ଆନ୍ଦୋଳନକାରୀ ଅଗ୍ରାହ୍ୟକରି ଜୀବନ ଥିବା ପର୍ଯ୍ୟନ୍ତ ଲଢେଇ ଜାରିରଖିବେ ବୋଲି ଚେତାବନୀ ଦେଇଛନ୍ତି।



ଜିଲା ମୁଖ୍ୟଚିକିତ୍ସାଳୟକୁଯାଇ ଉପଜିଲାପାଳ ଶିବ ଟପ୍ପୋ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

**ଆନ୍ଦୋଳନ ସ୍ଥଳରୁ ଯୁବକଙ୍କୁ ଉଠାଇ ନେଲା ପୋଲିସ**

- ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି
- ଯୁବକଙ୍କ ଆନ୍ଦୋଳନ ଜାରି


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମେଘ ଝଟକିଲା ବିଜୁଳି ମାଇଲା**
**ଦାଣ୍ଡଧୂଳି ନେଲା ଉଡ଼େଇ**
**ଏଇବାଟେ ଗଲୁ କଥା ନ କହିଲୁ**
**ସଙ୍ଗେ ସଙ୍ଗେ ଗଲି ଗୋଡ଼େଇ ।**

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷା କରି ବସେ, ସେତେବେଳେ ତାକୁ ସହ୍ୟ କରିବା ଯେ କେତେ କଷ୍ଟକର ହୋଇଯାଏ, ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନ ଭରା କ୍ଷୋଭ ଜାତହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଣିଷ ବୁଲିଲେ ମରେ**
**ବାଉଁଶ ଫୁଲିଲେ ମରେ ।**

ମଣିଷ ବୁଲି ବୁଲି ପିତୁଆ ହୋଇଯାଏ। ଫଳସ୍ୱରୂପ ବେମାରିଆ ହୋଇଯାଏ। ବାଉଁଶ ଫୁଲିଲେ ପାକଳ ହୁଏ, କଟାଯାଏ। ତା' ଦେହରେ ଫୁଲ ହେଲେ ଆଉ ବଢ଼େ ନାହିଁ, ମରିଯାଏ। ଉପଯୁକ୍ତ ଯତ୍ନ ନ କଲେ କ୍ଷତିର ସମ୍ଭାବନା ଦେଖାଦେଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ବିଜୁବାବୁଙ୍କୁ ମନେପକାଇଲେ ବିଜେଡି କର୍ମୀ

ବେଲପାହାଡ଼,୫।୩ (ଡି.ଏନ୍.ଏ.): ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁବାବୁଙ୍କୁ ମନେ ପକାଇ ବିଜେଡ଼ି କର୍ମୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଗୁରୁବାର ଥିଲା ବିଜୁବାବୁଙ୍କ ୧୦୪ତମ ଜୟନ୍ତୀ। ଏହି ଅବସରରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳ ଗୁମାଡ଼େରାସ୍ଥିତ ବିଜୁ ପଟ୍ଟନାୟକ ଛକ ଓ ସୁଖାବନ୍ଧସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅପର୍ଣ କରି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପୂର୍ବାହ୍ନରେ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ବିଜେଡ଼ି ଟାଉନ ସଭାପତି କୈଳାସ ଚନ୍ଦ୍ର ନାୟକ, ଜିଲା ଉପସଭାପତି ଶମ୍ଭୁ ମହାନ୍ତି, ପୂର୍ବତନ ଟାଉନ ସଭାପତି ରାଜେଶ ଭୋଇଙ୍କ ସମେତ ବହୁ କର୍ମୀ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରି ବିଜୁବାବୁ ଅମର ରହେ ସ୍ଲୋଗାନ ଦେଇଥିଲେ । ଗୁମାଡ଼େରାସ୍ଥିତ ବିଜୁ ଛକଠାରେ ବିଜେଡ଼ି ଟାଉନ ସଭାପତି କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏଥିରେ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ମହିଳା ସଙ୍ଗଠନ ସଭାନେତ୍ରୀ ରତ୍ନା ବିଶ୍ୱାସ, କାଉନସିଲର ନିଲବେଣି ଭୋଇ, ବରିଷ୍ଠ କର୍ମୀ ଶମ୍ଭୁ ମହାନ୍ତି, ରାଜେଶ ଭୋଇ ଉଦ୍‌ବୋଧନ ଦେଇ ଦେଶ ଓ ରାଜ୍ୟ ପ୍ରତି ବିଜୁ ବାବୁଙ୍କ ଅବଦାନକୁ ସ୍ମୃତିଚାରଣ କରିଥିଲେ। ବିଜେଡ଼ି କର୍ମୀ ଅଜିତ ବହିଦାର, ସୌକିଲାଲ ନାୟକ, ଆସିଫ ଖାନଙ୍କ ସମେତ ଶତାଧିକ କର୍ମୀ ସଭାରେ ଯୋଗ ଦେଇଥିଲେ।



ବେଲପାହାଡ଼ରେ ବିଜେଡ଼ି କର୍ମୀ ବିଜୁବାବୁଙ୍କ ଜୟନ୍ତୀ ପାଳନ କରୁଛନ୍ତି ।

# ପଞ୍ଚାୟତିରାଜ ଦିବସ ପାଳିତ

କିର୍ମିରା,୫।୩ (ଡି.ଏନ.ଏ.): ଝାରସୁଗୁଡ଼ା ଜିଲା କିର୍ମିରାଠାରେ ବ୍ଲକସ୍ତରୀୟ ବିଜୁବାବୁ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଡିପିଓ ଭୂପାଳ ଚନ୍ଦ୍ର ଜୟପୁରିଆଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ସମ୍ମାନିତ ଅତିଥି ବିଡିଓ ଜୟନ୍ତ ସେଠୀ, ଡବ୍ଲ୍ୟୁଇଓ ଆରତି ସ୍ୱାଇଁ, ଏଇ ଧନଞ୍ଜୟ ସେଠ, ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ, ମଞ୍ଜୁଲତା ବାଗ, ନଟବର ଅଗ୍ରୱାଲ, ଜାନକୀ ଜଗତ, ମଞ୍ଜୁଲତା ପଟେଲ, ରୀନା ନାଏକ, ସମିତି ସଭ୍ୟା ଅଷ୍ଟମୀ ସୁନାନୀ, ଗୁରୁବାରୀ ମୁଣ୍ଡା ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅତିଥିମାନେ ପଞ୍ଚାୟତିରାଜ ଦିବସ ପାଳିତର ଉଦେଶ୍ୟ ଏବଂ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏପିଓ ହମିତ ତାଜନ, ଓଏଲଏମ୍‌ର ଦୀପକ ମାଝି, ବିଏସ୍ଏସ୍ଓ ଅଜିତ ସାହୁ, ବିପିସି ଚାନ୍ଦନୀ ବେହେରାଙ୍କ ସହିତ ବ୍ଲକର ସମସ୍ତ କର୍ମଚାରୀ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଜେଇ କମଳନାଥ ରାଠୋର ଧନ୍ୟବାଦ ଜ୍ଞାପନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଝାରସୁଗୁଡ଼ାରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ

ଝାରସୁଗୁଡ଼ା ଅଫିସ,୫।୩: ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଅବସରରେ ଝାରସୁଗୁଡା ଜିଲା ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ବଡମାଲସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲା ସଭାପତି କିଶୋର କୁମାର ମହାନ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ଦୀପାଳି ଦାସ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ। ଦୀପାଳି ଦାସଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ଜିଲା ବିଜେଡି କାର୍ଯ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ତାପସରାୟ ଚୌଧୁରୀ, ରବି ସିଂ, ସନ୍ଦିପ ଅସି, ରଘୁମଣି ପଟେଲ, ମନୋରଞ୍ଜନ ମହାପାତ୍ର, ହରିଶ ଗଣତ୍ରା, ଗୋପାଳ ପଟ୍ଟନାୟକ, ମତାଦିନ ମୁନ୍ଦ୍ରଡା, ତ୍ରିନାଥ ଗୁଆଲି, ପିଣ୍ଟୁ ପାଢ଼ୀ, ପ୍ରତାପ ନନ୍ଦ, ଜୟପ୍ରକାଶ କୁଅଁର, ତୁଳସୀ ଦାସ, ପ୍ରଶାନ୍ତ ଜେନା, ଈଶ୍ୱର ରାଓ, କୁଶାସନ ଜୟପୁରିଆ, ଗିରିଶ ପଣ୍ଡା, ନଟବର ଶର୍ମା, ଜାହିଦ କୁରେସି, ଜୟକୁମାରୀ ପଟେଲ, ପ୍ରଣତି ପଟ୍ଟନାୟକ, ଦୀପା ନାଏକ, ଅରୁଣ ଚଏନି, ମିତ୍ରଭାନୁ ସାହୁ, ତପନ ପାଣ୍ଡେ, ସୁବାସ କେଡିଆ ପ୍ରମୁଖ ଯୋଗ ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଭାଗୃହରେ ଜିଲାପାଳ ସରୋଜ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲାର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସହ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏପରି କି ବିଜୁ ବାବୁଙ୍କ ତ୍ୟାଗପୁତ ଜୀବନୀ, ନୀତି, ଆଦର୍ଶ ଉପରେ ଆଲୋକପାତ କରିଥିଲେ।



ବିଜେଡି ପକ୍ଷରୁ ଆୟୋଜିତ ସଭାରେ ବିଜେଡି ନେତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

# ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ

ଲଇକେରା,୫।୩(ଡି.ଏନ.ଏ.): ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜାଲିନ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଶଙ୍କର କେର୍କେଟା, ଏବିଡିଓ ପ୍ରମୋଦ ଦେହୁରୀ, ଉଦ୍ୟାନ ବିଭାଗ ଅଧିକାରୀ ସୌସୁମୀ ସରପଟିଆ, ଏବିଇଓ ବିଦେଶୀ ବେହେରା, ସହକାରୀ ଯନ୍ତ୍ରୀ ଦିଲୀପ ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ସଭା ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରି ବିଜୁ ବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ଏସ୍ଏଚ୍‌ଜି ସଦସ୍ୟାଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ ।


## ବାରିପଦା ପୌର ପରିଷଦ

ବାରିପଦା, ମୟୂରଭଞ୍ଜ-୭୫୭୦୦୧
Tel: 06792-252703,
Website: www.baripadamunicipality.in,
e-mail: baripadam.hud@nic.in

ପତ୍ର ସଂଖ୍ୟା: 2514/ Tax **ବିଜ୍ଞାପନ** ତା. 03.03.2020 ରିଖ

No.C-545:- ଏତଦ୍ୱାରା ବାରିପଦା ପୌରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବାରିପଦା ପୌର ପରିଷଦର ନିଷ୍ପତ୍ତିକ୍ରମେ କଚେରି ମାର୍କେଟ ନିକଟରେ କାର୍ଯ୍ୟାଳୟ ତରଫରୁ ନୂତନ ଭାବେ ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ଦୋକାନଘରଗୁଡ଼ିକର ଆବଣ୍ଟନ ପ୍ରକ୍ରିୟା ସକାଶେ ଆବେଦନ ଫର୍ମ ବିକ୍ରୟ କରାଯିବ। ସେଥିପାଇଁ ଆବେଦନ ଫର୍ମ ଦୋକାନଘର ନିମନ୍ତେ ଧାର୍ଯ୍ୟ ହୋଇଥିବା ଟ.୧,୦୦୦.୦୦ (ଅଣଫେରସ୍ତ)ରେ ସର୍ତ୍ତାବଳୀ ସହିତ ଆସନ୍ତା ତା.୦୬।୦୩।୨୦୨୦ରିଖ ଠାରୁ ତା.୨୧।୦୩।୨୦୨୦ରିଖ ଦିବା ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ (କେବଳ କାର୍ଯ୍ୟାଳୟ ଦିବସମାନଙ୍କରେ) ବିକ୍ରୟ କରାଯିବ ଏବଂ ଉପରୋକ୍ତ ସମୟସୀମା ମଧ୍ୟରେ ନିୟମାବଳୀରେ ଉଲ୍ଲେଖଥିବା ସମସ୍ତ ସର୍ତ୍ତ ଅନୁଯାୟୀ ଫର୍ମ ଦାଖଲ କରିବେ।

ଏହି ବିଜ୍ଞାପନ ବାରିପଦା ମ୍ୟୁନିସିପାଲିଟି ୱେବସାଇଟ୍- **Website www.baripadamunicipality.in** ରେ ଉପଲବ୍ଧ ରହିଛି।

ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆବେଦନକାରୀଙ୍କଠାରୁ ଫର୍ମ ଗ୍ରହଣ କରାଯିବ ନାହିଁ।

**କାର୍ଯ୍ୟନିର୍ବାହୀ ଅଧିକାରୀ, ବାରିପଦା ପୌର ପରିଷଦ**
OIPR-13078/11/0023/1920



**OFFICE OF THE MEDICAL OFFICER I/C, CHC LOISINGHA Dist:- BALANGIR**

No 44 Date: 04/03/2020

**CORRIGENDUM** No. 787-E

In pursuance to the Tender Call Notice published vide this office Advt. No. 34 Dt. 14.02.2020 for engagement of vehicles on monthly hiring basis for official use of Block Programme Management Unit, O/o of the Medical Officer I/c CHC Loisingha, Balangir. The tender date is hereby extend up to 18.03.2020 till 5 PM. The interested bidder submit their document by registered post/ speed post/ courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the office of the undersigned. The undersigned reserves the reject to cancel any or all tender without assigning any reason thereof.

**Sd/- Medical Officer I/c,CHC Loisingha, Balangir**
OIPR-10146/11/0002/1920



**ODISHA STATE BEVERAGES CORPORATION LIMITED**
(A GOVERNMENT OF ODISHA UNDERTAKING)
BHUBANESWAR-751023 (ODISHA)
CIN: U51228OR2000SGC006372
Tel: 0674-2303972(O)
Email:- osbcltd@gmail.com

**ADVERTISEMENT FOR ENGAGEMENT OF ONE SENIOR PROGRAMMER CONSULTANT FOR OSBC LTD.**

CAD-1069

Applications are invited from candidates for engagement of a Full Time Senior Programmer Consultant for OSBC Ltd. on monthly consolidated fee basis for a period of one year.

Interested candidates may visit the official website of OSBC Ltd. i.e. https://osbc.co.in for further details.

Last date of receipt of the resume/ application is 30.03.2020.

Sd/- **General Manager (Admn.)**
OIPR- 36003/11/0007/1920



# CLASSIFIED DISPLAY

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS

ASTROLOGY

**INDUS TOWER LTD**
କୌଣସୀ ଖର୍ଚ୍ଚ ନାହିଁ
ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱାର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi.
8842906098

**BUSINESS**
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋଣା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ଗୁରୁ ସାହି ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ହିଁପଛି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

FINANCE

**ଦୟାକରି ଧ୍ୟାନ ଦିଅନ୍ତୁ**
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

**ସରସ ଫାଇନାନ୍ସ**
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ୍, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ଋଣ ଧମାକା**
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲ୍‌ଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

ବରଗଡ଼ ଅଫିସ, ୫।୩: ବରଗଡ଼ ଜିଲା ପାଇକମାଳ ବ୍ଲକ୍ ଅନ୍ତର୍ଗତ କାଂସଡ଼ା ଗ୍ରାମରେ ଗୁରୁବାର ପାଣିରେ ବୁଡ଼ି ଜଣେ ଶିଶୁକନ୍ୟାର ମୃତ୍ୟୁ ହୋଇଛି। ମୃତ ଶିଶୁକନ୍ୟା ହେଲେ ଏହି ଗ୍ରାମର ମଧୁ ନାୟକଙ୍କ ଝିଅ ସଞ୍ଜୁବତୀ (୧୩)। ସେ ନିକଟସ୍ଥ ଏକ ଜଳାଶୟକୁ ଯାଇଥିବାବେଳେ ସେଠାରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଖବରପାଇ ଭିଏଲ୍‌ଡବ୍ଲ୍ୟୁ ସାନନ୍ଦ ମେହେର ମୃତକଙ୍କ ଘରକୁ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ମୃତ ଶିଶୁକନ୍ୟାଙ୍କ ବାପା ମଧୁ ଗତ କିଛି ମାସ ତଳେ ହାଇଦ୍ରାବାଦ ଦାଦନ ଖଟିବାକୁ ଯାଇଥିବା ପରିବାର ଲୋକେ କହିଛନ୍ତି। ଶିଶୁକନ୍ୟାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ

ଝାରସୁଗୁଡ଼ା ଅଫିସ,୫।୩

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଦ୍‌ଭାବନା ସଭା ଗୃହରେ ଗୁରୁବାର ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ସରୋଜ ସାମଲ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିବା ସହ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ଜିଲାପାଳ ସାମଲ ଜନକଲ୍ୟାଣକାରୀ ଯୋଜନାଗୁଡିକର ସଫଳ ରୂପାୟନ ତଥା ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବାକୁ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଉପଜିଲାପାଳ ଶିବ ଟପ୍ପୋ ପଞ୍ଚାୟତିରାଜ ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ପଞ୍ଚାୟତ ଅଧିକାରୀ ଅମ୍ବରୀଶ ରଥ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗଦୀଶ ଚନ୍ଦ୍ର ବାରିକ, ଜିଲା ଶିକ୍ଷା ଅଧିକାରୀ କଳ୍ପନା ପଣ୍ଡା, ଜିଲା କୃଷି ଅଧିକାରୀ, ମୁଖ୍ୟ ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ. ଜି.ସି. ମହାପାତ୍ର, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ଏସିଏଫ ବାସିଲ ବାର୍ଲା ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ ବିଭିନ୍ନ ଯୋଜନା ଉପରେ ଆଲୋଚନା କରି ଲୋକଙ୍କୁ ସଚେତନ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସସ୍ମିତା ନାଏକ, ଧନମନ୍ତି ମେହେର ଏବଂ ମଞ୍ଜୁଲତା ନାଏକଙ୍କୁ ଉପଢୌକନ ସହ ଏକ ହଜାର ଟଙ୍କା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରୋଗ୍ରାମ ଅଫିସର ପ୍ରସନ୍ନ କୁମାର ଦାଶ ସଭା ସଂଯୋଜନା କରିଥିବା ବେଳେ ଓଡ଼ିଶା ଜୀବିକା ମିଶନ ଡିପିଏମ୍ ନୀଳିମା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଓର୍‌ମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଏପରି କି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲର ଆୟୋଜନ କରାଯାଇଥିଲା।




ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ଫଳ ବଣ୍ଟନ

ବରଗଡ଼ ଅଫିସ୍,୫।୩

ବରଗଡ଼ ବିଜୁ ଜନତା ଦଳ ତରଫରୁ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଟାଉନ ସଭାପତି କିଶୋର ମିଶ୍ରଙ୍କ ନେତୃତ୍ୱରେ ବହୁ ଦଳୀୟ ନେତା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବରଗଡ଼ର ପୁରୁଣା ଏବଂ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବରିଷ୍ଠ ବିଜେଡ଼ି ନେତା ସମ୍ବିତ ଆଚାର୍ଯ୍ୟ, ପ୍ରଭାତ ଆଦିତ୍ୟ ମିଶ୍ର, ଅଚ୍ୟୁତାନନ୍ଦ ମହାପାତ୍ର, ପୂର୍ବତନ ବିଧାୟକ ସାଧୁ ନେପାକ, ବିମଳ କିଶୋର ଦେବତା, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଜିଲା ଯୁବ ବିଜେଡ଼ି ସଭାପତି ହିମାଂଶୁ ଦାଶ, ପୂର୍ବତନ ପୌର ଉପାଧ୍ୟକ୍ଷା କଳ୍ପନା ମାଝି, ଶ୍ୟାମ ସୁନ୍ଦର ଅଦାବର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ବିଜୁ ଜୟନ୍ତୀ ଅବସରରେ ବରଗଡ଼ ଡାକ୍ତରଖାନାରେ ଫଳ ବଣ୍ଟନ କରାଯାଉଛି ।




ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର କର୍ମକର୍ତ୍ତା।

# ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିବା ଦାବି

ଝାରସୁଗୁଡ଼ା ଅଫିସ,୫।୩

ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ପଞ୍ଚାୟତ ରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ଏପରି କି ସଂଗଠନ ପକ୍ଷରୁ ଜିଲା ପ୍ରଶାସନ ଜରିଆରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ନିକଟକୁ ପଠାଯାଇଛି। କଂଗ୍ରେସ ନେତା ମହେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଲଖନପୁର ବ୍ଲକର ବିଭିନ୍ନ ସ୍ଥାନରେ ବିଜୁ ଜୟନ୍ତୀ

ଲଖନପୁର,୫।୩(ଡି.ଏନ୍.ଏ.)

ରାଜ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ ଝାରସୁଗଡ଼ା ଜିଲା ଲଖନପୁର ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପଞ୍ଚାୟତ ରାଜ ଦିବସ ସହିତ ୧୦୪ତମ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ଲଖନପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିପିଓ ଗିରେନ୍ଦ୍ର ପଟେଲ, ସହକାରୀ ଯନ୍ତ୍ରୀ ହରିବନ୍ଧୁ ସାହୁ, ବିଏସ୍‌ଓ ସୌମ୍ୟରଞ୍ଜନ ଭୋଇ, ଉପାଧ୍ୟକ୍ଷ ମୋହନ ସାହୁ, ଏବିଇଓ ଅଭିନ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଏପରି କି ପଞ୍ଚାୟତି ରାଜର ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏହିପରି ଲଖନପୁର ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ବେହେରାଗୁଡ଼ା ଡାକବଙ୍ଗଳାରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ପ୍ରଶନ୍ନ ପ୍ରଧାନ, ପିତାମ୍ବର ମିଶ୍ର, ସୁରେନ୍ଦ୍ର ବେହେରା, ଟିକେଶ୍ୱର ସେନାପତି ପ୍ରମୁଖଙ୍କ ସହ ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହି ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ । ଏପରି କି ସମସ୍ତ ପଞ୍ଚାୟତରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା। ବନ୍ଧବାହାଲ ପଞ୍ଚାୟତରେ ସରପଞ୍ଚ ରାଜେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।



ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଉପସ୍ଥିତ ଜନପ୍ରତିନିଧି ଏବଂ ଅଧିକାରୀମାନେ।

# ଝାରବନ୍ଧ ପଞ୍ଚାୟତ ସମିତି ବୈଠକ

ଝାରବନ୍ଧ, ୫।୩ (ଡି.ଏନ.ଏ)

ଝାରବନ୍ଧ ପଞ୍ଚାୟତ ସମିତି ବୈଠକ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିଜୟକେତନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ବିଡିଓ ରୁନୁ ଲାକ୍ରା ସ୍ୱାଗତ ଭାଷଣ ଦେଇଥିଲେ । ସରକାରଙ୍କ ସମସ୍ତ ଯୋଜନାକୁ ଠିକ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୋ ସରକାର ପରି ମୋ କୃଷି ଯୋଜନା କାର୍ଯ୍ୟକାରୀ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

# ଷୋଳ ପ୍ରହର ନାମଯଜ୍ଞ ସମ୍ପନ୍ନ

ବିଜେପୁର, ୫।୩ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଜମିଦାର ପଡାରେ ଚାଲିଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଗୁରୁବାର ସମ୍ପନ୍ନ ହୋଇଛି । ଏହି ଅବସରରେ ମଙ୍ଗଳବାର ଅପରାହ୍ନରେ ଦାମୋଦରକଟାରୁ ଭବ୍ୟ କଳସ ଶୋଭାଯାତ୍ରା ହୋଇଥିଲା। ପରେ ଅଧିବାସ ସହ ରୀତିନୀତି ଅନୁଯାୟୀ ଅଖଣ୍ଡ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଉଦଯାପନୀ ସମାରୋହରେ ପଡା ଓ ବାଞ୍ଜିଡୁଙ୍ଗୁରିର ବାଦୀ ରଙ୍ଗୀନ ସଂକୀର୍ତ୍ତନ ଦଳ ନାମ ଜପ କରିଥିଲେ । ସନ୍ଧ୍ୟାରେ ବାଦପାଲି ଓ ସମଲାଇପଦରର ଉଦଣ୍ଡ ସଂକୀର୍ତ୍ତନ ନଗର ପରିକ୍ରମା କରିଥିଲେ। ପାର୍ବତୀ ପାତ୍ର ଓ ଜଗନ୍ନାଥ ପାତ୍ର ଯଜ୍ଞର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସୁରେନ୍ଦ୍ର ମହାପାତ୍ର, ରଞ୍ଜନ ମହାପାତ୍ର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ସଭାପତି ପ୍ରେମାନନ୍ଦ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀ ନାରାୟଣ ଷଡଙ୍ଗୀ, ଜନାର୍ଦ୍ଦନ ପାତ୍ର, ଶୁକଦେବ ବାଗ, ଭାଗବତ ପଧାନଙ୍କ ସମେତ ପଡାବାସୀ ସହଯୋଗ କରିଥିଲେ ।

# ଶାସନର ବିକେନ୍ଦ୍ରୀକରଣ ଦ୍ୱାରା ଆର୍ଥିକ ପ୍ରଗତି ସମ୍ଭବ

ବରଗଡ଼ ଅଫିସ୍,୫।୩

ସ୍ୱାଧୀନତା ଓ ଗ୍ରାମ ବିକାଶ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ପଞ୍ଚାୟତିରାଜ ବ୍ୟବସ୍ଥାରେ ଶାସନର ବିକେନ୍ଦ୍ରୀକରଣ ତଥା ଜନସାଧାରଣଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଦ୍ୱାରା ହିଁ ସାମାଜିକ, ଆର୍ଥିକ ଓ ବୌଦ୍ଧିକ ପ୍ରଗତି ସମ୍ଭବ। ବରଗଡ଼ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଏହା ମତପ୍ରକାଶ ପାଇଛି। ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମାରୋହରେ ବିଡ଼ିଓ ଯୁଧିଷ୍ଠିର ମେହେର ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଉମେଶ ପଣ୍ଡା, ଅତିରିକ୍ତ ବିଡ଼ିଓ କୃଷ୍ଣଚନ୍ଦ୍ର ସାହୁ, ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ଚୈତନ୍ୟ ପାଇକ ସମ୍ମାନିତ ଅତିଥି ଏବଂ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସମ୍ମାନିତ ବକ୍ତାଭାବେ ଯୋଗଦାନ କରିଥିଲେ। ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ରାଣାପ୍ରତାପ ସ୍କୁଲର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଲି ପ୍ରଧାନ, ସରୋଜ ମହାନ୍ତି, ସୁଦର୍ଶନ ସ୍ୱାଇଁ, ସନ୍ତୋଷ ବେହେରା, ନାଗାର୍ଜୁନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭର୍ଜନ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।



ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଲୁଗା ବ୍ୟବସାୟୀଙ୍କ ଘରୁ ଚୋରି

ବରପାଲି, ୫।୩ (ଡି.ଏନ.ଏ)

ବରପାଲିଥାନା ଅନ୍ତର୍ଗତ ବନ୍ଧପାଲିଛକ ରାସ୍ତାର ମାଉସୀ ମାଁ ମନ୍ଦିର ନିକଟରେ ଥିବା ଜଣେ ଲୁଗା ବ୍ୟବସାୟୀଙ୍କ ଘରୁ ବୁଧବାର ବିଳମ୍ବିତ ରାତ୍ରିରେ ଏକ ବଡ ଧରଣର ଚୋରି ହୋଇଛି । ଚୋରମାନେ ବ୍ୟବସାୟୀ ଗଜପତି ମେହେରଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ପ୍ରାୟ ଲକ୍ଷାଧିକ ଟଙ୍କାର ୬୦ ଖଣ୍ଡ ହାତବୁଣା ଶାଢ଼ୀ ଓ ୩୦ ହଜାର ନଗଦ ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ବରପାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଡଗ୍ ସ୍କ୍ୱାଡ ଓ ସାଇଣ୍ଟିଫିକ୍ ଦଳ ସହାୟତାରେ ଗୁରୁବାର ସକାଳେ ଘଟଣାସ୍ଥଳରେ ଛାନଭିନ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଚୋରି ସାମଗ୍ରୀ ଓ ଚୋରମାନଙ୍କ ସମ୍ପର୍କରେ କିଛି ସୁରାକ ମିଳିପାରି ନାହିଁ । ଏ ନେଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ରୋଜାଲିନ ପଟେଲ କହିଛନ୍ତି ।

# ଗାଁଗଁଡ଼ାରେ ବଁଚିଛେ ଖେଜାବୁଜାର କୁଟନି ପସରା

ବିଜେପୁର, ୫।୩ (ଡି.ଏନ୍.ଏ.)

ସମିଆର ଛାଁଚେ ପଡି ସମାଜର ଚାଲିଚଲନ୍ ରିତି ରିକମା ବଦଲିଗଲାନ। ଯେନ୍‌ଥିର ଲାଗି ଚଲିତ ସମିଆରେ ସବୁକିଛି ଡିଜିଟାଲ ହେଇ ବସଲାନ। ହେଲେ ଦିନ୍‌ଥିଲା ମୁନୁଷର କାମକବାର, ମନତନ୍ ଅଲଗ୍ ଥିଲା। ଇ ଆଧୁନିକ ଯୁଗେ ଲୋକ୍ ବିନା ପଏସାପତରରେ ହାଟ୍ କରି ଯାଉଛନ୍। ଡିଜିଟାଲ ପେମେଣ୍ଟ କରୁଛନ୍। ଏନ୍‌ତା କି ଲୋକ୍ ଗୁଟେ ଜାଗାରେ କେନ୍‌ଥେଇ ସବୁ ଜିନିଷ ପାଇପାରବେ ସେଟାକେ ଦେଖୁଛନ୍। ସେନ୍‌ତା ଆଘକାଲେ ଗାଁଗଁଲିରେ ଖେଜାବୁଜା କୁଟନି ପସରାମାନ ଗୁଟେ ଡିଜିଟାଲ ବେବସ୍‌ତା ଲେଖେଁ ଲୁକ୍‌କୁ ସୁବିଧା ଯୁଗଉଥିଲା। ଅଏଜ୍ ବି ଅନେକ ଗାଁଗଁଡ଼ାଥି ଖେଜାବୁଜା କୁଟନି ପସରା ଦେଖିବାକେ ମିଳୁଛେ। ଛୋଟମୋଟ ଦୁକାନୀକେ ଗାଁଗଁଲିଥି କୁଟନି କୁହାଯାଏସି। ଇଠାନେ କୁଟନି ଆଳୁ, ସାରୁ, ପଲଘଁଟା, ଶୁଖୁଆନୁ ମୂଳ କିରି ଭାଂଗ, ବିଡ଼ି ହରେକ୍ ରକମର ପସରା ମେଲେଇଥିସି। ଇନେ ପଏସା କଉଡନୁ ଖେଜାବୁଜା ବଦଲାବାର କାରବାରଟା ଜହଁ ହେସି। ଖେଜାବୁଜା ବଏଲେ ଲୋକ ନିଜର କମାଲା ଧାନଚାଉଳ, ମୁଗବିର୍‌ହି ବଦଲା ନିଜର ମନଚାହି ଜିନିଷ୍ କୁଟନି ଠାନୁ ଘିନ୍‌ବାରଟାକେ ବୁଝାସି। କିଏ ଗିନା ତାସ୍‌ଗିଁଥି ଆର କିଏ ଭୁଗଲି ଟୁପଲିଥି ଧାନଚାଉଳ ଧରି କୁଟନି ପସରାକେ ଆଏସନ। ଗରାଖ ଆନିଥିବାର୍ ଜିନିଷକେ ଉଜନ କରି କୁଟନି ବଜାରର ଦରଦାମ୍ ହିସାବେ ଗରାଖର ମନ ଚାହି ଜିନିଷପତର ତଉଲି କରି ଦେସି। ସମିଆକେ ସମିଆ ଲୁକ୍‌କଁର ଖେଜାବୁଜା ସାମାନ ବଦଲାବାରଟା ବି ବଦିଲସି। ଚାର, ମହୁଲ, ଟୋଲ ସମିଆକେ ଗରାଖ ସିଧାସଲଖ ଇଟାକେ କୁଟନିକେ ଦେଇ ନିଜର ମନଚାହି ଜିନିଷ ଆନିଥିସି। ଖେଜାବୁଜାନୁ ପାଇଥିବାର ଧାନଚାଉଳ, ଚାରମହୁଲକେ ଠୁଲେଇ କୁଟନି ସାହୁକାର ଠାନେ ନପେଇ ଦେସି। ଇ ରିକ୍‌ମାକେ ଦେଖିଲେ ଇତିହାସ ଯୁଗର୍ କଥା ସୋରପଡସି। ସେ ସମିଆରେ ଲୁକକର ହାତେପନ୍‌ତେ ପଏସାକଉଡ ନାଇଁଥାଇ। ଯେନ୍‌ଥିର୍ ଲାଗି ଲୋକ ନିଜର ଜିନିଷ ଦେଇ ଆଉ ଗୁଟେ ଜିନିଷ ଘିନୁଥିଲେ। ଠିକ୍ ସେନ୍‌ତା ଇ ଆଧୁନିକ୍ ଯୁଗେ ବି ସିଧାସଲଖ ପଏସା ପତରର ଦେନଲେନଟା କମି ବସଲାନ। ସବୁ ଡିଜିଟାଲ ଲେନ୍‌ଦେନ ହେଇ ବସଲାନ। ଏନ୍‌ତା କି ଲୋକ ଘରେ ବସି ନିଜର ମନଚାହି ଜିନିଷ ମଗାବାର୍ ତରିକା ମୂଳ ହେଲାନ। ଭେଡିଆ ଚାଷୀ ସୁଶାନ୍ତ ପୁଟେଲକୁ ପଚରାଲାରୁ ଗାଁଗଁଲିଥି ଖେଜାବୁଜା ବଦଲା କାମ ଚାଲିଛେ। କାଁକରି ବଏଲେ ଚାଷୀର ହାତେପନ୍‌ତେ ସବୁବେଲେ ପଏସା ନାଇଁଥାଏ। କମାଲା ଧାନ, ମୁଗ, ବିରି, ଚାର, ମହୁଲ, ଟୋଲକେ ଛୋଟ ଚାଷୀ ଭାଇ ଗାଁର କୁଟନି ପସରାଥି ଖେଜାବୁଜା ଦେଇ ତୁନଶାଖ୍, ମିକ୍‌ଚର, ବିସକୁଟ ଘିନୁଛନ୍। ସେନ୍‌ତା କୁଟନି ପସରାବାଲି ହେମକାନ୍ତି ତନସନାକୁଁ ପଚରାଲାରୁ ମହରଗର ଦୁନିଆଁଥି ଦିନୁ ଦିନକେ ଦରଦାମ ବଢୁଛେ। ହେ କଁଟେ ଆର୍ ଆଘୋର ମିତାର୍ ଲାଭ୍ ନାଇଁ ମିଲ୍‌ବାର। ବାପଅଜା ଅମଲର ବୁର୍‌ତିକେ ବଁଚେଇ ରଖିବାର ସାର୍ ହେଇଛେ ବଲି ସେ କହିଥିଲେ।



ଝନେ କୁଟନି ଖେଜାବୁଜାର୍ ପସ୍‌ରା ମେଲେଇ ବସିଛନ୍।

# ପ୍ରତିଯୋଗିତାରେ ମହିଳାଙ୍କ ପାରଦର୍ଶିତା

ଲଖନପୁର,୫।୩(ଡି.ଏନ୍.ଏ.)

ଆସନ୍ତା ୮ତାରିଖରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ସମଲେଶ୍ୱରୀ ମା' ଘର ଚାରିଟେବୁଲ୍ ଟ୍ରଷ୍ଟ ଓ ଦିଶା ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳତ ଅନୁକୂଲ୍ୟରେ ବନ୍ଧବାହାଲ ଇନ୍ଦ୍ରଧନୁ କ୍ଲବ ପରିସରରେ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝୋଟି, ରଙ୍ଗୋଲି, ହୁଳହୁଳି, ଶଙ୍ଖ, ମେହେନ୍ଦି, ସମ୍ବଲପୁରୀ ଫେଶନ୍ ଶୋ ଆଦି ପ୍ରତିଯୋଗିତା ହୋଇଥିଲା । ଏଥିରେ ବନ୍ଧବାହାଲ କଲୋନୀ ଏବଂ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ମହିଳାଙ୍କ ସମ୍ବଲପୁରୀ ଫେଶନ ଶୋ ମୁଖ୍ୟ ଆକର୍ଷଣ ହୋଇଥିଲା ପ୍ରତିଯୋଗିତାରେ ଝାରସୁଗୁଡ଼ା ମାରୱାଡି ମହିଳା ସମିତି ସଭାପତି ରତ୍ନମଣି ସର୍‌ୱାଗୀ, ଝାରସୁଗୁଡ଼ା ନେତ୍ରଦାନ ସଂସ୍ଥାର କର୍ମକର୍ତ୍ତା ସରିତା ଟିବିଡିୱାଲ, ନମ୍ରତା ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। କର୍ଯ୍ୟକ୍ରମକୁ ଦିଶା ମହିଳା ସଂଗଠନର ଅଧ୍ୟକ୍ଷା ପଦ୍ମିନୀ ସିଂହ ପରିଚାଳନା କରିଥିଲେ। ଏଥିରେ ସମ୍ପାଦିକା ବିଜୟଲକ୍ଷ୍ମୀ ଷଡଙ୍ଗୀ, କୋଷାଧ୍ୟକ୍ଷ ରେଣୁ ଠାକୁର ଓ ଜ୍ୟୋତି ମହାନ୍ତି ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ବିଶ୍ୱ ମହିଳା ଦିବସରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।




ସମ୍ବଲପୁରୀ ଫେଶନ୍ ଶୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ବିଜେଡିର ଦୁଇ ଗୋଷ୍ଠୀ ପାଳିଲେ ବିଜୁ ଜୟନ୍ତୀ

ରାଜଗାଙ୍ଗପୁର, ୫।୩ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ମଙ୍ଗଳା କିଷାନଙ୍କ ଉପସ୍ଥିତିରେ ବିଜୁବାବୁଙ୍କ ୧୦୪ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଥିବା ବେଳେ ଅବଦୁଲ ସଲାମଙ୍କ ନେତୃତ୍ୱରେ ଅପରାହ୍ନ ୩ଟାରେ ବିଜୁ ପଟ୍ଟନାୟକ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁବାବୁଙ୍କ ଜୟନ୍ତୀ ପାଳନ କରିଥିଲେ । ସେମାନେ ସେଠାରେ ଏକ ପ୍ରେସ ମିଟର ଆୟୋଜନ କରି ଖବରଦାତାଙ୍କ ପ୍ରଶ୍ନ ଉତ୍ତରରେ ଏଠି ଗୋଷ୍ଠୀକନ୍ଦଳ ବେଳେ ଜିଲାର ଜଣେ ଟାଣୁଆ ନେତାଙ୍କ ସମର୍ଥକ ଭାବେ ସେମାନେ ଏହି ଉତ୍ସବ ପାଳନ କରୁଥିବା ପ୍ରକାଶ କରିବା ସହିତ ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରକୁ ଏଡାଇ ଦେଇଥିଲେ। ଏଥିରେ ଅରୁଣ ଅଗ୍ରୱାଲ, ଜୟକୁମାର ଦେବସା, ଆନନ୍ଦ ମାଝିଣ, ସନ୍ତୋଷ ମାଝୀ, ଚନ୍ଦନ ଭାରତୀ, ମୋହନ ଶର୍ମା, ଆକାଶ ତିୱାରୀ, ଏମଡି ତୋହିଦ, ଏମଡି ଆସଲାମ, ଏମଡି ସାହିତ ପ୍ରମୁଖ ଭାଗ ନେଇଥିଲେ ।

# ବଣାଇ କେନ୍ଦୁପତ୍ର ରେଞ୍ଜ ସତ୍ତା ହରାଇବ

**ବଣାଇ ରେଞ୍ଜରେ ଥିବା ୪୬ଟି ବିଟ ରାଜାମୁଣ୍ଡା ରେଞ୍ଜରେ ବିଲୀନ ହୋଇଯିବ**

ବଣାଇ, ୫।୩(ସ୍ୱ.ପ୍ର.)

ଦୀର୍ଘ ୫୦ବର୍ଷ ତଳେ ବଣାଇ ଉପଖଣ୍ଡ ସଦର ମହକୁମା ବଣାଇଗଡ଼ ଠାରେ କେନ୍ଦୁପତ୍ର ରେଞ୍ଜ ଖୋଲିଥିବା ବେଳେ ଏବେ ଏହାକୁ ଉଠାଇ ନେବାକୁ ଚକ୍ରାନ୍ତ ଚାଲିଛି। ଫଳରେ ବଣାଇ ରେଞ୍ଜରେ ଥିବା ୪୬ଟି ବିଟ ଏବେ ରାଜାମୁଣ୍ଡା ରେଞ୍ଜରେ ବିଲୀନ ହୋଇଯିବ। ବଣାଇ ରେଞ୍ଜ ତାର ୫୦ବର୍ଷର ସତ୍ତା ହରାଇବ। ପ୍ରକାଶ ଯେ, ୧୯୭୨ରେ ବଣାଇଗଡ଼ଠାରେ ପ୍ରଥମ ଥର ପାଇଁ କେନ୍ଦୁପତ୍ର ରେଞ୍ଜ ଖୋଲାଯାଇଥିଲା। ଏହା ପୂର୍ବରୁ ଏଠାରେ ୭୦ରୁ ଊର୍ଦ୍ଧ୍ୱ ବିଟ ରହିଥିବା ବେଳେ ଗ୍ରାମାଞ୍ଚଳର ନିରିହ ଖଟିଖିଆମାନେ କେନ୍ଦୁପତ୍ର ତୋଳି ନିଜର ଜୀବିକା ନିର୍ବାହ କରୁଥିଲେ। ଏହା ପରେ ପରେ ଉପଖଣ୍ଡର ଖୁଣ୍ଟଗାଁ ଏବଂ ରାଜାମୁଣ୍ଡାଠାରେ ଅନ୍ୟ ଦୁଇଟି କେନ୍ଦୁପତ୍ର ରେଞ୍ଜ ଖୋଲିଥିଲା। ସେହିପରି ବଣାଇ ଉପଖଣ୍ଡର ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ କୁଣ୍ଢେଇଡିହା ଓ ଜର୍ଡା ଅଞ୍ଚଳକୁ ପଡୋଶୀ ସମ୍ବଲପୁର ଜିଲାର କୁଚିଣ୍ଡା ସହିତ ମିଶାଯାଇ ଏହା ତାଙ୍କ ଅଧିନକୁ ଚାଲିଯାଇଥିଲା। ଫଳରେ ପୂର୍ବବତଃ ବଣାଇରେଞ୍ଜରେ ଦୀର୍ଘଦିନ ହେବ ୪୬ଟି ଫଡିରେ କେନ୍ଦୁପତ୍ର ତୋଳିବା କାର୍ଯ୍ୟ ହେଉଥିଲା। ଏଥିରେ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ଜଗୁଆଳି, ବନ୍ଧେଇ ଶ୍ରମିକ, ଗୋଛା କଟାଳି ଓ ଅନ୍ୟାନ୍ୟ ଶ୍ରମିକମାନେ କାର୍ଯ୍ୟକରି ବଣାଇରେ ଥିବା ରେଞ୍ଜ କାର୍ଯ୍ୟାଳୟକୁ ଆସି ସେମାନଙ୍କର ପାଉଣା ପାଇଆସୁଛନ୍ତି। ତେବେ ଚଳିତବର୍ଷ କେନ୍ଦୁପତ୍ର ବିଭାଗର ପିସିସିଏଫ କାର୍ଯ୍ୟାଳୟ ପକ୍ଷରୁ ବଣାଇ ରେଞ୍ଜକୁ ଉଠାଇ ଦିଆଯାଇ ଏହାକୁ ରାଜାମୁଣ୍ଡା ରେଞ୍ଜରେ ସାମିଲ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଦେଇଛନ୍ତି। ଏଥିରେ କେନ୍ଦୁପତ୍ର ଖରିଦ କମିଯିବା ଏବଂ କେନ୍ଦୁପତ୍ରର ମାନ ଉତ୍କୃଷ୍ଟ ହେଉ ନ ଥିବା ଦର୍ଶାଇ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ବାସ୍ତବରେ ଏ ଅଞ୍ଚଳରେ ବର୍ଷାର ଅନିୟମିତତା ଏବଂ ବିଭାଗୀୟ ପରିଚାଳନାରେ ତ୍ରୁଟି ଯୋଗୁ କେନ୍ଦୁପତ୍ର କାରବାର ହ୍ରାସ ହେଉଥିବା ସ୍ଥାନୀୟ କେନ୍ଦୁପତ୍ର ତୋଳାଳି ଅଭିଯୋଗ ଆଣିଛନ୍ତି। ଯଦି ରାଜାମୁଣ୍ଡାକୁ କେନ୍ଦୁପତ୍ର ରେଞ୍ଜ ଉଠିଯାଏ ତେବେ ଏ ଅଞ୍ଚଳର ବହୁ ଆଭ୍ୟନ୍ତରୀଣ ଗ୍ରାମରେ ଥିବା କେନ୍ଦୁପତ୍ର କର୍ମଚାରୀମାନେ ରାଜାମୁଣ୍ଡାକୁ ଯାଇ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏଥିନେଇ ବଣାଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ବଣାଇ ରେଞ୍ଜକୁ ରାଜାମୁଣ୍ଡାରେ ସାମିଲ ନ କରିବା ପାଇଁ ଦୃଢଦାବି ଜଣାଇଛନ୍ତି। ତୁରନ୍ତ ଏହାର ସମାଧାନ କରା ନ ଗଲେ ସେମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କେନ୍ଦୁପତ୍ର ତୋଳାଳିମାନେ ଚେତାବନୀ ଦେଇଛନ୍ତି।



ବଣାଇ ରେଞ୍ଜରେ ଥିବା ୪୬ଟି ବିଟ ରାଜାମୁଣ୍ଡା ରେଞ୍ଜରେ ବିଲୀନ ହୋଇଯିବା ନେଇ ପ୍ରତିକ୍ରିୟା।

### ଡମ୍ଫର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ବେଦବ୍ୟାସ, ୫।୩ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଳୁଙ୍ଗା ଫାଣ୍ଡିର ବଲଣ୍ଡାସ୍ଥିତ ଏକ ଘରୋଇ କାରଖାନା ସମ୍ମୁଖରେ ଗୁରୁବାର ସକାଳ ସାଢ଼େ ୭ଟାରେ ଏକ ଡମ୍ଫର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିଙ୍କ ନାମ ଜଣାପଡିନାହିଁ । ପୋଲିସ ସୂଚନା ଅନୁଯାୟୀ ସାଇକେଲ ଆରୋହୀ ବଲଣ୍ଡା ଛକ ପାର୍ଶ୍ୱରୁ ସାବୁନ ଓ ସର୍ଫ ଆଦି କିଣି ସ୍ପୋଞ୍ଜ କାରଖାନା ଆଡକୁ ସାଇକେଲ ଯୋଗେ ଯାଉଥିଲା ବେଳେ ସେହି ପାର୍ଶ୍ୱରୁ ଯାଉଥିବା ଏକ ଡମ୍ଫର ନଂ. ଓଆର ୧୪ କ୍ୟୁ- ୨୪୯୬ ପଛ ପାର୍ଶ୍ୱରୁ ଧକ୍କା ଦେବା ଫଳରେ ସାଇକେଲ ଆରୋହୀ ଗୁରୁତର ଆଘାତ ପାଇ ଘଟଣା ସ୍ଥଳରେ ପଡିଥିଲେ । ବିଶେଷସୂତ୍ରରୁ କଳୁଙ୍ଗା ଫାଣ୍ଡି ଅଧିକାରୀ ସୁବ୍ରତ କୁମାର ପଣ୍ଡା ସଦଳବଳେ ଘଟଣା ସ୍ଥଳକୁ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସାଇକେଲ ଆରୋହୀଙ୍କୁ ତୁରନ୍ତ ଆରଜିଏଚକୁ ନେଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କଲାପରେ ମର ଶରୀରକୁ ଆରଜିଏଚର ମର୍ଗ ହାଉସରେ ରଖାଯାଇଛି । ପୋଲିସ ଡମ୍ଫର ଗାଡିକୁ ଅଟକ ରଖିଥିବା ବେଳେ ଘଟଣା ସ୍ଥଳରୁ ଡମ୍ଫର ଚାଳକ ଫେରାର ହୋଇଛନ୍ତି।

# ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ



ମିଶନଶକ୍ତି ଭବନଠାରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି।

ସୁନ୍ଦରଗଡ,୫।୩ (ଡି.ଏନ୍.ଏ)

ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ମିଶନଶକ୍ତି ଭବନଠାରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜିଲାପରିଷଦ ଅଧ୍ୟକ୍ଷା ଏମା ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସମାରୋହକୁ ଉଦଘାଟନ କରିଥିଲେ । ପଞ୍ଚାୟତରାଜ ବ୍ୟବସ୍ଥା ମାଧ୍ୟମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମହିଳାମାନଙ୍କ ହାତରେ ଅଧିକ କ୍ଷମତା ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସହିତ ବିଶେଷ କରି ଗାଆଁର ବିକାଶକୁ ଗୁରୁତ୍ୱ ଦେଇଥିଲେ। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସୁଫଳ କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେ ଦିଗରେ ପଞ୍ଚାୟତ ପ୍ରତିନିଧିଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବସିଂ ପଟେଲ ସଭାରେ ଅଧ୍ୟକ୍ଷତା କରିଥିଲେ । ଜିଲା ପଞ୍ଚାୟତ ଅଧିକାରୀ ବଂଶୀକର ସିଂ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଞ୍ଚାୟତ ପ୍ରତିନିଧିଙ୍କର ଦାୟିତ୍ୱ ଓ ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଜିଲାପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ ତଥା ଜନସାଧାରଣ ଯୋଗଦେଇଥିଲେ।

# ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳିତ

ସୁନ୍ଦରଗଡ, ୫। ୩ (ଡି.ଏନ୍.ଏ)

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୁନ୍ଦରଗଡ ଜିଲା ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୪ ତମ ଜୟନ୍ତୀ ପାଳିତ ହୋଇଯାଇଛି । ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୦ଟାରେ ରାଣୀ ବଗିଚା ବାଇପାସ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଠାରେ ରୋଗୀଙ୍କୁ ଫଳବଣ୍ଟନ କରାଯିବା ସହ ସନ୍ଧ୍ୟାରେ ସୁନ୍ଦରଗଡ ରାଜପ୍ରସାଦ ଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ରାଜମାତା ପଦ୍ମିନୀ ଶେଖର ଦେଓଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସୁନ୍ଦରଗଡର ପୂର୍ବତନ ବିଧାୟକ ସିଂଙ୍କ ସମେତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ଜୟନାରାୟଣ ତ୍ରିପାଠୀ, ଲଲାଟ ପରିଡା, ପୂର୍ବତନ କାଉନସିଲର ବୀଣା ସାହୁ, ସୁରେନ୍ଦ୍ର ଭିତ୍ରିଆ, ବୈକୁଣ୍ଠ ନାଏକ, ଅଶୋକ କୁମାର ସ୍ୱାଇଁ, ମୁକେଶ ପୁରୋହିତ, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ଗୋପ ମହାନ୍ତି ପ୍ରମୁଖ ଅଭିଭାଷଣ ପ୍ରଦାନ କରି ବିଜୁ ବାବୁଙ୍କ ବୀରତ୍ୱ ଓ ଆଧୁନିକ ଓଡିଶା ଗଠନରେ ତାଙ୍କର ବଳିଷ୍ଠ ଅବଦାନ ଉପରେ ଆଲୋକପାତ କରିଥିଲେ।



ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ବିଜେଡ଼ି ନେତା।

# ସୁନ୍ଦରଗଡର ମହିଳା ପୁରୁଷ ଦଳ ବିଜୟୀ

**ଅଭିନନ୍ଦନ ଜଣାଇଲେ ଜିଲାପାଳ**

ସୁନ୍ଦରଗଡ,୫।୩ (ଡି.ଏନ୍.ଏ)

ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି ) କପ୍ -୨୦୨୦ ଫୁଟବଲ ଚାମ୍ପିୟନଶିପ୍ ର ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡର ଉଭୟ ମହିଳା ଓ ପୁରୁଷ ଦଳ ଚାମ୍ପିୟନ ହୋଇଛନ୍ତି। ଉଭୟ ଦଳର ଏହି ସଫଳତା ପାଇଁ ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ଜିଲାପାଳ ନିଖିଲ ପୱନ କଲ୍ୟାଣ ଉଭୟ ଦଳର ଖେଳାଳି ଓ କୋଚ୍‌ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କ୍ରୀଡା କ୍ଷେତ୍ର ପାଇଁ ସୁନ୍ଦରଗଡ ହେଉଛି ଉପଯୁକ୍ତ ସ୍ଥାନ। ସୁନ୍ଦରଗଡ ମାଟିରୁ ହକି ତାରକା ବାହାରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ସୁନ୍ଦରଗଡରେ କ୍ରୀଡାର ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ହକି, ଫୁଟବଲ ,କ୍ରିକେଟ ଭଳି କ୍ରୀଡାର ବିକାଶ ପାଇଁ ଭିତ୍ତିଭୂମି ସୁଦୃଢ କରିବା ଦିଗରେ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛି ବୋଲି ଜିଲାପାଳ କହିଛନ୍ତି। ଜିଲାପାଳ ଆହୁରି କହିଛନ୍ତି ଯେ, ଏସଡିସି କପ୍‌ରେ ସୁନ୍ଦରଗଡ ଜିଲା ଯୁବ ଖେଳାଳିମାନେ ଭଲ ପ୍ରଦର୍ଶନ କରିଛନ୍ତି। ଗୋଟିଏ ଦିନରେ ଦୁଇ ଦୁଇଟି ଟାଇଟଲ ହାସଲ କରିବା ସୁନ୍ଦରଗଡ ପାଇଁ ଗର୍ବ ଓ ଗୌରବର ବିଷୟ। ଏହା ନିଶ୍ଚିତ ଭାବେ ସ୍ମରଣୀୟ ହୋଇ ରହିବ। ଓଡିଶାର ୯ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲାର ଯୁବ ଖେଳାଳିମାନଙ୍କୁ ନେଇ ଏହି ଚାମ୍ପିୟନଶିପ୍ ଆୟୋଜନ କରାଯାଇଥିବାରୁ ଜିଲାପାଳ ଆୟୋଜକ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କଟକ ବାରବାଟୀ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଏହି ଏସଡିସି କପ୍ -୨୦୨୦ର ଏହି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ ମହିଳା ଟିମ୍ ରାଇରଙ୍ଗପୁରକୁ ୨-୦ ଗୋଲରେ ପରାସ୍ତ କରିଥିବା ବେଳେ ପୁରୁଷ ଟିମ୍ ବାରିପଦାକୁ ୪-୧ ଗୋଲରେ ପରାଜିତ କରିଥିଲା। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

### ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ

ରାଜଗାଙ୍ଗପୁର, ୫।୩ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ମଙ୍ଗଳା କିଷାନଙ୍କ ଉପସ୍ଥିତିରେ ତଥା ବିଜୁ ଜନତା ଦଳର ରାଜଗାଙ୍ଗପୁର ଟାଉନ ସଭାପତି ଅମ୍ରେଶ ପଣ୍ଡାଙ୍କ ନେତୃତ୍ୱରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୪ତମ ଜନ୍ମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ନିର୍ବାଚନ ପାଇଁ ବକ୍ତାମାନେ ବିଗୁଲ ବଜାଇଥିଲେ। ଏହି ଉତ୍ସବ ଉପଲକ୍ଷେ ରାଜଗାଙ୍ଗପୁର ବିଜୁ ପଟ୍ଟନାୟକ ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ମନ୍ତ୍ରୀ, ଏମପି ତଥା ପୂର୍ବତନ ବିଧାୟକ ମଙ୍ଗଳା କିଷାନ ପୁଷ୍ପମାଲ୍ୟ ଅର୍ପଣ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଏକ ବିରାଟ ମୋଟର ସାଇକେଲ ରାଲି ସହର ପରିକ୍ରମା କରିଥିଲା । ପରେ ରାଜଗାଙ୍ଗପୁର ବସଷ୍ଟାଣ୍ଡ ନିକଟରେ ଥିବା କମ୍ପ୍ୟୁଟର ସେଣ୍ଟରକୁ ରାଲିଟି ଆସିଥିଲେ । ଉକ୍ତ ମୋଟର ସାଇକେଲ ରାଲି ସହିତ ବିଭିନ୍ନ ଅଞ୍ଚଳକୁ ଆସିଥିବା ନାଚଗୀତ ପାର୍ଟି ସାମିଲ ହୋଇଥିବାରୁ ସମଗ୍ର ସହର ଉତ୍ସବ ମୁଖରିତ ହୋଇଉଠିଥିଲା । ବସଷ୍ଟାଣ୍ଡ ନିକଟରେ ଥିବା କମ୍ପ୍ୟୁଟର ସେଣ୍ଟରଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବିଜୁ ବାବୁଙ୍କ ସ୍ୱପ୍ନକୁ ଏବେ ବିଜୁ ବାବୁଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଥିବାରୁ ତାଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ । ରାଜଗାଙ୍ଗପୁର ଟାଉନ ସଭାପତି ଅମ୍ରେସ ପଣ୍ଡା ବିଜୁ ବାବୁଙ୍କ ପାଇଁ ସୁନ୍ଦରଗଡର ସର୍ବାଙ୍ଗିନ ଉନ୍ନତି ହେଇ ପାରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବନୀ ପଟ୍ଟନାୟକ ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ସଂକଳ୍ପବଦ୍ଧ ବୋଲି କହିଥିଲେ। ଜିତେନ୍ଦ୍ର ଦାସ, ରାମଚନ୍ଦ୍ର କୁଜୁର, ଲୋଚନ କୁଜୁର, ପ୍ରଶ୍ନ ବାଗ, ବସନ୍ତ ଟପ୍ପୋ, ମହିଳା ନେତ୍ରୀ ରଶ୍ମିବାଳା ମିଶ୍ର, ପରାଗଲତା ଲାକଡା, ସୁଶ୍ରୀତା ପାଇକରାୟ ପ୍ରମୁଖ ବିଜେଡି ନେତା ବିଜୁ ବାବୁଙ୍କ ଜୀବନି ଉପରେ ଆଲୋକପାତ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସୁନ୍ଦରଗଡର ଟାଣୁଆ ନେତା ମଙ୍ଗଳା କିଷାନଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ପାର୍ଟିର ପ୍ରାର୍ଥୀଙ୍କୁ ବିଜୟ କରିବା ପାଇଁ ସଂକଳ୍ପ ନେବା ପାଇଁ ମତ ଦେଇଥିଲେ।

### ୱାଟର ହିଟର ଛୁଇଁ ବୃଦ୍ଧାଙ୍କ ମୃତ୍ୟୁ

କୁଆଁରମୁଣ୍ଡା, ୫।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ମୁଖ୍ୟ ବଜାର ବାସିନ୍ଦା ସୁକାନ୍ତି ସେଠୀ (୬୭) ଙ୍କ ଗୁରୁବାର ଭୋର ୪ଟାରେ ଗାଧୁଆ ଘରେ ମୃତ୍ୟୁ ହୋଇଯାଇଛି। ସେ ଶୌଚ ହେବା ପାଇଁ ଗାଧୁଆ ଘରକୁ ଯିବାବେଳେ ପଡ଼ିଯାଇଥିଲେ। ନିକଟରେ ଥିବା ଏକ ଚାର୍ଜିତ ୱାଟର ହିଟରକୁ ଛୁଇଁ ଗୁରୁତର ହୋଇଥିଲେ। ଘଣ୍ଟାଏ ପରେ ଘର ଲୋକ ଦେଖି ସ୍ଥାନୀୟ ଡାକ୍ତରଖାନା ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ କରୁଛି।

# ବିଭିନ୍ନ ସ୍ଥାନରେ ପଞ୍ଚାୟତିରାଜ ଦିବସ ପାଳିତ





ଲହୁଣୀପଡାରେ ପଞ୍ଚାୟତିରାଜ ଦିବସ ଅବସରରେ ଉପସ୍ଥିତ ଅତିଥି, ଅଧିକାରୀ (ବାମ)। ବଡଗାଁ ଡାକବଙ୍ଗଳାରେ ବିଜେଡି ପକ୍ଷରୁ ସ୍ମୃତିଚାରଣ ସଭା ।

କୁଆଁରମୁଣ୍ଡା, ୫।୩(ଡି.ଏନ.ଏ.)

କୁଆଁରମୁଣ୍ଡା ବ୍ଲକ ସାଧନକେନ୍ଦ୍ରରେ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ମାଗଦାଲି କୋନଗାଡ଼ି, ଉପାଧକ୍ଷ ଶ୍ୟାମସୁନ୍ଦର ସାହୁ, ବିଡ଼ିଓ ମେଥେଡ଼ିୟସ ଲାକ୍ରା, ଏବିଡ଼ିଓ ଭବାନୀଶଙ୍କର ପାଢୀ ଯୋଗଦେଇଥିଲେ।

ବଣାଇ, (ସ୍ୱ.ପ୍ର.)-ଉପଖଣ୍ଡ ପ୍ରଶାସନ ପକ୍ଷରୁ ଅମାତପାଲି ନିକଟରେ ଥିବା ବିଜୁ ଛକଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ମାଲ୍ୟାର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଣାଇ ବିଡିଓ ସନ୍ତୋଷ କୁମାର ସାହୁ ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ସେହିପରି ବଣାଇ ବିଜୁ ଜନତା ଦଳପକ୍ଷରୁ ସେଠାରେ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ଦଳ ପକ୍ଷରୁ ରଣଜିତ କିଷାନ, ବଣାଇ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଲତା କିସାନ, ପ୍ରଦ୍ୟୁମ୍ନ ତ୍ରିପାଠୀ, ରଘୁନାଥ ସାହୁ, କିରଣ ଦାଶ, ସୁନ୍ଦରଣି ପ୍ରଧାନ ପ୍ରମୁଖ ବହୁ ବିଜେଡି କର୍ମୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ। ସେହିପରି ବଣାଇ ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ସଭାକକ୍ଷରେ ପଞ୍ଚାୟତରାଜ ଦିବସ ଓ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ବଣାଇ ବିଡିଓ ସନ୍ତୋଷ କୁମାର ସାହୁ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଉପଜିଲାପାଳ ପ୍ରଦୀପ ଡାଙ୍ଗ, ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଲତା କିଷାନ, ବିଜେଡି ନେତା ପ୍ରଦ୍ୟୁମ୍ନ ତ୍ରିପାଠୀ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ବଣାଇଗଡ଼ ମହାବିଦ୍ୟାଳୟ ଅଧକ୍ଷ ପରେଶଚନ୍ଦ୍ର ଗିରି, ଗୋବିନ୍ଦପୁର ପଞ୍ଚାୟତ ସମିତି ସଭ୍ୟ ଉଗ୍ରସେନ କିଷାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତ ସମିତି ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ଦୁଇଟି ହୁଇଲ ଚେୟାର, ୭ଟି ଆଶାବାଡି ଏବଂ ୮ଟି ଶ୍ରବଣଯନ୍ତ୍ର ପ୍ରଦାନ କରିଥିଲେ।

**ଲହୁଣୀପଡା, (ଡି.ଏନ.ଏ)**-ଲହୁଣୀପଡାରେ ପଞ୍ଚାୟତରାଜ ଦିବସ ଅବସରରେ ବ୍ଲକ ଅଧକ୍ଷ ପଣ୍ଡିତ ଚରଣ ମୁଣ୍ଡା ଅଧକ୍ଷତା କରିଥିଲେ। ଜିଲାପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ, ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ସରସ୍ୱତୀ ନାଏକ, ଲହୁଣୀପଡା ସରପଞ୍ଚ ଜୁଲିଆନି କାଣ୍ଡିର, ସହକାରୀଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବିଡିଓ ଧାନାଇଚରଣ ଟୁଡୁ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶେଷରେ ଜିପିଓ ସାରିଆ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

**ବଡଗାଁ, (ଡି.ଏନ.ଏ)**-ବଡଗାଁରେ ଗୁରୁବାର ବିଜୁ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି । ପୂର୍ବାହ୍ନରେ ବଡ଼ଗାଁ ବ୍ଲକ ଅଫିସ ପରିସରରେ ଆୟୋଜିତ ପଞ୍ଚାୟତିରାଜ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ମୁଖ୍ୟଅତିଥି, ବଡଗାଁ ଡିଗ୍ରୀ କଲେଜ ଅଧକ୍ଷ ହେମନ୍ତ ପଣ୍ଡା ମୁଖ୍ୟବକ୍ତା ଓ ବ୍ଲକ ଉପାଧକ୍ଷ ସାରଥି ପାଣ୍ଡେ, ବିଡିଓ କ୍ଷମାନିଧି ଭୋଇ, ଜିଲାପରିଷଦ ସଭ୍ୟା ଅଶୋକ ଲାକ୍ରା, ଏବିଇଓ ମହେଶ୍ୱର ମଲ୍ଲିକ, ବଡଗାଁ ସରପଞ୍ଚ ସୁଶିଳା ଡନସନା ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କଲାପରେ ବିର୍ସ ଗ୍ରାମର ପଦ୍ମାବତୀ କିସାନ ପାଲା ପରିବେଷଣ କରିଥିଲେ। ଏହାପରେ ସଭା ହୋଇଥିଲା । ସେହିପରି ବଡଗାଁ ବିଜୁ ଜନତା ଦଳ ପକ୍ଷରୁ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କଲାପରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ସଭା କରିଥିଲେ। ଓକିଲ ଦେବାଶିଷ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଅରୁଣ ଦୀକ୍ଷିତ, ରାଜୁ ଦାସ, ଆଲୋକ ପଟ୍ଟନାୟକ, ସରୋଜ ଦେଓ, ଧରଣୀଧର ସା, ଅରୁଣ ପୃଷେଟ, ସୁରେନ୍ଦ୍ର ମିଞ୍ଜ, ତାପସ ପଣ୍ଡା, ଏମଡି ଜ୍ୟାଭଲ, ଶିବନାଥ କିସାନ, ସରୋଜ ସାହୁ ପ୍ରମୁଖ କର୍ମୀମାନେ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ।